


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-134 ◆BHUBANESWAR ◆SUNDAY ◆10 NOVEMBER 2024 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୩୪ ◆ଭୁବନେଶ୍ୱର ◆ରବିବାର ◆୧୦ ନଭେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦ (ସିନ୍ଦୂରା ସହ)


## ମଣିପୁରରେ ପୁଣି ହିଂସା
# ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ ପରେ ଜାଳିଦେଲେ

■ **ଇମ୍ଫାଲ୍, ୯।୧୧ (ଏଜେନ୍ସି):** କିଛି ଦିନର ବ୍ୟବଧାନରେ ମଣିପୁରରେ ପୁଣି ଆଶାନ୍ତ ସ୍ଥିତି ଦେଖା ଦେଇଛି। ଜଣେ ଆଦିବାସୀ ମହିଳା ଶିକ୍ଷୟିତ୍ରୀଙ୍କୁ ସଶସ୍ତ୍ର ଉଗ୍ରବାଦୀମାନେ ଗଣଦୁଷ୍କର୍ମ କରି ଜୀଅନ୍ତା ଜାଳି ଦେବା ପରେ ଜିରିବାମ୍ ଜିଲ୍ଲାରେ ସ୍ଥିତି ଉତ୍ତେଜନାପ୍ରବଣ ହୋଇପଡ଼ିଛି। ଏହି ଘଟଣାର ପ୍ରତିବାଦରେ କ୍ରୋଧରେ ଜର୍ଜରିତ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରି ୧୭ଟି ଘରେ ନିଆଁ ଲଗାଇ ଦେଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଗୁରୁବାର ବିଳମ୍ବିତ ରାତିରେ ମହିଳା ଜଣକ ଘରେ ଶୋଇଥିବାବେଳେ କିଛି ଦୁର୍ବୃତ୍ତ ତାଙ୍କ ଘରେ ପଶି ମହିଳାଙ୍କ ସହ ଦୁଷ୍କର୍ମ କରିବା ପରେ ତାଙ୍କୁ ମାରପିଟ୍ କରିଥିଲେ। ଏହାପରେ ପରେ ତାଙ୍କୁ ଜୀବନ୍ତ ଜାଳି ଦେଇଥିଲେ। ଏହି ମହିଳା ଜଣକ ଆଦିବାସୀ ସଂପ୍ରଦାୟର ଏବଂ ତିନୋଟି ସନ୍ତାନର ଜନନୀ । ଏଭଳି ଜଘନ୍ୟ ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ଦେଖାଯିବା ସହିତ ଉତ୍ୟକ୍ତ ଗ୍ରାମବାସୀ ୧୭ଟି ଘରେ ନିଆଁ ଲଗାଇ ଦେଇଥିଲେ। ଏହାପରେ ସଂପୃକ୍ତ ଅଞ୍ଚଳରେ ସ୍ଥିତି ଜଟିଳ ହେବାରୁ ଜିରିବାମ ଜିଲ୍ଲା ଓ ଏହାର ଆଖପାଖ ଅଞ୍ଚଳରେ କର୍ଫ୍ୟୁ ଲାଗୁ କରାଯିବା ସହ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ମେଇତି ସମ୍ପ୍ରଦାୟର ଉଗ୍ରବାଦୀମାନେ ଏଭଳି ଘଟଣା ଘଟାଇଥିବା ପୁଲିସ କହିଛି । ତେଣୁ କୁକି ସଂପ୍ରଦାୟ ପକ୍ଷରୁ ପୁଣି କୌଣସି ହିଂସା କରାଯିବା ଆଶଙ୍କାରେ ବ୍ୟାପକ ସୁରକ୍ଷାବଳ ନିୟୋଜିତ କରାଯାଇଥିବା କୁହାଯାଇଛି।



## ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ
# ୧୪ ଯବାନଙ୍କ ସମେତ ୨୬ ମୃତ

■ **ଇସଲାମାବାଦ, ୯।୧୧ (ଏଜେନ୍ସି):** ପାକିସ୍ତାନର କ୍ୱେଟା ରେଳ ଷ୍ଟେସନରେ ଶନିବାର ଏକ ଆତ୍ମଘାତୀ ବିସ୍ଫୋରଣରେ ୨୬ ଜଣଙ୍କ ମୃତ୍ୟୁ ହେବା ସହିତ ୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୪ ଜଣ ଯବାନ ରହିଛନ୍ତି। ଶନିବାର ସକାଳେ କ୍ୱେଟାର ମୁଖ୍ୟ ରେଳ ଷ୍ଟେସନରେ ଶହ ଶହ ଲୋକ ଟ୍ରେନକୁ ଅପେକ୍ଷା କରିଥିଲା ବେଳେ ଅଚାନକ ଭାବେ ବିସ୍ଫୋରଣ ଘଟିଥିଲା। ଏହି ବିସ୍ଫୋରଣର ମାତ୍ରା ଏତେ ଅଧିକ ଥିଲା ଯେ, ଏଠାକାର ବହୁ ପ୍ଲାଟଫର୍ମର ଛାତ ଉଡି ଯାଇଥିଲା। ବିସ୍ଫୋରଣରେ ମୃତ୍ୟୁ ହୋଇଥିବା ଲୋକଙ୍କ ଖଣ୍ଡ ବିଖଣ୍ଡ ଶରୀର ଏଣେ ତେଣେ ଛଟିକି ପଡ଼ିଥିବାରୁ ସାରା ପ୍ଲାଟଫର୍ମ ରକ୍ତ ରଞ୍ଜିତ ହୋଇପଡ଼ିଥିଲା। ଆହତ ଲୋକମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁ ସଂଖ୍ୟା ଆହୁରି ବଢିପାରେ ବୋଲି କ୍ୱେଟା ଏସଏସପି କହିଛନ୍ତି। ବିସ୍ଫୋରଣର କାରଣ ଜାଣିବାକୁ ଯାଞ୍ଚ ଆରମ୍ଭ ହୋଇଥିବା ବେଳେ ଏହି ଘଟଣା ପାଇଁ ବେଲୁଚିସ୍ତାନ ଲିବରେସନ ଆର୍ମି ନିଜକୁ ଦାୟୀ କରିଛି।



## ରାଜ୍ୟ ଅସୁରକ୍ଷିତ!
# ବଢୁଛି ମହିଳା ହିଂସା

## ୫ମାସରେ ଆଇନଶୃଙ୍ଖଳା ଅଣାୟତ୍ତ

■ **ଭୁବନେଶ୍ୱର, ୯ ।୧୧(ସମିସ):** ରାଜ୍ୟରେ ସଂପ୍ରତି ଆଇନଶୃଙ୍ଖଳା ସ୍ଥିତି ଏକପ୍ରକାର ଭୁଶୁଡ଼ି ଯାଇଛି। ପ୍ରତିଦିନ ମହିଳା, ନାବାଳିକା ଦୁଷ୍କର୍ମ ଘଟଣା ରାଜ୍ୟର ଛବିକୁ ମଳିନ କରୁଥିବା ବେଳେ ସରକାରଙ୍କ ଅସହାୟ ଆଚରଣ ଦେଖି ରାଜ୍ୟର ମହିଳାମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। କଟକରେ ଛାତ୍ରୀ ଗଣଦୁଷ୍କର୍ମ ଏବଂ ଢେଙ୍କାନାଳରେ ମାନସିକ ବିକୃତ ମହିଳାଙ୍କୁ ଗଣଦୁଷ୍କର୍ମ ଘଟଣା ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ରାଉରକେଲାରୁ ଭୁବନେଶ୍ୱରରେ ପର୍ଯ୍ୟନ୍ତ ଗଣଦୁଷ୍କର୍ମକୁ ନେଇ ଗୋଟିଏ ପରେ ଗୋଟିଏ ଲଜ୍ଜାଜନକ ଘଟଣା ରାଜ୍ୟ ସରକାର ଓ ପୁଲିସର ଭାବମୂର୍ତ୍ତିକୁ ଜାତୀୟସ୍ତରରେ ମଳିନ କରିଛି। କେବଳ ଦୁଷ୍କର୍ମ ନୁହେଁ; ହତ୍ୟାଠାରୁ ଆରମ୍ଭ କରି ଲୁଟ୍, ରାହାଜାନୀ, ଡକାୟତି, ସାଇବର ଅପରାଧ ଗତ ୫ ମାସ ମଧ୍ୟରେ ଚିନ୍ତାଜନକ ସ୍ଥିତି ସୃଷ୍ଟି କଲାଣି। ଅପରାଧୀଙ୍କୁ ସାବାଡ଼ କରିବାରେ ପୁଲିସ ଏକପ୍ରକାର ବିଫଳ ହୋଇଥିବା ବେଳେ, ରାଜ୍ୟରେ ବର୍ତ୍ତମାନ ଏକପ୍ରକାରର ଭୟର ବାତାବରଣ ସୃଷ୍ଟି ହୋଇଛି।

**ସବୁଆଡ଼ୁ ଆସୁଛି ଗଣଦୁଷ୍କର୍ମର ଲଜ୍ଜିତ କାହାଣୀ**

**ରାଜଧାନୀରେ ବଢ଼ିଚାଲିଛି ଭାଇଗିରି**

**କଥା କଥାକେ ଖଣ୍ଡାଚୋଟ, ବୋମାମାଡ଼**

ରାଜଧାନୀରେ ସରକାରୀ ଆବାସ ଭିତରେ ପ୍ରବେଶ କରି ଚୋରି ଆଳରେ ମହିଳାଙ୍କୁ ଗଣଦୁଷ୍କର୍ମ ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ରାଜଧାନୀର ଛାତି ଉପରେ ମହିଳାଙ୍କୁ ନିଜ ପିଲା ସାମ୍ନାରେ ରାତିତମାମ ଗଣଦୁଷ୍କର୍ମ ଘଟଣାରେ ଆଲୋଡନା ସୃଷ୍ଟି କରିଥିଲା।

ଅନୁରୂପ ଭାବେ ରାଉରକେଲାରେ ଦୁଇ ଜଣ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଥିଲେ। ରାତିରେ ସ୍ଥାନୀୟ ବଜାରରୁ ଘରକୁ ଫେରୁଥିବା ବେଳେ ବିର୍ସାମୁଣ୍ଡା ନିକଟରେ ନାବାଳିକାମାନେ ଗଣଦୁଷ୍କର୍ମର ଶିକାର ହୋଇଥିଲେ। ସେହିପରି ନୟାଗଡ ଫତେଗଡ ରାମମନ୍ଦିରରୁ ପ୍ରେମୀଯୁଗଳ ଫେରୁଥିବା ଅଭିଯୁକ୍ତମାନେ ଜଙ୍ଗଲ ରାସ୍ତାରେ ସେମାନଙ୍କୁ ଅଟକାଇ ଅପହରଣ କରି ନେଇଥିଲେ। ଆଉ ପ୍ରେମିକ ଆଗରେ ପ୍ରେମିକାକୁ ଗଣଦୁଷ୍କର୍ମ କରିଥିଲେ ମଣିଷରୂପୀ ରାକ୍ଷାସ। ▶ପୃଷ୍ଠା-୭

## ରାଜଧାନୀରେ ଲଭ୍ ଜିହାଦ୍ ମାମଲା
# ପାଠରେ ଦଶମ ଫେଲ୍; ପ୍ରେମରେ ଏକ ନମ୍ବର



■ **ଭୁବନେଶ୍ୱର, ୯ ।୧୧(ସମିସ):** ରାଜଧାନୀରେ ଲଭ୍ ଜିହାଦ୍ ମାମଲାରେ ନୂଆ ତଥ୍ୟ ଏବେ ପଦାକୁ ଆସୁଛି। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ସମୀର ମନସୁରକୁ ଗତକାଲି ପୁଲିସ୍ ଅଟକ ରଖିଥିବା ବେଳେ ଆଜି ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ତାକୁ ପଚରାଉଚରା କରିବା ପରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ଅଭିଯୁକ୍ତ ଘର ବିହାର ହୋଇଥିବା ବେଳେ ସେ କଶ୍ମୀରରେ ଇଲେକ୍ଟ୍ରିସିଆନ ଭାବେ କାମ କରୁଥିଲା। ହେଲେ ଯୁବତୀମାନଙ୍କୁ ଫଶାଇବା ପାଇଁ ନିଜକୁ ସରକାରୀ କର୍ମଚାରୀ ବୋଲି କହୁଥିଲା। ଆହୁରି ମଧ୍ୟ ପାଠ ପଢାରେ ଦଶମ ଡେଇଁପାରି ନଥିବା ସମୀର ମନସୁର ପ୍ରେମରେ ସାଜିଥିଲା ନମ୍ବର ୱାନ୍। ହିନ୍ଦୁ ଯୁବତୀଙ୍କୁ ଫଶାଇ ବିବାହ କଲେ ତାଙ୍କୁ ମିଳୁଥିଲା ମୋଟାରକମର ପାଉଣା। ▶ପୃଷ୍ଠା-୭

**ହିନ୍ଦୁ ଝିଅକୁ ବିବାହ କଲେ ମିଳୁଥିଲା ମୋଟା ଅଙ୍କର ଟଙ୍କା**

**ଅଶ୍ଳୀଳ ଭିଡିଓ ଡିଲିଟ୍ ପାଇଁ ଇନ୍‌ଷ୍ଟାଗ୍ରାମକୁ ପୁଲିସର ଚିଠି**

**ଫୋରେନ୍‌ସିକ୍ ଲ୍ୟାବ୍ ଗଲା ଦୁଇଟି ମୋବାଇଲ୍ ଫୋନ୍**

## କଟକ 'ଲଜ୍ଜା'
# ପ୍ରେମ ପ୍ରତ୍ୟାଖ୍ୟାନରୁ ଗଣଦୁଷ୍କର୍ମର ଚକ୍ରବ୍ୟୂହ

## ପୁଲିସ ପଞ୍ଝାରେ 'ବ୍ଲାକ୍ ବ୍ରଦର୍ସ ଗ୍ରୁପ୍'

■ **କଟକ, ୯ ।୧୧ (ସମିସ):** କଟକର ଏକ କଲେଜରେ ପାଠ ପଢୁଥିବା ଜଣେ ଯୁକ୍ତ ୩ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାକୁ କମିସନରେଟ୍ ପୁଲିସ୍ ଗୁରୁତ୍ୱର ସହ ଗ୍ରହଣ କରି ତଦନ୍ତ ଚଳାଇଛି। ଘଟଣାରେ ସଂଶ୍ଳିଷ୍ଟ ୬ଜଣ ଅଭିଯୁକ୍ତ ଏବେ ଜେଲ୍‌ରେ ଥିବା ବେଳେ ଡିସିପି ଜଗମୋହନ ମୀନାଙ୍କ ଦ୍ୱାରା ୨ଟି ଥାନାକୁ ନେଇ ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ୍ ଘଟଣାର ଖୋଳତାଡ଼ କରୁଛି। ତଦନ୍ତ ବେଳେ ପୁଲିସ୍ ହାତରେ କିଛି ଗୁରୁତ୍ୱପୂର୍ଣ୍ଣ ଓ ସାଂଘାତିକ ତଥ୍ୟ ଲାଗିଛି। ଏହି ପୂରା ଘଟଣାର ମାଷ୍ଟରମାଇଣ୍ଡ ପୀତବାସ ବୋଲି ଜଣାଯାଇଛି। ସେ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲା। କିନ୍ତୁ ଯୁବତୀଜଣଙ୍କ ବାରମ୍ବାର ପ୍ରତ୍ୟାଖ୍ୟାନ କରିବାରୁ ପ୍ରତିଶୋଧ ନେବାକୁ ଯାଇ ଗଣଦୁଷ୍କର୍ମର ଚକ୍ରବ୍ୟୂହ ରଚିଥିଲା।

ପୁଲିସ ସୂଚନା ଅନୁଯାୟୀ, ମାଷ୍ଟରମାଇଣ୍ଡ ପୀତବାସ, ପ୍ରେମିକ ଆଶୁତୋଷ ଏବଂ ପୀଡ଼ିତା ଏକାଠି କଲେଜରେ ପାଠ ପଢୁଥିଲେ। ପୀତବାସ ସଂପୃକ୍ତ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲା। କିନ୍ତୁ ତା'ର ପ୍ରେମ ନିବେଦନକୁ ଯୁବତୀ ଗ୍ରହଣ କରିନଥିଲେ। କିନ୍ତୁ ପୀତବାସର ବନ୍ଧୁ ଆଶୁତୋଷ ସହ ଯୁବତୀଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହା ଜାଣି ପୀତବାସ ପ୍ରତିଶୋଧପରାୟଣ ହୋଇ ଉଠିଥିଲା। ଯୁବତୀଙ୍କୁ ପାନେ ଦେବା ପାଇଁ ସୁଯୋଗରେ ଥିଲା ପୀତବାସ। ଏହାରି ଭିତରେ ଯୁବତୀଙ୍କ ଜନ୍ମଦିନ ପଡ଼ିଥିଲା। ଜନ୍ମଦିନ ପାଳିବା ପାଇଁ ଆଶୁତୋଷ ତାଙ୍କୁ କାଠଗଡ଼ା ସାହିରେ ଥିବା ନାବାଳକ ସାଙ୍ଗର କାଫେକୁ ଡାକିଥିଲା।

**ଏକତରଫା ପ୍ରେମ କରୁଥିଲା ମାଷ୍ଟରମାଇଣ୍ଡ ପୀତବାସ**

**ଆଶୁତୋଷ ଓ ପୀଡ଼ିତାଙ୍କ ମଧ୍ୟରେ ଥିଲା ପ୍ରେମ ସମ୍ପର୍କ**

**ନାବାଳକ କାଫେ ମାଲିକ କରିଥିଲା ଭିଡିଓ ଭାଇରାଲ୍**

ବିଶ୍ୱାସରେ ସେ ଏକୁଟିଆ ଉକ୍ତ କାଫେକୁ ଆସିଥିଲେ। ସେଠାରେ ନିଶା ସେବନଠାରୁ ଆରମ୍ଭ କରି ହୁକା ଟାଣିବା ଓ ଖିଆପିଆ, ମଉଜମଜଲିସ୍ ଚାଲିଥିଲା। ଏହି ବାହାନାରେ ଯୁବତୀଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ଜବରଦସ୍ତି କରିଥିଲା ଆଶୁତୋଷ। ସେହି ସମୟର ଦୃଶ୍ୟକୁ ନାବାଳକ ▶ପୃଷ୍ଠା-୭

## ରାଜ୍ୟ ସରକାରଙ୍କ ଅଜବ ନିଷ୍ପତ୍ତି
# ମହିଳା କମିଶନ ଅଧ୍ୟକ୍ଷା ଦୁଇଥର ବରଖାସ୍ତ

■ **ଭୁବନେଶ୍ୱର, ୯।୧୧ (ସମିସ):** ପ୍ରଥମେ ସାମାଜିକ ଗଣମାଧ୍ୟମ ହ୍ୱାଟ୍ସଆପ୍ ଗ୍ରୁପରେ ରାଜ୍ୟ ସରକାର ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ମିନତୀ ବେହେରା ଓ ସମସ୍ତ ସଦସ୍ୟାଙ୍କୁ ବରଖାସ୍ତ କଲେ। ଅକ୍ଟୋବର ୨୩ ତାରିଖରେ ବରଖାସ୍ତ କରିବାର ଏପରି ପ୍ରଣାଳୀକୁ ନେଇ ତମ୍ବିତୋଫାନ ହେବା ପରେ ଅଧ୍ୟକ୍ଷାଙ୍କୁ ଗତ ୨୯ ତାରିଖରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଗଲା। ଏହାପରେ ଆଜି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇ ଅଧ୍ୟକ୍ଷା ଶ୍ରୀମତି ବେହେରାଙ୍କୁ ବିଧିବଦ୍ଧ ଭାବେ ବରଖାସ୍ତ କରାଯାଇଛି। ତେବେ ଜଣେ ବ୍ୟକ୍ତିବିଶେଷଙ୍କୁ ରାଜ୍ୟ ସରକାର ଦୁଇ ଦୁଇଥର ବରଖାସ୍ତ କରିବାକୁ ନେଇ ଏବେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି ବୁଦ୍ଧିଜୀବି ମହଲ। ଯେଉଁ ପ୍ରଣାଳୀ ଏବଂ ପ୍ରକ୍ରିୟାର ଅନୁପାଳନ କରି ରାଜ୍ୟ ସରକାର ଶ୍ରୀମତି ବେହେରାଙ୍କ ବରଖାସ୍ତ ସମ୍ପର୍କିତ ନିଷ୍ପତ୍ତି ନେଇଛନ୍ତି, ତାହା କେବଳ ସରକାରଙ୍କ ଅପରିପକ୍ୱତାକୁ ଦର୍ଶାଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ମହିଳା କମିଶନର ଅଧ୍ୟକ୍ଷା ଏବଂ ସଦସ୍ୟା ପରି ସମ୍ମାନଜନକ ପଦବୀରୁ କାହାରିକୁ ଅପସାରଣ କରାଯିବା ବେଳେ ପ୍ରକ୍ରିୟାରେ ସ୍ୱଚ୍ଛତାର ଅନୁପାଳନ ହୋଇ ନଥିବା ନେଇ ଅଭିଯୋଗ ହୋଇଛି। ବିଭାଗ ପକ୍ଷରୁ ମିନତି ବେହେରାଙ୍କୁ ତାଙ୍କ ପ୍ରଦର୍ଶନ ସନ୍ତୋଷଜନକ ନୁହେଁ ବୋଲି ଦର୍ଶାଇ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ, ସେନେଇ ୧ ତାରିଖ ସୁଦ୍ଧା ▶ପୃଷ୍ଠା-୭

- **ପ୍ରଥମେ ହ୍ୱାଟ୍ସଆପ ଗ୍ରୁପରେ, ପରେ ବିଧିବଦ୍ଧ ବିଜ୍ଞପ୍ତି**
- **ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଲେ ବୁଦ୍ଧିଜୀବୀ**
- **ରାଜନୈତିକ ବାଧ୍ୟବାଧକତା ଥିବାନେଇ ସନ୍ଦେହ**

# 'ପଦ୍ମ'ରାଶି: ଶ୍ରେୟ ନେବାକୁ ଉଦ୍ୟମ

## ନବୀନ କରିଥିଲେ ୨୫ ହଜାର, ମୋହନ ବଢ଼ାଇଲେ ୫ ହଜାର

■ **ଭୁବନେଶ୍ୱର, ୯।୧୧ (ସମିସ):** ରାଜ୍ୟ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଜ୍ୟର ସମସ୍ତ ପଦ୍ମ ପୁରସ୍କାର ବିଜେତାଙ୍କୁ ମାସିକ ୨୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ଚଳିତ ବର୍ଷ ମାର୍ଚ୍ଚ ମାସରେ ଘୋଷଣା କରିଥିଲେ। ତେବେ ମୋହନ ସରକାର ସେଥିରେ ଆଉ ୫ ହଜାର ଟଙ୍କା ବୃଦ୍ଧି କରି ସମସ୍ତ ପଦ୍ମ ବିଜେତାଙ୍କୁ ମାସିକ ୩୦ ହଜାର ଟଙ୍କା ସମ୍ମାନ ସୂଚକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଘୋଷଣା କରାଯାଇଛି। ତେବେ ଏହାକୁ ନେଇ ବିଭିନ୍ନ ମହଲରେ ଭ୍ରୁକୁଞ୍ଚନ ସୃଷ୍ଟି ହୋଇଛି। କେବଳ ପୂର୍ବ ସରକାରଙ୍କ ଯୋଜନାର ନାମ ଓ ରଙ୍ଗ ପରିବର୍ତ୍ତନ କଲାଭଳି ସରକାରଙ୍କ ଏହି ଘୋଷଣାର ପରିଧି ମଧ୍ୟ ସୀମିତ ଅଟେ। ନବୀନଙ୍କ ଘୋଷଣାର କପି ପେଷ୍ଟ ନ କରି ପଦ୍ମ ବିଜେତାଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ବ୍ୟବସ୍ଥା କରିଥିଲେ ସେମାନଙ୍କ ପ୍ରତି ନୂଆ ସରକାରଙ୍କ ଶ୍ରେଷ୍ଠ ସମ୍ମାନ ହୋଇଥାନ୍ତା ବୋଲି ମତ ପ୍ରକାଶ ପାଇଛି।



**ପଦ୍ମ ବିଜେତାଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ ଦାବି**

ରାଜ୍ୟରେ ଏପରି ଅନେକ ପଦ୍ମ ପୁରସ୍କାର ବିଜେତା ଅଛନ୍ତି ଯେଉଁମାନେ ନିଜ ନିଜ କ୍ଷେତ୍ରରେ ବେଶ୍ ପ୍ରତିଭା ପ୍ରଦର୍ଶନ କରିଛନ୍ତି, କିନ୍ତୁ ଆଜି ବି ସେମାନେ ଦାରିଦ୍ର୍ୟ ଭିତରେ ଜୀବନ ବିତାଉଛନ୍ତି। ଏପରିକି ଅନେକେ ଔଷଧ କିଣିବା ପାଇଁ ଅର୍ଥ ପାଉ ନଥିବା ବେଳେ ଆଉ କିଏ ▶ପୃଷ୍ଠା-୭

# ମାଆକୁ ପିଟି ପିଟି ହତ୍ୟା

■ **ଝାରସୁଗୁଡ଼ା, ୯।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଥାନା ଅଧୀନ ମହିଜୋର ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଲୁହା ପଟାରେ ପିଟି ପିଟି ମାଆକୁ ହତ୍ୟା କରିଛି ପୁଅ। ମୃତ ମହିଳାଜଣକ ହେଲେ, ଉର୍କୁଲି ଲୁହାର (୬୦)। ଏହି ଘଟଣାରେ ଅଭିଯୁକ୍ତ ପୁଅ ବନମାଳି ଲୁହାର(୨୮) କୁ ପୁଲିସ୍ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଲୁହା ପଟାକୁ ଜବତ କରିଛି। ବେଲପାହାଡ଼ ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ପଚରାଉଚୁରା କରିବା ସହ ହତ୍ୟାରେ ବ୍ୟବହୃତ ଲୁହା ପଟା ଓ ରକ୍ତ ନମୁନା ସଂଗ୍ରହ କରିବାସହ ଟିକିନିଖି ଯାଞ୍ଚ କରିଛନ୍ତି। ସୂଚନାନୁଯାୟୀ, ଶନିବାର ଭୋର ପ୍ରାୟ ୪ଟାରେ ଉର୍କୁଲି ଶୋଇଥିବା ବେଳେ ପୁଅ ବନମାଳି ହଠାତ ଏକ ଲୁହା ପଟାରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଉର୍କୁଲିଙ୍କ ଚିତ୍କାର ଶୁଣି ପରିବାର ଲୋକେ ଉଠିଯିବା ସହ ପାଖ ପଡ଼ୋଶୀଙ୍କୁ ଏନେଇ ଖବର ଦେଇଥିଲେ। ପଡ଼ୋଶୀ ଓ ପରିବାର ଲୋକ ମିଶି ଆମ୍ବୁଲାନ୍ସରେ ତାଙ୍କୁ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବେଲପାହାଡ଼ ପୁଲିସ ଘଟଣାର ତଦନ୍ତ କରିବାସହ ବନମାଳି ହଠାତ୍ ନିଜ ମାଆଙ୍କୁ କାହିଁକି ଆକ୍ରମଣ କଲା ଏନେଇ ଅଧିକ ତଦନ୍ତ ଜାରି ରଖିଛି ପୁଲିସ।



## କେନ୍ଦ୍ର ଘୋଷଣାରେ ଅଟକିଛି ପ୍ରତିଶ୍ରୁତି
# କମିଲାନି କର୍କଟ ଔଷଧର ମୂଲ୍ୟ

■ **ଭୁବନେଶ୍ୱର, ୯।୧୧ (ସମିସ):** କର୍କଟ ରୋଗୀ ବଡ଼ ଆଶ୍ୱସ୍ତି ଅନୁଭବ କରିଥିଲେ ଯେବେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଘୋଷଣା କରିଥିଲେ ଯେ ସେମାନଙ୍କ ଔଷଧ ମୂଲ୍ୟ ହ୍ରାସ ପାଇବ। ହେଲେ ସମୀକ୍ଷା ବୈଠକ, ବିଜ୍ଞପ୍ତି ପ୍ରକାଶନ, ନିର୍ଦ୍ଦେଶନାମା ଜାରି ଭିତରେ ସାତ ମାସ ବିତିଗଲାଣି, କିନ୍ତୁ ଟଙ୍କାଟିଏ କମିଲାନି। ସରକାର ଟିକସ କମାଇବେ ଆଉ ଔଷଧ କମ୍ପାନୀ ନୂଆ ଏମ୍ଆରପିରେ ଔଷଧ ବିକିବେ, ଏତକ ପାଇଁ ଅଧା ଆର୍ଥିକ ବର୍ଷ ସରିଗଲା କିନ୍ତୁ ରୋଗୀଙ୍କ ଯନ୍ତ୍ରଣା କମିଲା ନାହିଁ। ଦୁର୍ଭାଗ୍ୟର ବିଷୟ ଟିକସ ଛାଡ଼ ପ୍ରକ୍ରିୟା ପରେ ନ୍ୟାସନାଲ ଫାର୍ମାସ୍ୟୁଟିକାଲ ପ୍ରାଇସିଂ ଅଥରିଟି (ଏନ୍‌ପିପିଏ) ସଂଶୋଧିତ ମୂଲ୍ୟରେ ଔଷଧ ବଜାରକୁ ଛାଡ଼ିବା ପାଇଁ ଔଷଧ ନିର୍ମାତାଙ୍କୁ ନିର୍ଦ୍ଦେଶନାମା ଜାରି କରିଥିଲେ ମଧ୍ୟ କେହି ମାନୁ ନାହାନ୍ତି।

ଚଳିତ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ସଂସଦରେ ବଜେଟ ଉପସ୍ଥାପନ କରିବା ସମୟରେ ଘୋଷଣା କରିଥିଲେ, କର୍କଟ ରୋଗୀଙ୍କ ପାଇଁ ଆମ ସରକାର ଯତ୍ନବାନ ଅଛନ୍ତି। ସେଥିପାଇଁ କର୍କଟ ରୋଗୀଙ୍କ ଦ୍ୱାରା ବହୁଳ ବ୍ୟବହୃତ ତିନିଟି ଔଷଧ ଉପରୁ ଟିକସ ଛାଡ଼ କରିବୁ। ଔଷଧ ମୂଲ୍ୟ କମିବ,



ରୋଗୀଙ୍କ ବ୍ୟୟଭାର ହ୍ରାସ ପାଇବ। ସେପ୍ଟେମ୍ବର ମାସରେ ଅନୁଷ୍ଠିତ ୫୨ତମ ଜିଏସ୍‌ଟି ପରିଷଦ ବୈଠକରେ ସମାନ କଥା ଦୋହରାଇଲେ। ଟ୍ରାସ୍ଟୁଜୁମାବ, ଡେରକ୍ସଟେକାନ ଏବଂ ଡୁର୍ଭାଲୁମାଭ ଉପରୁ ଜିଏସ୍‌ଟି ୧୨%ରୁ ହ୍ରାସ ପାଇ ୫% ହେବା ସହିତ କଷ୍ଟମ୍ ଡ୍ୟୁଟି ୧୨%ରୁ ଶୂନକୁ ହ୍ରାସ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା କହିଥିଲେ। କିନ୍ତୁ ସରକାରଙ୍କ ଘୋଷଣା ଓ କାର୍ଯ୍ୟାନ୍ୱୟନ ମଧ୍ୟରେ ସାତ ମାସ ବିତିଯିବା କର୍କଟ ରୋଗୀଙ୍କ ପାଇଁ ଶୁଭଙ୍କର ହେଉ ନାହିଁ। ଔଷଧ ବ୍ୟବସାୟ ସହ ଜଡିତ ବ୍ୟକ୍ତିଙ୍କ କହିବା ଅନୁସାରେ ଗତବର୍ଷ କର୍କଟ ଔଷଧ ଯେତିକି ଟଙ୍କାରେ ବିକ୍ରି ହେଉଥିଲା ସେଥିରେ ଓଲଟା ବୃଦ୍ଧି ହୋଇଛି। ସରକାର ବଜେଟରେ ଘୋଷଣା କରିବା ପରେ ଆବଶ୍ୟକ ପ୍ରକ୍ରିୟା ଶେଷ ନ ହେବା ଯାଏ ମୂଲ୍ୟ ହ୍ରାସ ପାଇବା ସମ୍ଭବ ନୁହେଁ। ସମ୍ପୃକ୍ତ ତିନି ପ୍ରକାର ଔଷଧ ଉପରୁ ଜିଏସ୍‌ଟି ହ୍ରାସ ଏବଂ କଷ୍ଟମ ଟିକସ ଛାଡ଼ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସମ୍ପୃକ୍ତ ଔଷଧ ନିର୍ମାତାଙ୍କୁ ସଂଶୋଧିତ ଏମ୍‌ଆରପିରେ ଔଷଧ ଛାଡ଼ିବା ପାଇଁ କୁହାଯିବ। ତେଣୁ ମୂଲ୍ୟ ହ୍ରାସ ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ପଦକ୍ଷେପ ଉପରେ ନିର୍ଭର କରୁଛି।

**୩ ଔଷଧ ଉପରୁ ଟିକସ ଛାଡ଼ ପାଇଁ ବଜେଟରେ ହୋଇଥିଲା ଘୋଷଣା**

ସୂଚନା ଅନୁସାରେ କେନ୍ଦ୍ର ଅର୍ଥ ବିଭାଗ ଉକ୍ତ ତିନି ଔଷଧ ଉପରୁ କଷ୍ଟମ୍ ଡ୍ୟୁଟି ଛାଡ଼ ପାଇଁ ଗତ ଜୁଲାଇ ୨୩ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିଥିଲା। ସେହିପରି ଗତ ଅକ୍ଟୋବର ୮ ତାରିଖରେ ଜିଏସ୍‌ଟି ୧୨%ରୁ ୫%କୁ ହ୍ରାସ ନେଇ ବିଜ୍ଞପ୍ତି ପ୍ରକାଶିତ ହୋଇଥିଲା। ଅକ୍ଟୋବର ୨୮ ତାରିଖରେ ଏନ୍‌ପିପିଏ ଉକ୍ତ ତିନି ଔଷଧର ସମସ୍ତ ନିର୍ମାତାଙ୍କୁ ନିର୍ଦ୍ଦେଶନାମା ଜାରି କରି କହିଥିଲେ ଯେ ସଂଶୋଧିତ ମୂଲ୍ୟର ତାଲିକା ଡ୍ରଗ୍ ଇନ୍ସପେକ୍ଟର, ଡିଲର୍ ଏବଂ ସରକାରଙ୍କୁ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଅ। କିନ୍ତୁ ବଜାରରେ ଅପରିବର୍ତ୍ତିତ ଔଷଧ ମୂଲ୍ୟ କର୍କଟ ରୋଗୀଙ୍କୁ କେବଳ ଉପହାସ କରୁଛି।

ହଟ୍-ସ୍ପଟ୍

# ରଘୁବରଙ୍କ ପାଇଁ ଅଗ୍ନି ପରୀକ୍ଷା

**ରାଞ୍ଚି:** ଓଡ଼ିଶା ରାଜ୍ୟପାଳ ତଥା ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କୁ ନେଇ ଚର୍ଚ୍ଚା ଥମିବାର ନାଁ ଧରୁନାହିଁ। ରାଜ୍ୟପାଳ ପଦବିରେ ଥାଇ ଝାଡ଼ଖଣ୍ଡ ରାଜନୀତିରେ ଆଗ୍ରହ ଦେଖାଇବାରୁ ଏହାକୁ ନେଇ ଦୀର୍ଘ ଦିନ ଧରି ହଟଚମଟ ଲାଗି ରହିଲା। ପୁଣି ବିଧାନସଭା ନିର୍ବାଚନରେ ନିଜ ବୋହୂ ତଥା ବିଜେପି ପ୍ରାର୍ଥୀ ପୂର୍ଣ୍ଣିମା ଦାସ ସାହୁଙ୍କ ସପକ୍ଷରେ ଜାମସେଦପୁରରେ ସେ ପ୍ରଚାର କରୁଥିବା ସଂପର୍କରେ କଂଗ୍ରେସ ପକ୍ଷରୁ ନିର୍ବାଚନ କମିସନରେ ଅଭିଯୋଗ ହୋଇଥିଲା। ରାଜ୍ୟ ରାଜନୀତି ଠାରୁ ଦଳୀୟ ହାଇକମାଣ୍ଡ ତାଙ୍କୁ ଦୂରେଇ ରଖିଥିବା ବେଳେ ରଘୁବର ଝାଡ଼ଖଣ୍ଡ ରାଜନୀତିରେ କାହିଁକି ଏତେ ମୁଣ୍ଡ ପୂରାଉଛନ୍ତି ବୋଲି ପ୍ରଶ୍ନ ଉଠିଲାଣି। ଏସଂପର୍କରେ ବିଜେପିର ଜଣେ ନେତା କହିଛନ୍ତି ଯେ ଜାମସେଦୁପର ପୂର୍ବ ନିର୍ବାଚନମଣ୍ଡଳୀରୁ ରଘୁବର ୧୯୯୦ରୁ ୨୦୧୯ ପର୍ଯ୍ୟନ୍ତ ବିଧାୟକ ଥିଲେ। କିନ୍ତୁ ୨୦୧୯ ନିର୍ବାଚନରେ ସେ ହାରିଯାଇଥିଲେ ଏବଂ ରାଜ୍ୟରେ ବିଜେପି କ୍ଷମତା ମଧ୍ୟ ହରାଇଥିଲା। ସେ ଥିଲେ ରାଜ୍ୟର ପ୍ରଥମ ଅଣ-ଆଦିବାସୀ ମୁଖ୍ୟମନ୍ତ୍ରୀ। ଆଦିବାସୀ ବହୁଳ ରାଜ୍ୟରେ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବା ବିଜେପି ପାଇଁ ମହଙ୍ଗା ପଡ଼ିଲା ବୋଲି କୁଆଡ଼େ ବିଜେପିର ଭିତିରି ରିପୋର୍ଟରୁ ଜଣାପଡ଼ିଛି। ଏହି କାରଣରୁ ତାଙ୍କୁ ରାଜ୍ୟ ରାଜନୀତିରୁ ଅଲଗା କରି ଦିଆଯାଇଛି। କିନ୍ତୁ ଯେ ରାଜ୍ୟ ବିଧାନସଭା ନିର୍ବାଚନରେ ପୁଣି ପ୍ରାର୍ଥୀ ହେବାଲାଗି ଜିଦ୍ ଧରିବାରୁ ରାଜ୍ୟର ଅନେକ ବିାଜେପି ନେତା ଏହାର ବିରୋଧ କରିଥିଲେ। ଶେଷରେ ରଘୁବରଙ୍କୁ ଶାନ୍ତ କରିବା ଲାଗି ଏହି ଆସନରୁ ରଘୁବରଙ୍କ ବୋହୂ ପୂର୍ଣ୍ଣିମାଙ୍କୁ ପ୍ରାର୍ଥୀ କରାଯାଇଛି। ପୂର୍ଣ୍ଣିମାଙ୍କ ବିଜୟ/ପରାଜୟ ଉପରେ ନିର୍ଭର କରୁଛି ରଘୁବରଙ୍କ ଭାଗ୍ୟ। ଏହି ଆସନରେ ପୂର୍ଣ୍ଣିମାଙ୍କ ବିଜୟ ଏତେ ସହଜ ନୁହେଁ। କାରଣ ତାଙ୍କର ମୁକାବିଲା ହେଉଛି କଂଗ୍ରେସ ପ୍ରାର୍ଥୀ ଅଜୟ କୁମାରଙ୍କ ସହିତ। ସେ ଜାମସେଦପୁରରୁ ଲୋକସଭାକୁ ନିର୍ବାଚିତ ମଧ୍ୟ ହୋଇଥିଲେ। ତେବେ ପୂର୍ଣ୍ଣିମାଙ୍କ ପାଇଁ ସବୁଠୁ ବଡ଼ ଅଡୁଆ ସୃଷ୍ଟି କରିଛନ୍ତି ବିଜେପି ନେତା ଶିବ କୁମାର ସିଂହ। ସେ ଏହି ଆସନରୁ ଦଳୀୟ ଟିକଟ ପାଇଁ ଆଶାୟୀ ଥିଲେ। କିନ୍ତୁ ଟିକଟ ନମିଳିବାରୁ ବିଦ୍ରୋହ କରି ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ଏହାକୁ ନେଇ ରଘୁବର ଚିନ୍ତିତ ହେବା ସ୍ୱାଭାବିକ।




# ଦାଦା-ପୁତୁରା ଟେନ୍‌ସନ୍

**ମୁମ୍ବାଇ:** ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଅଜବ ପ୍ରକାର ସ୍ଥିତି ଦେଖିବାକୁ ମିଳିଛି। ଦାଦା ପୁତୁରା (ଶରଦ ପାୱାର ଓ ଅଜିତ ପାୱାର)ଙ୍କୁ ନେଇ ରାଜ୍ୟ ରାଜନୀତି ରୋଚକ ମୋଡ଼ରେ ରହିଛି। ଦାଦାଙ୍କ ଠାରୁ ଦଳର ନାମ ଓ ଚିହ୍ନ ଛଡ଼ାଇ ନେଇଥିବା ଏନସିପି ନେତା ତଥା ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ବାରମତିରୁ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କୁ ଟକ୍କର ଦେଉଛନ୍ତି ତାଙ୍କ ପୁତୁରା ଯୋଗେନ୍ଦ୍ର ପାୱାର। ଯୋଗେନ୍ଦ୍ର ହେଉଛନ୍ତି ଅଜିତଙ୍କ ଭାଇ ଶ୍ରୀନିବାସଙ୍କ ପୁଅ ଏବଂ ଶରଦ ପାୱାରଙ୍କ ନାତି। ଶରଦ ପାୱାରଙ୍କ ଏନ୍‌ସିପି ପକ୍ଷରୁ ଯୋଗେନ୍ଦ୍ରଙ୍କୁ ପ୍ରାର୍ଥୀ କରାଯାଇଛି। ବିଦ୍ରୋହୀ ପୁତୁରା ଅଜିତଙ୍କୁ ପାନେ ଦେବାଲାଗି ଶରଦ ନିଜ ନାତି ସପକ୍ଷରେ ପ୍ରଚାର ପାଇଁ ଅଣ୍ଟା ଭିଡ଼ିଛନ୍ତି।

ଅନ୍ୟପକ୍ଷରେ ମହିମ ବିଧାନସଭା ଆସନରେ ଭିନ୍ନ ପ୍ରକାର ଦୃଶ୍ୟ ଦେଖିବାକୁ ମିଳିଛି। ନିଜ ପାର୍ଟିର ପ୍ରାର୍ଥୀ ହାରୁ ପଛେ, ପୁତୁରା କିନ୍ତୁ ଜିତିବା ଉଚିତ। ଏମିତି ଆଭିମୁଖ୍ୟ ଗ୍ରହଣ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିବ ସେନା (ୟୁବିଟି)ର ସୁପ୍ରିମୋ ଉଦ୍ଧବ ଠାକରେ। ମହିମରେ ତାଙ୍କ ପୁତୁରା ଅମିତ ଠାକରେ ପ୍ରାର୍ଥୀ ହୋଇଛନ୍ତି। ଅମିତ ହେଉଛନ୍ତି ଉଦ୍ଧବଙ୍କ ଭାଇ ତଥା ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମୁଖ୍ୟ ରାଜ ଠାକରେଙ୍କ ପୁଅ। ଏହି ଆସନରେ ଶିବ ସେନା(ୟୁପିଟି)ର ପ୍ରାର୍ଥୀ ହୋଇଛନ୍ତି ମହେଶ ସାୱନ୍ତ। ନିଜ ପୁତୁରା ବିରୋଧରେ ପ୍ରଚାର କରିବେ ନାହିଁ ବୋଲି ସେ ସାୱନ୍ତଙ୍କ ନିର୍ବାଚନ ସଭାକୁ ଯାଉ ନାହାନ୍ତି।



# କଲ୍ୟାଣ କଣ୍ଟା



**ଅମରାବତୀ:** ଆନ୍ଧ୍ର ପ୍ରଦେଶରେ କାହା ହାତରେ କ୍ଷମତା? ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ନା ଉପମୁଖ୍ୟମନ୍ତ୍ରୀ ପୱନ କଲ୍ୟାଣଙ୍କ ହାତରେ? ଏହି ପ୍ରଶ୍ନ ଏବେ ରାଜ୍ୟବାସୀଙ୍କୁ ଆନ୍ଦୋଳିତ କଲାଣି। କିଛି ଦିନ ତଳେ ପୱନ କଲ୍ୟାଣ ରାଜ୍ୟ ଗୃହ ମନ୍ତ୍ରୀଙ୍କୁ ଧମକ ଦେଇ ଏଭଳି ଭାଷା ପ୍ରୟୋଗ କରିଥିାଲେ ଯେ ଟିଡିପି-ବିଜେପି-ଜନ ସେନା ମେଣ୍ଟରେ କମ୍ପନ ସୃଷ୍ଟି କରିଛି। ଜନ ସେନା ନେତା କଲ୍ୟାଣ ଉପମୁଖ୍ୟମନ୍ତ୍ରୀ ଥିବା ବେଳେ ଟିଡିପିର ଅନିତା ଅଛନ୍ତି ଗୃହ ମନ୍ତ୍ରୀ। ରାଜ୍ୟରେ ଆଇନ ଶୃଙ୍ଖଳାକୁ ନେଇ କ୍ଷୋଭ ପ୍ରକାଶ କରି ପୱନ ଧମକ ଦେଇଥିଲେ ଯେ ଯଦି ଅନିତା ପାରୁ ନାହାନ୍ତି, ତାହାହେଲେ ଗୃହ ମନ୍ତ୍ରଣାଳୟ ସେ ନିଜ ହାତକୁ ନେଇଯିବେ। କିଏ କେଉଁ ବିଭାଗ ପାଇବ, ସେହି କ୍ଷମତା ମୁଖ୍ୟମନ୍ତ୍ରୀଙ୍କ ହାତରେ ଥିବା ବେଳେ ଉପମୁଖ୍ୟମନ୍ତ୍ରୀ ଏଭଳି ଧମକ ଦେବାକୁ କିଏ? ଟିଡିପି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଏସଂପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ନିକଟରେ ଫେରାଦ ହୋଇଥିଲେ। ଶାହଙ୍କ ଠାରୁ ଡାକରା ପାଇ ପୱନ ଦିଲ୍ଲୀ ଯାଇଥିଲେ। ମେଣ୍ଟକୁ ଅସ୍ଥିର କଲାଭଳି କୌଣସି କାମ ନକରିବାକୁ ଶାହ ତାଙ୍କୁ ପରାମର୍ଶ ଦେଇଥିଲେ। ଦିଲ୍ଲୀରୁ ଫେରି ପୱନ ଗୃହ ମନ୍ତ୍ରୀ ଅନିତାଙ୍କୁ ଡାକି କଥା ହୋଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏରେ ଚନ୍ଦ୍ରବାବୁଙ୍କ ଟିଡିପିକୁ ମିଶାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ପୱନ। ଶେଷରେ ଏହି ମେଣ୍ଟ ନିର୍ବାଚନରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା। ଏହାପର ଠାରୁ ପୱନ ନିଜକୁ ସୁପର ମୁଖ୍ୟମନ୍ତ୍ରୀ ଭାବେ ଉପସ୍ଥାପିତ କରିବାକୁ ଉଦ୍ୟମ ଚଳାଇଥିବା ବେଳେ ଏଥିରେ ଭୀଷଣ କ୍ଷୁବ୍ଧ ଅଛନ୍ତି ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ।

## ପେଟ୍ରୋଲ ଢାଳି ୫ କୁକୁର ଛୁଆଙ୍କୁ ଜାଳିଦେଲେ ମହିଳା

ମିରଟ୍, ୯।୧୧(ଏଜେନ୍ସି): ମଣିଷ ଅମାନୁଷିକତାର କେତେ ଚରମ ଛୁଇଁପାରେ ତାହାର ଏକ ଉଦାହରଣ ଉତ୍ତରପ୍ରଦେଶର ମିରଟ୍ ସହରରେ ଦେଖିବାକୁ ମିଳିଛି। ଏଠାରେ ବୁଲା କୁକୁରର ୫ଟି ଛୁଆଙ୍କୁ ଜଣେ ମହିଳା ପେଟ୍ରୋଲ ଢାଳି ଜାଳି ଦେବା ଘଟଣା ବିଭିନ୍ନ ମହଲରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଘଟଣାରେ ପୁଲିସ ଗୋଟିଏ ପରିବାରର ଦୁଇଜଣ ମହିଳାଙ୍କ ବିରୋଧରେ ମାମଲା ରୁଜୁ କରିଛି। ସମ୍ପର୍କରେ ଏହି ଦୁଇ ମହିଳା ଯା' ହୋଇଥିଲା ବେଳେ କେଉଁ କାରଣକୁ ନେଇ ଏଭଳି ଅମାନବୀୟ କାଣ୍ଡ ଘଟାଇଲେ ତାହା ବିଭିନ୍ନ ମହଲରେ ପ୍ରଶ୍ନ ଉଠାଇଛି। ମିଳିଥିବା ସୂଚନା ଅନୁସାରେ ମିରଟ୍ ସହରର ଲାଲକର୍ତ୍ତୀ ଥାନା ଅଞ୍ଚଳର ଏକ କଲୋନୀରେ ରହୁଥିବା ଏକ ବୁଲା କୁକୁର ଗତ ୨ ତାରିଖରେ ପାଞ୍ଚଟି ଛୁଆ ଜନ୍ମ କରିଥିଲା। ଏହାପରେ ଏହି କଲୋନୀର କିଛି ଲୋକ କୁକୁର ଏବଂ ତା' ଛୁଆ ପାଇଁ ଖାଇବା ବ୍ୟବସ୍ଥା କରିଥିଲେ। ଦୀପାବଳୀ ସମୟରେ ସେମାନଙ୍କୁ ବାଣ ନିଆଁ ଠାରୁ ରକ୍ଷା କରିବାକୁ ଛୁଆମାନଙ୍କୁ ସୁରକ୍ଷିତ ସ୍ଥାନରେ ମଧ୍ୟ ରଖିଥିଲେ। ତେବେ କଲୋନୀବାସୀଙ୍କ ଏହି ମହାନତା ସତ୍ତ୍ୱେ ଏହି ଦୁଇ ନିଷ୍ଠୁର ମହିଳାଙ୍କ ଏଭଳି ଜଘନ୍ୟ କାର୍ଯ୍ୟ କଲୋନୀବାସୀଙ୍କ ମନରେ ବିଷାଦ ଭରିଦେଇଛି।

## ଡମ୍ଫର୍ ଉପରେ ଚଢ଼ିଗଲା ବସ୍; ୫ ମୃତ

ଲକ୍ଷ୍ନୌ, ୯।୧୧(ଏଜେନ୍ସି): ଉତ୍ତରପ୍ରଦେଶରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହେବା ସହିତ ୧୭ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଫିରୋଜାବାଦରେ ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ ୱେ'ରେ ଏକ ଡମ୍ଫର ଉପରେ ଯାତ୍ରୀବାହୀ ବସ୍ ଚଢି ଯିବାରୁ ଏଭଳି ଭୟାବହ ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ହିଁ ୫ ଜଣଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁସାରେ ଏକ ବସ୍‌ରେ କିଛି ଯାତ୍ରୀ ଅଯୋଧ୍ୟାରୁ ମଥୁରା ଯାଉଥିଲା ବେଳେ ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ ୱେ'ରେ ଛିଡା ହୋଇଥିବା ଡମ୍ଫରକୁ ବସଟି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୫ ଜଣଙ୍କ ମୃତ୍ୟୁ ହୋଇଥିଲା ସମସ୍ତ ଯାତ୍ରୀ ଗୁଜୁରାଟର ଦାଦ୍ରା ନାଗର ହାଭେଲିର ବାସିନ୍ଦା ବୋଲି ଜଣାପଡିଛି। । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛି।

## ହେମନ୍ତଙ୍କ ବ୍ୟକ୍ତିଗତ ସଚିବଙ୍କ ୧୬ ଠିକଣାରେ ଆୟକର ଚଢ଼ଉ

ରାଞ୍ଚି, ୯।୧୧(ଏଜେନ୍ସି): ଝାଡଖଣ୍ଡ ବିଧାନସଭା ନିର୍ବାଚନ ସମୟ ପାଖେଇ ଆସୁଥିବା ବେଳେ ବହୁ ବ୍ୟକ୍ତି ବିଶେଷଙ୍କ ଠିକଣାରେ ଇଡି ଏବଂ ଆୟକର ଚଢଉ ବଢିବାରେ ଲାଗିଛି। ପୂର୍ବରୁ କିଛି ସରକାରୀ ଅଧିକାରୀ ଏବଂ ରାଜନେତାଙ୍କ ଠିକଣାରେ ଚଢଉ କରାଯାଇଥିଲା ବେଳେ ଶନିବାର ସକାଳେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବ୍ୟକ୍ତିଗତ ସଚିବଙ୍କ ଘରେ ଆୟକର ଚଢଉ କରାଯାଇଛି। ସୋରେନଙ୍କ ବ୍ୟକ୍ତିଗତ ସଚିବ ସୁନୀଲ ଶ୍ରୀବାସ୍ତବ ଏବଂ ତାଙ୍କର ଦୁଇ ସହଯୋଗୀଙ୍କ ୧୫ ରୁ ୧୬ ଠିକଣାରେ ଚଢଉ କରାଯାଇଥିବା ଜଣାପଡ଼ିଛି। ଆୟକର ବିଭାଗୀୟ ଅଧିକାରୀମାନେ ଏକାସଙ୍ଗରେ ରାଞ୍ଚି ସମେତ ଜାମସେଦପୁରରେ ଚଢଉ କରିଛନ୍ତି। ଟିକସ ଫାଙ୍କି ଅଭିଯୋଗରେ ଏହି ଚଢଉ କରାଯାଇଥିବା କୁହାଯାଇଛି।

# ଟ୍ରମ୍ପ ଚିନ୍ତାରେ ବାଂଲାଦେଶ, କାନାଡା



### କାତାରରୁ ହମାସ ନେତାଙ୍କୁ ବାହାର କଲେ ସରକାର

### ଟ୍ରୁଡୁ ଆଗାମୀ ନିର୍ବାଚନରେ ବିଦା ହେବେ: ଏଲନ ମସ୍କ

ନୂଆଦିଲ୍ଲୀ, ୯।୧୧(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟକୁ ନେଇ ବହୁ ରାଷ୍ଟ୍ର ଖୁସି ବ୍ୟକ୍ତି କରିବା ସହିତ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କିନ୍ତୁ ଟ୍ରମ୍ପଙ୍କ ବିଜୟ ଅନେକ ରାଷ୍ଟ୍ରଙ୍କ ପାଇଁ ବୈଶ୍ୱିକ କିମ୍ବା ଭୂ-ରାଜନୀତିକ ଦୃଷ୍ଟି କୋଣରୁ ହେଉ କି ଆର୍ଥିକ ଦୃଷ୍ଟିରୁ ଚିନ୍ତା ବଢାଇଛି। ବୈଷିକ ରାଜନୀତିକ ସମୀକରଣକୁ ନେଇ ଆଗାମୀ ଦିନରେ ଟ୍ରମ୍ପ ସରକାର ଯେଉଁଭଳି ନୀତି ଗ୍ରହଣ କରିବେ ତଦ୍ୱାରା ବାଂଲାଦେଶର ୟୁନୁସ୍ ସରକାର ଏବଂ କାନାଡାର ଟ୍ରୁଡୁ ସରକାରଙ୍କ ପାଇଁ ସମସ୍ୟା ଗମ୍ଭୀର ହେବାର ଆଶଙ୍କା ବଢିଛି। ଯାହାର ସୂଚନା ଟ୍ରମ୍ପଙ୍କ 'ଟ୍ରାଞ୍ଜିଟ୍' ସରକାର ଆଭିମୁଖ୍ୟରୁ ସୂଚିତ ହୋଇଛି। ଆସନ୍ତା ଜାନୁଆରୀ ମାସରେ ଟ୍ରମ୍ପ ବିଧିବଦ୍ଧ ଭାବେ ରାଷ୍ଟ୍ରପତି ଭାବେ ଶପଥ ନେବାକୁ ଥିଲେ ହେଁ ଏବେ ଠାରୁ ତାଙ୍କ ଟିମ୍ କୂଟନୈତିକ, ବୈଦେଶିକ ବ୍ୟାପାର ଏବଂ ପ୍ରତିରକ୍ଷା ଆଦି କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଟ୍ରମ୍ପ ତାଙ୍କ ବିଶ୍ୱସ୍ତ ଲୋକମାନଙ୍କୁ ଏହିସବୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଦାୟିତ୍ୱ ଦେବା ପୂର୍ବରୁ ଆଶାୟୀମାନେ ସେମାନଙ୍କ ବିଭାଗକୁ ନେଇ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ କରିଦେଇଥିବା କୁହାଯାଉଛି। ପ୍ରଥମତଃ ଟ୍ରମ୍ପଙ୍କ ନିର୍ବାଚନୀ ପ୍ରତିଶ୍ରୁତି ଅନୁସାରେ ଆମେରିକାରେ ବେଆଇନ ଭାବେ ରହୁଥିବା ପ୍ରବାସୀମାନଙ୍କୁ ଦେଶରୁ ବିଦା କରିବାକୁ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଥିବା କୁହାଯାଉଛି। ଏହାଛଡ଼ା ବୈଦେଶିକ ନୀତି ଅନୁସାରେ ଟ୍ରମ୍ପ ପ୍ରଶାସନ କାନାଡା ବିପକ୍ଷରେ ବଡ଼ ପଦକ୍ଷେପ ନେବେ ବୋଲି ସୂଚନା ମିଳିଛି। କାନାଡାରୁ ଆମେରିକା ଆସୁଥିବା ସାମଗ୍ରୀ ଉପରେ ଟ୍ରମ୍ପ ପ୍ରଶାସନ ଦୁଇରୁ ତିନି ଗୁଣ ଶୁଳ୍କ ବୃଦ୍ଧି କରିବ ବୋଲି ଏକପ୍ରକାର ନିଶ୍ଚିତ ହୋଇଥିବା କୁହାଯାଇଛି। ସେହିପରି ଆଗାମୀ ନିର୍ବାଚନରେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ବିଦା ହେବେ ବୋଲି ଟ୍ରମ୍ପଙ୍କ ଘନିଷ୍ଠ ଏଲନ ମସ୍କ ଶନିବାର ଟିପ୍ପଣୀ ଦେଇଛନ୍ତି। ଚଳିତ ନିର୍ବାଚନରେ ଟ୍ରମ୍ପଙ୍କ ପାଇଁ ଜୋରଦାର ପ୍ରଚାର ଅଭିଯାନ କରିବା ସହିତ ବିପୁଳ ଅର୍ଥ ବ୍ୟୟ କରି ଏଲନ ମସ୍କ ଟ୍ରମ୍ପଙ୍କ ଅତି ନିକଟତର ହୋଇଛନ୍ତି। ତେଣୁ ଟ୍ରୁଡୁଙ୍କ ପ୍ରତି ମସ୍କଙ୍କ ଏଭଳି ବୟାନ କାନାଡାର ଚିନ୍ତା ବଢାଇଛି। ସେପଟେ ଟ୍ରମ୍ପଙ୍କ ବିଜୟ ପରେ କାତାର ନିଜ ଦେଶରୁ ହମାସ ନେତାମାନଙ୍କୁ ବିଦା କରିବା ଆରମ୍ଭ କରିଛି। ଆନ୍ତର୍ଜାତିକ ସ୍ତରରେ ତୈଳ ଏବଂ ଗ୍ୟାସ ବ୍ୟବସାୟ କ୍ଷେତ୍ରରେ କାତାରର ଭୂମିକା ଯଥେଷ୍ଟ ରହିଛି। କିନ୍ତୁ କାତାରରେ ହମାସ ନେତାଙ୍କୁ କୌଣସି ସ୍ତରରେ ପ୍ରୋତ୍ସାହନ ମିଳିଲେ ଏହାକୁ ଟ୍ରମ୍ପ ବରଦାସ୍ତ କରିବେ ନାହିଁ ଏବଂ ଆମେରିକା ସହ ପ୍ରତିକୂଳ ସ୍ଥିତି ଦେଖାଗଲେ କାତାରର ବ୍ୟବସାୟ, ବାଣିଜ୍ୟ ପାଇଁ ପ୍ରତିବନ୍ଧକ ସୃଷ୍ଟି ହେବ ବୋଲି ଆଶଙ୍କା କରି କାତାର ଏଭଳି ପଦକ୍ଷେପ ନେବା ଆରମ୍ଭ କରିଦେଇଛି। ସେପଟେ ବାଂଲାଦେଶର କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ୍‌ଙ୍କ ସହ ଟ୍ରମ୍ପଙ୍କ ସମ୍ପର୍କ ଆଦୌ ଭଲ ନଥିବା କୁହାଯାଉଛି। ୟୁନୁସ୍ ଡେମୋକ୍ରାଟ୍ ଦଳ ପ୍ରତି ଆନୁଗତ୍ୟ ରଖିବା ସହିତ ଦଳୀୟ ନେତା ବିଲ୍ କ୍ଲିଣ୍ଟନଙ୍କ ସହ ତାଙ୍କର ସମ୍ପର୍କ ନିବିଡ଼ ରହିଛି। କିନ୍ତୁ ବାଂଲାଦେଶରେ ହିନ୍ଦୁଙ୍କ ସୁରକ୍ଷା ପାଇଁ ଟ୍ରମ୍ପ ପ୍ରତିଶ୍ରୁତିଦ୍ଇଥିବାରୁ ଆଗାମୀ ଦିନରେ ବାଂଲାଦେଶକୁ ନେଇ ଟ୍ରମ୍ପ ପ୍ରଶାସନ ନିଜର ବୈଦେଶିକ ନୀତିରେ କିଛି ଶକ୍ତ ପଦକ୍ଷେପ ନେଇପାରେ ବୋଲି କୁହାଯାଉଛି। ଏହାକୁ ନେଇ ୟୁନୁସ୍‌ଙ୍କ ପାଇଁ ଆଗାମୀ ଦିନରେ ସମସ୍ୟା ବଢିପାରେ ବୋଲି ଏବେ ଠାରୁ ଆକଳନ କରାଯାଉଛି।

# ରୁଷିଆରେ ହ୍ରାସ ପାଉଛି ଜନସଂଖ୍ୟା

ମସ୍କୋ, ୯।୧୧(ଏଜେନ୍ସି): ଅଞ୍ଚଳ ଦୃଷ୍ଟିରୁ ରୁଷିଆ ବିଶ୍ୱର ସବୁଠାରୁ ବୃହତ ଦେଶ। ହେଲେ ଏଠାକାର ଜନସଂଖ୍ୟାକୁ ନେଇ ରୁଷ ସରକାରଙ୍କ ଚିନ୍ତା ବଢିବାରେ ଲାଗିଛି। ବିଶେଷକରି ବିଗତ ଅଢେଇ ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ୟୁକ୍ରେନ ଯୁଦ୍ଧରେ ଲକ୍ଷ ଲକ୍ଷ ରୁଷ ସେନାଙ୍କ ମୃତ୍ୟୁ ହେବା ଘଟଣା ରାଷ୍ଟ୍ରପତି ପୁତିନଙ୍କୁ ବିବ୍ରତ କରିଛି। ବର୍ତ୍ତମାନ ସୁଦ୍ଧା ଏହି ଯୁଦ୍ଧରେ ପ୍ରାୟ ୬ ଲକ୍ଷ ରୁଷ ସୈନିକଙ୍କ ମୃତ୍ୟୁ ହୋଇଥିବା ଆନ୍ତର୍ଜାତିକ ଗଣମାଧ୍ୟମ କହିଛି। ଏହାସହିତ ବେଳକୁ ବେଳ ରୁଷିଆର ଜନ୍ମହାର ହ୍ରାସ ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ପୁତିନ ଜନ୍ମହାର ବୃଦ୍ଧି କରିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏପରିକି ଲୋକମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସୁବିଧା ସୁଯୋଗ ଦେବା ସହିତ ବହୁ ସଂଖ୍ୟାରେ ସନ୍ତାନ ଜନ୍ମ ଦେବା ଲାଗି ପ୍ରୋତ୍ସାହନ ଦେବାକୁ ରୁଷ ସରକାର ସେକ୍ସ ମନ୍ତ୍ରାଳୟ ଖୋଲିବାକୁ ଯାଉଛନ୍ତି ବୋଲି ସୂଚନା ମିଳିଛି। ଏହାବ୍ୟତୀତ ଦମ୍ପତି ଯେଭଳି ଅଧିକ ସମୟ ଶାରୀରିକ ସମ୍ମୋହନରେ ରହିପାରିବେ ସେଥିପାଇଁ ମଧ୍ୟ ବ୍ୟବସ୍ଥା କରାଯାଉଛି। ଏହିକ୍ରମରେ ରାତି ୧୦ଟାରୁ ୨ଟା ପର୍ଯ୍ୟନ୍ତ ଲାଇଟ୍ ବନ୍ଦ ରଖାଯିବା ସହିତ ଇଣ୍ଟରନେଟ୍ ମଧ୍ୟ ବନ୍ଦ ରଖିବକୁ ସରକାର ଚିନ୍ତା କରୁଛନ୍ତି ବୋଲି ଏଠାକାର କିଛି ବରିଷ୍ଠ ଅଧିକାରୀ 'ଦି ମିରର୍'କୁ ପ୍ରତିକ୍ରିୟା ଦେଇ କହିଛନ୍ତି। କେବଳ ସେତିକି ନୁହେଁ, ଗୃହିଣୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେବାକୁ ମଧ୍ୟ ସରକାର ବ୍ୟବସ୍ଥା କରୁଛନ୍ତି। ଯେଉଁ ମହିଳାମାନେ ଘରେ ରହି କାର୍ଯ୍ୟ କରୁଛନ୍ତି କିମ୍ବା ଘର କାର୍ଯ୍ୟରେ ଲିପ୍ତ ରହୁଛନ୍ତି ସେମାନଙ୍କୁ ମଧ୍ୟ ସରକାର ବେତନ ଦେବା ଲାଗି ଚିନ୍ତା କରିଛନ୍ତି। ସେହିପରି ନବ ଦମ୍ପତିଙ୍କୁ ସନ୍ତାନ ଜନ୍ମ ଲାଗି ଅଧିକ ପ୍ରୋତ୍ସାହିତ କରିବାକୁ 'ୱେଡିଂ ନାଇଟ୍ ହୋଟେଲ'ରେ ସରକାରୀ ବ୍ୟୟରେ ସୁବିଧା ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଉଥିବା ଉକ୍ତ ଅଧିକାରୀମାନେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୧୯୯୯ ପରେ ଚଳିତ ବର୍ଷ ପ୍ରଥମାର୍ଦ୍ଧ ସୁଦ୍ଧା ରୁଷିଆର ଜନ୍ମହାର ସବୁଠୁ ନିମ୍ନ ସ୍ତରରେ ପହଞ୍ଚିଛି। ରସ୍‌ଷ୍ଟାଟ୍ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁସାରେ ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ରୁଷିଆରେ ଜନ୍ମ ନେଇଥିବା ମୋଟ ଶିଶୁଙ୍କ ସଂଖ୍ୟା ୫ ଲକ୍ଷ ୯୯ ହଜାର ୬୦୦ ରହିଥିଲା। ଯାହାକି ୨୦୨୩ର ଏହି ଅବଧି ତୁଳନାରେ ୧୬ ହଜାର କମ୍ ରହିଥିଲା। ୧୯୯୯ ପରେ ଏହି ସ୍ଥିତି ସବୁଠୁ ନିମ୍ନରେ ରହିଥିବାରୁ ରୁଷ ସରକାରଙ୍କ ଚିନ୍ତା ବଢ଼ିଛି। ଯାହାକୁ ନେଇ ରୁଷ ସରକାର ଏଭଳି ମନ୍ତ୍ରାଳୟ ଖୋଲିବାକୁ ଉଦ୍ୟମ ଆରମ୍ଭ କରିଥିବା କୁହାଯାଉଛି। ତେବେ ରୁଷିଆ ମହିଳାମାନେ ଏଭଳି ଚିନ୍ତାଧାରାକୁ ଜୋରଦାର୍ ବିରୋଧ କରିଛନ୍ତି। ଏହାପୂର୍ବରୁ କାର୍ଯ୍ୟସ୍ଥଳରେ ଯୌନ ସମ୍ପର୍କ ରଖାଯାଇପାରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା।



**ଜନସଂଖ୍ୟା ବୃଦ୍ଧି ପାଇଁ ଖୋଲିବେ 'ସେକ୍ସ' ମନ୍ତ୍ରାଳୟ**

ଭୟଙ୍କର ପ୍ରଦୂଷଣକୁ ନେଇ ପାକିସ୍ତାନବାସୀ ଅଣନିଶ୍ୱାସୀ

## ମୁଲତାନ ଏକ୍ୟୁଆଇ ସ୍ତର ୨୧୦୦ ଟପିଲା

ଇସଲାମାବାଦ, ୯।୧୧(ଏଜେନ୍ସି): ଭୟଙ୍କର ପ୍ରଦୂଷଣ ଯୋଗୁଁ ପାକିସ୍ତାନର ବହୁ ସହରର ବାୟୁମଣ୍ଡଳ ସ୍ତର ଦୂଷିତ ହୋଇପଡ଼ିବା ସହିତ ସାଧାରଣ ଜନଜୀବନ ଭାରୀମାତ୍ରାରେ ପ୍ରଭାବିତ ହୋଇଛି। ପ୍ରଦୂଷଣ ଯୋଗୁ ବିଶେଷକରି ପଞ୍ଜାବ ପ୍ରଦେଶର ଅନେକ ସହରରେ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଏଠାକାର ବହୁ ସହରରେ ସ୍ଥିତି ଏଭଳି ହୋଇଛି ଯେ, ନିଶ୍ୱାସ ପ୍ରଶ୍ୱାସ ନେବା ମଧ୍ୟ କଷ୍ଟକର ହୋଇପଡ଼ିଥିବା କୁହାଯାଇଛି। ଶନିବାର ସକାଳ ସୁଦ୍ଧା ଏହି ପ୍ରଦେଶର ଅନ୍ୟତମ ପ୍ରମୁଖ ସହର ମୁଲତାନର ଏକ୍ୟୁଆଇ ସ୍ତର ୨୧୦୦ ଟପିଥିବା କୁହାଯାଇଛି। ସେହିପରି ଲାହୋର ସ୍ଥିତି ମଧ୍ୟ ଜଟିଳ ରହିଛି। ଏଠାକାର ବିଭିନ୍ନ ସହରର ବାୟୁସ୍ତର ମାନ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଧାରଣ କରାଯାଇଥିବା ମାନ ଠାରୁ ବହୁ ଗୁଣ ଅଧିକ ଖରାପ ରହିଥିବାରୁ ସବୁ ମହଲରେ ଚିନ୍ତା ଦ୍ୱିଗୁଣିତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ପଞ୍ଜାବର ବିଭିନ୍ନ ସହରରେ ପାର୍କ ଠାରୁ ଆରମ୍ଭ କରି ସ୍କୁଲ, କଲେଜ ଏବଂ ଅନ୍ୟାନ୍ୟ ଅନୁଷ୍ଠାନଗୁଡିକୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରାଯାଇଛି। ଲାହୋର, ମୁଲତାନ ସମେତ ଭୱଲପୁର, ମାଜଫରଗଡ଼ ଏବଂ ଖାନେୱାଲ ଭଳି ଅନେକ ସହରରେ ରାସ୍ତାରେ ଯିବା ସମ୍ଭବ ହୋଇପାରୁ ନାହିଁ। ଏହାକୁ ନେଇ ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ମଧ୍ୟ ଦିନକୁ ଦିନ ଖରାପ ହେବାରେ ଲାଗିଛି।

## ସିକନ୍ଦରାବାଦ-ଶାଲିମାର ଏକ୍ସପ୍ରେସ୍‌ର ୩ ବଗି ଲାଇଚ୍ୟୁତ

କୋଲକାତା, ୯।୧୧(ଏଜେନ୍ସି): ହାଓଡ଼ା ନିକଟରେ ଶନିବାର ସିକନ୍ଦରାବାଦ-ଶାଲିମାର୍ ସୁପରଫାଷ୍ଟ ଏକ୍ସପ୍ରେସ୍‌ର ୩ଟି ବଗି ଲାଇନଚ୍ୟୁତ ହୋଇଛି। ସ୍ପେଶାଲ ଟ୍ରେନ ଭାବେ ଏହା କୋଲକାତା ଠାରୁ ୪୦ କିମି ଦୂର ନାଲପୁର ଦେଇ ଶନିବାର ଭୋର ସମୟରେ ଯାଉଥିଲା ବେଳେ ଟ୍ରାକ୍ ପରିବର୍ତ୍ତନ ବେଳେ ଏହାର ଗୋଟିଏ ପାର୍ସଲ ବଗି ସହ ଦୁଇଟି ଏସି ବଗି ଲାଇନଚ୍ୟୁତ ହୋଇଯାଇଥିଲା। ଏହି ସୂଚନା ମିଳିବା ପରେ ତୁରନ୍ତ ସାନ୍ତ୍ରାଗାଛି ଏବଂ ଖଡ଼ଗପୁରରୁ ରିଲିଫ ଟ୍ରେନ ଘଟଣାସ୍ଥଳରେ ପହଞ୍ଚିଥିଲା। ଏଥିରେ କୌଣସି ଯାତ୍ରୀଙ୍କ କ୍ଷୟକ୍ଷତି ହୋଇ ନଥିବା କୁହାଯାଇଛି। ଏସି ବଗି ଯାତ୍ରୀମାନଙ୍କୁ ବସ୍‌ରେ ନେବାକୁ ରେଳବାଇ ପକ୍ଷରୁ ବ୍ୟବସ୍ଥା କରାଯାଇଛି।



**ବଗି ସଣ୍ଟିଂ ବେଳେ ଚାପି ହୋଇ କର୍ମଚାରୀ ମୃତ**

ବିହାରର ବେଗୁସରାଇର ବାରୁଣି ଜଙ୍ଗସନ୍ ନିକଟରେ ଏକ ଟ୍ରେନର ବଗି ସଣ୍ଟିଂ ହେଉଥିବା ବେଳେ ଏହି ସମୟରେ ଡ୍ୟୁଟିରେ ଥିବା ଜଣେ କର୍ମଚାରୀ ଦୁଇଟି ବଗି ମଧ୍ୟରେ ଚାପି ହୋଇ ପ୍ରାଣ ହରାଇଛନ୍ତି।

# ନିଟ୍ ଆଶାୟୀଙ୍କୁ ୬ ମାସ ଧରି ଦୁଇ ଶିକ୍ଷକଙ୍କ ଦୁଷ୍କର୍ମ

ଲକ୍ଷ୍ନୌ, ୯।୧୧(ଏଜେନ୍ସି): ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍ ପାଇଁ ପ୍ରସ୍ତୁତ ହେବାକୁ କୋଚିଂ ନେବାକୁ ଯାଉଥିବା ଜଣେ ନାବାଳିକା ଛାତ୍ରୀ କାନପୁରର ଏକ ପ୍ରତିଷ୍ଠିତ କୋଚିଂ ସେଣ୍ଟରରେ କିଭଳି ଦୁଷ୍କର୍ମର ଶିକାର ହୋଇଛନ୍ତି ତାହା ଏବେ ସାମ୍ନାକୁ ଆସିଛି। ଏହି ଛାତ୍ରୀ ଜଣଙ୍କୁ ଉକ୍ତ କୋଚିଂ ସେଣ୍ଟରର ଦୁଇ ଶିକ୍ଷକ ଏକ ଫ୍ଲାଟ୍‌ରେ ବନ୍ଧକ ରଖିବା ସହିତ ତାଙ୍କୁ ୬ ମାସ ଧରି ଦୁଷ୍କର୍ମ କରି ଚାଲିଥିଲେ ବୋଲି ଜଣାପଡ଼ିଛି। ଏହି ବିଷୟ ସାମ୍ନାକୁ ଆସିବା ପରେ ପୁଲିସ ସେହି ଦୁଇ ଶିକ୍ଷକଙ୍କୁ ଗିରଫ କରିଛି। ମିଳିଥିବା ଖବର ଅନୁସାରେ ଉତ୍ତରପ୍ରଦେଶର ଫତେପୁର ଅଞ୍ଚଳର ଏହି ନାବାଳିକା ଛାତ୍ରୀ ଜଣକ ନିଟ୍ ପରୀକ୍ଷା ପାଇଁ କୋଚିଂ ନେବାକୁ କାନପୁର ସ୍ଥିତ ଏକ ପ୍ରମୁଖ କୋଚିଂ ସେଣ୍ଟରରେ ନାମ ଲେଖାଇ ଥିଲେ। ସେତେବେଳେ ସେ ହାଷ୍ଟେଲରେ ରହୁଥିଲେ। କିନ୍ତୁ ୨୦୨୩ ନୂଆ ବର୍ଷ ରାତିରେ କୋଚିଂ ସେଣ୍ଟରର ବାୟୋଲୋଜି ଶିକ୍ଷକ ସାହିଲ ସିଦ୍ଦିକି ଛାତ୍ରୀଙ୍କୁ ତାଙ୍କର ଜଣେ ବନ୍ଧୁଙ୍କ ଫ୍ଲାଟରେ ଆୟୋଜିତ ପାର୍ଟିକୁ ନିମନ୍ତ୍ରଣ କରିଥିଲେ। ଏହି ପାର୍ଟିରେ ଅନ୍ୟ ସମସ୍ତ ଶିକ୍ଷାର୍ଥୀ ଯୋଗ ଦେବେ ବୋଲି ସିଦ୍ଦିକି କହିଥିଲେ। ହେଲେ ଛାତ୍ରୀ ଜଣଙ୍କ ସାହିଲଙ୍କ ଫ୍ଲାଟରେ ପହଞ୍ଚିବା ପରେ କେହି ନ ଥିବା ଦେଖିଥିଲେ। ପରେ ପରେ ସାହିଲ ଛାତ୍ରୀ ଜଣଙ୍କୁ ମାଦକ ଦ୍ରବ୍ୟ ଦେଇ ଦୁଷ୍କର୍ମ କରିଥିଲେ। ଏହାର ଭିଡିଓ ମଧ୍ୟ ରେକର୍ଡ କରିଥିଲେ। ଏହି ଭିଡିଓକୁ ଭାଇରାଲ କରି ଦେବାର ଧମକ ଦେଇ ସାହିଲ ଏକାଧିକ ଥର ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିଲେ। ନିଜ ଫ୍ଲାଟରେ ସେ ଛାତ୍ରୀଙ୍କୁ କିଛି ଦିନ ବନ୍ଦ କରି ରଖିଥିଲେ। ପୀଡ଼ିତା ଜଣଙ୍କ ଫ୍ଲାଟରେ ବନ୍ଦୀ ହୋଇ ଥିବା ବେଳେ ଗୋଟିଏ ପାର୍ଟିର ଆୟୋଜନ ହୋଇଥିଲା। ଏହି ସମୟରେ କୋଚିଂ ସେଣ୍ଟରର କେମେଷ୍ଟ୍ରି ଶିକ୍ଷକ ବିକାଶ ପୋରୱାଲ ମଧ୍ୟ ତାଙ୍କୁ ଦୁଷ୍କର୍ମ କରିଥିଲେ। ଘଟଣା ବେଳେ ପୀଡ଼ିତା ଜଣଙ୍କ ନାବାଳିକା ଥିଲେ। ପରେ ହୋଲି ସମୟରେ ଛାତ୍ରୀ ଜଣଙ୍କ ତାଙ୍କ ଘରକୁ ଯାଇଥିଲେ। କିନ୍ତୁ ସିଦ୍ଦିକି ତାଙ୍କୁ ଫୋନ କରି ତୁରନ୍ତ ଫେରି ଆସିବା କହିଥିଲେ। ଯଦି ସେ କଥା ନ ଶୁଣିବେ, ତା'ହେଲେ ସିଦ୍ଦିକି ତାଙ୍କ ପରିବାର ଲୋକଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ନିକଟରେ ସିଦ୍ଦିକି ଆଉ ଜଣେ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବାର ଭିଡିଓ ଭାଇରାଲ ହେବା ପରେ ପୁଲିସ ତାଙ୍କୁ ଗିରଫ କରିଥିଲା। ପରେ ସିଦ୍ଦିକି ଜାମିନରେ ମୁକୁଳିଥିଲେ। ତେବେ ଏହି ଘଟଣା ପରେ ଦୁଷ୍କର୍ମର ଶିକାର ହୋଇଥିବା ଛାତ୍ରୀ ଜଣଙ୍କ ସିଦ୍ଦିକି ଓ ବିକାଶଙ୍କ ବିରୋଧରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ପୁଲିସ ଶୁକ୍ରବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ଫାଷ୍ଟଟ୍ରାକ୍ ଭିସା ବନ୍ଦକଲା କାନାଡା

ନୂଆଦିଲ୍ଲୀ, ୯।୧୧(ଏଜେନ୍ସି): ଭାରତ ଏବଂ କାନାଡ଼ା ମଧ୍ୟରେ ବିଭିନ୍ନ କାରଣକୁ ନେଇ ଏବେ ସମ୍ପର୍କ ତିକ୍ତ ହୋଇପଡ଼ିଛି। ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜର ହତ୍ୟାକାଣ୍ଡ ଘଟଣାକୁ କେନ୍ଦ୍ର କରି ଦୁଇ ଦେଶ ମଧ୍ୟରେ ଆରମ୍ଭ ହୋଇଥିବା ବିବାଦ ଏବେ ଚରମ ସ୍ତରରେ ପହଞ୍ଚିଥିଲା ବେଳେ ଦ୍ୱିପାକ୍ଷିକ କୂଟନୀତିକ ସମ୍ପର୍କ ଏକପ୍ରକାର ଶେଷ ହୋଇଛି। ଏହାମଧ୍ୟରେ କାନାଡ଼ା ସରକାରଙ୍କ ପକ୍ଷରୁ ଆଉ ଏକ ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରାଯାଇଛି। କାନାଡା ସରକାର ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ଫାଷ୍ଟଟ୍ରାକ୍ ଭିସା ବ୍ୟବସ୍ଥା ଭାବେ କାର୍ଯ୍ୟକାରୀ କରୁଥିବା ଷ୍ଟୁଡେଣ୍ଟ ଡାଇରେକ୍ଟ ଷ୍ଟ୍ରିମ୍ (ଏସଡିଏସ୍) ଯୋଜନାକୁ ବନ୍ଦ ଘୋଷଣା କରିଛନ୍ତି। ଏହି ଯୋଜନାରେ ଭାରତୀୟ ଛାତ୍ରଛାତ୍ରୀମାନେ କାନାଡାରେ ସହଜ ଉପାୟରେ ଉଚ୍ଚ ଶିକ୍ଷା ଲାଭ କରିବାକୁ ସୁଯୋଗ ପାଉଥିଲା ବେଳେ ସେମାନଙ୍କୁ ସହଜ ଉପାୟରେ ଭିସା ମିଳି ଯାଉଥିଲା। ୨୦୧୮ ରେ କାନାଡା ସରକାରଙ୍କ ପକ୍ଷରୁ ଭାରତ ସମେତ ୧୪ଟି ରାଷ୍ଟ୍ରର ଛାତ୍ରଛାତ୍ରୀଙ୍କ ପାଇଁ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। କିନ୍ତୁ ଏହାକୁ ବନ୍ଦ କରି ଦିଆଯାଇଥିବାରୁ ଏଣିକି କାନାଡାରେ ଉଚ୍ଚ ଶିକ୍ଷା କରିବାକୁ ଚାହୁଁଥିବା ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ସହଜରେ ଭିସା ଉପଲବ୍ଧ ହେବ ନାହିଁ। ଏହି ବ୍ୟବସ୍ଥା ବନ୍ଦ କରିବା ପଛର କାରଣ ଜଣାପଡ଼ି ନଥିଲା ବେଳେ ଭାରତ ଏବଂ କାନାଡା ମଧ୍ୟରେ ଲାଗି ରହିଥିବା ବିବାଦ ଏବଂ ଦିନକୁ ଦିନ ସମ୍ପର୍କ ତିକ୍ତ ହେଉଥିବା କାରଣରୁ କାନାଡା ସରକାର ଏଭଳି ଆଭିମୁଖ୍ୟ ଗ୍ରହଣ କରଥାଇପାରନ୍ତି ବୋଲି କୁହାଯାଉଛି।

**କାନାଡାରେ ଖଲିସ୍ତାନୀ ଆତଙ୍କବାଦୀଙ୍କ ଉପସ୍ଥିତିକୁ ଟ୍ରୁଡୋଙ୍କ ସ୍ୱୀକାର**

ଖଲିସ୍ତାନୀ ଆତଙ୍କବାଦୀଙ୍କୁ ନେଇ କାନାଡା-ଭାରତ ସମ୍ପର୍କ ତିକ୍ତ ହୋଇଥିଲା ବେଳେ ପ୍ରଧାନମନ୍ତ୍ରୀ ଜଷ୍ଟିସ୍ ଟ୍ରୁଡୋଙ୍କ ଏକ ବୟାନ ପୁଣି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି। କାନାଡା ସରକାର ଖଲିସ୍ତାନୀ ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା ବିଷୟକୁ ନେଇ ଭାରତ ବହୁବାର ପ୍ରଶ୍ନ ଉଠାଇଆସିଛି। କିନ୍ତୁ ଟ୍ରୁଡୋ ଏସମ୍ପର୍କରେ କିଛି କହି ନଥିଲେ ହେଁ ଏବେ ଏହି ବିଷୟକୁ ସ୍ୱୀକାର କରିଛନ୍ତି। ନିକଟରେ କାନାଡାରେ ଭାରତୀୟ ସମୁଦାୟକୁ ଦୀପାବଳୀ ଅବସରରେ ସମ୍ବୋଧିତ କରିବା ଅବସରରେ କାନାଡାରେ ଖଲିସ୍ତାନୀ ଆତଙ୍କବାଦୀଙ୍କ ଉପସ୍ଥିତିକୁ ସ୍ୱୀକାର କରିଛନ୍ତି। କିନ୍ତୁ ସେମାନେ ଶିଖ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରନ୍ତି ନାହିଁ ବୋଲି କହିଛନ୍ତି। ନିଜର ଦୋମୁହାଁ ନୀତି ପାଇଁ ଟ୍ରୁଡୋ ସବୁବେଳେ ଚର୍ଚ୍ଚିତ ରହି ଆସିଥିଲା ବେଳେ ତାଙ୍କର ଏଭଳି ଟିପ୍ପଣୀ ପୁଣି ଚର୍ଚ୍ଚାର ବିଷୟ ହୋଇଛି।

# ଜଳବାୟୁର ଜଉଘରେ ଜଳୁଛି ଜୀବନ-ଜୀବିକା

## ୮ ମାସରେ ଗଲାଣି ୩୨୦୦ ଜୀବନ

- ବଢୁଛି ପ୍ରକୃତିର ପ୍ରକୋପ; ଋତୁଚକ୍ରରେ ଅନିୟମିତତା
- ୧୨୩ ବର୍ଷର ରେକର୍ଡ ଭାଙ୍ଗିଲା ଫେବୃଆରୀ ତାପମାତ୍ରା
- ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର ୨୦୨୪ ରେ ସବୁଠୁ ଉତ୍ତପ୍ତ

**ନୂଆଦିଲ୍ଲୀ, ୯ ।୧୧ (ଏଜେନ୍ସି):** ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦେଶରେ ପ୍ରକୃତିର ପ୍ରକୋପ ଭୟଙ୍କର ଭାବେ ବୃଦ୍ଧି ପାଇବାରେ ଲାଗିଛି । ଏହାଦ୍ୱାରା କେବଳ ମଣିଷ ନୁହେଁ, ପଶୁପକ୍ଷୀ , ଘରବାଡ଼ି ଓ ଚାଷବାସ ମଧ୍ୟ କ୍ଷତିଗ୍ରସ୍ତ ହେଉଛି । ଚଳିତ ବର୍ଷ ୨୦୨୪ରେ ୯ ମାସ ମଧ୍ୟରୁ ୮ ମାସରୁ ଅଧିକ ସମୟ ଧରି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି ଭାରତ । କେବେ ପ୍ରବଳ ବର୍ଷା ସାଙ୍ଗକୁ ବନ୍ୟା ତ କେବେ ପ୍ରବଳ ଖରା ସହ ମରୁଡ଼ି ଏବଂ କେବେକେବେ ବାତ୍ୟା ଓ ଭୂସ୍ଖଳନ ଯୋଗୁଁ ଦେଶବାସୀ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ଏବର୍ଷ ୯୩ ପ୍ରତିଶତ ଦିନ ଏଭଳି ଦୁର୍ଦ୍ଦଶାରେ କଟି ଯାଇଛି । ଯାହାକି ପୂର୍ବବର୍ଷ ତୁଳନାରେ ଅଧିକ ।



ବିଜ୍ଞାନ ଓ ପରିବେଶ କେନ୍ଦ୍ର ପକ୍ଷରୁ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ ଏଭଳି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଚଳିତ ବର୍ଷ ଗତ ୯ ମାସ ମଧ୍ୟରେ ୩ ହଜାର ୨୩୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ଅଢ଼େଇ ଲକ୍ଷ କୋଠାବାଡ଼ି ଧ୍ୱଂସ ହୋଇଯାଇଛି । ୩୦ ଲକ୍ଷ ହେକ୍‌ଟର ଚାଷଜମି ମଧ୍ୟ ଏହି ସମୟରେ କ୍ଷତିଗ୍ରସ୍ତ ହୋଇଛି । ରିପୋର୍ଟରେ କୁହାଯାଇଛି ଯେ ଗତ ୨୭୪ ଦିନ ମଧ୍ୟରୁ ୨୫୫ ଦିନରେ ଏଭଳି ପରିସ୍ଥିତି ଦେଖାଦେଇଛି । ପ୍ରବଳ ଖରା, ପ୍ରବଳ ବର୍ଷା, ଶୀତ ଲହରୀ, ବନ୍ୟା, ବାତ୍ୟା, ଭୂସ୍ଖଳନ ଓ ବଜ୍ରପାତ ଏଥର ଅଧିକ କ୍ଷତି ଘଟାଇଛି । ଗତବର୍ଷ ଏହି ସମୟ ମଧ୍ୟରେ ୨୩୫ ଦିନ ଲୋକ ଉପରୋକ୍ତ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ସେହିବର୍ଷ ୨ ହଜାର ୯୨୩ ଜଣ ପ୍ରାଣ ହରାଇଥିବା ବେଳେ ପ୍ରାୟ ୨୦ ଲକ୍ଷ ହେକ୍‌ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିଲା ଏବଂ ୮୦ ହଜାର ଘରବାଡ଼ି ଧ୍ୱଂସ ପାଇଥିଲା ।

ଚଳିତ ବର୍ଷ ପ୍ରତିକୂଳ ପାଗ ଯୋଗୁଁ ମଧ୍ୟପ୍ରଦେଶ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି । ରାଜ୍ୟ ୧୭୬ ଦିନ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବେଳେ ୩୫୩ ଜଣ ପ୍ରାଣ ହରାଇଛନ୍ତି । ତେବେ କେରଳରେ ସର୍ବାଧିକ ୫୫୦ ଜଣ ପ୍ରାଣ ହରାଇଲେଣି । ମହାରାଷ୍ଟ୍ର ଭଳି ରାଜ୍ୟକୁ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୧୪୨ ଦିନ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼ିଲାଣି । ସେହିଭଳି ଆନ୍ଧ୍ର ପ୍ରଦେଶରେ ଦେଶରେ ସର୍ବାଧିକ ପ୍ରାୟ ୮୬ ହଜାର ଘର କ୍ଷତିଗ୍ରସ୍ତ ହୋଇଛି । ପ୍ରାକୃତିକ ବିପର୍ଯ୍ୟୟର ପ୍ରକୋପ କେନ୍ଦ୍ରୀୟ ଭାରତରେ ଅଧିକ ରହିଛି । ଏହି ଅଞ୍ଚଳ ୨୧୮ ଦିନ ଧରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବେଳେ ଏକ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଲଣି । ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ୨୧୩ ଦିନ ଏଭଳି ବିପଦର ସମ୍ମୁଖୀନ ହୋଇଥିବା ବେଳେ ଏହି ଅଞ୍ଚଳରେ ୭୪୧ ଜଣ ପ୍ରାଣ ହରାଇଲେଣି । ଉତ୍ତର ଭାରତରେ ୭୩୪ ଏବଂ ଦକ୍ଷିଣ ଭାରତରେ ୭୬୨ ଜଣ ପ୍ରାଣ ହରାଇଲେଣି ।

ଜଳବାୟୁ ପରିବର୍ତ୍ତନ ମାନବ ଜାତି ପାଇଁ ଆହୁରି କେତେ କ୍ଷତିକାରକ, ତାହା ଏହି ରିପୋର୍ଟର ଆଉ ଏକ ଅଧ୍ୟୟନରେ ପ୍ରତିଫଳିତ ହୋଇଛି । କୁହାଯାଇଛି ଯେ ଚଳିତ ବର୍ଷ ଜାନୁଆରୀ ମାସ ଥିଲା ସବୁଠାରୁ ଶୁଷ୍କ ମାସ । ୧୯୦୧ ପରେ ଏଭଳି ଚିତ୍ର ଦେଖିବାକୁ ମିଳିନଥିଲା । ଏହାସହିତ ଫେବୃଆରୀ ମାସ ସବୁଠାରୁ ଉତ୍ତପ୍ତ ଥିଲା । ଏହା ଗତ ୧୨୩ ବର୍ଷର ରେକର୍ଡ ଭାଙ୍ଗିଥିଲା । ମଇ ମାସରେ ପ୍ରଚଣ୍ଡ ରୌଦ୍ରତାପ ଅନୁଭୂତ ହୋଇଥିଲା । ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ୧୯୦୧ ପରେ ସର୍ବାଧିକ ସର୍ବନିମ୍ନ ତାପମାତ୍ରା ଅନୁଭୂତ ହୋଇଥିଲା ।

ପାଣିପାଗରେ ଏଭଳି ଅସ୍ୱାଭାବିକ ପରିବର୍ତ୍ତନ ନେଇ ପରିବେଶବିତ ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସେମାନେ କହିଛନ୍ତି ଯେ ଜଳବାୟୁ ପରିର୍ତ୍ତନର ମୁକାବିଲା ଲାଗି ଆମକୁ ଅଧିକ ସକ୍ରିୟ ହେବାକୁ ପଡ଼ିବ । ଏବେଠାରୁ ସତର୍କ ନହେଲେ ଆସନ୍ତା ପିଢ଼ି ପାଇଁ ଭବିଷ୍ୟତ ଅସୁରକ୍ଷିତ ହୋଇପଡ଼ିବ ।

## ପଡୁନି ଶୀତ; ରବି ଫସଲକୁ ବିପଦ

**ଭୁବନେଶ୍ୱର, ୯ ।୧୧(ସମିସ):** ନଭେମ୍ବର ଦ୍ୱିତୀୟ ସପ୍ତାହ ହେଲାଣି, ଏତେ ବେଳକୁ କାର୍ତ୍ତିକ ଜାଡ଼ରେ ଥରହର ହେବା କଥା ଓଡ଼ିଶା; ହେଲେ ଶୀତର ଦେଖା ଦର୍ଶନ ନାହିଁ । ରାତି ତାପମାତ୍ରା ସ୍ୱାଭାବିକଠାରୁ ୪ରୁ ୫ ଡ଼ିଗ୍ରି ଅଧିକ ରହୁଛି । ଚଳିତବର୍ଷ ଲଘୁଚାପଜନିତ ବର୍ଷା ବାତ୍ୟା ହୋଇଥିଲେ ବି ଆବଶ୍ୟକତାଠାରୁ ୪୧ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି । ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ଅଭାବରୁ ଉତ୍ତାପ କମୁନି ଓ ମାଟି ଶୁଖିଲା ପଡ଼ିଛି । ପାଣିପଗାରେ ଏଭଳି ପରିବର୍ତ୍ତନ ଯୋଗୁଁ ରବି ଫସଲ, ଶୀତ ଦିନିଆ ପରିବା ଓ ଫୁଲ ଚାଷ ବହୁ ମାତ୍ରାରେ ପ୍ରଭାବିତ ହେବା ନେଇ ପାଣିପାଗ ବିଜ୍ଞାନୀ ଆଗୁଆ ଆକଳନ କରିଛନ୍ତି । ଏମିତିକି ଯେତିକି ଫସଲ ଅମଳ ହେବ, ତାହା ଅତ୍ୟନ୍ତ ରୁଗ୍‌ଣ ଅର୍ଥାତ୍ ନିମ୍ନ ମାନର ହେବ ବୋଲି କୁହାଯାଉଛି । ଫସଲ ଉତ୍ପାଦନ ବାଧାପ୍ରାପ୍ତ ହେଲେ ଦର ଉଚ୍ଚା ରହିବା ନେଇ ବଜାର ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି । ଏବେ ସବୁ ଖାଦ୍ୟ ସାମଗ୍ରୀର ଦାମ୍ ଉଚ୍ଚା ରହୁଛି । ତେଣୁ ଖାଉଟି ମହଙ୍ଗା ମାଡ଼ରେ କଲବଲ ହେଉଛନ୍ତି । ପାଗ ଅନୁକୂଳ ନ ହେଲେ ଏହା ଦ୍ୱିଗୁଣିତ ହୋଇଯିବ । ସାଧାରଣ ଗରିବ ଲୋକ ଅର୍ଥାଭାବରୁ ଘୋର ଖାଦ୍ୟ ସଂକଟର ସାମ୍ନା କରିବା ନେଇ ଆଶଙ୍କା କରାଯାଉଛି ।

ଜଳବାୟୁ ପରିବର୍ତ୍ତନର ପ୍ରତ୍ୟକ୍ଷ ପ୍ରଭାବ ଡାଲି ଜାତୀୟ ଶସ୍ୟ, ଆଳୁ, ପିଆଜ, ଫୁଲ ଉତ୍ପାଦନ ଉପରେ ପଡ଼ିବ । ଫସଲରେ ବହୁମାତ୍ରାରେ ରୋଗପୋକ ଦେଖାଯିବା ସହ ଉତ୍ପାଦିତ ଫସଲ ଦୁର୍ବଳ ହେବା ନେଇ କୃଷି ବିଶେଷଜ୍ଞ ଆଶଙ୍କା କରିଛନ୍ତି । ରବି ଫସଲରେ ଫିମ୍ପି ଲାଗିବା ସହିତ ନାନାଦି ରୋଗପୋକଙ୍କ ପ୍ରାଦୁର୍ଭାବ ଦାଉ ସାଧିବ । ହରଡ଼, ମୁଗ, ବିରି ଛୁଇଁରେ ଦାନା ଭଲ ହେବନି । ଯଦି ବା ହେବ ତାହେଲେ ସେଥିଲେ ଫିମ୍ପି ପୋକ ସମେତ ନାନାଦି ରୋଗପୋକ ଦେଖାଦେବ । ଫଳରେ ଯାହାକିଛି ଉତ୍ପାଦନ ହେବ ସେସବୁ ଖାଦ୍ୟ ଉପଯୋଗୀ ହେବ ନାହିଁ । ଏହାସହିତ ଶୀତଦିନିଆ ପନିପରିବା କୋବି, ବିନ୍, ଚିନାବାଦାମ ଫସଲ ବି ପ୍ରଭାଭିତ ହେବ । ସାଧାରଣତଃ କାର୍ତ୍ତିକ ମାସରେ ରାତିରେ କାକର ପଡ଼ିଥାଏ । କିନ୍ତୁ ସବୁଜ ଗୃହ ବାଷ୍ପ ଯୋଗୁ ବାୟୁମଣ୍ଡଳ ଏତେ ଶୁଷ୍କ ରହିଛି ଯେ, କାକର ପଡୁନାହିଁ । ଏ ସମୟରେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିରେ ତାପମାତ୍ରା ୧୨ରୁ ୧୩ ଡିଗ୍ରୀ ରହିଥାଏ । କିନ୍ତୁ ଏବେ ସେହି ଅଞ୍ଚଳରେ ତାପମାତ୍ରା ୧୬ରୁ ୧୭ ଡିଗ୍ରୀ ରହିଛି । ବିଡ଼ମ୍ବନା ବିଷୟ ହେଉଛି, ପାଗ ଅନୁକୂଳ ନଥିବାରୁ ଏପର୍ଯ୍ୟନ୍ତ ରବି ଫସଲ ଲାଗି ପାରୁନି । ବିଳମ୍ବରେ ଲାଗିଲେ ଅମଳ ମାସ ଫେବ୍ରୁଆରୀ ବେଳକୁ ତାପମାତ୍ରା ବଢ଼ିଗଲେ ଫସଲକୁ କାଳ ହେବ ବୋଲି ମଧ୍ୟ କୃଷି ବିଶେଷଜ୍ଞ କହୁଛନ୍ତି ।

- ଉତ୍ପାଦନ କମିବ, ରୋଗପୋକ ବଢ଼ିବେ
- ଫଳିବନି ଆଳୁ, ଅମଳ ହେବନି କୋବି
- ଉଚ୍ଚା ରହିବ ବଜାର ଦର: ବିଶେଷଜ୍ଞ



ଏ ସମ୍ପର୍କରେ ବିଶିଷ୍ଟ ପାଣିପାଗ ବିଜ୍ଞାନୀ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହୁଛି; ତେଣୁ ମାଟି ଶୁଖିଯାଉଛି । ଏଥିପାଇଁ ପ୍ରଚୁର ପରିମାଣର ପାଣି ଆବଶ୍ୟକ ପଡୁଥିବାବେଳେ ବର୍ଷା ନାହିଁ । ତେଣୁ ପୂର୍ବ ବର୍ଷଗୁଡ଼ିକରେ ଯେତିକି ଫସଲ ଅମଳ ହେଉଥିଲା, ଚଳିତବର୍ଷ ସେହି ଅନୁପାତରେ ଫସଲ ହେବ ନାହିଁ । ଯେତିକି ବି ଉତ୍ପାଦନ ହେବ, ସେସବୁର ମାନ ଅତି ଖରାପ ରହିବ । ସେହଭଳି ଆଳୁ ଜଳସେଚିତ ଜମିରେ କରାଯାଏ । ଉତ୍ତର ଭାରତ ତୁଳନାରେ ଆମ ରାଜ୍ୟରେ ଶୀତ ଅବଧି କମ୍ ଯୋଗୁଁ ସ୍ୱଳ୍ପ ଅବଧି କିସମର ଆଳୁ ଲଗାଯାଏ । ତାପମାତ୍ରା ୨୦ ଡ୍ରିଗିରୁ ତଳକୁ ନ ଆସିଲେ, ଆଳୁ ଫଳ ଧରିନଥାଏ । ଏଥିପାଇଁ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରି ଉପଯୁକ୍ତ । ତାପମାତ୍ରା ଅଧିକ ରହିଲେ, ଅମଳ ଓ ଆକାର ଛୋଟ ହେବ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି, ବିଶେଷକରି ଦକ୍ଷିଣ ଓଡ଼ିଶାର ପାଣିପାଗ ଆକଳନ ଅନୁସ।।ରେ, ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ ରାଜ୍ୟରେ ତାପମାତ୍ରା ବିଶେଷ ପରିବର୍ତ୍ତନ ହେବ ନାହିଁ । ହୁଏତ କେତେକ ଦକ୍ଷିଣ ଆଭ୍ୟନ୍ତରୀଣରେ ୧୩ ତାରିଖ ପରେ ସର୍ବନିମ୍ନ ତାପମାତ୍ରା ୨ ଡିଗ୍ରି ପର୍ଯ୍ୟନ୍ତ କମିପାରେ । କିନ୍ତୁ, ଏହା ବି ସ୍ୱାଭାବିକଠାରୁ ଅଧିକ ବୋଲି ଶ୍ରୀ ପଶୁପାଳକ କହିଛନ୍ତି ।

ଏ ସମ୍ପର୍କରେ କୃଷି ବିଜ୍ଞାନୀ ଦେବବ୍ରତ ପାଣିଗ୍ରାହୀ କହିଛନ୍ତି, ଠିକ୍ ଭାବେ ଶୀତ ନ ହେଲେ କୋବି ଜାତୀୟ ପନିପରିବା ତଥା ବନ୍ଧାକୋବି, ଫୁଲକୋବି, ମୂଳା ଓ ବ୍ରୋକୋଲି ଆଦି ପରିବା ବିଶେଷ ଭାବେ ପ୍ରଭାବିତ ହେବ । ପାଖାପାଖି ୩ ସପ୍ତାହ ଧରି ରାତି ତାପମାତ୍ରା ୧୦ରୁ ୧୫ଡିଗ୍ରି ରହିଲେ ଏହି ପନିପରିବା ଫସଲ ଭଲ ହୋଇଥାଏ । ନଚେତ୍ ଫସଲ ପ୍ରଭାବିତ ହୋଇଥାଏ । ସେହିଭଳି ଆଳୁ ଫସଲ ମାଟି ତଳେ ଫଳୁଥିବାରୁ କାଣ୍ଡର ଅଭିବୃଦ୍ଧି ପାଇଁ ତାପମାତ୍ରା ହ୍ରାସର ଆଶବ୍ୟକତା ରହିଛି । ଯଦି ତାପମାତ୍ରା ବୃଦ୍ଧି ପାଇବ, ତେବେ ଶ୍ୱେତସାର ବୃଦ୍ଧି ହେବନି । ଫଳରେ ଚାଷ ସହିତ ପିଆଜ, ରସୁଣ ଉତ୍ପାଦନ ପ୍ରଭାବିତ ହେବ । ଓଡ଼ିଶାର ନଦୀ କୂଳିଆ ଜିଲ୍ଲାଗୁଡ଼ିକରେ ଭଲ ଆଳୁ ଏବଂ ବଲାଙ୍ଗିର, ଅନୁଗୋଳ, କଳାହାଣ୍ଡି ଜିଲ୍ଲାରେ ପିଆଜ, ରସୁଣ ଉତ୍ପାଦନ ଅଧିକ ହୋଇଥାଏ । କନ୍ଧମାଳରେ ଆଗୁଆ ଥଣ୍ଡା ପଡ଼ିବା ଯୋଗୁଁ ସେଠୁ ଫୁଲକୋବି ଫସଲ ପ୍ରଥମେ ଅମଳ ହୋଇଥାଏ । ତେଣୁ ଯଦି ଥଣ୍ଡା ନ ପଡ଼େ ବା ଡେରିରେ ପଡ଼େ, ତେବେ ଫୁଲ କୋବି ମିଳିବା ମଧ୍ୟ କଷ୍ଟକର ହୋଇଯିବ । ଏଥିସହିତ ରୋଗପୋକ ଦମନ ପାଇଁ ଚାଷୀ ଅଧିକ କୀଟନାଶକ ସିଞ୍ଚନ କଲେ, ତହୋ ଶରୀର ପାଇଁ ହାନିକାରିକ ହେବା ସହ ପାଚନ ତନ୍ତ୍ରରେ ପ୍ରଭାବ ପକାଇବ ବୋଲି ସେ କହିଛନ୍ତି ।

## ବରିଷ୍ଠ ଆଇଏଏସ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୯।୧୧(ସମିସ):** ରାଜ୍ୟ ସରକାର ଶନିବାର ବରିଷ୍ଠ ଆଇଏଏସ୍ ଅଧିକାରୀ ସ୍ତରରେ ଅଦଳବଦଳ କରିଛନ୍ତି । ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ ୧୯୯୬ ମସିହାର ବରିଷ୍ଠ ଆଇଏଏସ ବୀରବିକ୍ରମ ଯାଦବ ଖାଦ୍ୟ କଲ୍ୟାଣ ଓ ଖାଉଟି କଲ୍ୟାଣ ବିଭାଗର ସଚିବ ଭାବେ ଏଣିକି ଆଉ ଦାୟିତ୍ୱ ତୁଲାଇବେ ନାହିଁ । ରାଜ୍ୟ ସରକାରଙ୍କ ତାଙ୍କୁ ଏହି ଦାୟିତ୍ୱରୁ ଅବ୍ୟାହତି ଦେଇଥିବା ବେଳେ ତାଙ୍କ ସ୍ଥାନରେ ୧୯୯୭ ବ୍ୟାଚର ଆଇଏଏସ ସଞ୍ଜୟ କୁମାର ସିଂଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି । ଏହି ଦାୟିତ୍ୱ ସହ ଶ୍ରୀ ସିଂ ପୂର୍ବପରି ଗ୍ରାମ୍ୟ ଉନ୍ନୟନ ବିଭାଗର ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ସଚିବ ଭାବେ ଦାୟିତ୍ୱ ତୁଲାଇବେ ।

୧୯୯୩ ମସିହା ବ୍ୟାଚର ଆଇଏଏସ ଦେଓରଞ୍ଜନ କୁମାର ସିଂଙ୍କୁ ନିଜ ପୂର୍ବ ଦାୟିତ୍ୱ ସହ ଓଡ଼ିଶା ବନ ଉନ୍ନୟନ ନିଗମର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଏହି ଦାୟିତ୍ୱରେ ପୂର୍ବରୁ ୧୯୯୬ ମସିହା ଆଇଏଏସ ବିଶାଳ ଦେବ ରହିଥିବା ବେଳେ ତାଙ୍କଠାରୁ ଦାୟିତ୍ୱ କାଢ଼ି ନିଆଯାଇଛି । ତେବେ ବିଶାଳ ଦେବଙ୍କୁ ଶକ୍ତି ବିଭାଗର ପ୍ରମୁଖ ସଚିବ ଭାବେ ନୂଆ ଦାୟିତ୍ୱ ଦେଇଛନ୍ତି ରାଜ୍ୟ ସରକାର । ଏହି ଦାୟିତ୍ୱରେ ଆଇଏଏସ ହେମନ୍ତ ଶର୍ମା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ତାଙ୍କୁ ଦାୟିତ୍ୱ ମୁକ୍ତ କରାଯାଇଛି । ଶ୍ରୀ ଦେବ ପୂର୍ବବତ୍ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ପ୍ରମୁଖ ସଚିବ ଏବଂ ଓକାକ୍‌ର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ । ବିଜ୍ଞପ୍ତି ଅନୁଯାୟୀ ରାଜ୍ୟ କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କୁ ଓପିଟିସିଏଲ୍‌ର ମୁଖ୍ୟ ପ୍ରବନ୍ଧ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ଗୁହା ପୁନମ୍‌ଙ୍କୁ ହସ୍ତତନ୍ତ୍ର ଓ ବୟନଶିଳ୍ପ କମିସିନର ତଥା ସଚିବ ଭାବେ ନିଯୁକ୍ତି ମିଳିଛି । ସେ ମଧ୍ୟ ଅବକାରୀ ବିଭାଗର ଅତିରିକ୍ତ ଦାୟିତ୍ୱରେ ରହିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି । ସୂଚନାଯୋଗ୍ୟ ଯେ ପୂର୍ବରୁ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ପ୍ରମୁଖ ସଚିବ ଭାବେ ଆଇଏଏସ ଅରବିନ୍ଦ ପାଢ଼ୀ ଦାୟିତ୍ୱ ତୁଲାଉଥିବା ବେଳେ ଅବକାରୀ ବିଭାଗର ପ୍ରମୁଖ ସଚିବ ଭାବେ ଆଇଏଏସ ସୁଶୀଲ କୁମାର ଲୋହାନୀ ଦାୟିତ୍ୱ ତୁଲାଉଥିଲେ । ରାଜ୍ୟ ସରକାର ଉଭୟଙ୍କୁ ଉପରୋକ୍ତ ଦାୟିତ୍ୱରୁ ଅବ୍ୟାହତି ଦେଇଛନ୍ତି । ସେହିପରି ୨୦୦୨ ମସିହାର ଆଇଏଏସ ଗିରୀଶ ଏସ. ଏନ୍ କେନ୍ଦ୍ରୀୟ ଡେପୁଟେସନରୁ ଫେରିବା ପରେ ତାଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସଚିବ ଭାବେ ନିଯୁକ୍ତି ମିଳିଛି ।

- ବୀର ବିକ୍ରମଙ୍କୁ ଖାଦ୍ୟ ଯୋଗାଣ ବିଭାଗରୁ ଅବ୍ୟାହତି, ସଞ୍ଜୟଙ୍କୁ ମିଳିଲା ଦାୟିତ୍ୱ
- ବିଶାଲ ଦେବଙ୍କୁ ଶକ୍ତି, ଦେଓରଞ୍ଜନ ସିଂ ଓଡ଼ିଶା ବନ ଉନ୍ନୟନ ନିଗମର ଅଧ୍ୟକ୍ଷ

## ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ
## ସ୍ନାତକରେ ଲାଗୁ ହେବ ଜାତୀୟ ଶିକ୍ଷା ନୀତି

**ଭୁବନେଶ୍ୱର, ୯ ।୧୧(ସମିସ):** ଚଳିତ ଶିକ୍ଷାବର୍ଷରୁ ସ୍ନାତକରେ ନୂତନ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଅନୁମୋଦନ ଦେଇଛନ୍ତି । ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ନୂତନ ଶିକ୍ଷାନୀତିରେ ପାଠପଢ଼ା ହେବ । ଫଳରେ ପ୍ରାୟ ଦୁଇ ମାସ ଧରି ପାଠପଢ଼ାରେ ଲାଗି ରହିଥିବା ଅଚଳାବସ୍ଥା ଦୂର ହୋଇଛି ।

ନୂତନ ଶିକ୍ଷା ନୀତି ଅନୁଯାୟୀ ଚାରି ବର୍ଷିଆ ସ୍ନାତକ ପଢ଼ାହେବ । ପ୍ରତ୍ୟେକ ବର୍ଷ ପରେ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍, ଡିପ୍ଲୋମା, ଡିଗ୍ରି ଏବଂ ଡିଗ୍ରି ଅନର୍ସ୍ ପ୍ରଦାନ କରାଯିବ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପ୍ରଦତ୍ତ କ୍ରେଡିଟ୍ ଫ୍ରେମ୍‌ୱର୍କ୍ ଆଧାରରେ ରାଜ୍ୟସ୍ତରୀୟ କ୍ରେଡିଟ୍ ଫ୍ରେମ୍‌ୱର୍କ୍ ପ୍ରସ୍ତୁତ କରାଯାଇଛି । ଏଥିରେ ଦକ୍ଷତା ବିକାଶ ଏବଂ ଇଣ୍ଟର୍ଣ୍ଣସିପ୍ ପାଇଁ ସୁଯୋଗ ପ୍ରଦାନ ସହିତ ଉପଯୁକ୍ତ କ୍ରେଡିଟ୍ ପ୍ରଦାନ କରାଯିବ । କମ୍ୟୁନିଟି ସର୍ଭିସ୍ ଓ ଏକ୍ସଟ୍ରା କରିକୁଲାର ଆକ୍ଟିଭିଟି, ଏନ୍‌ସିସି, ଏନ୍‌ଏସ୍‌ଏସ୍ ପାଇଁ ମଧ୍ୟ କ୍ରେଡିଟ୍ ପ୍ରଦାନ କରାଯିବ । ନୂତନ ଶିକ୍ଷା ନୀତି ଅନୁସାରେ ଓଡ଼ିଶାର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଅଧିକ ଗୁଣାତ୍ମକ, ସ୍ୱାୟତ୍ତ ଏବଂ ସମାବେଶୀ କରିବାକୁ ପଦକ୍ଷେପ ନିଆଯାଉଛି । ଗବେଷଣା ଓ ନୂତନତ୍ୱକୁ ବଢ଼ାଇବା, ପ୍ରାକ୍ଟିକାଲ୍ ଆଧାରିତ ଶିକ୍ଷା ଓ ଶିଳ୍ପ ସହିତ ଇଣ୍ଟର୍ନସିପ୍ ବଢ଼ାଇବାକୁ ଲକ୍ଷ୍ୟ ରଖାଯାଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ପ୍ରାୟ ୪ମାସ ଆଗରୁ ଏନ୍‌ଇପି ଲାଗୁ କରିବାକୁ ସରକାର ଘୋଷଣା କରିଥିଲେ । ହେଲେ +୩ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବାର ପ୍ରାୟ ୨ମାସ ବିତିଥିଲେ ମଧ୍ୟ କୌଣସି ନିଷ୍ପତ୍ତି ନିଆଯାଇ ନ ଥିଲା । ଫଳରେ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିଲା । ଏକାଧିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗକୁ ସ୍ପଷ୍ଟୀକରଣ ମାଗୁଥିଲେ ମଧ୍ୟ କୌଣସି ଉତ୍ତର ମିଳୁ ନ ଥିଲା । ଆଉ କିଛି ବିଶ୍ୱବିଦ୍ୟାଳୟ ନିଜ ପକ୍ଷରୁ ଏନ୍‌ଇପି ଲାଗୁ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ । ଏଣୁ +୩ ଶିକ୍ଷାଦାନରେ ଅଚଳାବସ୍ଥା ଦେଖାଦେବା ସହ ଛାତ୍ର ଅସନ୍ତୋଷ ଦେଖାଦେଇଥିଲା ।

- ଖବର ପ୍ରକାଶ ପରେ ଚେତିଲା ବିଭାଗ

## ମଧ୍ୟାହ୍ନ ଭୋଜନ ଚାଉଳ ଓ ଅନୁଦାନ ତୁରନ୍ତ ପ୍ରଦାନ ନିର୍ଦ୍ଦେଶ

**ଭୁବନେଶ୍ୱର, ୯ ।୧୧(ସମିସ):** ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପାଇଁ ଅଙ୍ଗନବାଡ଼ିରୁ ଚାଉଳ ଧାର ଆଣିବା ଘଟଣା 'ଉଧାର ଚାଉଳରେ ମଧ୍ୟାହ୍ନ ଭୋଜନ' ଶୀର୍ଷକରେ ଶୁକ୍ରବାର 'ସକାଳ'ରେ ଖବର ପ୍ରସାରଣ ପରେ ତତ୍ପର ହୋଇଛନ୍ତି ରାଜ୍ୟ ସରକାର । ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ଜରୁରୀକାଳୀନ ସମୀକ୍ଷା ବୈଠକରେ ଏନେଇ ଆଲୋଚନା ହୋଇଛି ।



ପିଏମ୍-ପୋଷଣ ରାଜ୍ୟ ସଂଯୋଜକ ରଘୁରାମ ଆର୍ ଆୟାରଙ୍କ ସମେତ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଆଭାସୀ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ । ଚାଉଳ ସରିଯାଇଥିବା ବିଦ୍ୟାଳୟଗୁଡ଼ିକର ତଥ୍ୟ ମାଗିବା ସହ ତୁରନ୍ତ ମଧ୍ୟାହ୍ନ ଭୋଜନ ଚାଉଳ ପହଞ୍ଚାଇବାକୁ ସଚିବ ଶ୍ରୀମତୀ ପଣ୍ଡିତ ଡିଇଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜୁଲାଇ ମାସରୁ ମଧ୍ୟାହ୍ନ ଭୋଜନ ପାଇଁ ଅନୁଦାନ ଦିଆଯାଇ ନ ଥିବା ଘଟଣାରେ ମଧ୍ୟ ଆଲୋଚନା ହେଇଛି । ସମସ୍ତ ବିଦ୍ୟାଳୟକୁ ତୁରନ୍ତ ସମସ୍ତ ଅନୁଦାନ ପ୍ରଦାନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିବା ପିଏମ୍-ପୋଷଣ ରାଜ୍ୟ ସଂଯୋଜକ ଶ୍ରୀ ଆୟାର ପ୍ରକାଶ କରିଛନ୍ତି । ବୈଠକରେ ପୋଷଣୀୟ ଚାଉଳ ଓ ଉନ୍ନତମାନର ଖାଦ୍ୟ ସାମଗ୍ରୀ ବ୍ୟବହାର କରି ନିୟମିତ ମଧ୍ୟାହ୍ନ ଭୋଜନ ଯୋଗାଇବା ପାଇଁ ମଧ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ମଧ୍ୟାହ୍ନ ଭୋଜନ ପରିଚାଳନାକୁ ସରଳ ଓ ନିରାପଦ କରିବା ପାଇଁ ମଧ୍ୟ ଶ୍ରୀ ଆୟାର ଆଲୋଚନା କରିଛନ୍ତି ।



## ଗଡ଼ତୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ମେଳା

**ନୂଆପଡ଼ା, ୯।୧୧(ସମିସ):** ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗଡ଼ତୋରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ କବିତା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜ୍ଞାନମେଳାରେ ମୁଖ୍ୟଅତିଥି ଭାବରେ ସଦର ସିଆରସିସି ଜୀତେନ୍ଦ୍ର କୁମାର ଖମାରୀ, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ସାଖାତୋରା ସରୋଜ ଅଗସ୍ତି ଯୋଗଦେଇଥିଲେ । ବିଜ୍ଞାନ ମେଳାରେ ସର୍ବମୋଟ୍ ୪୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମକୁ ଚିନ୍ମୟୀ ଦାସ ସଂଯୋଜନା କରିଥିଲେ । ସମସ୍ତ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶିକ୍ଷୟିତ୍ରୀ ପ୍ରତିଭା ପାଢ଼ୀ, ଜ୍ୟୋସ୍ନା ପାଣିଗ୍ରାହୀ, ଉର୍ମିଳା ନାଗ ଓ ମମତା ସ୍ୱାଇଁ ବିଶେଷ ସହଯୋଗ କରିଥିଲେ । ପରିଶେଷରେ ସମସ୍ତ ବିଦ୍ୟାର୍ଥୀ, ସହକାରୀ କର୍ମଚାରୀ ଓ ଅତିଥିଙ୍କୁ ପ୍ରଧାନଶିକ୍ଷୟିତ୍ରୀ କବିତା ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ ।

## ବ୍ଲକ୍‌ସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଶିକ୍ଷୟିତ୍ରୀଙ୍କ ବୈଠକ

**ନୂଆପଡ଼ା, ୯।୧୧(ସମିସ):** ସରକାରୀ ଉଚ୍ଚ ବିଦ୍ୟାଳୟ ଜେଙ୍ଗୋରାରେ ନୂଆପଡ଼ା ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଶିକ୍ଷୟିତ୍ରୀଙ୍କ ମାସିକ ବିନିମୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ନୂଆପଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମାସାଗର ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୩୭ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ । ବିଦ୍ୟାଳୟରେ ଉତ୍କର୍ଷ ଓ ସଂକଳ୍ପ କାର୍ଯ୍ୟକ୍ରମର ସଫଳ ରୂପାୟନ, ଆକାଂକ୍ଷୀ ପାଠ୍ୟକ୍ରମର ସୁପରିଚାଳନା, ଗଣିତ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଜାତୀୟ ସର୍ବେକ୍ଷଣ, ଦଶମ ଶ୍ରେଣୀର ଉତ୍ତମ ଫଳାଫଳ, ଡିଜିଟାଲ ମୂଲ୍ୟାୟନ, ଛାତ୍ରଛାତ୍ରୀଙ୍କ ଦୈନିକ ଉପସ୍ଥାନ ବୃଦ୍ଧି, ୟୁଡାଇସ ପ୍ଲସ୍, ବିଦ୍ୟାଳୟ ରୂପାନ୍ତରଣର ସୁପରିଚାଳନା ଆଦି ବିଷୟରେ ସମୀକ୍ଷା ହେବା ସହ ପ୍ରଧାନଶିକ୍ଷକଶିକ୍ଷୟିତ୍ରୀ ନିଜ ବିଦ୍ୟାଳୟରେ ନେଉଥିବା ଅଭିନବ ପଦକ୍ଷେପ ଉପରେ ଅନୁଭୂତି ବିନିମୟ କରିଥିଲେ । ଏବିଇଓ ଉତ୍କଳମଣି ଅଗସ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ଚଳିତ ବର୍ଷ ଅବସର ଗ୍ରହଣ କରିଥିବା ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ନୂଆପଡ଼ା ବ୍ଲକ ମାଧମିକ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସଂଘ ଦ୍ୱାରା ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ବୈଠକ ଆୟୋଜନରେ ଜେଙ୍ଗୋରା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରମିଳା କୁଣ୍ଡୁ ଓ ଅନ୍ୟ ସମସ୍ତ ସହକାରୀ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## ସିଙ୍ଗଝରର ଶିଶୁମନ୍ଦିରରେ ମାତୃପିତୃ ସମ୍ମିଳନୀ

**ସିନାପାଲି, ୯।୧୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଧୀନ ସିଙ୍ଗଝର ଶିଶୁ ବିଦ୍ୟାମନ୍ଦିରରେ ମାତୃପିତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଶିଶୁ ମନ୍ଦିରର ସମ୍ପାଦକ ଚରଣ ହରପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସିନାପାଲି ମହାବିଦ୍ୟାଳୟର ଅଧ୍ୟାପକ କନକ ବର୍ଦ୍ଧନ ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଚନ୍ଦ୍ରଭାନୁ କଶ୍ୟପ, ମୁଖ୍ୟବକ୍ତା ଭାବେ ଚରଣ ନେତାମ ପ୍ରମୁଖ ମଞ୍ଚାସିନ ଥିଲେ । ଅତିଥି ପରିଚୟ ଓ ମଞ୍ଚ ପରିଚାଳନା ପ୍ରଧାନଆଚାର୍ଯ୍ୟ ତ୍ରିଲୋଚନ ସଲମା କରିଥିବା ବେଳେ ଶିଶୁ ମନ୍ଦିରର ଭଉଣୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲି । ଆଚାର୍ଯ୍ୟ ରାଜେଶ ଯୋଶୀ, କିଶୋର ଚନ୍ଦ୍ର ମାଝୀ, ପୁର୍ଣଚନ୍ଦ୍ର ସୁନାନୀ, ସୁଲୋଚନା ନାୟକ, ରିତା ସରାଫ, ଅର୍ଚ୍ଚନା ପାଣିଗ୍ରାହୀ, ଗୁରୁଜୀ, ଗୁରୁମା ତଥା ଅନୁଷ୍ଠାନର କୋଷାଧ୍ୟକ୍ଷ ବୈକୁଣ୍ଠ କଷ୍ୟପ, ଯୁଗ୍ମ ସମ୍ପାଦକ ପ୍ରେମସିଂ ମାଝୀ, ଚାରୁଲତା ବୈଠାରୁ ଓ ହେମ କାନ୍ତି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ମାତୃପିତୃ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ । ଗୁରୁଜୀ ଦଶରଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ୫୦ ବର୍ଷରେ ଗୋଡ଼ଧୁଆପଦର୍ ଗାଁ ରାହାସପୂଜା

**ଖଡ଼ିଆଳ, ୯।୧୧(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅଧୀନ ମାଣ୍ଡୋସିଲ ପଞ୍ଚାୟତ ଅନ୍ତର୍ଗତ ଗୋଡ଼ଧୁଆପଦର୍ ଗାଁରେ ପାଳିତ ହେଉଥିବା ରାହାସ ପୂର୍ଣ୍ଣିମା ଉତ୍ସବକୁ ଚଳିତ ବର୍ଷ ୫୦ବର୍ଷ ପୂର୍ତ୍ତି ହେଉଛି । ଚଳିତ ବର୍ଷ ୫୦ବର୍ଷ ପୂର୍ତ୍ତି ହେଉଥିବାରୁ ଗାଁର ଶହଶହ ମାଆ ଓ ଝିଅମାନେ ନଦୀରୁ ପାଣି ଆଣି କଳସ ଶୋଭାଯାତ୍ରା କରିଥିଲେ । ପୂଜାସ୍ଥଳୀରେ ସ୍ଥାପନ ପୂର୍ବକ ନଗର କୀର୍ତ୍ତନ ସାଙ୍ଗକୁ ରାହାସ ସଙ୍କୀର୍ତ୍ତନ କରି ପାରାୟଣ ହେଉଥିବା ଜାଗାରେ କଳସକୁ ରଖି ପୂଜାର୍ଚ୍ଚନା କରିଥିଲେ । ଏମିତି ସାତ ଦିନ ଧରି ଅନବରତ ରାହାସ ଚାଲିବ । ଏଥିରେ ସଂକୀର୍ତ୍ତନ ଗୁରୁ ସବିତା ମେହେର, ରଣିମୁଣ୍ଡା ଗାଁର ସଂକୀର୍ତ୍ତନ ଗୁରୁ ତ୍ରିନାଥ ଖର୍ସେଲ ଓ ତାଙ୍କ ମହିଳା ଦଳ ଓ ନିଜ ଗାଁ ସଂକୀର୍ତ୍ତନ ଗୁରୁ ସୁନ୍ଦରଲାଲ ଗହିରଙ୍କ ଦଳ ଅତି ସୁନ୍ଦର୍ ଭାବରେ ସଙ୍କୀର୍ତ୍ତନ୍ୟ ନୃତ୍ୟ ପରିବେଶ କରି ମନମୋହିଥିଲେ । ସବୁ କାର୍ଯ୍ୟକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ଲାଳଧର ଶବର, ଫଗନୁ ପୋଢ଼, ମହେନ୍ଦ୍ର ପଣ୍ଡା, ଚିତ୍ତରଞ୍ଜନ ବାନଗୁଲା, ଜୟଦେବ ପଣ୍ଡା, ପୂର୍ଣ୍ଣ ଶବର, ବାସନ୍ତୀ ଶବର, ତପସ୍ୱିନୀ ପଣ୍ଡା ଓ ଡାଳିମ୍ବ ଶବର ପ୍ରମୁଖ ସହଯୋଗ କରୁଛନ୍ତି ।

## ଚଲନାରେ ଗିରିଗୋବର୍ଦ୍ଧନ ଓ ଗୋଷ୍ଠାଷ୍ଟମୀ ପୂଜା

**ସିନାପାଲି, ୯।୧୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ହାତୀବନ୍ଧା ପଞ୍ଚାୟତ ଚଲନା ବଜାରପଡ଼ିଆରେ ଗିରିଗୋବର୍ଦ୍ଧନ ଓ ଗୋଷ୍ଠାଷ୍ଟମୀ ପୂଜା ଆରମ୍ଭ ହୋଇଛି । ଚଲନାସ୍ଥିତ ଖଲିଆବନ୍ଧରେ ପୂଜକ ଈଶ୍ୱର ପଣ୍ଡା ଓ ଅରବିନ୍ଦ ଠାକୁରଙ୍କ ପୂଜାର୍ଚ୍ଚନା ପରେ ପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା । ପୂଜାରେ କର୍ତ୍ତା ଭାବରେ ହରିହର ବାଗ ଓ ତାଙ୍କ ସହ ଧର୍ମିଣୀ ସାବେତ୍ରୀ ବାଗଙ୍କୁ ଦାୟିତ୍ୱ ଦେଇଥିବା ବେଳେ ପୂଜା କମିଟିର ସଭାପତି ତ୍ରିନାଥ ଛତ୍ରିଆ, ସମ୍ପାଦକ ଯୌବନ ଗହୀରଙ୍କ ଆୟୋଜନ କ୍ରମେ ପୂଜାର କଳସ ଯାତ୍ରା ମହାଆଡ଼ମ୍ବରରେ ହୋଇଛି । ଏଥିରେ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ, ହୁଳହୁଳି, ଘଣ୍ଟବାଦ୍ୟ ସହିତ ଆନନ୍ଦ ଉଲ୍ଲାସରେ କଳସ ଯାତ୍ରା ହୋଇଛି । ପୂଜାରେ ଆୟୋଜନ କମିଟି, ଗଣେଶ ବଗର୍ତ୍ତୀ, କୀର୍ତ୍ତନ ଜାଲ, ଡମ୍ବରୁ ଜାଲ, ଧନେଶ୍ୱର ବଛା, ଓ ଅନ୍ୟମାନେ ଏବଂ ଗ୍ରାମର ଯାଦବ ସମାଜର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ରାତ୍ରିକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବବାସହ ଆଞ୍ଚଳିକ ନାଟକ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ଲୋକମାନେ ସମାଗମ ହେଉଛନ୍ତି ।

## ତ୍ରିଶକ୍ତି ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା

**ଗୋଲାମୁଣ୍ଡା, ୯ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ତ୍ରିଶକ୍ତି ହାଇସ୍କୁଲ ଠାରେ ଗୋଷ୍ଠୀ ଶିକ୍ଷା ଅଧିକାରି ଭବାନୀ ଶଙ୍କର ଯୋଶୀଙ୍କ ସଭାପତିତ୍ୱରେ ଶୁକ୍ରବାର ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଅବିଷ୍କାର ଦିବସ ପାଳିତ ଓ ବାଳବୈଜ୍ଞାନିକ ପ୍ରଦର୍ଶନୀ ବା ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଦମୟନ୍ତୀ ଭୋଇ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ପୁଲିସ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ରବି ପଟ୍ଟନାୟକ, ଗୋଲାମୁଣ୍ଡା ନୋଡାଲ ପ୍ରଧାନଶିକ୍ଷକ ଲୀଳାମ୍ବର ବିଶି, ଦଶପୁର ଭଣ୍ଡାରଘରଣୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ନିରଞ୍ଜନ ନାଏକ, ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ଲେତେର ନାଏବ ସରପଞ୍ଚ ଲେତର ନାର୍ଦ ତାଣ୍ଡି, ପ୍ରଧାନ ଶିକ୍ଷକ ବୀରବର ନାଏକ, ଭୀଷ୍ମ ସାହୁ, ବିଜ୍ଞାନ ଶିକ୍ଷକ କୁମୁଦ ଚନ୍ଦ୍ର ପଟେଲ, ସିଆର ସିସି ମହାଲିଙ୍ଗ କ୍ଲଷ୍ଟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ । କୁମୁଦଚନ୍ଦ୍ର ପଟେଲ ମଞ୍ଚ ପରିଚାଳନା କରିଥିଲେ । ପରିଶେଷରେ ସମସ୍ତ ବିଦ୍ୟାଳୟ ଛାତ୍ର ଛାତ୍ରୀମାନଙ୍କ ପ୍ରକଳ୍ପ ତିଆରି କରି ଆଣିଥିବା ବିଜ୍ଞାନ ପ୍ରକଳ୍ପକୁ ଅତିଥି ବୁଲି ଦେଖିଥିଲେ ।

### ରାଜପଥ ପାର୍ଶ୍ୱରେ ବନୀକରଣ

# ଜଳସିଞ୍ଚନ ଅଭାବରୁ ମରିଗଲାଣି ଚାରା

**ଧର୍ମଗଡ଼, ୯ ।୧୧(ସମିସ):**



ବିଜୁ ଏକ୍ସପ୍ରେସ ରାସ୍ତାପଥ ପାର୍ଶ୍ୱରେ ବନୀକରଣ ବ୍ୟବସ୍ଥା କରାଯାଇଛି । ଆମପାଣି-ଧର୍ମଗଡ଼-ହାତୀବନ୍ଧା ବିଜୁ ଏକ୍ସପ୍ରେସ୍ ରାସ୍ତାର ଉଭୟ ପାର୍ଶ୍ୱରେ ଗଛ ଚାରାଲଗା କାମ ସରିଯାଇଛି । ଏପରିକି ଲଗା ଯାଇଥିବା ଗଛର ସୁରକ୍ଷା ପାଇଁ ଚର୍ତୁପାର୍ଶ୍ୱରେ ଗ୍ରୀନନେଟ୍ ଦେଇ ବାଡ଼ ଦେବା କାମ ସରିଛି । ଏତିକିରେ ବନ ବିଭାଗ ଦାୟିତ୍ୱ ସାରି ଦେଇଥିବା ବେଳେ ଏବେ ପାଣି ସିଞ୍ଚନ ଅଭାବରୁ କେତେକାଂଶରେ ଗଛ ସବୁ ମରିବା ଆରମ୍ଭ ହେବାକୁ ବସିଲାଣି । ସୂଚନା ଯେ ରାଜ୍ୟ ସରକାର ବିଜୁ ଏକ୍ସପ୍ରେସ ରାସ୍ତାର ସୌନ୍ଦର୍ଯ୍ୟକରଣ ଓ ପରିବେଶ ସୁରକ୍ଷା ଲାଗି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧମରେ ପଥ ପାର୍ଶ୍ୱ ବନୀକରଣ ବ୍ୟବସ୍ଥା ହାତକୁ ନେଇଥିଲେ ।ଏହି ବନୀକରଣ ଦାୟିତ୍ୱ ବନ ବିଭାଗ ନେଇ ଥିବା ଜଣାପଡ଼ିଛି ।ସରକାରଙ୍କ ଦୁରଦୃଷ୍ଟାନ୍ତ କେବଳ ସ୍ଥାନୀୟ ଲୋକଙ୍କୁ କାମ ଯୋଗାଇବା ଓ ରାସ୍ତା ସୌନ୍ଦର୍ଯ୍ୟକରଣ ସହ ପରିବେଶ ସୁରକ୍ଷା ମହତ ଉଦେଶ୍ୟରେ କରାଯାଇଛି ।ଏଥିପାଇଁ ମନରେଗା ଯୋଜନା ରୁ କୋଟି କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।ଏପରିକି ଏଥିରେ ପାଣି ଦେବା ବ୍ୟବସ୍ଥା ଠାରୁ ଆରମ୍ଭ କରି ସାର, କୀଟନାଶକ ଔଷଧ, ଗଛର ଯତ୍ନ ସାଙ୍ଗକୁ ଘାସ କାଟିବା ଓ ଅନ୍ୟାନ୍ୟ ବାବଦକୁ ଲକ୍ଷଲକ୍ଷ ଟଙ୍କା ବିନିଯୋଗର ବ୍ୟବସ୍ଥା ରହିଛି । ହେଲେ ବନ ବିଭାଗ କେବଳ ଗଛ ରୋପଣ କରି ନିଜ ଦାୟିତ୍ୱ ସାରିଥିବା ବେଳେ ବର୍ତ୍ତମାନ ପାଣି ଅଭାବ ଓ ରକ୍ଷଣାବେକ୍ଷଣ ଅଭାବରୁ ଗଛ ଗୁଡିକ ମରିବା ଆରମ୍ଭ ହେଲାଣି ।ଗୋଲାମୁଣ୍ଡା ରେଞ୍ଜ ଅଧିନ ତେଲ ନଦୀ ହଳଦୀ ଛକ ଠାରୁ ଗୋଲାମୁଣ୍ଡା ବ୍ଲକ ତୁମୁରା ସ୍ଥାନୀୟ ନୂଆପଡ଼ା ଜିଲ୍ଲା ସୀମାନ୍ତ ପର୍ଯ୍ୟନ୍ତ ପଥପାର୍ଶ୍ୱରେ ବନୀକରଣ ହୋଇଥିବା ବେଳେ ଧର୍ମଗଡ଼ ରେଞ୍ଜ ଅଧିନ ଧର୍ମଗଡ଼ -ବେହେରା, ବେହେରା-ଥୁତିବର ଓ ଥୁତିବରରୁ ଆମପାଣି ପଯ୍ୟନ୍ତ ବନୀକରଣ ହୋଇଅଛି । ଏହି ବନୀକରଣ ରେ ପାହାଡିଆ ଶିଶୋ, କରଞ୍ଜ ଓ ନିମ ଗଛ ସାଙ୍ଗକୁ ଫୁଲ ଜାତୀୟ ଗଛ ଓ ଅନ୍ୟାନ୍ୟ ଗଛ ଲଗା ଯାଇଛି ।ଏଥିରେ ଅଣକୁଶଳୀ ଶ୍ରମ ଦିବସ ସୃଷ୍ଟି କରିବା ସହ ଶ୍ରମିକମାନେ ନିୟୋଜିତ କରାଯାଇଛି । ଯାହା ଦୈନିକ ମଜୁରୀ ବାବଦକୁ ୨୫୪ଟଙ୍କା ରହିଛି । ତେବେ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ ହୋଇଥିଲେ ମଧ୍ୟ କୋଉଠି ନା କୋଉଠି ବନ ବିଭାଗର ଅବହେଳା ଯୋଗୁଁ ମହତ ଉଦେଶ୍ୟ କାମ ବିଫଳ ହେବା ଆଶଙ୍କା କରାଯାଉଛି । ସ୍ଥାନୀୟ ଲୋକଙ୍କ କହିବା ମତେ ବନ ବିଭାଗ ଗଛ ଲଗେଇ ନୀତିଦିନ ପାଣି ଦେବା ବ୍ୟବସ୍ଥା ନ କରି ମାସକୁ ଥରେ ପାଣି ସିଞ୍ଚନ କରି ଲୋକ ଦେଖାଣିଆ ଭାବେ ପାଣି ଦେଉଥିବା ପ୍ରକାଶ କରିଛନ୍ତି ।

**ବନ ବିଭାଗର ଅବହେଳା**

ଅନ୍ୟପଟେ ଲଗାଯାଇଥିବା ଗଛ ଚତୁଃପାର୍ଶ୍ୱରେ ଅନବନା ଘାସ ସବୁ ଉଠି ସୌନ୍ଦର୍ଯ୍ୟ ନଷ୍ଟ କରିବା ସାଙ୍ଗକୁ ପାଚେରି ପାଇଁ ଦେଇଥିବା ଗ୍ରୀନନେଟ୍ ମଧ୍ୟ ନଷ୍ଟ ହେବାକୁ ବସିଲାଣି । ଯାହା ଗଛ ଗୁଡିକ ମରିବା ସମ୍ଭାବନା ଢେର ଥିବା ଆଶଙ୍କା କରାଯାଉଛି ।ତେବେ ପାଣି, ସାର, ରକ୍ଷଣାବେକ୍ଷଣ ଆଦି ପାଇଁ ସ୍ୱତନ୍ତ୍ର ଖର୍ଚ୍ଚ ଅଟକଳ ଥିବା ବେଳେ ବିଭାଗ ଅବହେଳା ପ୍ରଦର୍ଶନ କରିବା ତଦନ୍ତ ସାପେକ୍ଷ ହୋଇପଡ଼ିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ଦାବି ହେଉଛି ।

## ଜାତୀୟ ଆଇନ ସେବା ଦିବସ

ଭବାନୀପାଟଣା, ୯ ।୧୧(ସମିସ):କଳାହାଣ୍ଡି ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ଭବାନୀପାଟଣାରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅନୁପ ରଞ୍ଜନ ପଟ୍ଟନାୟକ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଜାତୀୟ ଆଇନ ସେବା ପ୍ରାଧିକରଣ ଅଧିନିୟମ ଅନୁଯାୟୀ ବିଭିନ୍ନ ବ୍ୟବସ୍ଥା ଓ ମକଦ୍ଦମାକାରୀଙ୍କ ଅଧିକାର ବିଷୟରେ ସଚେତନ କରିଥିଲେ । ସେହିପରି ଲୋକ ଅଦାଲତ, ଆଇନ ସହାୟତା ଶିବିର ଓ ଆଇନ ସହାୟତା କାର୍ଯ୍ୟକ୍ରମରେ ସାଧାରଣ ଜନତା କେଉଁ ପ୍ରକାର ଆଇନ ସହାୟତା ପାଇପାରିବେ ସେ ବିଷୟରେ ସମସ୍ତଙ୍କୁ ସଚେତନ କରିଥିଲେ । ଏହି ଜାତୀୟ ଆଇନ ସେବା ଦିବସରେ ପରିବାର ଅଦାଲତ ଜଜ୍, ରାଜଶ୍ରୀ ମହାପାତ୍ର, ଅତିରିକ୍ତ ଜିଲା ଜଜ୍ ( ପୋକସୋ) ସ୍ମୃତିଲେଖା ବାରିକ, ଅତିରିକ୍ତ ଜିଲା ଜଜ୍ (ଏଫଟିଏସସି) ଯଦୁମଣି ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରାଜୀବ ଲୋଚନ ସାହୁ, ସିନିୟର ସିଭିଲ ଜର୍ଜ ସୁଦିପ୍ତା ଦେହୁରି, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଶୁଭ ଗୌତମ ମିଶ୍ର, ରେଜିଷ୍ଟ୍ରାର ସିଭିଲ କୋର୍ଟ ଚରନଜିତ ଓରାମ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ, ପି.ସିତାଲକ୍ଷ୍ମୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁମିତ୍ରା ବିଶ୍ୱାଳ, କଳାହାଣ୍ଡି ଜିଲା ଓକିଲ ସଂଘ ସଭାପତି ସୁଧାଂଶୁ କୁମାର ନନ୍ଦ ସମେତ ଅନ୍ୟାନ୍ୟ ବହୁ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ ।

## ୧୬ଟି ଛେଳି ମୃତ, କାରଣ ଅସ୍ପଷ୍ଟ

**କୋକସରା, ୯ ।୧୧(ସମିସ):** କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତର ମୁଗୁନାପଦର ଗ୍ରାମରେ ଏକା ସାଙ୍ଗରେ ୧୬ ଟି ଛେଳିର ମୃତ୍ୟୁ ହୋଇଛି । ଗ୍ରାମର ଗୟାଧର ପୁଝାରୀ ନିକଟସ୍ଥ ଜଙ୍ଗଲକୁ ତାଙ୍କର ସମସ୍ତ ଛେଳିକୁ ନେଇ ଚାରାଇବାକୁ ଯାଇଥିଲେ । ଛେଳି ଗୁଡ଼ିକ ଚରିବା ପରେ ଘରକୁ ଆଣି ଗୁହାଳରେ ବାନ୍ଧିଥିବା ବେଳେ ଗୋଟିଏ ପରେ ଗୋଟିଏ ଛେଳି ଅସୁସ୍ଥ ହେବାରେ ଲାଗିଥିଲା । ଏହାପରେ ତୁରନ୍ତ ପ୍ରାଣୀଚିକିତ୍ସା କେନ୍ଦ୍ରକୁ ଖବରଦେବାପରେ ଏକ ଟିମ୍ ପହଞ୍ଚି ଥିଲା । ଟିମ୍ ପହଞ୍ଚିବା ଆଗରୁ ଗୟାଧରଙ୍କ ୧୬ଟି ଛେଳିର ମୃତ୍ୟୁ ହୋଇସାରିଥିବା ଜଣାପଡ଼ିଛି । ଅନ୍ୟପଟେ ସମସ୍ତ ଛେଳିର ଆନୁମାନିକ ମୂଲ୍ୟ ୫ଲକ୍ଷରୁ ଊଲକ୍ଷର ହେବ ବୋଲି ଆକଳନ କରାଯାଇଥିବା ବେଳେ ସରକାରୀ ସହାୟତା ଯୋଗାଇ ଦେବାପାଇଁ ମାଲିକ ଦାବି କରିଛନ୍ତି । ତେବେ ଛେଳି ଗୁଡ଼ିକର ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ । କେଉଁ କାରଣରୁ ଛେଳି ଗୁଡ଼ିକର ଏକା ସାଙ୍ଗରେ ମୃତ୍ୟୁ ହେଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏନେଇ କୋକସରା ଏମଭିୟୁ ସ୍ମୃତି ରଞ୍ଜନ ଦାସଙ୍କୁ ପଚାରିବାରୁ ଖବର ଆସିବା ପରେ ଆମର ଏକ ଟିମ୍ ସେଠାକୁ ପଠାଇଥିଲୁ । ଆମ ଟିମ୍ ପହଞ୍ଚିବା ଆଗରୁ ଛେଳି ଗୁଡ଼ିକର ମୃତ୍ୟୁ ଘଟିଥିଲା । ଛେଳି ମାନଙ୍କ ପାଟିରୁ ଫେଣ ବାହାରିଥିବାରୁ କୌଣସି ବିଷାକ୍ତ ଜିନିଷ ଖାଇ ମୃତ୍ୟୁ ହୋଇଥିବା ଅନୁମାନ କରାଯାଇଛି ବୋଲି କହିଛନ୍ତି ।



## ମ. ରାମପୁର ରେଞ୍ଜସ୍ତରୀୟ କୋର୍ କମିଟି ବୈଠକ

**ମ.ରାମପୁର, ୯ ।୧୧(ସମିସ):**କଳାହାଣ୍ଡି ଉତ୍ତର ବନଖଣ୍ଡ ଅନ୍ତର୍ଗତ ମ.ରାମପୁର ବନାଞ୍ଚଳ ଠାରେ ସହକାରୀ ବନସଂରକ୍ଷକ ଅସିତ କୁମାର ଦାଶଙ୍କ ଆହ୍ୱାନକ୍ରମେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓଙ୍କ ଅଧ୍ୟକ୍ଷତାରେରେ ରେଞ୍ଜସ୍ତରୀୟ ପ୍ରଥମ କୋର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନର୍ଲା ବନାଞ୍ଚଳ ଅଧିକାରୀ ଭାରତ ବନ୍ଧୁ ଶବର, ପ୍ରାଣୀ ସମ୍ପଦ ବିଭାଗରରୁ ଡଃ ଦିବ୍ୟ ଶଙ୍କର ଲେଙ୍କା, ପୁଲିସ ବିଭାଗରରୁ ଗୋପବନ୍ଧୁ ନାୟକ, ବିଦ୍ୟୁତ୍ ବିଭାଗର ପ୍ରମୋଦ କୁମାର ପାତ୍ର ଓ ଅମିତ କୁମାର ଜେନା, ପଣ୍ଡକାମାଲ ସରପଞ୍ଚ ରୀନା ସାହୁ, ଦୀପକ ସା, ଶୁଭେନ୍ଦୁ ବିଶି, ସମ୍ପଦ କୁମାର, ବନ ସୁରକ୍ଷା ସମିତି ସଭାପତି ନେହେରୁ ଲାଲ ମାଝୀ, ସୁବାସ ଭୋଇ, ସନ୍ୟାସୀ ଭୋଇ, ମନୋହର ପାତ୍ର, ବନରକ୍ଷୀ ବାଳ କୃଷ୍ଣ ଜାଲ, ବିକାଶ ଅଧିକାରୀ କୁନୁ ଛତ୍ରିଆ, ସଦାନନ୍ଦ ପଧାନ ଉପସ୍ଥିତ ରହି ମଣିଷ ଓ ବନ୍ୟପ୍ରାଣୀ ମଧ୍ୟରେ ହେଉଥିବା ସଂଘର୍ଷ, ତାଙ୍କରି ସୁରକ୍ଷା, ସରକାରଙ୍କ ଅନୁକମ୍ପା ଓ ବିଭିନ୍ନ ଯୋଜନା ଉପରେ ସଚେତନ କରିବା ସହ, ବେଆଇନ ହୁକିଙ୍ଗ, ବାରୁଦ ଗୋଲା ଅନ୍ୟାନ୍ୟ ଉପାୟରେ ବନ୍ୟପ୍ରାଣୀଙ୍କ ପ୍ରାଣହାନୀ କିମ୍ବା ହଇରାଣ ନକରିବାକୁ ମତାମତ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମ ଟିକୁ ଆମ ଜଙ୍ଗଲ ଯୋଜନା ଦଳପତି ପ୍ରଦିପ କୁମାର ସାହୁ ସଂଯୋଜନା କରିଥିବା ବେଳେ, ବନପାଳ ଦୀପକ ସା ଧନ୍ୟବାଦ ଅର୍ପଣ କରିଥିଲେ ।

## ‘ସୁଭଦ୍ରା’କାର୍ଯ୍ୟକ୍ରମରେ ରୋଷେୟାଙ୍କ ଟଙ୍କା ହଡ଼ପ ଅଭିଯୋଗ

**ଧର୍ମଗଡ଼, ୯ ।୧୧(ସମିସ):**ଗତ ଅକ୍ଟୋବର ମାସ ୧୭ ତାରିଖ ଦିନ ରାଜ୍ୟ ସରକାର ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ ।ଏହି ପରିପ୍ରେକ୍ଷୀରେ ଧର୍ମଗଡ଼ ବ୍ଲକ ପ୍ରଶାସନ ତରଫରୁ ସ୍ଥାନୀୟ ପଞ୍ଚାୟତ ପଡ଼ିଆରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସ ମାଧ୍ୟମରେ ‘ସୁଭଦ୍ରା’ ଯୋଜନା ଉଦ୍‌ଘାଟନ ଉତ୍ସବର ସିଧାସଳଖ ପ୍ରସାରଣ କରି ଜନସାଧାରଣ ଦେଖିବାର ସୁଯୋଗ ପାଇଥିଲେ । ଉପସ୍ଥିତ ଜନସାଧାରଣଙ୍କ ପାଇଁ ଭୋଜନର ବ୍ୟବସ୍ଥା ସ୍ଥାନୀୟ ବ୍ଲକ ପ୍ରଶାସନ ହାତକୁ ନେଇଥିଲା । ଭୋଜନ ବ୍ୟବସ୍ଥାରେ ଚିଲିଚିଲା ଗ୍ରାମର ରମେଶ ଦାସଙ୍କୁ ସମ୍ପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିଲା । ସେ ଜଣେ ଅଞ୍ଚଳର ଜଣାଶୁଣା ରୋଷେୟା ହୋଇଥିବା ବେଳେ ଏହି ଦାୟିତ୍ୱ ନିଭାଇବାକୁ ନେଇ ଧାରକରଜ କରି ଭୋଜନର ବ୍ୟବସ୍ଥା କରିଥିଲେ ।ଭୋଜନ ପ୍ରତି ୩୫ ଟଙ୍କା ଦରରେ ୨୭ ଶହ ଜଣଙ୍କୁ ଭୋଜନ ବାଣ୍ଟିଥିବା କହନ୍ତି । ତେବେ ସମୁଦାୟ ଭୋଜନ ବାବଦକୁ ୯୭ ହଜାର ଟଙ୍କା ହୋଇଥିବା ବେଳେ ବର୍ତ୍ତମାନ ଯାଏଁ ୬୦ ହଜାର ଟଙ୍କା ବ୍ଲକ ପ୍ରଶାସନ ଦେଇ ବଳକା ୩୭ ହଜାର ଟଙ୍କା ଦେଇ ନ ଥିବ ଅଭିଯୋଗ କରିଛନ୍ତି । ବଳକା ରାଶି ପାଇଁ ଧର୍ମଗଡ଼ ବିଡିଓଙ୍କ ନିକଟରେ ଗୁହାରି କରିଥିଲେ ହେଁ ସେ ଖାଦ୍ୟଯୋଗାଣ ଅଧିକାରୀଙ୍କ ପ୍ରଶାନ୍ତ ଦାସଙ୍କ ଠାରୁ ଟଙ୍କା ନେବା ପାଇଁ କହିଥିଲେ । ଅନ୍ୟପଟେ ଖାଦ୍ୟ ଯୋଗାଣ ଅଧିକାରୀ ଶ୍ରୀ ଦାସ ଏହି ବାବଦରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୁଝିବେ ବୋଲି ସ୍ପଷ୍ଟ ଭାବରେ ମନା କରି ଦେଇଥିଲେ । ସେ ଜଣେ ଗରିବ ଶ୍ରେଣୀ ଲୋକ ହୋଇଥିବା ବେଳେ ଲୋକଙ୍କ ବିବାହ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାନଙ୍କରେ ରୋଷେଇ କରି ପରିବାର ପୋଷଣ କରନ୍ତି । ଏପରିସ୍ଥଳେ ବ୍ଲକ ପ୍ରଶାସନର ଦାୟିତ୍ୱ ନେଇ ଲୋକଙ୍କ ଠାରୁ ଧାର କରଜ ଆଣି ଥିବା ଟଙ୍କା ଫେରସ୍ତ କରି ନ ପାରି ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ତେବେ ବ୍ଲକ ପ୍ରଶାସନର ଏଭଳି ମାନସିକତାକୁ ନେଇ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି । ଏ ନେଇ ଧର୍ମଗଡ଼ ବିଡ଼ିଓ ଶରତ କୁମାର ପାତ୍ରଙ୍କୁ ପଚାରିବାରୁ ସବୁତକ ଟଙ୍କା ଦିଆଯାଇଛି ।ଏହି ବାବଦରେ ଖାଦ୍ୟ ଯୋଗାଣ ଅଧିକାରୀ ପ୍ରଶାନ୍ତ ଦାସଙ୍କୁ ବୁଝିବା ପାଇଁ ଦାୟିତ୍ୱ ଦେଇ ଥିବା କହିଛନ୍ତି ।

### ବିଜେଡିର ବିଶାଳ ଜନସମ୍ପର୍କ ପଦଯାତ୍ରା

# ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା ବିଜେଡି

**କୋକସରା, ୯ ।୧୧(ସମିସ):**



ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ଗାନ୍ଧୀ ଜୟନ୍ତୀଠାରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଦ୍ୱିତୀୟ ପର୍ଯ୍ୟାୟରେ ଶନିବାର ଧର୍ମଗଡ଼ ନିର୍ବାଚନ ମଣ୍ଡଳୀସ୍ତରୀୟ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି । କୋକସରା ବ୍ଲକ ଡାଲଗୁମାଠାରୁ ଆରମ୍ଭ ହୋଇ ଧର୍ମଗଡ଼ ବ୍ଲକ ବେହେରା ପର୍ଯ୍ୟନ୍ତ ବିଶାଳ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ପଦଯାତ୍ରା ଆରମ୍ଭ ପୂର୍ବରୁ ଡାଲଗୁମାଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଏହାପରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡ଼ି ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କ ନେତୃତ୍ୱରେ ଦଳୀୟ ନେତା ଓ ଶହ ଶହ କର୍ମୀ ଡାଲଗୁମାଠାରୁ ବାଙ୍କିମୁଣ୍ଡା ଦେଇ ବେହେରା ପର୍ଯ୍ୟନ୍ତ ପଦଯାତ୍ରାରେ ପହଞ୍ଚି ଥିଲେ । ବେହେରା ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଜିଲ୍ଲା ସଭାପତି ଶ୍ରୀସିଂଦେଓଙ୍କ ସଭାପତିତ୍ୱରେ ସାଧାରଣ ସଭା ଆୟୋଜନ ହୋଇଥିଲା । ଏଥିରେ ନର୍ଲା ବିଧାୟିକା ମନୋରମା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ପୂର୍ବତନ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ଜିଲ୍ଲା ସଭାନେତ୍ରୀ ଲଳିତା ନାଏକ, କଲ୍ୟାଣୀ ନାଏକ, ଜିଲ୍ଲା ସାଧାରଣ ସମ୍ପାଦକ ବଦ୍ରିନାରାୟଣ ପଟ୍ଟନାୟକ, ହୀରା ବାଗ, ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ରୁତୁରାଜ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ରାଜ୍ୟ ସରକାର ନାରୀ ମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ନିର୍ବାଚନି ବୈତରଣୀ ପାର ହେବା ସହ କ୍ଷମତାକୁ ଆସିବା ପରେ ମହିଳାଙ୍କୁ ‘ସୁଭଦ୍ରା’ ଯୋଜନା ନାମରେ ପ୍ରତିଶ୍ରୁତି ମୂତାବକ ୫୦ ହଜାର ଟଙ୍କା ବଦଳରେ ୫ ହଜାର ଟଙ୍କା ଦେଇ ଠକି ଦେଇଛନ୍ତି ବୋଲି ବିଜେଡିର ନେତୃବୃନ୍ଦ ପ୍ରକାଶ କରିଥିଲେ । ନବୀନ ବାବୁ ୨୫ ବର୍ଷ ଶାସନରେ ଇତିହାସ ସୃଷ୍ଟି କରିଛନ୍ତି, ହେଲେ ଏ ସରକାର ଆଜି ପର୍ଯ୍ୟନ୍ତ ରଙ୍ଗ ବଦଳରେ ବ୍ୟସ୍ତ । ତେଣୁ ଆଗାମୀ ଦିନରେ ମିଛ ପ୍ରତିଶ୍ରୁତିର ଠିକଣା ଜବାବ ଦେବେ ଜନସାଧାରଣ ବୋଲି ନେତୃବୃନ୍ଦ ବକ୍ତବ୍ୟ ରଖି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ପଦଯାତ୍ରାରେ କୋକସରା ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲ, ଆମପାଣି ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, କୋକସରା ଜିଲ୍ଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ମୋଟେର ଜିଲ୍ଲା ପରିଷଦ ସଭ୍ୟା ବୈଜୟନ୍ତୀ ପୁଝାରୀ, ରାଜ୍ୟ ଦୁଗ୍ଧ ସମବାୟ ସମିତିର ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, କଳମପୁର ଜୋନ ୧ ଜିଲ୍ଲା ପରିଷଦ ସଭ୍ୟା ଦୁହିତା ମାଝୀ, କଳମପୁର ଜୋନ ୨ ଜିଲ୍ଲା ପରିଷଦ ସଭ୍ୟା ନିବେଦିତା ହଂସ, ଧର୍ମଗଡ଼ ଜୋନ ୨ ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ଧର୍ମଗଡ଼ ଜୋନ ୩ ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ ଭଏଁସାଲ, ଏସସିସେଲ ରାଜ୍ୟ ସାଧାରଣ ସମ୍ପାଦକ ଧନେଶ୍ୱର ନାଗ, ଧର୍ମଗଡ଼ ବ୍ଲକ ବିଜେଡି ସଭାପତି ଟିକମନ ବାରିକ, କୋକସରା ବ୍ଲକ ବିଜେଡ଼ି ସଭାପତି ସୁଶାନ୍ତ ବେହେରା, କଳମପୁର ବ୍ଲକ ବିଜେଡ଼ି ସଭାପତି ଅଭିମନ୍ୟୁ ବାଗ ସମେତ ଧର୍ମଗଡ଼, କୋକସରା ଓ କଳମପୁର ବ୍ଲକରୁ ଶହ ଶହ କର୍ମୀ ସାମିଲ ହୋଇଥିଲେ ।

ତ୍ରିଂଶତି ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ପୁଣ୍ୟଶ୍ଳୋକ ଡାକ୍ତର ହରେକୃଷ୍ଣ ପରିଡ଼ା
ବଡ଼ସଲାରୋ, ତାନ୍ଦୋଳ, ନୂଆପଡ଼ା
ଆସିଥିଲେ: ୨୧.୦୫.୧୯୨୩ (ଜ୍ୟେଷ୍ଠ ଶୁକ୍ଳ ଅଷ୍ଟମୀ)
ଚାଲିଗଲେ: ୨୯.୧୦.୧୯୯୪ (କାର୍ତ୍ତିକ କୃଷ୍ଣ ନବମୀ)

ପ୍ରିୟ ଜାତି ଉତ୍କଳ କେଶରୀ (ବୁଲ୍ଲା)ର ଅକାଳ ବିୟୋଗ ହେତୁ ଏକପକ୍ଷ ଉପରାନ୍ତ ଶ୍ରାଦ୍ଧପାଳନ । ତା ୧୦. ୧୧. ୨୦୨୪ ରବିବାର ।

ଆପଣଙ୍କ ବିଦ୍ୱତା, ଶିକ୍ଷାଦାନ ଦକ୍ଷତା, ବହୁଭାଷା ଅଧ୍ୟୟନ ଯୋଗ୍ୟତା, ହୋମିଓପାଥି ଚିକିତ୍ସା ପ୍ରବଣତା, ଗାନ୍ଧୀବାଦୀ ଚିନ୍ତାଧାରା, ସମବାୟ ମନସ୍କତା ଆପଣଙ୍କୁ ଜଣେ ଆଦର୍ଶ ମଣିଷ ମାନ୍ୟତା ଦିଆଇଥିଲା । ଆପଣଙ୍କ ପଟାନ୍ତରହୀନ ସ୍ନେହ-ଶ୍ରଦ୍ଧା-ଭଲପାଇବାକୁ ସ୍ମରଣପୂର୍ବକ ମଥାନତ ନମନ ଜ୍ଞାପନ କରୁଅଛୁ ।

ବଡ଼ସଲାରୋ ‘ପରିଡ଼ା’, ତାନ୍ଦୋଳ ‘ନାୟକ’, ନୂଆପଡ଼ା ‘ଭାରତ’ ବଂଶ ଓ ପୁନର୍ନବୀ ସାହିତ୍ୟ ସଂସଦର ସଦସ୍ୟଗଣ ।

# ଚିକିତ୍ସା ଅବହେଳାରୁ ଟ୍ରେନ୍ ଚାଳକଙ୍କ ମୃତ୍ୟୁ

ରାଉରକେଲା, ୯।୧୧(ସମିସ)



ରାଉରକେଲା ରେଳବାଇ ବିଭାଗର ଜଣେ ଟ୍ରେନ୍‌ଚାଳକଙ୍କ ଚିକିତ୍ସା ଅଭାବରୁ ମୃତ୍ୟୁ ହେବାପରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇବା ସହ ଚିକିତ୍ସା ଅବହେଳା କରିଥିବା ସମ୍ପୃକ୍ତ ଡାକ୍ତରଙ୍କ ବଦଳି ଦାବି କରି ବନ୍ଧମୁଣ୍ଡା ରେଳବାଇ ହସ୍ପିଟାଲ ଠାରେ ରେଳବାଇ ଟ୍ରେନ ଚଳକମାନେ ବିରୋଧ ପ୍ରଦର୍ଶନ କରିଥିବା ଜଣାପଡ଼ିଛି। ଏତ୍‌ଦବ୍ୟତୀତ ସମ୍ପୃକ୍ତ ଡାକ୍ତରଙ୍କୁ ତୁରନ୍ତ ବଦଳି କରିବାକୁ ଦକ୍ଷିଣ ପୂର୍ବ ରେଳବାଇ ମେନ୍ସ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ରାଉରକେଲା ରେଳବାଇ ବିଭାଗରେ ଟ୍ରେନ୍ ଚାଳକ ଭାବେ କାର୍ଯ୍ୟ କରୁଥିବା ଓ.ଏସ୍ ବର୍ମାଙ୍କ ଶରୀର ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ଚିକିତ୍ସା ପାଇଁ ଚଳିତ ମାସ ୫ ତାରିଖ ଦିନ ରାଉରକେଲା ରେଳବାଇ ହସ୍ପିଟାଲ ଠାରେ ଭର୍ତ୍ତି କରାଯାଇଥିଲା। ରେଳବାଇ ହସ୍ପିଟାଲର ଡ. ଏସ୍ ଏ ସାଙ୍ଗା ତାଙ୍କୁ ଚିକିତ୍ସା କରିବା ସହ ସାମାନ୍ୟ ଜ୍ୱର ହୋଇଛି ବୋଲି କହି ଔଷଧ ଦେଇ ଅଣଦେଖା କରିଥିଲେ। ଫଳରେ ସେହିଦିନ ବିଳମ୍ବିତ ରାତିରେ ଟ୍ରେନ୍ ଚାଳକ ଶ୍ରୀ ବର୍ମାଙ୍କ ଦେହ ଆହୁରି ଅଧିକ ଖରାପ ହୋଇଯିବା ଯୋଗୁଁ ତାଙ୍କ ପରିବାର ଲୋକ ଚିକିତ୍ସା ପାଇଁ ରାଉରକେଲାର ହାଇଟେକ୍ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ତାଙ୍କର ନିମୋନିଆ ହୋଇଥିବା ପରୀକ୍ଷା ପରେ ଡାକ୍ତର ସୂଚନା ଦେଇଥିଲେ। ଏହା ସହିତ ତାଙ୍କର ଫୁସଫୁସ୍ ସଂକ୍ରମିତ ହୋଇଥିବା ମଧ ଯାଞ୍ଚ ରିପୋର୍ଟରେ ବାହାରି ଥିଲା। ଶୁକ୍ରବାର ରାତିରେ ଚିକିତ୍ସିତ ଅବସ୍ଥାରେ ଶ୍ରୀ ବର୍ମାଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବାପରେ ତାଙ୍କର ମୃତ୍ୟୁ ଘଟଣାକୁ କେନ୍ଦ୍ର କରି ଉତ୍ତ୍ୟକ୍ତ ଟ୍ରେନ ଚାଳକମାନେ ଆଜି ଦକ୍ଷିଣ ପୂର୍ବ ରେଳବାଇ ମେନ୍ସ କଂଗ୍ରେସ ନେତୃତ୍ୱରେ ବନ୍ଧମୁଣ୍ଡା ରେଳବାଇ ହସ୍ପିଟାଲ ନିକଟରେ ଏକଜୁଟ ହୋଇ ଚାଳକ ଶ୍ରୀ ବର୍ମାଙ୍କ ମୃତ୍ୟୁପାଇଁ ଡା. ସାଙ୍ଗା ଦାୟୀ ବୋଲି ଅଭିଯୋଗ କରି ବିରୋଧ ପ୍ରଦର୍ଶନ କରିଥିଲେ। ଏହାପରେ ସେମାନେ ହସ୍ପିଟାଲର ସିଏମ୍ଏସ୍ ଡା. ସଞ୍ଜୀବ କୁମାରଙ୍କୁ ସାକ୍ଷାତ କରି ତାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ରାଉରକେଲା ରେଳବାଇ ହସ୍ପିଟାଲର ଡା. ଏସ.ଏ ସାଙ୍ଗାଙ୍କ ଦ୍ୱାରା ଭୁଲ ଚିକିତ୍ସା ଯୋଗୁଁ ଟ୍ରେନ ଚାଳକଙ୍କ ମୃତ୍ୟୁ ଘଟିଛି। କେବଳ ସେତିକି ନୁହେଁ ଡା. ସାଙ୍ଗା ସବୁବେଳେ ବିଭିନ୍ନ ଟ୍ରେନ ଚାଳକ ସମେତ ରୋଗୀଙ୍କୁ ଦୁର୍ବ୍ୟବହାର କରିବା ସମେତ ମାନସିକ ନିର୍ଯାତନା ଦେଉଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ଦୁଇ ଦିନ ମଧ୍ୟରେ ଡା. ସାଙ୍ଗାଙ୍କ ବଦଳି କରାଯିବାକୁ ସେମାନେ ଦାବିପତ୍ରରେ ଦର୍ଶାଇଛନ୍ତି।

**ଡାକ୍ତରଙ୍କ ବଦଳି ଦାବି କଲା ଏସ୍ଇଆର୍ ମେନ୍ କଂଗ୍ରେସ**

ଯଦି ଡା.ସାଙ୍ଗାଙ୍କ ବଦଳି ନ ହୁଏ ତେବେ ଆଗାମୀ ଦିନରେ ଟ୍ରେନ ଚାଳକମାନେ ଏକ ବଡ଼ ଧରଣର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ। ଏହି ଅବସରରେ ହିମାଂଶୁ ସାମଲ, ପିସି ପାଶ୍ୱାତ, ମନୋଜ କୁମାର ପ୍ରଧାନ, ପିକେ ମହାନ୍ତି, ଏକେ ରାଉତ, ବିଡି ପାଣିଗ୍ରାହୀ, ରଥ ସାଗର, ଡିଏସ ଜେନା, ଏନ୍ ଚୁହାଲ ସିଂ, ଏଆର ପାତ୍ର, ପି ପାଢ଼ୀ, ଏସସି ବେହେରା, ଆନନ୍ଦ ଚୌହାନ, ଆରକେ ରଞ୍ଜନ, ଆରକେ ମାହାନ୍ତଙ୍କ ସମେତ ଅନ୍ୟ ଟ୍ରେନ୍ ଚାଳକମାନେ ଉପସ୍ଥିତ ଥିଲେ।

# ସ୍କୁଲ ଛାତ୍ରୀଙ୍କ ଆତ୍ମହତ୍ୟା ପଛରେ ରାଗିଂ କାରଣ!



**ରାଉରକେଲା, ୯।୧୧(ସମିସ) :** ସ୍ଥାନୀୟ ବନ୍ଧମୁଣ୍ଡା ଥାନା ଅଧୀନ ସେକ୍ଟର-ଏ'ର ମୁଖୀବସ୍ତି ନିବାସୀ ବିଟୁ ମୁଖୀଙ୍କ ୧୩ ବର୍ଷୀୟା ଝିଅ ତମନ୍ନା ମୁଖୀଙ୍କ ଆତ୍ମହତ୍ୟା ପଛରେ ରାଗିଂ ହିଁ ମୁଖ୍ୟ କାରଣ ବୋଲି ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ରାଗିଂରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ସୂଚନା ମୁତାବକ ବନ୍ଧମୁଣ୍ଡାର ସେକ୍ଟର-ଏ'ର ମୁଖୀ ବସ୍ତି ନିବାସୀ ବିଟୁ ମୁଖୀଙ୍କ ୧୩ ବର୍ଷୀୟା ଝିଅ ତମନ୍ନା ମୁଖୀ ସେକ୍ଟର ଡି'ସ୍ଥିତ ମଦୁସୂଦନ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ଦୁଇ ଦିନ ପୂର୍ବେ ଗୁରୁବାର ସନ୍ଧ୍ୟାରେ ତମନ୍ନା ନିଜ ଘରେ ଗାମୁଛାରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଖବର ପାଇବା ମାତ୍ରେ ପରିବାରଲୋକେ ତୁରନ୍ତ ଗାମୁଛା କାଟି ତାକୁ ତଳକୁ ଓହ୍ଲାଇବା ସହ ହସ୍ପିଟାଲକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ପୁଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ବେଳେ ଆତ୍ମହତ୍ୟାର କାରଣ ନେଇ ଏକ ବିସ୍ଫୋରକ ଅଭିଯୋଗ କରିଛନ୍ତି ପରିବାର ଲୋକେ। ମୃତ ଛାତ୍ରୀ ତମନ୍ନା ଦୁଇ ଦିନ ପୂର୍ବେ ସ୍କୁଲରୁ ଫେରିବା ପରେ ସନ୍ଧ୍ୟାରେ ହଠାତ୍ ନିଜ ଘରେ ଫାଶୀ ଲଗାଇ ଦେଇଥିଲେ। ପୂର୍ବରୁ ଛାତ୍ରୀ ଜଣକ ତାଙ୍କ ପରିବାର ସଦସ୍ୟଙ୍କୁ କହିଥିଲେ ଯେ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢୁଥିବା କିଛି ଛାତ୍ର ତାଙ୍କୁ ପରିବାର ସଦସ୍ୟଙ୍କୁ ଆକ୍ଷେପ କରି ଆପତ୍ତିଜନକ ମନ୍ତବ୍ୟ ଦେଇ ରାଗିଂ କରିଥିଲେ। ଏହାପରେ ଛାତ୍ରୀ ଏହି ଘଟଣା ବିଷୟରେ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ସୂଚନା ଦେଇଥିଲେ। ମାତ୍ର ଉକ୍ତ ଶିକ୍ଷକ ଏ କଥାକୁ ବିଶେଷ ଗୁରୁତ୍ୱ ଦେଇ ନ ଥିଲେ। ଯେଉଁଥି ପାଇଁ ମୃତ ଛାତ୍ରୀ ଜଣକ ଘରକୁ ଯାଇ ଆତ୍ମହତ୍ୟା କରିଛନ୍ତି ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି। ଘଟଣାକୁ କେନ୍ଦ୍ର କରି ମୃତ ଛାତ୍ରୀଙ୍କ ପରିବାର ଲୋକେ ମଧୁସୂଦନ ବିଦ୍ୟାଳୟରେ ପହଞ୍ଚି ବିଦ୍ୟାଳୟରେ ଉପସ୍ଥିତ ଶିକ୍ଷକମାନଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। କିନ୍ତୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉପସ୍ଥିତ ନ ଥିବା ଯୋଗୁଁ ଆସନ୍ତା ମଙ୍ଗଳବାର ଦିନ ବିଦ୍ୟାଳୟ ପୀଡିତାଙ୍କ ପରିବାରକୁ ସ୍କୁଲକୁ ଡାକିଥିଲେ। ତେବେ ଏ ନେଇ ସ୍କୁଲରେ ଉତ୍ତେଜନା ପ୍ରକାଶ ପାଇବାରୁ ସୂଚନା ପାଇ ବନ୍ଧମୁଣ୍ଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ଶାନ୍ତ କରିବା ସହ ଘଟଣାର ସଠିକ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଆର୍ଏସ୍ପିକୁ 'ଜିଇଏଫ୍ ଗ୍ଲୋବାଲ୍ ପରିବେଶ ସ୍ଥାୟିତ୍ୱ' ପୁରସ୍କାର

**ରାଉରକେଲା, ୯।୧୧(ସମିସ):** ନୂଆଦିଲ୍ଲୀରେ ଆୟୋଜିତ ଏକ ପୁରସ୍କାର ବିତରଣ ଉତ୍ସବରେ ଉତ୍ତର ପ୍ରଦେଶ ସରକାରର ପୂର୍ବତନ ଅତିରିକ୍ତ ମୁଖ୍ୟ ସଚିବ ଏବଂ ଗ୍ଲୋବାଲ୍ ଏନର୍ଜି ଆଣ୍ଡ ଏନ୍‌ଭାୟରମେଣ୍ଟ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଡ. ଲଳିତ ବର୍ମା ସେଲ୍‌ର ରାଉରକେଲା ଇସ୍ପାତ କାରଖାନାକୁ ସମ୍ମାନଜନକ ଜିଇଏଫ୍ ଗ୍ଲୋବାଲ୍ ପରିବେଶ ସ୍ଥାୟିତ୍ୱ-୨୦୨୪ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ଭାରତ



ସରକାରଙ୍କ ପୂର୍ବତନ ବରିଷ୍ଠ ଉପଦେଷ୍ଟା ଡ. ବିବେକ ବନ୍ଦୋପାଧ୍ୟାୟ ଏବଂ ଭାରତର ନେଦରଲ୍ୟାଣ୍ଡ ରାଜ୍ୟ ଦୂତାବାସ, ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ କ୍ରୀଡା ପାଇଁ ପରାମର୍ଶଦାତା ନିକୋ ସ୍କିଟେକାଟେ ଉପସ୍ଥିତ ଥିଲେ। ଗ୍ଲୋବାଲ୍ ଏନର୍ଜି ଆଣ୍ଡ ପରିବେଶ ଫାଉଣ୍ଡେସନ୍ ଦ୍ୱାରା ଅନ୍ତର୍ଜାତୀୟସ୍ତରରେ ଖ୍ୟାତନାମା ଏନଜିଓ ଦ୍ୱାରା ପ୍ରଦାନ କରାଯାଇଥିବା ଏହି ପୁରସ୍କାର, ୨୦୨୩-୨୪ ମସିହାରେ ପରିବେଶ ପରିଚାଳନାରେ ଆରଏସପିର ଉଲ୍ଲେଖନୀୟ ସଫଳତାକୁ ସ୍ୱୀକୃତି ପ୍ରଦାନ କରୁଛି। ପୁରସ୍କାର ବିତରଣ ସମାରୋହରେ ଆରଏସପି ପକ୍ଷରୁ ୟୁଟିଲିଟି ଏବଂ ପରିବେଶ ବିଭାଗର ସିଜିଏମ୍ ହିରାଲାଲ ମହାପାତ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ। ପରିବେଶ ସ୍ଥାୟିତ୍ୱ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଅବଦାନକାରୀ ଏବଂ ସର୍ବୋତ୍ତମ ପରିବେଶ ଅଭ୍ୟାସ ଗ୍ରହଣ କରିଥିବା ସଂଗଠନ, କମ୍ପାନୀ ଏବଂ ବ୍ୟକ୍ତିବିଶେଷଙ୍କୁ ଜିଇଏଫ୍ ଗ୍ଲୋବାଲ୍ ପରିବେଶ ସ୍ଥାୟିତ୍ୱ ପୁରସ୍କାର ପ୍ରତ୍ୟେକ ବର୍ଷ ପ୍ରଦାନ କରାଯାଇଥାଏ। ଇସ୍ପାତ ତିଆରିରେ ଆରଏସପିର ପରିବେଶ ଅନୁକୂଳ ପଦକ୍ଷେପ ଏହି ସମ୍ମାନଜନକ ପୁରସ୍କାର ପାଇଁ ଚୟନରେ ପ୍ରମୁଖ କାରଣ ରହିଥିଲା।

## ହଟ୍‌ଷ୍ଟ୍ରିପ୍ ମିଲ୍-୨ ର ୨୭ କର୍ମଚାରୀ ପୁରସ୍କୃତ



**ରାଉରକେଲା, ୯।୧୧(ସମିସ):** ସେଲ ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍ ୨ ସମ୍ମିଳନୀ ହଲରେ ନଭେମ୍ବର ୯ ତାରିଖରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଅଭିନବ ପ୍ରୟାସ ପାଇଁ ୨୭ ଜଣ କର୍ମଚାରୀଙ୍କୁ 'ସେଲ ସାବାସ' ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ଏଚ୍ଏସ୍ଏମ୍-୨ ଓ ଆନୁସଙ୍ଗିକ ବିଭାଗର ସିଜିଏମ୍ ସୁବ୍ରତ କୁମାର ଅଧ୍ୟକ୍ଷତା କରି ବିଭାଗର ୬ ଜଣ ଅଧିକାରୀ ଏବଂ ୨୧ ଜଣ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ସେକ୍ସନ ମୁଖ୍ୟ ଯଥା ଅପରେସନ୍‌ର ଜିଏମ ଡି କେ ଯାଦବ, ଇଲେକ୍ଟ୍ରିକଲର ଜିଏମ୍ ରଞ୍ଜିତ କୁଜୁର, ମେକାନିକାଲ୍‌ର ଜିଏମ, ଏସ୍ ସୋରେନ୍ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଟୋକେନ୍ ଉପହାର ସହିତ ପ୍ରଶଂସା ପତ୍ରଗ୍ରହଣ କରିଥିବା ବିଜେତାମାନେ ହେଲେ ଏଜିଏମ ରାଜୀବ କୁମାର ମହାନ୍ତ, ଓସିଟି ନନି ଗୋପାଳ ଦାସ, ଅମିତ କୁମାର, ଡେପୁଟି ମ୍ୟାନେଜର ଅରୁଣ କୁମାର ମହାଲିକ୍, ଆସିଷ୍ଟାଣ୍ଟ ରୋଲର ସ୍ୱଦେଶ ରଞ୍ଜନ ସାହୁ, ଓସିଟି କ୍ଷୀରସିନ୍ଧୁ କାଲୋ, ଝାଡ଼େଶ୍ୱର ଓରାମ, ରାଜେନ୍ଦ୍ର ହେମ୍ବ୍ରମ, ପ୍ରଫୁଲ୍ଲ ସୁରେଶ ଗେଡ଼ାମ, ଡେପୁଟି ମ୍ୟାନେଜର ବିଶ୍ୱନାଥ ମୁର୍ମୁ, ଭକ୍ତହରି ମହାପାତ୍ର, ସିନିୟର ଟେକ୍ନିସିଆନ ସୌମ୍ୟ ଆର ସେନାପତି, ଓସିଟି ଶକ୍ତିକାନ୍ତ ଦଳାଇ, ସିନିୟର ଟେକନିସିଆନ ପ୍ରଶାନ୍ତ କୁମାର ପାତ୍ର, ସୁରାଇ ମାଝୀ, ଓସିଟି ପପୁ କୁମାର ରାମ, ଏସଏସ ଡବ୍ଲ୍ୟୁ ଶ୍ୟାମ ଚରଣ ସିଂ, ଓସିଟି ପିନଟୁ କୁମାର ଜୁନିୟର ମ୍ୟାନେଜର ରତିକାନ୍ତ ରାଉତରାୟ, ଓସିଟି ଚୁମାବତୀ ଟପ୍ପୋ, ସିନିୟର ଟେକ୍ନିସିଆନ୍, ଅମିତ କୁମାର, ଓସିଟି ଶୋବନ୍ କାତ୍ରୋଟ୍ ନାୟକ, ଓସିଟି ନାଗେଶ୍ୱରାଓ ଇ, ଏସିଟି ପ୍ରଶାନ୍ତ କୁମାର, ଓସିଟି ବିଏସ୍ଏସ୍ ଏକେ କୁସୁମାନଚି, ଏସ୍ଏସ୍‌ଡବ୍ଲ୍ୟୁ ତନ୍ତି ମୋହିତ, ମନୀଷ ରଞ୍ଜନ ଅଟ୍ଟା ପ୍ରମୁଖ। ସିନିୟର ମ୍ୟାନେଜର ଅନୁପ ଅଗ୍ରୱାଲ ସଂଯୋଜନା କରିଥିଲେ।

## ଶ୍ରୀଜଗନ୍ନାଥ ମନ୍ଦିର ଓ ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରତିଷ୍ଠା ମହୋତ୍ସବ

**ବଣାଇଁ, ୯ ।୧୧(ସମିସ):** ବଣାଇଁ ବ୍ଲକ ଅଧୀନ ସରସରା ଗ୍ରାମରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ଓ ଦେବ ବିଗ୍ରହଙ୍କ ପ୍ରତିଷ୍ଠା ମହୋତ୍ସବ ଆସନ୍ତାକାଲି ପବିତ୍ର କାର୍ତ୍ତିକ ଶୁକ୍ଳ ଅଁଳା ନବମୀ ରବିବାରରେ ମହାସମାରୋହରେ ଅନୁଷ୍ଠିତ ହେବ। ଦୀର୍ଘ ଚାରି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ସରସରା ଗ୍ରାମର ମୂଳବାସିନ୍ଦା ଶରତ କୁମାର ସାହୁ ଏବଂ ଧର୍ମପତ୍ନୀ ଡ. ସମିନା ବେହେରା ମୁଖ୍ୟକର୍ତ୍ତା ଭାବେ କାର୍ଯ୍ୟ ତୁଲାଇବାକୁ ସ୍ଥିର ହୋଇଛି। ବଣାଇଁ ଅଞ୍ଚଳର ସମସ୍ତ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରଭୁ କୃପା ଲାଭ କରିବାକୁ ମନ୍ଦିର ପରିଚାଳନା କମିଟିର ସଭାପତି ନୃପମଣି ନାଏକ ସମ୍ପାଦକ ବୀର ବିଚିତ୍ରସେନ ନାୟକ, ଗଙ୍ଗାଧର ବେହେରା, ମନୋଜ କୁମାର ପାନ୍ଦିଆ ଏବଂ ଗ୍ରାମବାସୀ ନିବେଦନ କରିଛନ୍ତି।

## ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା



**ରାଜଗାଙ୍ଗପୁର, ୯ ।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଶାନଙ୍କ ନେତୃତ୍ୱରେ ବିଜେଡି ପକ୍ଷରୁ ଏକ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ପୂର୍ବ ବିଜେଡି ସରକାରଙ୍କ ଯେଉଁସବୁ ଯୋଜନା ରହିଥିଲା ସେଗୁଡିକୁ ସମସ୍ତ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ହେଉଛି ଏହି ପଦଯାତ୍ରାର ମୂଳଲକ୍ଷ୍ୟ। ଶୋଭାଯାତ୍ରାଟି ବିଜୁ ପଟ୍ଟନାୟକ ଛକସ୍ଥିତ ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବସ୍‌ଷ୍ଟାଣ୍ଡ ସ୍ଥିତ କଲ୍ୟାଣ ମଣ୍ଡପରେ ଶେଷ ହୋଇଥିଲା। ଉକ୍ତ ପଦଯାତ୍ରା ଓ ସଭାରେ ବରିଷ୍ଠ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ଥିଲେ। ବରିଷ୍ଠ ବିଜେଡି ନେତା ତାହା ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଶାନଙ୍କ ନେତୃତ୍ୱରେ ରାଜ୍ୟ ବିଜେଡିର ଯୁବ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାୟକ, ବିଧାନସଭା ପ୍ରାର୍ଥୀ ଅନିଲ ବରୁଆ, ରାଜଗାଙ୍ଗପୁର ପୌରପାଳିକା ଅଧକ୍ଷା ମାଧୁରୀ ଲୁଗୁନ, ପୌରପାଳିକା ଉପାଧକ୍ଷ ଏମ୍‌ଡି ଇରଫାନ, ରାଜଗାଙ୍ଗପୁର ବ୍ଲକ ଅଧକ୍ଷା ସୁଶୀଳା ଟୋପୋ, ବିଜେଡି ନେତା ଜିତେନ୍ଦ୍ର ଦାସ, ରାଜଗାଙ୍ଗପୁର ବିଜେଡି ସଭାପତି ରାଜେନ୍ଦ୍ର ଲେଙ୍କା, ଅମରେଶ ପଣ୍ଡା, ରାଜେନ୍ଦ୍ର ବେହେରା, ରାମଚନ୍ଦ୍ର କିଯୁର, ବସନ୍ତ ଟପୋ, ଉପେନ୍ଦ୍ର ପ୍ରଧାନ, ସୁଶ୍ରିତା ପାଇକରାୟ, ବିଜେଡି ନେତ୍ରୀ ପ୍ରିୟଦର୍ଶିନୀ ଭୋଇ, ରଶ୍ମୀ ଏକ୍କା, ଗଙ୍ଗାରାମ ମିଞ୍ଜଙ୍କ ସମେତ ଶତାଧିକ ବିଜେଡି କର୍ମୀ ସାମିଲ ହୋଇଥିଲେ।

## ଶ୍ରମିକ ସଂଘ ଓ ମଜ୍‌ଦୁର ମଞ୍ଚର ନିର୍ବାଚନୀ ଇସ୍ତାହାର

**ରାଉରକେଲା, ୯।୧୧(ସମିସ):** ଆସନ୍ତା ୧୨ ତାରିଖରେ ରାଉରକେଲା ଇସ୍ପାତ କାରଖାନାରେ ଶ୍ରମିକ ସ୍ୱୀକୃତି ନିର୍ବାଚନ ହେବାକୁ ଥିବାବେଳେ ଶୁକ୍ରବାର ସେକ୍ଟର-୮ ସ୍ଥିତ ଗାଙ୍ଗପୁର ମଜ୍‌ଦୁର ମଞ୍ଚର କାର୍ଯ୍ୟାଳୟରେ ରାଉରକେଲା ଶ୍ରମିକ ସଂଘ ଏବଂ ଗାଙ୍ଗପୁର ମଜ୍‌ଦୁର ମଞ୍ଚ ମିଳିତ ଭାବେ ସେମାନଙ୍କ ୟୁନିଅନର ନିର୍ବାଚନୀ ଇସ୍ତାହାର ଘୋଷଣା କରିଥିଲେ। ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ସାଧାରଣ ସମ୍ପାଦକ ଗୋପାଳ ଦାସଙ୍କ ସମେତ ଉଭୟ ୟୁନିଅନର ନେତୃବୃନ୍ଦ ମିଳିତ ଭାବେ ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଥିଲେ। ଏହି ଇସ୍ତାହାର ଅନୁଯାୟୀ କର୍ମଚାରୀଙ୍କ ୩୯ ମାସର ଏରିଅର ପ୍ରଦାନ ଓ ଗ୍ରାଚ୍ୟୁଇଟି ସିଲିଂ ଉଚ୍ଛେଦ ଏନ୍‌ଜେସିଏସ ମାଧ୍ୟମରେ ସମାଧାନ କରି ଏମଓୟୁ କରିବା ପାଇଁ ପ୍ରୟାସ, ଶେଷ ପର୍ଯ୍ୟାୟରେ ଥିବା ମାସିକ ଇନସେଟିଭ୍ ଓ ରିୱାର୍ଡକୁ ରିଭିଜନ କରିବା, ସବୁ କର୍ମଚାରୀଙ୍କ ପାଇଁ ଗ୍ରୁପ ଇନସ୍ୟୁରାନ୍ସ ଲାଗୁ କରିବା, ହଟ୍ ଷ୍ଟ୍ରିପ ମିଲ ୨ କର୍ମଚାରୀଙ୍କ ପାଇଁ ଇନସେଟିଭ୍ ଲାଗୁ କରିବା, ଆରଏସପି ମହିଳା କର୍ମଚାରୀଙ୍କ ପାଇଁ କେନ୍ଦ୍ର ସରକାରଙ୍କ କର୍ମଚାରୀଙ୍କ ପରି ଚାଇଲ୍ଡ କେୟାର ପେଡ୍ ଲିଭ୍ ଲାଗୁ କରିବା, ଟ୍ରେନିଂ କର୍ମଚାରୀଙ୍କ ପାଇଁ ଷ୍ଟାଇପେଣ୍ଡ ମିନିମମ୍ ଗ୍ରେଡର ବେସିକ୍ ପେ' ସହ ସମାନ କରିବା, ଉଚ୍ଚଶିକ୍ଷିତ ବାସଚ୍ୟୁତଙ୍କ ନିଯୁକ୍ତି ପାଇଁ ପ୍ରୟାସ କରିବା, ଅଟକିଥିବା କୋକଓଭେନ କର୍ମଚାରୀଙ୍କ ଡାଉନ ଗ୍ରେଡ ପ୍ରମୋଶନ ଲାଗୁ କରିବା, ଆଇଜିଏଚର ସମସ୍ତୱାର୍ଡକୁ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରିବା, ଇନଡୋର ରୋଗୀମାନଙ୍କୁ ସ୍ୱେଶାଲ କେବିନ ପରି ଖାଇବା ବ୍ୟବସ୍ଥା କରିବା ସହ ଆଇଜିଏଚରେ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ସବୁ ପ୍ରକାର ସୁବିଧା କରିବା, ଷ୍ଟିଲ ଟାଉନ୍‌ସିପରେ ସ୍ୱେରେଜ ସିଷ୍ଟମକୁ ମରାମତି କରିବା, ସେକ୍ଟର ଅଞ୍ଚଳର ରାସ୍ତାଘାଟ ମରାମତି କରାଇବା, କର୍ମଚାରୀଙ୍କ ବାସଗୃହ ମରାମତି କରାଇବା, ପୂଜା ଆଡଭାନ୍ସ ବୃଦ୍ଧି କରାଇବା ଆଦି ୨୮ ଟି ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ଅବସରରେ ସେଠାରେ ଏକ ନିର୍ବାଚନୀ ସଭା ଆୟୋଜିତ ହୋଇଥିଲା। ଏହା ପୂର୍ବରୁ ଏକ ବିରାଟ ଶୋଭାଯାତ୍ରା ସେକ୍ଟର ଅଞ୍ଚଳ ପରିକ୍ରମା କରିଥିଲା।

## ବୀର ପ୍ରତାପ ଗୋ-ଶାଳାରେ ଗୋଷ୍ଠାଷ୍ଟମୀ

**ରାଜଗାଙ୍ଗପୁର, ୯ ।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ବୀର ପ୍ରତାପ ଗୋ-ଶାଳାରେ ଗୋଷ୍ଠାଷ୍ଟମୀ ପାଳନ କରାଯାଇଛି। ହିନ୍ଦୁ ଧର୍ମରେ ମାନ୍ୟତା ଅଛି ଏହି ଦିନ ଭଗବାନ ଶ୍ରୀ କୃଷ୍ଣ ପ୍ରଥମଥର ପାଇଁ ଗାଈ ଚରେଇବା ପାଇଁ ଯାଇଥିଲେ। ଆଜି ଏହି ପବିତ୍ର ଦିନରେ ବୀରପ୍ରତାପ ଗୌଶାଳା ଠାରେ ଗୋ ମାତାଙ୍କୁ ଫୁଲ, ଚନ୍ଦନ, ଫଳ, ଗୁଡ଼, ଲଡୁ ଦେଇ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଗୌଶାଳାଟି ୧୦୦ ବର୍ଷରୁ ଉର୍ଦ୍ଧ୍ୱହେବ ମାରୱାଡି ସଂଘ ଦ୍ୱାରା ପରିଚାଳିତ ହେଉଛି।

## ବଣାଇଁରେ ଜାତୀୟ ଆଇନ ସେବା ଦିବସ


**ବଣାଇଁ, ୯ ।୧୧(ସମିସ):** ଭାରତରେ ସବୁ ନାଗରିକଙ୍କୁ ଯେପରି ଭାବେ ନିରପେକ୍ଷ ଆଇନ ସେବା ମିଳିପାରିବ ତାକୁ ସୁନିଶ୍ଚିତ କରିବା ସହ ଏହା ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟିକରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ନଭେମ୍ବର ୯କୁ 'ଜାତୀୟ ଆଇନ ସେବା ଦିବସ' ଭାବେ ପାଳନ କରାଯାଉଛି। ଏହି ଅବସରରେ ବଣାଇଁ ସିଭିଲ କୋର୍ଟ ପରିସରରେ ଥିବା ସଭାଗୃହ ଠାରେ ବଣାଇଁ ତାଲୁକ ଆଇନ ସହାୟତା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବଣାଇଁ ସିଭିଲ କୋର୍ଟର ସମସ୍ତ ଅଧିକାରୀ, କର୍ମଚାରୀ, ଆଇନଜୀବୀଙ୍କ ସମେତ ବଣାଇଁ ସହକାରୀ ଜିଲ୍ଲାପାଳ, ଶିଶୁ ବିକାଶ ବିଭାଗ ସୁପରଭାଇଜର ଏବଂ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ସମାଜର ଦୁର୍ବଳ ଓ ଅସହାୟ ଶ୍ରେଣୀର ଲୋକମାନଙ୍କୁ ନିଃଶୁଳ୍କ ଆଇନ ସେବା ପ୍ରଦାନ କରିବା ତଥା ବିବାଦର ସୌହାର୍ଦ୍ଦପୂର୍ଣ୍ଣ ସମାଧାନ କରିବା ପାଇଁ ଲୋକ ଅଦାଲତ ଆୟୋଜନ କରିବା ଏହାର ମୂଳ ଉଦ୍ଦେଶ୍ୟ ବୋଲି ଉପସ୍ଥିତ ଅତିଥି ମାନେ ପ୍ରକାଶ କରିଥିଲେ। ଅତୁଲ କୁମାର ସାମଲ ପରିଚାଳନା କରିଥିବାବେଳେ ସିଭିଲ କୋର୍ଟ କର୍ମଚାରୀ ବ୍ରିଜେଶ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର କିସାନ ଏବଂ ଲୋକସମ୍ପର୍କ ବିଭାଗ କର୍ମଚାରୀ ଯୁଧିଷ୍ଠିର ତ୍ରିପାଠୀ ସହଯୋଗ କରିଥିଲେ।

**ଟେକ୍ ଫେଷ୍ଟ 'ଇନୋଭିଜନ-୨୦୨୪' ଉଦ୍‌ଘାଟିତ**

# ଏନ୍‌ଆଇଟିରେ ଅଟୋ, ଡ୍ରୋନ୍ ଓ ରୋବୋଟିକ୍ସ ଶୋକେସ୍ ପ୍ରଦର୍ଶିତ

ରାଉରକେଲା, ୯।୧୧(ସମିସ)





ଏନ୍‌ଆଇଟି ରାଉରକେଲାର ଭୁବନେଶ୍ୱର ଅଡିଟୋରିୟମରେ ୩ ଦିନିଆ ବାର୍ଷିକ ଟେକ୍-ଫେଷ୍ଟ 'ଇନୋଭିଜନ' - ୨୦୨୪ ଉଦ୍‌ଘାଟିତ ହୋଇଛି। ଟେକ୍ନିକାଲ୍ ସୋସାଇଟି ଅଫ୍ ଦି ଷ୍ଟୁଡେଣ୍ଟ ଆକ୍ଟିଭିଟି ସେଣ୍ଟର (ଏସ୍ଏସି) ଦ୍ୱାରା ଆୟୋଜିତ ଇନୋଭିଜନ ହେଉଛି ପୂର୍ବ ଭାରତର ଅନ୍ୟତମ ପ୍ରତୀକ୍ଷିତ ଟେକ୍ନୋଲୋଜି ଫେଷ୍ଟିଭାଲ, ଯେଉଁଥିରେ ସାରା ଦେଶରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥାନ୍ତି। ଇନୋଭିଜନ ହେଉଛି ଏକ ଇମର୍ସିଭ୍ ଟେକ୍ ଫେଷ୍ଟ ଯାହା ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନଙ୍କୁ ଏକାଠି କରି ଅଭିନବ ଇଞ୍ଜିନିୟରିଂ ତଥା ଟେକ୍ନୋଲୋଜି ପ୍ରୋଜେକ୍ଟର ଉପସ୍ଥାପନ ଓ ଉତ୍ସବ ପାଳନ କରେ, ସୃଜନଶୀଳତା, ସହଯୋଗ ଏବଂ ହସ୍ତଗତ ଶିକ୍ଷଣ ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରେ। ବୈଷୟିକ ସମିତିର ଉପାଧ୍ୟକ୍ଷ ପ୍ରଫେସର କୌସ୍ତବ ଚୌଧୁରୀ ଓ ପ୍ରଫେସର ତୀର୍ଥଙ୍କର ସରକାର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦ୍ରୁତ ବୈଷୟିକ ଉନ୍ନତି ଉପରେ ଆଲୋକପାତ କରି ମୁଖ୍ୟଅତିଥି କହିଥିଲେ, ସ୍ମାର୍ଟଫୋନ୍ ଓ ଡିଜିଟାଲ୍ ପ୍ଲାଟଫର୍ମ ଯୋଗାଯୋଗକୁ ପୁନଃସଂକଳ୍ପିତ କରିଛି, ଯାହା ବିଶ୍ୱକୁ ପୂର୍ବ ଭଳି ଏକଜୁଟ କରିଛି। ଏହି ଅବସରରେ ଏନ୍‌ଆଇଟିରେ ଅଟୋ, ଡ୍ରୋନ୍ ଓ ରୋବୋଟିକ୍ସ ଶୋକେସ୍ ପ୍ରଦର୍ଶିତ ହୋଇଥିଲା। ଯେଉଁଥିରେ ଏକ ଇଶାରା-ନିୟନ୍ତ୍ରିତ ଡ୍ରୋନ୍ ଶୋ ଏବଂ ଏକ ହ୍ୟୁମନୋଇଡ୍ ରୋବଟ୍ ଶୋ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଏହି ଅବସରରେ 'ଟେକ୍ନୋଭସ୍‌ର୍, ଟେକ୍ନୋଲୋଜିକୁ ନେଭିଗେଟ୍ କରିବା ଏବଂ ଭବିଷ୍ୟତର ପରିଦୃଶ୍ୟକୁ ଆକାର ଦେବା' ଶୀର୍ଷକ ଇନୋଭିଜନ୍ ୨୦୨୪ ଆୟୋଜିତ ହୋଇଥିଲା। ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ ଉମାମହେଶ୍ୱର ରାଓ ଯୋଗ ଦେଇ ପ୍ରତିଯୋଗୀଙ୍କ ଉଦ୍ଭାବନର ମନୋବଳକୁ ପ୍ରଶଂସା କରି ଇନୋଭିଜନ କେବଳ ପ୍ରଯୁକ୍ତିବିଦ୍ୟାର ପ୍ରଦର୍ଶନ ନୁହେଁ ବରଂ ସହଯୋଗ ଓ ସୃଜନଶୀଳତାର ଏକ ଉତ୍ସବ ଅଟେ ବୋଲି କହିଥିଲେ। ଷ୍ଟୁଡେଣ୍ଟ ଆକ୍ଟିଭିଟି ସେଣ୍ଟରର ସଭାପତି ପ୍ରଫେସର ରାଜୀବ କୁମାର ପଣ୍ଡା ଚଳିତବର୍ଷର ଇନୋଭିଜନ ଏକ ଡିଜିଟାଲ ସ୍ୱର୍ଗ ଭାବରେ ପରିକଳ୍ପନା କରାଯାଇଛି ଯେଉଁଠାରେ ଟେକ୍ନୋଲୋଜି ଲକ୍ଷ୍ୟକୁ ପୂରଣ କରୁଛି ବୋଲି କହିଥିଲେ। ଏନ୍‌ଆଇଟି ରାଉରକେଲାର ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ଅନୁଷ୍ଠାନର ୬୦୦ରୁ ଅଧିକଙ୍କୁ ମିଶାଇ ଆନୁମାନିକ ୫୦୦୦ ପ୍ରତିଯୋଗୀଙ୍କୁ ନେଇ 'ଇନୋଭିଜନ୍ ୨୦୨୪' ପୁଣି ଥରେ ଲୋକପ୍ରିୟ ବୋଲି ପ୍ରମାଣିତ କରିଛି। ସୂଚନାଯୋଗ୍ୟ ଯେ ପ୍ରତିବର୍ଷ, ଇନୋଭିଜନ୍ ଏକ ସୁନ୍ଦର ପରିବେଶ ସୃଷ୍ଟି କରେ ଯେଉଁଠାରେ ଟେକ୍ନୋଲୋଜି ପାଇଁ ଉତ୍ସାହୀମାନେ ଧାରଣା ଆଦାନ ପ୍ରଦାନ ତଥା ସ୍ଥାୟୀ ସ୍ମୃତି ସୃଷ୍ଟି କରିବା ପାଇଁ ଏକତ୍ରିତ ହୁଅନ୍ତି। ଏହି ପର୍ବ ପରବର୍ତ୍ତୀ ପିଢ଼ିର ଉଦ୍ଭାବକମାନଙ୍କର ଅସୀମ ସୃଜନଶୀଳତା ଏବଂ ସାମର୍ଥ୍ୟର ପ୍ରମାଣ ରୂପେ ଠିଆ ହୋଇଛି।

## ଆମ୍ବୁଲାନ୍ସ ନ ଆସିବାରୁ ପ୍ରତିବାଦରତ ବାପାଙ୍କୁ ପୁଲିସର ମାଡ଼ ଘଟଣା

# ଏସ୍‌ପିଙ୍କୁ ଦାବିପତ୍ର ଦେଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍

**ବାରିପଦା, ୯।୧୧(ସମିସ):** ଅସୁସ୍ଥ ଶିଶୁକନ୍ୟାକୁ ହସ୍ପିଟାଲକୁ ନେବା ପାଇଁ ଆମ୍ବୁଲାନ୍ସ ନ ଆସିବାରୁ ରାଜପଥରେ ପ୍ରତିବାଦ କରୁଥିବା ବାପାକୁ ମାଡ଼ ମାରି ଆହତ କରିବା ଘଟଣା ଭିନ୍ନ ମୋଡ଼ ନେଇଛି। ମୟୂରଭଞ୍ଜ ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ନେତୃତ୍ୱରେ ଶନିବାର ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପୀଡ଼ିତଙ୍କ ଘରେ ପହଞ୍ଚି ଘଟଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ପୁଲିସ୍‌ର ଏହି ଅମାନବୀୟ କାଣ୍ଡକୁ ନିନ୍ଦା କରିବା ସହ ସଂପୃକ୍ତ ଆଦିବାସୀ ପରିବାରକୁ ନ୍ୟାୟ ଦେବାକୁ ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ଦାବିପତ୍ର ଦେଇଛନ୍ତି।

ବିଜେଡିର ଏହି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ରେ ସୁଦାମଙ୍କ ସହ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଦେବାଶିଷ ମହାନ୍ତି, ଡା. ଦେବାଶିଷ ମାର୍ଣ୍ଡି, ସୁବ୍ରମଣ୍ୟମ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ଦୁର୍ଗା ମାର୍ଣ୍ଡି, ଅମର ସେଠୀ, ଶୁଭ୍ରାଂଶୁ ଶେଖର ଦେଓବାବୁ, ବାବଲୁ ହାଁସଦା, ରାଇସେନ ମୁର୍ମୁ, ଗୁରୁଚରଣ ମୁର୍ମୁ, ଅକ୍ଷୟ ପଢ଼ିଆରୀ, ରବି କର, କରୁଣା କର ଓ ଦୁଖିଆ ହାଁସଦାଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ପୀଡ଼ିତଙ୍କ ନିକଟରୁ ସମସ୍ତ ଘଟଣା ଜାଣିବା ପରେ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ତଥ୍ୟ ପ୍ରଦାନ କରାଯାଇଥିବା ଶ୍ରୀ ମାର୍ଣ୍ଡି କହିଛନ୍ତି।



ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅଞ୍ଚଳରେ ଗତ ୪ ତାରିଖ ସୋମବାର ସନ୍ଧ୍ୟାରେ ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ପାତିହିଞ୍ଜା ଗ୍ରାମର ରବୀନ୍ଦ୍ର ନାଏକ ଓରଫ୍ ବଡ଼ଙ୍କ ୩ ବର୍ଷର ଶିଶୁକନ୍ୟା ଗୁରୁତର ଅସୁସ୍ଥ ହୋଇପଡ଼ିଥିଲା। ତାକୁ ଡାକ୍ତରଖାନାକୁ ନେବା ପାଇଁ ୧୦୮ ଆମ୍ବୁଲାନ୍ସ ସହ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ନ ଆସିବାରୁ ରବୀନ୍ଦ୍ର ନିଜ ଝିଅକୁ କାନ୍ଧେଇ ୩ କିମି ଦୂର କୁଳିଅଣା ପର୍ଯ୍ୟନ୍ତ ଆଣିଥିଲେ। ଏହି ସମୟ ମଧ୍ୟରେ ମଧ୍ୟ ଆମ୍ବୁଲାନ୍ସ ନପହଞ୍ଚିବାରୁ ସେ ପ୍ରତିବାଦ ସ୍ୱରୂପ ୧୮ ନଂ ନମ୍ବର ଜାତୀୟ ରାଜପଥ ଓଭରବ୍ରିଜ୍ ଉପରେ ଛିଡ଼ା ହୋଇ ସମସ୍ତ ଯାନବାହନ ଅଟକାଇଥିଲେ। କୁଳିଅଣା ପୁଲିସ୍ ପହଞ୍ଚି ରବୀନ୍ଦ୍ରଙ୍କୁ ବୁଝାସୁଝା କରିବା ପରିବର୍ତ୍ତେ ରାଜପଥ ଉପରେ ସର୍ବସାଧାରଣଙ୍କ ସମ୍ମୁଖରେ ଠେଙ୍ଗାରେ ତାଙ୍କୁ ମାଡ଼ ମାରିଥିଲା। ଏହାର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ବିଭିନ୍ନମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଅପରପକ୍ଷେ, ରବୀନ୍ଦ୍ରଙ୍କ ଅଭିଯୋଗକ୍ରମେ କୁଳିଅଣା ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଏନ୍‌କାଉଣ୍ଟରରେ ମୃତ ୩ ମାଓବାଦୀଙ୍କ ଶବ ଉଦ୍ଧାର

**ମାଲକାନଗିରି, ୯।୧୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲା ରେଖାପାଲି ଜଙ୍ଗଲରେ ଗତକାଲି ଯବାନଙ୍କ ଏନ୍‌କାଉଣ୍ଟର୍‌ରେ ନିହତ ହୋଇଥିବା ୩ ମାଓବାଦୀଙ୍କ ଶରୀର ଆଜି ଉଦ୍ଧାର ହୋଇଛି। ମୃତ ମାଓବାଦୀଙ୍କ ମଧ୍ୟରୁ ଜଣଙ୍କ ପରିଚୟ ମିଳିଛି। ସେ ହେଉଛି, ନକ୍ସଲ ପ୍ଲାଟୁନ୍ ନମ୍ବର ୧୦ର କମାଣ୍ଡର ଜୋଗା ମାଡଭି। ଅନ୍ୟ ଦୁଇଜଣଙ୍କ ପରିଚୟ ମିଳିପାରିନାହିଁ। ଅପରପକ୍ଷେ ଏନ୍‌କାଉଣ୍ଟର୍ ସ୍ଥଳରୁ ସୁରକ୍ଷା କର୍ମୀମାନେ ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ କରିଛନ୍ତି। ଜବତ ଅସ୍ତ୍ରଶସ୍ତ୍ର ମଧ୍ୟରେ ଏସଏଲଆର ବନ୍ଧୁକ, ୧୨ ବୋର ରାଇଫଲ୍, ପିସ୍ତଲ, ଦୁଇଟି ବିସ୍ଫୋରକ ଓ କିଛି ବିସ୍ଫୋରକ ସାମଗ୍ରୀ ରହିଛି। ବସ୍ତର୍ ଆଇଜି ସୁନ୍ଦରରାଜ ପି. ଆଜି ଏହି ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ଗତକାଲି ରେଖାପାଲି ଜଙ୍ଗଲରେ ଡିଆରଜି, ପୁଲିସ ଓ କୋବ୍ରା ପକ୍ଷରୁ ମିଳିତ କମ୍ବିଂ ଅପରେସନ୍ ଚାଲିଥିବା ବେଳେ ମାଓବାଦୀମାନେ ସେମାନଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ଜବାବରେ ଯବାନମାନେ ମଧ୍ୟ ପାଲଟା ଆକ୍ରମଣ କରିଥିଲେ। ଏଥିରେ ୩ ନକ୍ସଲଙ୍କ ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରେ ଏବେ ବି ତଲାସି ଅଭିଯାନ ଜାରି ରହିଛି।



**ବହୁ ଅସ୍ତ୍ରଶସ୍ତ୍ର ଜବତ**

# ସୀମାନ୍ତରେ ୨ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୯।୧୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ଅଞ୍ଚଳରେ ନକ୍ସଲ ସଂଗଠନରେ ସକ୍ରିୟ ଥିବା ୨ ନକ୍ସଲ ଆଜି ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, ଭଞ୍ଜାମ ରାମା ଏବଂ ଦିରୋଦୋ ପୋଜା। ଛତିଶଗଡ଼ ସରକାରଙ୍କ ନକ୍ସଲବାଦ ବିଲୋପ ଏବଂ ପୁନର୍ବାସ ନୀତିରେ ପ୍ରଭାବିତ ହୋଇ ସେମାନେ ଆତ୍ମସମର୍ପଣ କରିଛନ୍ତି ବୋଲି କହିଛନ୍ତି। ଏହି ଦୁଇଜଣ ବହୁ ମାଓ ହିଂସାକାଣ୍ଡରେ ଜଡ଼ିତ ଥିଲେ। ପୁନର୍ବାସ ନୀତି ଅଧୀନରେ ଏହି ଦୁଇ ନକ୍ସଲଙ୍କୁ ସହାୟତା ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି ସୁକୁମା ଏସ୍‌ପି ରେହାନ୍ ଅଲ୍ଲୀ ଖାନ୍, ସିଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁରେଶ କୁମାର ପ୍ରମୁଖ କହିଛନ୍ତି।



# +୩, ପିଜି ଓ ବିଇଡି ସ୍ପଟ୍ ନାମଲେଖା ପାଇଁ ବିଜ୍ଞପ୍ତି

**ଭୁବନେଶ୍ୱର, ୯।୧୧(ସମିସ):** ସ୍ନାତକୋତ୍ତର (ପିଜି) ପ୍ରଥମ ପର୍ଯ୍ୟାୟ ନାମଲେଖା ସରିବାର ମାସେ ପରେ ଅବଶିଷ୍ଟ ସିଟ୍‌ରେ ନାମଲେଖା ପାଇଁ ବାହାରିଲା ବିଜ୍ଞପ୍ତି। ଏଥର ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପରିବର୍ତ୍ତେ ସିଧା ସ୍ପଟ୍ ନାମଲେଖା ହେବ। ଏହାସହ ସ୍ନାତକ(+୩), ବିଇଡି ଓ ଏମ୍‌ଇଡି ପାଇଁ ଥିବା ଅବଶିଷ୍ଟ ସିଟ୍‌ରେ ମଧ୍ୟ ନାମଲେଖାଇବା ପାଇଁ ବିଜ୍ଞପ୍ତି ବାହାରିଛି। ସବୁ ନାମଲେଖା ୧୦ ଦିନରେ ସାରିବାକୁ ଉଚ୍ଚଶିକ୍ଷା ବିଭାଗ ଲକ୍ଷ୍ୟ ରଖିଛି। ସ୍ପଟ୍ ନାମଲେଖା ପାଇଁ ଛାତ୍ରଛାତ୍ରୀମାନେ ଆସନ୍ତା ୧୧ରୁ ୧୫ତାରିଖ ମଧ୍ୟରେ ଆବେଦନ କରିପାରିବେ। ୧୯ ତାରିଖ ଅପରାହ୍ଣ ୪ଟାରେ ସମସ୍ତ ନାମଲେଖା ପାଇଁ ମେଧାବୀଙ୍କ ରାଙ୍କ ଅନୁଯାୟୀ ତାଲିକା ପ୍ରକାଶ ପାଇବ। ନାମ ଲେଖାଇବା ପାଇଁ ୨୧ତାରିଖ ୧୦ଟାରୁ ଅପରାହ୍ଣ ୩ଟା ୪୫ ପର୍ଯ୍ୟନ୍ତ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଯାଇ ରିପୋର୍ଟିଂ କରିବେ। ରିପୋର୍ଟିଂ ସମୟ ସରିବାର ମାତ୍ର ୪୫ ମିନିଟ୍ ମଧ୍ୟରେ ଶିକ୍ଷାନୁଷ୍ଠାନ ପକ୍ଷରୁ ନାମଲେଖାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ତାଲିକା ନୋଟିସ୍ ବୋର୍ଡରେ ଲଗାଇବେ। ଏହାପରେ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ତୁରନ୍ତ ଅବଗତ କରିବା ସହ ସେହି ଗୋଟିଏ ଦିନରେ ହିଁ ନାମଲେଖା ହେବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ସ୍ପଟ୍ ନାମଲେଖା ପାଇଁ ଆବେଦନ କରିପାରିବେ ସମସ୍ତ ଛାତ୍ରଛାତ୍ରୀ। ଏଥିପାଇଁ ସର୍ବନିମ୍ନ ଗୋଟିଏ ଓ ସର୍ବାଧିକ ୩ଟି ଅପସନ୍ ଦେଇପାରିବେ। ଯେଉଁମାନେ ପୂର୍ବରୁ ନାମଲେଖାଇ ସାରିଛନ୍ତି, ସେମାନେ ଅନ୍ୟ ଅନୁଷ୍ଠାନରେ ନାମ ଲେଖାଇଲେ ଚୟନ ହେବାର ୭ଦିନ ମଧ୍ୟରେ ଅର୍ଥାତ ୨୮ ତାରିଖ ମଧ୍ୟରେ ସିଏଲ୍‌ସି ଦାଖଲ କରିବାକୁ କୁହାଯାଇଛି।

**୧୦ଦିନରେ ସରିବ ସବୁ ନାମଲେଖା**

# କାଉନସିଲରଙ୍କ ଘରୁ ୫ ମାସର ଶିଶୁପୁତ୍ର ଉଦ୍ଧାର

**ବାଲେଶ୍ୱର, ୯।୧୧ (ସମିସ):** ବାଲେଶ୍ୱର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଜିଲ୍ଲା ଶିଶୁ ମଙ୍ଗଳ କମିଟି ପକ୍ଷରୁ ରେମୁଣା ପୁଲିସ ସହାୟତାରେ ରେମୁଣା ଏନ୍‌ଏସି ୧୧ନମ୍ବର ୱାର୍ଡ କାଉନସିଲରଙ୍କ ଘରେ ଚଢ଼ଉ କରାଯାଇ ୫ ମାସର ଏକ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଛି। ଶିଶୁକୁ ସିଡବ୍ଲୁସିରେ ହାଜର କରାଯିବା ପରେ ବାଳାଶ୍ରମରେ ଥିବା ଶିଶୁପାଳନ ଯତ୍ନଗୃହରେ ରଖାଯାଇଛି। ସମ୍ପୃକ୍ତ କାଉନସିଲର ବେଆଇନ ଭାବେ ଏକ ଶିଶୁପୁତ୍ରକୁ ରଖିଥିବା ଜଣେ ସାମାଜିକ କର୍ମୀ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ପାଇଁ ଜିଲ୍ଲାପାଳ ଜିଲ୍ଲା ଶିଶୁ ମଙ୍ଗଳ କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଜି ରେମୁଣା ପୁଲିସ ସହାୟତାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଦେବାଙ୍ଗନା ବାରିକ ଏବଂ ଶିଶୁ ମଙ୍ଗଳ କମିଟିର ସଦସ୍ୟା ଅନିତା କର ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ୧୧ନମ୍ବର ୱାର୍ଡ କାଉନସିଲର ପାନମଣି ମୁର୍ମୁଙ୍କ ଘରେ ଚଢ଼ଉ କରାଯାଇଥିଲା। ଏହି ସମୟରେ ତାଙ୍କ ଘରେ ୫ ମାସର ଏକ ଶିଶୁପୁତ୍ର ଥିବା ଦେଖିବାକୁ ମିଳିଥିଲା। ଶିଶୁଟିକୁ ସେଠାରୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟିର ସଦସ୍ୟା ଶ୍ରୀମତୀ କର, ସଦସ୍ୟ ପ୍ରଫେସର୍ ଶତ୍ରୁଘ୍ନ ମଲ୍ଲିକ, ପ୍ରିୟରଞ୍ଜନ ମହାନ୍ତିଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ପରେ ଏହି ଶିଶୁପୁତ୍ରଟିକୁ ସ୍ଥାନୀୟ ବାଳାଶ୍ରମ ମଧ୍ୟରେ ଥିବା ଶିଶୁ ପାଳନ ଯତ୍ନ ଗୃହରେ ରଖାଯାଇଛି। ଘଟଣା ନେଇ ଶିଶୁ ମଙ୍ଗଳ କମିଟିର ସଦସ୍ୟ ଶ୍ରୀ ମଲ୍ଲିକ କହିଛନ୍ତି ଯେ ଶିଶୁପୁତ୍ରଟିକୁ କାଉନସିଲରଙ୍କ ଘରେ ବେଆଇନ ଭାବେ ରଖାଯାଇଥିଲା। ତାଙ୍କ ଝିଅ ଆଣି ରଖିଥିଲେ। ହେଲେ ସେ ପିଲାଟିକୁ ସେ କେଉଁଠୁ ପାଇଲେ ଏବଂ କେବେ ଆଣିଲେ, ତାହା ଜଣାପଡ଼ିନାହିଁ। ସୋମବାର ଦିନ ଶିଶୁ ମଙ୍ଗଳ କମିଟିରେ ଏ ନେଇ ଆଲୋଚନା ହେବା ପରେ ଏହାର ବିଧିବଦ୍ଧ ଭାବେ ତଦନ୍ତ କରାଯିବା ସହ ତାଙ୍କ ଝିଅଙ୍କୁ ମଧ୍ୟ ପଚରାଉଚରା କରାଯିବ। ଅନ୍ୟପଟେ ଏକ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଏକ ରିପୋର୍ଟ ପ୍ରଦାନ କରିବା ପରେ ଥାନାରେ ମାମଲା ରୁଜୁ କରାଯିବ।

# ବଜାରରେ ମାଡ଼ିଗଲା କାର୍; ୫ ଗୁରୁତର



**ବାହାନଗା, ୯।୧୧(ସମିସ) :** ବଜାର ଭିଡ଼କୁ ମାଡ଼ିଗଲା କାର୍। ଏଥିରେ ୫ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ଅନ୍ତର୍ଗତ ଗୋପାଳପୁର ବଜାରରେ। ଶନିବାର ଗୋପାଳପୁର ବଜାରରେ କିଣାବିକା ଲାଗି ଭିଡ଼ ଲାଗିଥିଲା। ଏହି ସମୟରେ ତାଳପଦା ଆଡୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ କାର୍ ଲୋକଙ୍କ ଉପରେ ମାଡ଼ି ଯାଇଥିଲା। ଏଥିରେ ପଣ୍ଡାଶୁଣି ଗ୍ରାମର ଆଇସକ୍ରିମ୍ ବିକ୍ରେତା ଶ୍ରୀଧର ରାଉତ, ପରିବା ବିକାଳି ଧରଣୀଧର ସାହୁ, ସାହାସପୁରା ଗ୍ରାମର ବିକର୍ତ୍ତନ ଜେନା, ଅରଳା ଗ୍ରାମର ସନାତନ ଜେନା, ପଣ୍ଡାଶୁଣୀ ଗ୍ରାମର ଗୁରୁପ୍ରସାଦ ଦାସ ପ୍ରମୁଖ ଆହତ ହୋଇଛନ୍ତି। ସେମାନଙ୍କୁ ଗୋପାଳପୁର ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ଗୋପାଳପୁର ପୁଲିସ୍ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିଛି। ତେବେ କାର୍ ଚାଳକଜଣଙ୍କ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଗୁରୁତର ଆହତ ସନାତନ ଜେନାଙ୍କ ଝିଅ ଲକ୍ଷ୍ମୀପ୍ରିୟା ଦାସଙ୍କ ଲିଖିତ ଅଭିଯୋଗ ଆଧାରରେ ଗୋପାଳପୁର ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ହୋମ୍‌ଗାର୍ଡ ନିଯୁକ୍ତି ଉପରୁ ଉଠିଲା ରହିତାଦେଶ

**ଭୁବନେଶ୍ୱର, ୯।୧୧(ସମିସ):** ରାଜ୍ୟରେ ହୋମ୍ ଗାର୍ଡଙ୍କ ନିଯୁକ୍ତି ଉପରେ ଥିବା ରହିତାଦେଶକୁ ପ୍ରତ୍ୟାହୃତ କରିଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏହି ବ୍ୟାନ୍ ପ୍ରତ୍ୟାହୃତ ହୋଇଛି। ଏହାଦ୍ୱାରା ରାଜ୍ୟରେ ଖାଲିଥିବା ହୋମ୍ ଗାର୍ଡ ପଦବୀ ଖୁବ ଶୀଘ୍ର ପୂରଣ ହୋଇ ପାରିବ। ରାଜ୍ୟରେ ସମୁଦାୟ ହୋମ ଗାର୍ଡ ପଦବୀ ସଂଖ୍ୟା ୧୭ହଜାର ୬୭୫ ଥିବା ବେଳେ ୧୫ହଜାର ୩୦୬ ଜଣ ହୋମ ଗାର୍ଡ କାର୍ଯ୍ୟରତ ଅଛନ୍ତି। ୨୩୬୯ଟି ପଦବୀ ଖାଲି ଅଛି। ଏହି ନିଷ୍ପତ୍ତି ଦ୍ୱାରା ଖାଲି ଥିବା ପଦବୀ ଗୁଡ଼ିକ ଆବଶ୍ୟକତା ଅନୁଯାୟୀ ପୂରଣ କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏନେଇ କମିଶନରେଟ୍ ଜିଲ୍ଲା ଗୃହରକ୍ଷୀ ସମାଜ କଲ୍ୟାଣ ସଂଘର ସଭାପତି ଶରତଚନ୍ଦ୍ର ମିଶ୍ର କହିଛନ୍ତି ଯେ, ଦୀର୍ଘ ଦିନର ଦାବି ସରକାର ପୂରଣ କଲେ। ଏଥିପାଇଁ ସରକାରଙ୍କୁ ସାଧୁବାଦ। ଆହୁରି ମଧ୍ୟ ଗୃହରକ୍ଷୀଙ୍କ ଆଉ ଦୁଇଟି ଦାବି ରହିଛି। ଦରମା ବୃଦ୍ଧି କରାଯିବା ସହ କୌଣସି ଅପରାଧରେ ଲିପ୍ତ ନରହି ବହିଷ୍କୃତ ହୋଇଥିବା ଗୃହରକ୍ଷୀଙ୍କୁ ପୁନଃ ନିଯୁକ୍ତି ଦେବାକୁ ବିଚାର କରାଯାଉ। ଏହି ଦୁଇଟି ଦାବି ପୂରଣ କରାଗଲେ ଗୃହରକ୍ଷୀ ଭାଇ ଭଉଣୀ ସୁବିଧା ପାଇପାରିବେ।

■ ସମବାୟ ବିଭାଗୀୟ ସ୍ତରରେ ପ୍ରସ୍ତୁତି

# ଚଳିତ ରବିରେ ଦିଆଯିବ ୯୦୦୦ କୋଟିର ଋଣ

**ଭୁବନେଶ୍ୱର, ୯।୧୧(ସମିସ):** ଚଳିତ ୨୦୨୪-୨୫ ବର୍ଷର ରବିଋତୁ ପାଇଁ ୯୦୦୦ କୋଟି ଟଙ୍କାର ଋଣ ପ୍ରଦାନ କରିବାକୁ ଯୋଜନା କରାଯାଉଛି। ଏନେଇ ରାଜ୍ୟ ସମବାୟ ସମିତି ସମୂହର ନିବନ୍ଧନ ସମବାୟ ବିଭାଗକୁ ଚିଠି ଲେଖିଛନ୍ତି। ଚଳିକ ବର୍ଷ ୯୦୦୦ କୋଟି ଟଙ୍କା ଋଣ ପ୍ରଦାନ କରିବାକୁ ଅଟକଳ ଧାର୍ଯ୍ୟ କରାଯାଇଥିବା ବେଳେ ଏହାକୁ ଅନୁମୋଦନ ଦେବାକୁ ଅନୁରୋଧ କରିଛନ୍ତି ନିବନ୍ଧକ। ସୂଚନାଯୋଗ୍ୟ ଯେ ଗତ ଅକ୍ଟୋବର ୧ ତାରିଖରୁ ରାଜ୍ୟରେ ରବି ଋତୁ ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ରବି ଋତୁରେ ଚାଷୀଙ୍କୁ ୮୫୦୦ କୋଟିର ଋଣ ଯୋଗାଇଦେବାକୁ ବ୍ୟୟ ଅଟକଳ କରାଯାଇଥିଲା। ମାତ୍ର ଓ୍ୱର୍ଷ ପ୍ରାୟ ୧୭.୩୨ ଲକ୍ଷ ଚାଷୀ ମୋଟ ୮୮୮୮.୨୪ କୋଟି ଟଙ୍କାର ଋଣ ବିଭାଗ ପାଖରୁ ନେଇଥିଲେ। ଗତ ବର୍ଷରେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଚାଷୀ ଅଧିକ ପରିମାଣରେ ଋଣ ନେଇଥିବାରୁ ଚଳିତ ବର୍ଷ ଏହାକୁ ୯ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଏନେଇ ସବିଶେଷ ବିବରଣୀ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ସମବାୟ ସମିତି ସମୂହର ନିବନ୍ଧକଙ୍କୁ ପଠାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଚଳିତ ରବି ଋତୁରେ ବରଗଡ଼ ଜିଲ୍ଲାକୁ ସର୍ବାଧିକ ୭୩୦ କୋଟି ଟଙ୍କା ଋଣ ଦେବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାକୁ ୭୨୫ କୋଟି, ସୁନ୍ଦରଗଡ଼ ଜିଲ୍ଲାକୁ ୬୫୦ କୋଟି, ଯାଜପୁର ଜିଲ୍ଲାକୁ ୫୫୫ କୋଟି, ବାଲେଶ୍ୱର ଓ ଖୋର୍ଦ୍ଧାକୁ ୪୫୦ କୋଟି ଲେଖାଏଁ ଋଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଋଣ ପ୍ରଦାନ ଯୋଜନାରେ କୃଷକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ନେଇପାରିବେ। ସେହିପରି ୧ ଲକ୍ଷରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ଚାଷୀଙ୍କୁ ୨ ପ୍ରତିଶତ ସୁଧ ପରିଶୋଧ କରିବାକୁ ପଡ଼ିବ। ତେଣୁ ଚଳିତ ରବିରେ ଚାଷୀ ଯେପରି ବିନା ସମସ୍ୟା ତଥା ବାଧାବିଘ୍ନରେ ଋଣ ଅର୍ଥ ନେଇପାରିବେ, ସେନେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସମବାୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଆସନ୍ତା ୨୪ ତାରିଖରେ 'ସୁଭଦ୍ରା' ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ବଣ୍ଟନ

**ଭୁବନେଶ୍ୱର, ୯।୧୧ (ସମିସ):** ଆସନ୍ତା ୨୪ ତାରିଖରେ ମିଳିବ 'ସୁଭଦ୍ରା'ର ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଏ ସଂପର୍କରେ ଘୋଷଣା କରିଛନ୍ତି। ଲଣ୍ଡନ ଗସ୍ତ ଶେଷ କରି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ 'ସୁଭଦ୍ରା' ଯୋଜନାକୁ ନେଇ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଆଗାମୀ ୨୪ ତାରିଖରେ ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା ମିଳିବ। ଏହି ଦିନ ୨୦ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ 'ସୁଭଦ୍ରା' ଯୋଜନାରେ ୫ ହଜାର ଟଙ୍କା ଦିଆଯିବ। ଏଥିଲାଗି ସୁନ୍ଦରଗଡ଼ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେବ। ସେଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିବେ। ସେହିପରି ଡିସେମ୍ବରରେ ଅବଶିଷ୍ଟ ମହିଳାଙ୍କୁ ଟଙ୍କା ପ୍ରଦାନ କରାଯିବ। ଡିସେମ୍ବର ସୁଦ୍ଧା କୋଟିଏ ୨ ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ମିଳିଯିବ ବୋଲି ସେ କହିଛନ୍ତି। ତେବେ ଅଯୋଗ୍ୟ ତାଲିକାରେ ଥିବା ମହିଳାମାନଙ୍କୁ ଚିନ୍ତା କରିବାର କିଛି ନାହିଁ। ସେମାନଙ୍କ ପାଇଁ ତିନିଜଣିଆ କମିଟି ଗଠିତ ହୋଇଛି। ଏହି କମିଟି ଅଯୋଗ୍ୟ ହିତାଧିକାରୀଙ୍କ ପାଇଁ ନୂଆ ଗାଇଡଲାଇନ୍ ଆଣିଛନ୍ତି।

# ଶିମିଳିପାଳ କୋର୍ ଅଞ୍ଚଳକୁ ଗଲା ଯମୁନା

**ବାରିପଦା, ୯।୧୧(ସମିସ):** ବାଘ ସଂଖ୍ୟା ବୃଦ୍ଧି ପାଇଁ ମହାରାଷ୍ଟ୍ରରୁ ଆସିଥିବା ମହାବଳ ବାଘୁଣୀ ଯମୁନାକୁ ଶନିବାର ଦିନ ପ୍ରାୟ ୧୦ଟାରେ ଶିମିଳିପାଳ ଅଭୟାରଣ୍ୟର କୋର୍ ଅଞ୍ଚଳରେ ଛଡ଼ାଯାଇଛି। ଯମୁନା ଏଠାକୁ ଆସିବା ପରେ ଅକ୍ଟୋବର ୨୮ରେ ଗୁଡୁଗୁଡ଼ିଆ ନିକଟ କୋର୍ ଅଞ୍ଚଳର ଏକ ହେକ୍ଟର୍ ପରିଧି ମଧ୍ୟରେ ନିର୍ମିତ ଏନକ୍ଲୋଜରରେ ପ୍ରଥମେ ଯମୁନାକୁ ଛଡ଼ାଯାଇଥିଲା। ସେଠାରେ ୩ଟି ଜଙ୍ଗଲୀ ବାରହାକୁ ଯମୁନା ଶିକାର କରି ଖାଇଥିଲା। ତା'ର ହିଂସ୍ର ପ୍ରକୃତି ଓ ଜୀବନଶୈଳୀର ଆଚରଣ ଫେରିବା ପରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ୍‌ର କୋର୍ ଅଞ୍ଚଳରେ ଆଜି ତାକୁ ଛଡ଼ାଯାଇଛି।



ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ରଉପନିର୍ଦ୍ଦେଶକ (ଦକ୍ଷିଣ) ସମ୍ରାଟ ଗୌଡ଼ା କହିଛନ୍ତି ଯେ ଯମୁନାର ଗତିବିଧିକୁ ନିରୀକ୍ଷଣ କରାଯାଉଛି। ତା' ଦେହରେ ରେଡିଓ-କଲାର୍ ଲଗାଯାଇଛି। ସ୍ୱତନ୍ତ୍ର ଗାଡ଼ି (କ୍ୟାମ୍ପର)ରେ ଏକ ବିଶେଷଜ୍ଞ ଦଳ ମଧ୍ୟ ବାଘୁଣୀର ଗତିବିଧି ଉପରେ ନଜର ରଖିଛନ୍ତି। ଆରସିସିଏଫ୍ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ଓ ସ୍ୱାସ୍ଥ୍ୟ ବିଭାଗର ଡାକ୍ତରଙ୍କ ତଦାରଖରେ ତିନୋଟି ଟିମ୍ ପ୍ରସ୍ତୁତ କରାଯାଇଛି। ଦରକାର ପଡ଼ିଲେ, ବିଭାଗୀୟ ତାଲିମପ୍ରାପ୍ତ ହାତୀର ସାହାଯ୍ୟ ମଧ୍ୟ ନିଆଯିବ ବୋଲି ସୂଚନା ମିଳିଛି। ୨୪ଘଣ୍ଟା ଅନ୍ତରରେ ୩ଟି ଟିମ୍ ପାଳି କରି ଦାୟିତ୍ୱ ତୁଲାଇବେ।

## ଫାଟିଗଲା ସ୍ଲରି ପାଇପ୍ ଲାଇନ୍

# ଧାନ ବିଲରେ ଚରିଗଲା ଲୁହାଗୁଣ୍ଡର ଆସ୍ତରଣ

**କେନ୍ଦୁଝର/ବାଲିବନ୍ଧ, ୯।୧୧(ସମିସ):** କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ୍ ନୟାଗଡ଼ ଓ ବଡ଼କାଳିମାଟି ପଞ୍ଚାୟତ ସୀମାନ୍ତବର୍ତ୍ତୀ ଖଜୁରିଡ଼ିହି ସାହି ନିକଟରେ ଆର୍ସେଲର ମିତ୍ତଲ କମ୍ପାନୀର ଏକ ଖଣିଜ ପରିବହନ ସ୍ଲରି ପାଇପ ଲାଇନ୍ ଫାଟିଯିବାରୁ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି। ଫଟା ପାଇପ୍‌ରୁ ୩୦/୪୦ ଫୁଟ୍ ଉଚ୍ଚତା ପର୍ଯ୍ୟନ୍ତ କାଦୁଅବୋଳା ଖଣିଜ ନିର୍ଗତ ହେବା ସହ ବ୍ୟାପକ ଚାଷ ଜମିରେ ମାଡ଼ି ଯାଇଛି। ଆଜି ସକାଳେ ଘଟିଥିବା ଏହି ଅଘଟଣରେ ପାଖାପାଖି ୩/୪ ଏକର ଜମିରେ ଲୁହାପଥର ଗୁଣ୍ଡ ପଡ଼ି ବ୍ୟାପକ ଫସଲ ହାନି ହୋଇଛି। ଚାଷ ଜମି ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ଜମିଗୁଡ଼ିକରେ ଆଗାମୀ ଦିନରେ ଚାଷବାସ ହୋଇପାରିବନି ବୋଲି କଟୁପାଲି ଗ୍ରାମର ଚାଷୀ ମୁରଲୀଧର ବେହେରା, ଦାଢ଼ିଆ ବେହେରା, ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। କମ୍ପାନୀ ନଷ୍ଟ କରିଥିବା ପରିବେଶ ସଜାଡ଼ି ଉଚିତ କ୍ଷତିପୂରଣ ଦେବା ସହ ଚାଷ ଜମିରୁ ପାଇପ୍ ଲାଇନ୍ ହଟାଇବା ନେଇ ଚାଷୀମାନେ ଦାବି କରିଛନ୍ତି।

ଅପରପକ୍ଷେ, ସ୍ଥାନୀୟ ଲୋକେ ଏ ଦୃଶ୍ୟ ଦେଖି ଆତଙ୍କିତ ହେଇଯାଇଥିଲେ। ପାଇପ୍ ଫାଟି ସୁଁ'ସୁଁ' ଗର୍ଜନ ହେବାରୁ ସାହି ବସ୍ତିର ଲୋକଙ୍କ ମନରେ ଛନକା ପଶିଥିଲା। ଘଟଣା ସମ୍ପର୍କରେ ସଙ୍ଗେ ସଙ୍ଗେ ଚାରିଆଡ଼େ ଖବର ବ୍ୟାପିଯାଇଥିଲା। ଏହାବ୍ୟତୀତ ରାସ୍ତା ଉପରେ ମଧ୍ୟ ଲୁହାଗୁଣ୍ଡର ଆସ୍ତରଣ ଜମିବା କାରଣରୁ ଗମନାଗମନରେ ଲୋକେ ସମସ୍ୟା ଭୋଗିଛନ୍ତି।



ଏ ସଂପର୍କରେ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ କହିଛନ୍ତି, ଚାଷ ଜମିର କ୍ଷତିପୂରଣ ଦିଆଯିବ। ଚାଷ ଜମିରେ ଜମିଥିବା ଖଣିଜକୁ କମ୍ପାନୀ ସେଠାରୁ ଉଠାଇ ଚାଷ ଜମିକୁ ଚାଷ ଉପଯୋଗୀ କରିବ ବୋଲି ସେ କହିଛନ୍ତି। ଏଥିସହ ଚମ୍ପୁଆ ଉପଜିଲ୍ଲାପାଳ ଏ ବାବଦରେ ଅଧିକ ପଦକ୍ଷେପ ନେବାକୁ କୁହାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

■ ଫସଲ ଓ ଜମି ନଷ୍ଟ
■ ରାସ୍ତାଘାଟରେ ବି ଲୁହାଗୁଣ୍ଡର ଆସ୍ତରଣ
■ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ କମ୍ପାନୀର ସମ୍ମତି

ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଅଧିକାରୀ କହିଛନ୍ତି, କେତେ ଚାଷଜମି କ୍ଷତିଗ୍ରସ୍ତ ହୋଇଛି, ପରିବେଶର କ'ଣ କ୍ଷତି ହୋଇଛି; ସେ ବାବଦରେ ତଦନ୍ତ ଚାଲୁଛି। ଜିଲ୍ଲା ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଏହାର ଆକଳନ କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ତେବେ ପାଇପ୍ ଫାଟିବା ଯୋଗୁଁ ସେ ଅଞ୍ଚଳର କୌଣସି ଜଳାଶୟ ନଷ୍ଟ ହୋଇନାହିଁ କିମ୍ବା କୌଣସି ଲୋକ ମୃତାହତ ହୋଇନାହାନ୍ତି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଆର୍ସେଲର ମିତ୍ତଲ/ନିପ୍ପନ୍ ଇଣ୍ଡିଆ ପକ୍ଷରୁ ଏ ନେଇ ସ୍ପଷ୍ଟୀକରଣ ଦିଆଯାଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଶନିବାରି ସକାଳ ୧୦.୨୪ ମିନିଟରେ ଦବୁନାଠାରେ ବେନିଫିସିଏସନ୍ ପ୍ଲାଣ୍ଟ ବାହାରେ ଥିବା ସ୍ଲରି ପାଇପ୍ ଲାଇନରେ ସାମାନ୍ୟ ଲିକେଜ୍ ହେଇଥିଲା। ଏହାପରେ ତୁରନ୍ତ ପମ୍ପିଂ ବନ୍ଦ କରି ଦିଆଯାଇଥିଲା। ଏକ ଟିମ୍ ଏହି ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ଆବଶ୍ୟକ କ୍ଷତିପୂରଣ ପାଇଁ ସମ୍ପୃକ୍ତ ଚାଷୀଙ୍କ ସହ ଆଲୋଚନା କରାଯାଉଛି। ଘଟଣାସ୍ଥଳରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ଉପସ୍ଥିତିରେ ସ୍ଥାନୀୟ ବାସିନ୍ଦାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ କମ୍ପାନୀ ସମ୍ମତି ଦେଇଥିବା ଜଣାଯାଇଛି।

# ୨୦୨୫ ସୁଦ୍ଧା କାର୍ଯ୍ୟକାରୀ ହେବ କଳାମଣ୍ଡଳ

■ ମଞ୍ଚ ଅଭାବ ପୂରଣ କରିବ ରାଜ୍ୟର ସବୁଠାରୁ ବଡ଼ ସମ୍ମିଳନୀ କେନ୍ଦ୍ର
■ ଗୋଟିଏ ଛାତ ତଳେ ଓଡ଼ିଶାକୁ ଦେଖିବ ବିଶ୍ୱ
■ ୩-ଡିରେ ପ୍ରଦର୍ଶିତ ହେବ ଓଡ଼ିଶାର ପର୍ଯ୍ୟଟନ ଓ ଐତିହ୍ୟସ୍ଥଳୀ

**ଭୁବନେଶ୍ୱର, ୯।୧୧(ସମିସ):** ୨୦୨୫ ସୁଦ୍ଧା କାର୍ଯ୍ୟକାରୀ ହେବ ରାଜ୍ୟର ସୁବଠାରୁ ବଡ଼ ସମ୍ମିଳନୀ କକ୍ଷ 'କଳାମଣ୍ଡଳ'। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ କଳାମଣ୍ଡଳ କଳା, ସଂସ୍କୃତି, ପର୍ଯ୍ୟଟନ, ଐତିହ୍ୟ ଭରା ଓଡ଼ିଶାର ମିନିଏଚରକୁ ଗୋଟିଏ ଛାତ ତଳେ ଦେଖିବେ ପର୍ଯ୍ୟଟକ। ସେହିପରି ବିଭିନ୍ନ ବଡ଼ବଡ଼ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଞ୍ଚ ଅଭାବ ସମସ୍ୟା ଦୂର କରିବ। ଆଗାମୀ ବର୍ଷ ସୁଦ୍ଧା ଏହାର ସମସ୍ତ କାର୍ଯ୍ୟ ଶେଷ କରାଯିବ ବୋଲି କହିଛନ୍ତି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସ୍ଥାନୀୟ ଗଜପତି ନଗରରେ ନିର୍ମାଣାଧୀନ ଏହି କଳାମଣ୍ଡଳର ଗୋଟିଏ ଫ୍ଲୋର୍‌ରେ ୩୬୦ ଡିଗ୍ରୀରେ ଓଡ଼ିଶାକୁ ଦେଖିବେ ପର୍ଯ୍ୟଟକ। ଏଠାରେ ଅଡ଼ିଓ-ଭିଜୁଆଲ ମାଧ୍ୟମରେ ୩-ଡି କିମ୍ବା (ଆବଶ୍ୟକ ପଡ଼ିଲେ ୭-ଡି)ରେ ଦେଖିବାକୁ ମିଳିବ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ଧର୍ମାନୁଷ୍ଠାନ ସମେତ ଐତିହ୍ୟ କୀର୍ତ୍ତିରାଜି। ସେହିପରି ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଐତିହ୍ୟସ୍ଥଳୀ, ନଦୀ, ଝରଣା, ପାହାଡ଼, ସାଙ୍ଗକୁ ବଡ଼ ବଡ଼ ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାକୁ ମଧ୍ୟ ସ୍ଥାନିତ କରାଯିବ। ସେହିପରି ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିବା ଓଡ଼ିଶାର ବୀର ସୈନିକଙ୍କଠାରୁ ଆରମ୍ଭ କରି କବି, ଲେଖକ, ଐତିହାସିକଙ୍କ ବିଷୟରେ ସମସ୍ତ ତଥ୍ୟ ମଧ୍ୟ ଉପସ୍ଥାପନ କରାଯିବ। ତା'ସାଙ୍ଗକୁ ଜନଜାତିଙ୍କ ଜୀବନଶୈଳୀ ଏବଂ ସେମାନଙ୍କ ଜୀବନଚର୍ଯ୍ୟା ବିଷୟରେ ଅତି ନିକଟରୁ ଜାଣିବାର ସୁଯୋଗ ସୃଷ୍ଟି ସହିତ ଓଡ଼ିଶାର ବିଭିନ୍ନ ପ୍ରସିଦ୍ଧ ଖାଦ୍ୟ ସମ୍ପର୍କରେ ଭିଜୁଆଲ ମାଧ୍ୟମରେ ପ୍ରଦର୍ଶିତ କରାଯିବ। କଳା, ସଂସ୍କୃତି ଓ ଐତିହ୍ୟ ବହନ କରୁଥିବା ଓଡ଼ିଶାରେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପ୍ରତ୍ୟେକ ପ୍ରସିଦ୍ଧ ସ୍ଥାନକୁ ଗୋଟି ଗୋଟି ପ୍ରଦର୍ଶିତ କରାଯିବ, ଯାହା ଏକ ଛୋଟ ଓଡ଼ିଶା ବା ଓଡ଼ିଶାର ମିନିଏଚର ଅନୁଭୂତି ଦେବ। ଏହା କେବଳ ଆଗାମୀ ପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିବ ନାହିଁ, ବରଂ ବାହାର ରାଜ୍ୟ ତଥା ଦେଶର ପର୍ଯ୍ୟଟକଙ୍କୁ ଓଡ଼ିଶା ବିଷୟରେ ପ୍ରାଞ୍ଜଳ ଭାବେ ଜାଣିବା ଓ ବିଭିନ୍ନ ସ୍ଥାନକୁ ପରିଭ୍ରମଣ କରିବାକୁ ଆକର୍ଷିତ କରିବ ବୋଲି ମନ୍ତ୍ରୀ କହିଛନ୍ତି।

## ଜାମିନ ପାଇଁ ୧୬ ଲକ୍ଷ ଟଙ୍କା ଲାଞ୍ଚ ପ୍ରସଙ୍ଗ

# ତଦନ୍ତ ପାଇଁ ରାଜ୍ୟ ବାର୍ କାଉନସିଲକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୯।୧୧ (ସମିସ):** ବିଚାରପତିଙ୍କୁ ଲାଞ୍ଚ ଦେଇ ଜଣେ ଚିଟ୍‌ଫଣ୍ଡ ଅଭିଯୁକ୍ତଙ୍କ ଜାମିନ୍ କରାଇଦେବେ ବୋଲି କହି ଅଭିଯୁକ୍ତଙ୍କ ପତ୍ନୀଙ୍କଠାରୁ ୧୬ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଆଦି ନେବା ଜଣେ ଆଇନଜୀବୀଙ୍କ ପାଇଁ ମହଙ୍ଗା ପଡ଼ିଛି। ଏହି ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହ ନେଇ ଏହାର ତଦନ୍ତ କରିବାକୁ ରାଜ୍ୟ ବାର୍ କାଉନସିଲ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ବାର୍ କାଉନସିଲ୍‌ର ଶୃଙ୍ଖଳାଗତ କମିଟି କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରି ସମସ୍ତ ପକ୍ଷଙ୍କ ଶୁଣାଣି କରିବ ବୋଲି ଜଷ୍ଟିସ୍ ଶିବଶଙ୍କର ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ, ଏନେଇ ସଂପୃକ୍ତ ଆଇନଜୀବୀଙ୍କ ବିରୋଧରେ ମଙ୍ଗଳାବାଗ ଥାନାରେ ହୋଇଥିବା 'ଏତଲା ରଦ୍ଦ' ଆବେଦନକୁ ମଧ୍ୟ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଏହାସହ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା ଆକାରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣରେ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**ବିଚାରପତି ନେବେ ବୋଲି କହି ମହକିଲଙ୍କୁ ଠକିଥିଲେ ଆଇନଜୀବୀ**

ମାମଲାରୁ ପ୍ରକାଶ, ଅଭିଯୋଗକାରୀଙ୍କ ସ୍ୱାମୀ ଏକ ଚିଟ୍‌ଫଣ୍ଡ ମାମଲାରେ ଜେଲ ଯାଇଥିଲେ। ତାଙ୍କର ଜାମିନ୍ ମଞ୍ଜୁର କରିବା ପାଇଁ ବିଚାରପତିଙ୍କ ନାମରେ ଜଣେ ଓକିଲ ବିପୁଳ ଅର୍ଥ ଦାବି କରିଥିଲେ। ମହକିଲଜଣକ ମଧ୍ୟ ଦାବି ମୁତାବକ ତାଙ୍କ ଓକିଲଙ୍କୁ ୧୬ ଲକ୍ଷ ୩୫ ହଜାର ଟଙ୍କା ଦେଇଥିଲେ। ଏପରିକି, ସେହି ସମୟରେ ଉକ୍ତ ଟଙ୍କା ସହ ଜାମିନ ଆବେଦନ ଶୁଣାଣି କରିବାକୁ ଥିବା ବିଚାରପତିଙ୍କୁ ୬୫ ଗ୍ରାମ୍‌ର ସୁନାହାର ଓ ୫୦ଗ୍ରାମର ବ୍ରେସଲେଟ୍ ଦେବାକୁ ପଡ଼ିବ ବୋଲି କହି ଓକିଲଜଣକ ତାଙ୍କଠାରୁ ଏହା ନେଇଥିଲେ। କିନ୍ତୁ ଶୁଣାଣି ବେଳେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଜାମିନ ଖାରଜ ହୋଇଯାଇଥିଲା। ଏହା ପରେ ପୁଣି ସାନି ଜାମିନ ଆବେଦନ ପାଇଁ ୧୬ଲକ୍ଷ ଟଙ୍କା ଦାବି କରିଥିଲେ। ଅଭିଯୋଗକାରୀଜଣକ ତାଙ୍କ ସ୍ୱାମୀଙ୍କ ମାମଲା ନଥିପତ୍ର ଓ ଦେଇଥିବା ଟଙ୍କା ସୁନା ଫେରାଇ ଦେବାକୁ ଓକିଲଙ୍କୁ କହିଥିଲେ। କିନ୍ତୁ ଆଇନଜୀବୀଜଣକ ଧମକ ଚମକ ଦେବା ସହ ଟଙ୍କା ଫେରାଇବେ ନାହିଁ ବୋଲି କହିଥିଲେ। ତେଣୁ ବାଧ୍ୟ ହୋଇ କୋଲକାତା ନିବାସୀ ଅଭିଯୋଗକାରୀଜଣକ କୋଲକାତାରୁ କଟକ ଆସି ୨୦୨୧ନଭେମ୍ବର୧୧ରେ ମଙ୍ଗଳାବାଗ ଥାନାରେ ଏକ ଏତଲା ଦେଇଥିଲେ। ଥାନାରେ ଏହି ଏତଲା ରୁଜୁ ପରେ ଏତଲା ରଦ୍ଦ ପାଇଁ ସମ୍ପୃକ୍ତ ଓକିଲ ତିନି ବର୍ଷ ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ବିଷାକ୍ତ ମଦ ପିଇ ଯୁବକଙ୍କ ମୃତ୍ୟୁ!

**ପିପିଲି/ଧଉଳି, ୯।୧୧(ସମିସ):** ଗଂଜାମ ଜିଲ୍ଲା 'ଚିକିଟି ମଦମୃତ୍ୟୁ' ଘଟଣାକୁ ମାସ କେଇଟା ନ ପୂରୁଣୁ ପୁରୀ ଜିଲ୍ଲା ପିପିଲିରେ ଆଜି ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ବିଷାକ୍ତ ମଦ ପିଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ମଗଲପୁର ଗ୍ରାମର କବୀନ୍ଦ୍ର ବେହେରା।

# ଆଇନଜୀବୀଙ୍କୁ ଏସିଡ୍ ମାଡ଼

**ପାରଳାଖେମୁଣ୍ଡି, ୯।୧୧(ସମିସ):** ସ୍ପଷ୍ଟ ଦିବାଲୋକରେ ଜଣେ ବରିଷ୍ଠ ଆଇନଜୀବୀଙ୍କୁ ଏସିଡ୍ ମାଡ଼ ଭଳି ସାଂଘାତିକ ଘଟଣା ଆଜି ପାରଳାଖେମୁଣ୍ଡିରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଆକ୍ରମଣର ଶିକାର ହୋଇଥିବା ଆଇନଜୀବୀଜଣଙ୍କ ହେଲେ, ସ୍ଥାନୀୟ ଜଙ୍ଗମ ସାହିର ପି. ରାମାରାଓ (୬୫)। ଆଜି ଅପରାହ୍ଣ ପ୍ରାୟ ସାଢ଼େ ୪ଟା ବେଳେ ଶ୍ରୀ ରାମାରାଓ ନିଜ ବାସଭବନରେ ଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ତାଙ୍କ ଘର ନିକଟରେ ପହଞ୍ଚିଥିଲେ। ଜଣେ ବାଇକ୍ ଷ୍ଟାର୍ଟ କରି ଅପେକ୍ଷା କରିଥିବା ବେଳେ ଅନ୍ୟଜଣେ ତାଙ୍କ ଘରର କଲିଂବେଲ୍ ବାରମ୍ବାର ମାରିଥିଲା। ଆଇନଜୀବୀ ରାମାରାଓ କବାଟ ଖୋଲିବା ମାତ୍ରେ ଦୁର୍ବୃତ୍ତଜଣକ ତାଙ୍କ ମୁହଁ ଉପରକୁ ଏସିଡ୍ ଫୋପାଡ଼ି ବାଇକ୍‌ରେ ବସି ଫେରାର୍ ହୋଇଯାଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ସ୍ଥାନୀୟ ଏକ ଘରୋଇ ଚକ୍ଷୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଗୋଟିଏ ଆଖି ସହ ମୁହଁ ଏବଂ ଛାତିରେ ଏସିଡ୍ ପଡ଼ି ଗଭୀର କ୍ଷତ ହୋଇଥିବାରୁ ତାଙ୍କୁ ଉନ୍ନତମାନର ଚିକିତ୍ସା ନିମନ୍ତେ ବିଶାଖାପାଟଣାସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏଭଳି ଘଟଣା ପାରଳାଖେମୁଣ୍ଡି ସହରରେ ପ୍ରଥମ ବୋଲି କୁହାଯାଉଛି। ଏହି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିବା ବେଳେ ସହରର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାରଳାଖେମୁଣ୍ଡି ଓକିଲ ସଂଘ ସଭାପତି ସ୍ୱରୂପ କୁମାର ପାଳ,

**ପାରଳାଖେମୁଣ୍ଡିରେ ଆଲୋଡ଼ନ**

ସମ୍ପାଦକ ରାମକୃଷ୍ଣ ନାୟକ, ପୂର୍ବତନ ବାର୍ ଆସୋସିଏସନ୍ ସଭାପତି ସିଦ୍ଧେଶ୍ୱର ମିଶ୍ରଙ୍କ ସହ ସମସ୍ତ ଓକିଲ, ବୁଦ୍ଧିଜୀବୀଙ୍କ ସମେତ ବିଭିନ୍ନ ମହଲରେ ଏହି ଘଟଣାକୁ ନିନ୍ଦା କରାଯାଇଛି। ଦୁର୍ବୃତ୍ତଙ୍କୁ ତୁରନ୍ତ ଗିରଫ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଘଟଣା ସମ୍ପର୍କରେ ଖବର ପାଇ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ପହଞ୍ଚି ତଦନ୍ତ ଚଳାଇଛି। ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଏବଂ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି କହିଛନ୍ତି। ତେବେ ଘଟଣାର କାରଣ ସ୍ପଷ୍ଟ ହୋଇପାରି ନାହିଁ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୫ମାସରେ...

ସେଭଳି ଢେଙ୍କାନାଳ ଜିଲ୍ଲା ଭାପୁର ଫାଣ୍ଡି ଅଞ୍ଚଳରେ ଥିବା ଏକ ଅଙ୍ଗନବାଡି କେନ୍ଦ୍ରରେ ୨୨ବର୍ଷୀୟା ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ସମ୍ପୃକ୍ତ ପୀଡ଼ିତା ଅଭାବ ଅନଟନ ଦେଇ ଗତି କରୁଥିବା ବେଳେ ଉକ୍ତ ଅଞ୍ଚଳର ଏକାଧିକ ଯୁବକ ନରପିଶାଚ ପାଲଟି ଯାଇଥିଲେ। ୭ମାସର ଗର୍ଭବତୀ ହୋଇଥିବା କଥା ପଦାକୁ ଆସିବା ପରେ ରାଜ୍ୟରେ ଆଲୋଡନା ସୃଷ୍ଟି ହୋଇଥିଲା।

ଭଦ୍ରକ ଓ ଯାଜପୁରରେ ଲଭ୍ ଜିହାଦ ନେଇ ଅଭିଯୋଗର ତଦନ୍ତ ଚାଲିଥିବା ବେଳେ ଭୁବନେଶ୍ୱରରୁ ଆସିଥିଲା ସଙ୍ଗୀନ ଅଭିଯାଗ। ଜଗତସିଂହପୁରର ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ଶାରୀରିକ ସମ୍ପର୍କ ରଖି ବ୍ଲାକମେଲିଂ କରୁଥିବା କଶ୍ମୀରରେ ରହୁଥିବା ବିହାରର ସମୀର ମନ୍‌ସୁର୍‌କୁ ଗିରଫ କରାଯାଇଥିଲା।

ରାଜଧାନୀରେ ଭାଇଗିରି ଘଟଣା ସାରାରାଜ୍ୟରେ ଆଲୋଚ୍ୟ ସୃଷ୍ଟି କରିଛି। କଥା କଥାରେ ଖଣ୍ଡା ବୁଲାଇ, ଭୁଜାଲି ଚୋଟ ମାରି ଅପରାଧୀମାନେ ଦିନ ଦ୍ୱିପହରରେ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି। ଏମିତି କୌଣସି ଗୋଟିଏ ଦିନ ବିତୁନି, ଯେଉଁଦିନ ରାଜଧାନୀବାସୀ ଅପରାଧର ଶିକାର ହେଉନାହାନ୍ତି। ଭୁବନେଶ୍ୱରର ଅପରାଧୀକ ସ୍ଥିତି ଦେଖିଲେ ପୁଲିସ ଉପରେ ଅପରାଧୀମାନେ ଭାରି ପଡ଼ିଲେଣି। ସପ୍ତାହକରେ ଭାଇଗିରିକୁ ନେଇ ୩ରୁ ୪ଟି ଘଟଣା ଦେଖିଲେ ପୁଲିସ ଉପରୁ ଅପରାଧୀଙ୍କ ଭୟ ଛାଡିଗଲାଣି ବୋଲି ଅନୁମେୟ କରାଯାଉଛି। ଦୁଇଦିନ ତଳେ ଖଣ୍ଡଗିରି ଥାନା ଗଣ୍ଡମୁଣ୍ଡା ତ୍ରିନାଥ ମନ୍ଦିର ନିକଟରେ ଜଣେ ଯୁବକଙ୍କୁ ହାଣିବା ସହ ତାଙ୍କ ସାଥିରେ ଥିବା ଯୁବତୀଙ୍କୁ ଦୁର୍ବ୍ୟବହାର କରାଯାଇଥିଲା। ଅନୁରୂପ ଭାବେ ପଳାଶପଲ୍ଲୀରେ ଶିବପ୍ରସାଦ ଶ୍ରୀଚନ୍ଦନଙ୍କୁ ଭାଇଗିରିକୁ ନେଇ କେନ୍ଦ୍ରକରି ଖଣ୍ଡାରେ ଗୋଡେଇ ଗୋଡେଇ ହାଣି ପକାଇଥିଲେ। ଏଥିସହ ଏୟାରଫିଲଡ୍ ଥାନା ପଞ୍ଚୁଗାଁ ଠାରୁ ଡ୍ରାମା ସାରି ଫେରୁଥିବା ବେଳେ ପ୍ରସଞ୍ଜିତ ସାମନ୍ତରାୟଙ୍କ ଉପରରୁ ବୋମାମାଡ କରିବା ସହ ଖଣ୍ଡା ଓ ଛୁରୀରେ ଆକ୍ରମଣ କରାଯାଇଥିଲା। ଏତିକି ନୁହେଁ, ହତ୍ୟାକାଣ୍ଡ ସହ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଘନ ଘନ ବୋମାମାଡ ଭଳି ଘଟଣା ରାଜଧାନୀକୁ ଥରାଇ ଦେଇଛି। ଅପରପକ୍ଷେ ଭରତପୁର ଥାନାରେ ସେନାଧିକାରୀ ତାଙ୍କ ବାନ୍ଧବୀଙ୍କୁ ପୁଲିସ ଅକଥନୀୟ ନିର୍ଯାତନା ଘଟଣା ସାରା ଦେଶରେ ହଇଚଇ ସୃଷ୍ଟି କରିବା ସହ କମିସନରେଟ୍ ପୁଲିସ୍ ସମାଲୋଚନାର ଶିକାର ହୋଇଥିଲା।

## ପାଠରେ ଦଶମ ଫେଲ୍...

ଯୁବତୀଙ୍କୁ ଫଶାଇବା ପାଇଁ ସେ ଇନ୍‌ଷ୍ଟାଗ୍ରାମ୍‌ରେ ହିରୋ ସାଜିଥିଲେ। ନୂଆ ନୂଆ ପୋଷାକ ପିନ୍ଧି ଭିଡ଼ିଓ କରି ଇନଷ୍ଟାଗ୍ରାମରେ ପୋଷ୍ଟ କରୁଥିଲେ। ଏହି ଭିଡ଼ଓ ଦେଖି ଯୁବତୀମାନେ ତାଙ୍କ ପ୍ରେମ ଜାଲରେ ଫଶି ଯାଉଥିଲେ। ଏହାପରେ ଅଭିଯୁକ୍ତ ତାଙ୍କ ସହ ଶାରିରୀକ ସମ୍ପର୍କ ରଖି ବ୍ଲାକ୍‌ମେଲିଂ କରି ଟଙ୍କା ଲୁଟୁଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି। ସମୀର ମନସୁର ଏଭଳି ଭାବେ କେତେ ଯୁବତୀଙ୍କ ଫଶାଇ ଲୁଟିଚନ୍ତି ତାହା ଜାଣିବା ପାଇଁ ପୁଲିସ ଲାଗିପଡିଛି। ପୁଲିସ ତାର ଦୁଇଟି ମୋବାଇଲ୍ ଫୋନ୍‌କୁ ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବ୍‌କୁ ପଠାଇଛି। ଏହି ମୋବାଇଲରେ ସେ କେତେ ଯୁବତୀଙ୍କ ଅଶ୍ଳୀଳ ଭିଡ଼ିଓ ରଖିଥିଲେ ଏବଂ କେତେ ଯୁବତୀଙ୍କ ସହ ଯୋଗଯୋଗରେ ଥିଲେ ଜଣାପଡ଼ିବ ବୋଲି ପୁଲିସ କହିଛି। ଅଭିଯୁକ୍ତ ଇନ୍‌ଷ୍ଟାଗ୍ରାମରେ ଯୁବତୀଙ୍କ ଯେଉଁ ଅଶ୍ଳୀଳ ଭିଡ଼ିଓ ଅପ୍‌ଲୋଡ୍ କରିଥିଲେ ତାହାକୁ ଡିଲିଟ୍ କରିବାକୁ ଇନ୍‌ଷ୍ଟାଗ୍ରାମ୍‌କୁ ପୁଲିସ ଚିଠି ଲେଖିଛି।

ଏନେଇ ଡିସିପି ପିନାକ୍ ମିଶ୍ର କହିଛନ୍ତି ଯେ, ଅଭିଯୁକ୍ତଙ୍କ ଘର ବିହାରର ଚମ୍ପାରନରେ ହୋଇଥିବା ବେଳେ ସେ କଶ୍ମୀରରେ ଜଣେ ଇଲେକ୍ଟ୍ରିସିଆନ ଭାବେ କାମ କରୁଥିଲେ। ଅନଲାଇନ୍ ଗେମ୍ ଜରିଆରେ ପୀଡ଼ିତାଙ୍କ ସହ ତାଙ୍କର ଚିହ୍ନା ହୋଇଥିଲା। ଅଭିଯୁକ୍ତଙ୍କ ବିରୋଧରେ ବଳିଷ୍ଠ ପ୍ରମାଣ ଯୋଗାଡ଼ କରିବାକୁ ପୁଲିସ୍ ତାଙ୍କର ଦୁଇଟି ମୋବାଇଲ, ଆଧାର କାର୍ଡ, ପ୍ୟାନ କାର୍ଡ ଆଦି ଜବତ କରିଛି। ମୋବାଇଲ ଦୁଇଟିକୁ ଫରେନସିକ୍ ଲ୍ୟାବକୁ ପଠାଯାଇଥିବା ବେଳେ ସେଠାରୁ ଠୋସ୍ ପ୍ରମାଣ ମିଳିପାରେ ବୋଲି କହିଛନ୍ତି ଡିସିପି। ଡିସିପି ଆହୁରି ମଧ୍ୟ କହିଛନ୍ତି, ଅଭିଯୁକ୍ତ ସମୀର ମନସୁର ନିଜ ପରିଚୟ ଗୋପନ ରଖି ପୀଡ଼ିତାଙ୍କ ସହ ସମ୍ପର୍କ ବଢାଇଥିଲେ। ସମୀର ୨୦୨୪ ମାର୍ଚ୍ଚ ମାସରେ ଓଡ଼ିଶା ଆସିଥିବା ବେଳେ ପୁରୀରେ ଯୁବତୀଙ୍କ ସହ ଏକ ହୋଟେଲ ରୁମରେ ରହିଥିଲେ। ସେଠାରେ ସମୀରଙ୍କ ପ୍ରକୃତ ନାଁ ସମୀର ମାନସୁର ବୋଲି ପୀଡ଼ିତା ଜାଣିବାକୁ ପାଇଥିଲେ। ପୀଡ଼ିତା ହୋଟେଲ୍ ରୁମରୁ ଖସିବାକୁ ଚେଷ୍ଟା କରୁଥିବା ବେଳେ ସମୀର ବଳପୂର୍ବକ ଧମକଚମକ ଦେଇ ଧର୍ମ ପରିବର୍ତ୍ତନ କରି ବିବାହ ନିମନ୍ତେ ତାଙ୍କୁ ବାଧ କରିଥିଲେ। ସେଠାରେ ବଳପୂର୍ବକ ସମୀର ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି। ଏହାପରେ ଯୁବତୀଜଣକ କୌଶଳ କରି ହୋଟେଲରୁ ଖସି ଘରକୁ ପଳାଇ ଯାଇଥିଲେ। ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଥିବା ଡିସିପି କହିଛନ୍ତି। ଏହାପରେ ପ୍ରତିଶୋଧ ପରାୟଣା ହୋଇପଡ଼ିଥିବା ସମୀର ଯୁବତୀଙ୍କ ସହ କାଟିଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓକୁ ଇନ୍‌ଷ୍ଟାଗ୍ରାମରେ ଅପ୍‌ଲୋଡ୍ କରିବା ସହ ତାଙ୍କ ବାପାଙ୍କ ପାଖକୁ ପଠାଇଥିଲେ। ୫ ଲକ୍ଷ ଟଙ୍କା ନ ଦେଲେ ପର୍ଣ୍ଣ ସାଇଟ୍‌ରେ ଭିଡିଓ ଅପଲୋଡ୍ କରିଦେବ ବୋଲି ଧମକ ବି ଦେଇଥିଲା। ଲୋକ ଲଜ୍ଜା ଭୟରେ ସମୀରଙ୍କ ସବୁ କଥାକୁ ପୀଡ଼ିତାଙ୍କ ପରିବାର ସ୍ୱୀକାର କରି ନେଇଥିଲେ ଯୁବତୀଙ୍କ ପରିବାର ଲୋକ। ପୀଡ଼ିତା ଏନେଇ ଭୁବନେଶ୍ୱର ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ତାଙ୍କୁ ଧରିବା ପାଇଁ ପୁଲିସ୍ ଜାଲ ବିଛାଇଥିଲା। ପୀଡ଼ିତା ବିବାହ ପାଇଁ ରାଜି ହେବା ସହ ସମୀରଙ୍କୁ ଓଡ଼ିଶା ଡାକିଥିଲେ। ଫଳରେ ସେ ଓଡ଼ିଶା ଆସିବାରୁ ଗତକାଲି ତାଙ୍କୁ କଟକରୁ ପୁଲିସ ଗିରଫ କରିଥିଲା। ପୁରୀରେ କେଉଁ କେଉଁ ହୋଟେଲରେ ସମୀର ପୀଡ଼ିତାଙ୍କୁ ନେଇ ରଖିଥିଲେ ସେ ସବୁ ହୋଟେଲକୁ ଯାଇ ପୁଲିସ୍ ପଚରାଉଚରା କରିବ ବୋଲି ଡିସିପି କହିଛନ୍ତି।

## ପ୍ରେମ ପ୍ରତ୍ୟାଖ୍ୟାନରୁ...

କାଫେ ମାଲିକ ତା' ଫୋନ୍‌ରେ ରେକର୍ଡିଂ କରିନେଇଥିଲା। ତା'ପରେ ଉକ୍ତ ଭିଡିଓକୁ ସେ ଆଶୁତୋଷ ଏବଂ ପୀତବାସକୁ ଦେଖାଇଥିଲା। ଏହା ଦେଖି ଯୁବତୀଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ପୀତବାସ ଚକ୍ରବ୍ୟୂହ ରଚନା କରିଥିଲା। ସେ ଭିଡିଓକୁ ନେଇ ପୀତବାସ ଏବଂ ନାବାଳକ କାଫେ' ମାଲିକ ପ୍ରେମିକ ଆଶୁତୋଷକୁ ଧମକ ଦେଇଥିଲେ। ଯଦି ପ୍ରେମିକାକୁ ଆଉ ଥରେ କାଫେକୁ ନ ଡାକିବୁ, ଭିଡିଓ ଭାଇରାଲ୍ କରିଦେବାକୁ ଧମକ ଦେଇଥିଲେ। ଉପାୟ ନ ପାଇ ଆଶୁତୋଷ ପୁଣିଥରେ ଯୁବତୀଙ୍କୁ ଉକ୍ତ କାଫେକୁ ଡାକିଥିଲା। ସେଠାରେ ଘଟଣା ବିଷୟରେ ଜଣାଇବା ସହିତ ସେ ଦିନର ଅଶ୍ଳୀଳ ଭିଡିଓ ଦେଖାଇଥିଲା। ଉଭୟ ପୀଡ଼ିତା ଓ ପ୍ରେମିକ ଆଶୁତୋଷ ବ୍ଲାକ୍‌ମେଲ୍‌ର ଶିକାର ହେବା ପରେ କୌଣସି ଉପାୟ ନ ପାଇ ନାବାଳକ କାଫେ ମାଲିକ ଓ ପୀତବାସ କଥାରେ ରାଜି ହୋଇଯାଇଥିଲେ। ଏହା ପରେ ପୀଡ଼ିତାଙ୍କ ସହ ୨ଜଣ ତଥା କାଫେ ମାଲିକ ଓ ବିଫଳ ପ୍ରେମିକ ପୀତବାସ ଦୁଷ୍କର୍ମ କରିଥିଲେ।

ତେବେ ଏତିକିରେ ପୀତବାସର ରାଗ ଥମି ନ ଥିଲା। ଆଶୁତୋଷକୁ ଧମକ ଦେଇ ପୁଣିଥରେ ପୀଡ଼ିତାଙ୍କୁ ବାରଙ୍ଗର ତ୍ରିଶୂଳିଆ ନେଇଥିଲେ। ସେଠି ଉଭୟ ପୀତବାସ ଓ ତାର ସାଙ୍ଗ ଅନ୍ୟତମ ଅଭିଯୁକ୍ତ ଲକି ମିଶି ପୀଡ଼ିତାଙ୍କ ସହ ଦୁଷ୍କର୍ମ କରିଥିଲେ। ତେବେ ଏହି ୪ ଜଣଙ୍କୁ ଛାଡ଼ିଦେଲେ ଅନ୍ୟ ୨ ଜଣ ଅଭିଯୁକ୍ତ ଚନ୍ଦନ ଓ ସୌମ୍ୟ ପୀଡ଼ିତାଙ୍କ ସହ ଦୁଷ୍କର୍ମ କରି ନଥିବା ପୁଲିସ କହିଛି। ସେମାନେ କେବଳ ମୋବାଇଲରେ ଭିଡିଓ ରଖି ପୀଡ଼ିତାଙ୍କୁ ବ୍ଲାକ୍‌ମେଲ କରୁଥିଲେ। ତେବେ ନାବାଳକ କାଫେ' ମାଲିକ ପ୍ରଥମେ ବ୍ଲାକ୍ ବ୍ରଦର୍ସ ଗ୍ରୁପ୍‌ରେ ଅଶ୍ଳୀଳ ଭିଡିଓ ଛାଡ଼ି ଭାଇରାଲ କରିଥିଲା।

ଅପରପକ୍ଷେ, ଅଭିଯୁକ୍ତମାନେ 'ବ୍ଲାକ୍ ବ୍ରଦର୍ସ ଗ୍ରୁପ୍' ନାମରେ ଏକ ହ୍ୱାଟସ-ଆପ୍ ଗ୍ରୁପ୍ ଖୋଲି ବିଭିନ୍ନ ଅପରାଧମୂଳକ କାର୍ଯ୍ୟ ଚଳାଉଥିଲେ। ଏହି ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ପୀତବାସ ଓରଫ୍ ପିଡୁ ଏବଂ ନାବାଳକ କାଫେ'ମାଲିକ ଦୁଇଜଣ ଏହି ଗ୍ରୁପର ଆଡମିନ୍ ଅଛନ୍ତି। ଏହି ଗ୍ରୁପ୍‌ରେ ରହିଥିବା ୧୮ ରୁ ଅଧିକ ସଦସ୍ୟଙ୍କୁ ପୁଲିସ୍ ତଦନ୍ତ ପରିସରଭୁକ୍ତ କରିଛି। ସମସ୍ତଙ୍କୁ ବ୍ୟକ୍ତିଗତ ଭାବେ ଥାନାକୁ ଡକାଯାଇ ଜେରା କରାଯିବ ବୋଲି ପୁଲିସ୍ କହିଛି। ଏହି ଗ୍ରୁପ୍‌ରେ ହେଉଥିବା ଚାଟ୍, ଭିଡିଓ ଓ ଅଡିଓ ଏବଂ ଫଟୋକୁ ପୁଲିସ ଫୋରେନ୍‌ସିକ୍ ଲ୍ୟାବ୍‌କୁ ପଠାଇଛି।

## ମହିଳା କମିଶନ...

ଜବାବ୍ ରଖିବାକୁ କୁହାଯାଇଥିଲା। ଶ୍ରୀମତି ବେହେରା ନୋଟିସର ଉତ୍ତର ରଖିଥିବା ବେଳେ ଏହା ଗ୍ରହଣଯୋଗ୍ୟ ଏବଂ ଯଥାର୍ଥ ନୁହେଁ ବୋଲି କହିଛି ମହିଳା ଓ ଶିଶୁ ବିକାଶ ବିଭାଗ। ଏହାସହ ତାଙ୍କୁ ପଦବୀରୁ ଅପସାରିତ କରାଯାଇଥିବା ନେଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ମହିଳା କମିଶନ ପରି ସମ୍ମାନସ୍ପଦ ପଦବୀରୁ ଜଣେ ମହିଳାଙ୍କୁ ରାଜ୍ୟ ସରକାର ଯେଉଁ ଢଙ୍ଗରେ ଦୁଇ ଦୁଇ ଥର ବରଖାସ୍ତ କଲେ, ତାହା ଆଦୌ ଶୋଭନୀୟ ନୁହେଁ ବରଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି।

## 'ପଦ୍ମ' ରାଶି...

ନିଜର ଦୈନନ୍ଦିନ ଖର୍ଚ୍ଚ ବହନ କରିବା ପାଇଁ ସଂଘର୍ଷ କରୁଛନ୍ତି। କିଏ ମୁଣ୍ଡ ଗୁଞ୍ଜିବାକୁ ନିଜର ଜାଗା ପାଉନି। ସେମାନଙ୍କ ସାମାଜିକ ସୁରକ୍ଷା ଆଜି ବି ବିପର୍ଣ୍ଣ ହୋଇ ରହିଛି। ସେମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେଇ ସାମାଜିକ ବୋଝ କିଛିଟା ହାଲୁକା କରିବା ଲକ୍ଷ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ମାସିକ ୨୫ ହଜାର ଟଙ୍କା ଦେବା ପାଇଁ ଘୋଷଣା କରିଥିଲେ। ସେ ନେଇ ସରକାରୀ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ତେବେ ଏହାରି ଭିତରେ ରାଜ୍ୟରେ କ୍ଷମତାର ପରିବର୍ତ୍ତନ ହେତୁ ନବୀନଙ୍କ ଘୋଷଣା କାର୍ଯ୍ୟକାରୀ ହୋଇପାରି ନଥିଲା। ଅନ୍ୟପକ୍ଷରେ ନୂଆ ସରକାର ପଦ୍ମ ବିଜେତାଙ୍କ ପାଇଁ ନବୀନଙ୍କ ଘୋଷଣାରୁ ରାଜନୈତିକ ଲାଭ ହାସଲ ଉଦ୍ଦେଶ୍ୟରେ ସହାୟତା ପରିମାଣ ମାତ୍ର ୫ ହଜାର ଟଙ୍କା ବଢ଼ାଇବା ପଦ୍ମ ବିଜେତାଙ୍କ ପିଠି ଥାପୁଡେଇବା ସଦୃଶ ହୋଇଛି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ପଦ୍ମ ବିଜେତାଙ୍କ ମଧ୍ୟରେ ଏହାକୁ ନେଇ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବ ସରକାର ଯାହା ଘୋଷଣା କରିଥିଲେ ସେଥିରେ କ'ଣ ବଡ଼ ପରିବର୍ତ୍ତନ ହେଲା ବୋଲି କିଛି ପଦ୍ମ ବିଜେତା ପ୍ରଶ୍ନ କରିଛନ୍ତି। ନୂଆ ସରକାର ଭାବେ କିଛି ନୂଆ ପଦକ୍ଷେପ ନେବାର ଥିଲା। ଅନ୍ତତଃ ସେମାନଙ୍କ ଭବିଷ୍ୟତର ସୁରକ୍ଷା ପାଇଁ ମୋହନ ସରକାର ଠୋସ୍ ପଦକ୍ଷେପ ନେଇଥିଲେ ଭଲ ହୋଇଥାନ୍ତା ବୋଲି ସେମାନେ କହିଛନ୍ତି।

ସୂଚନାଯୋଗ୍ୟ ଯେ ଓଡିଶାରୁ ଏକମାତ୍ର ବ୍ୟକ୍ତି ଭାବେ ଭିଭି ଗିରି ଭାରତ ରତ୍ନ ପାଇଥିବା ବେଳେ ୪ ଜଣ ପଦ୍ମ ବିଭୂଷଣ, ୧୧ ଜଣ ପଦ୍ମ ଭୂଷଣ ଏବଂ ୯୦ ଜଣ ପଦ୍ମଶ୍ରୀ ପୁରସ୍କାର ପାଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଇତିମଧ୍ୟରେ ପ୍ରାଣ ହରାଇ ସାରିଛନ୍ତି।


**IN THE COURT OF THE CIVIL JUDGE, (SR.DIVN) LR & LTV; ANGUL.**
GS NO: 111/2013

Chahi Behera and others ...Plaintiffs
Versus
Pramila Pradhan and others ...Defendants

**DRAFT NOTICE U/Q5. RULE 20 OF OVIL PROCEDURE CODE.**

To,
17(a) Krushna Chandra Pradhan, Aged about 80 years, Husband of Late Baidchi Pradhan 17(b) Prafulla Pradhan, Aged about 55 years Son of Krushna Chandra Pradhan, 17( c) Prashant Pradhan, Aged about 52 years, Son of Krushna Chandra Pradhan 17(d) Prakash Pradhan, Aged about 50 years, Son of Krushna Chandra Pradhan 17(e)Pravat Pradhan, Aged about 47 years, Son of Krushna Chandra Pradhan Sl no 17(a) to 17(e) all are of Village: Bikash Nagar, P.o/ P.s/Dist Angul. 58(a) Ami Behera, Aged about 35 years Son of Late Indramani Behera Vill/P.o: Kanigoda P.s/Dist: Angul.
Whereas the above named Plaintiffs filed a suit for partition.
You are hereby noticed to appear in this Court in person or by a pleader duly instructed and able to answer all material questions relating to the case, or who shall be accompanied by some persons able to answer all such questions, on the 27th day of November 2024, at 10 ½ O' clock in the forenoon, to answer the claim if any ; and directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set - off or counter - claim, and where you rely on any other document whether in your possession or power or not, as evidence in support of your defence or claim for set- off or counter claim, you shall enter such documents in a list to be annexed to the written statement. Take notice that, in default of your appearance on the day before mentioned, the suit will be heard and determined in your absence.
**Given under my hand and the seal of the Court, this 6th day of November 2024.**
Court of the Civil Judge (Sr. Divn)
LR & LTV, Angul

**AFFIDAVIT**
By Virtue of an affidavit before Notary Public, Bhubaneswar on 07.11.2024, I have changed my name from Karttik Barik to **Jitu Barik** for all purposes
**Sd/-Jitu Barik**

**AFFIDAVIT**
I Balbeer Singh Bains, aged about 55 years S/o- Jeneral Singh Bains, resident of ward No.9, Khariar Road, PS- Jonk, Dist -Nuapada, I declare by this affidavit No.3336 dt.01/11/2024, that Balbeer Singh Bains s/o-Jeneral Singh Bains and Balbeer Singh Bens s/o- Jarnal Singh Bens is the same and one person in this locality.
**Balbeer Singh Bains**
**Khariar Road**

**NAME CHANGE**
By an affidavit vide no -2681,dated-05/10/2024,Before Executive Magistrate G. Udayagiri. I, Smt Jayanti Sahu, D/o-Late Lauchandra Sahu, resident of At -Badenaju, Po - Mallikapadi, Ps - G. Udayagiri, Pin -762100, Dist-Kandhamal, Odisha ,has changed my name Kainti Sahu. Henceforth I shall be known as **KAINTI SAHU** for all future purposes.

**AFFIDAVIT**
Affidavit Before Notary Public, Balasore I, DILLIP KUMAR PARICHHA S/o-Balakrushna Parichha, resident of At-New Street, Park Lane, Po-Jeypore, Dist-Koraput, Odisha, Pin-764001, declare by this affidavit No. 8008 vol-III dtd. 08/11/2024 that now onwards I shall be known as DILLIP KUMAR PARICHHA for all future purposes.

**AFFIDAVIT**
I, Ajigul Mallick, S/o-Riyaz Mallik, resident of AT: Mirjapur, Balaramgadi, Dist: Baleswar, PIN: 756025, Odisha declared by this affidavit No. 1922, dtd-19/10/2024 that now onwards I shall be known as **AZIZUL MALLIK** for all future purposes.

**AFFIDAVIT**
I, Diptimayee Ashokkumar Parida, W/o-Kartikeswar Behera, resident of Plot No. 134/1145, Brahmeswar Patana, Tankapani Road, Bhubaneswar, Pin-751018, Odisha declared by this affidavit No. 2048, dtd- 08/11/2024 that now onwards I shall be known as **DIPTIMAYEE PARIDA** for all future purposes.

**AFFIDAVIT**
I, Gokul Bihari Patra, S/o-Late Jaya Krishna Patra , resident of Plot No. 682/1012, Bharatvilla, Rudrapur, PO: Naharakanta, PS: Pahala, Balianta, Bhubaneswar, Khordha, Pin: 752101, Odisha declare by this affidavit No. 129, dtd-21/10/2024 that now onwards I shall be known as **GOKUL BIHARI PATRO** for all future purposes.

**AFFIDAVIT**
By virtue of an affidavit sworn before the Notary public Cuttack vide No 2382 dated 08.11.2024, I, Deepak Agarwal, S/o-Ram Niwash Agarwal, Resident of At -Plot No -1036, Mahanadi Vihar, PO - Nayabazar, PS - Chauliaganj, Dist-Cuttack, Pin No -753004,Odisha, declare that I have changed my Daughter's name from Dharshika Agarwal to Darshika Agarwal. Henceforth she will be known as **DARSHIKA AGARWAL** for all future purposes.

**AFFIDAVIT**
I, Deepak Kumar Agarwal, S/o - Ram Niwash Agarwal, Resident of At - Plot No - 1036, Mahanadi Vihar, PO - Nayabazar, PS - Chauliaganj, Dist - Cuttack, Pin No - 753004,Odisha, declare by this Affidavit No - 2379 dated 08.11.2024 that now onwards I shall be known as **DEEPAK AGARWAL** for all future purposes.

**AFFIDAVIT**
I, Nirmala Patra, W/o-Gokul Bihari Patro , resident of Plot No. 682/1012, Bharatvilla, Rudrapur, PO: Naharakanta, PS: Pahala, Balianta, Bhubaneswar, Khordha, Pin: 752101, Odisha declare by this affidavit No. 128, dtd-21/10/2024 that now onwards I shall be known as **NIRMALA PATRO** for all future purposes.

**AFFIDAVIT**
I Shantilata Sethi 34 yrs w/o Prashanta Sethi vill/po-Jagannathpur,Ps-Gopalpur,Dist -Balasore,Odisha,Aadhar No -407792344159. Declared by affidavit before Executive Magistrate,Bahanaga Sl No-3369 dtd - 19/07/2024 That my actual name of all documents as Shantilata Sethi.But wrongly mentioned in my Uco Bank Gopalpur branch vide a/c No-11620110021484 as Manjulata Sethi.The above name Shantilata Sethi & Manjulata Sethi both the Name same and one person for future all purpose.

**AFFIDAVIT**
I, Afsar Ahemed Mullick, S/o- Azizul Mallik, resident of AT: Port Road, Pul Bazar Chhak, Baleshwar Sadar, PO: Sunhati, Dist: Baleswar, PIN: 756002, Odisha declared by this affidavit No. 1921, dtd-19/10/2024 that now onwards I shall be known as **AFSAR AHEMAD MALIK** for all future purposes.

O-578
Email: rw_rayagada@yahoo.co.in
Phone No.06856-222188
GOVERNMENT OF ORISSA
OFFICE OF THE EXECUTIVE ENGINEER
RURAL WORKS DIVISION, RAYAGADA
***
E-Procurement Notice
Bid Identification No: EERWRGD – Online – 03/2024-25
No. 36 / 8 Date. 2.11.2024

| | | |
|---|---|---|
| 1 | Name of the Work | Maintenance of Buildings works for the year 2024-25. |
| 2 | Total No. of Works | 42 Nos (Percentage rate tender) |
| 3 | Estimated Cost | Varies from 1.68 lakhs to 4.20 lakhs |
| p4 | Class of Contractor | "D","C" |
| 5 | Time of Completion | Specified in DTCN. |
| 6 | Mode of submission of tender | Tender should be submitted only in online https://www.tendersodisha.gov.in |
| 7 | Other details | Detailed tender condition specified in DTCN. |

| Procurement Officer | Bid Identification No. | No. of works | Availability of Tender online for Bidding From | To | Date & Time of opening of tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Rayagada | EERWRGD Online – 03/2024-25 | 42 (Fourty Two)Nos | 13.11.2024 at 11.00 A.M. | 26.11.2024 up to 5.00 P.M. | 26.11.2024 at 5.30 P.M |

Further details can be seen from the website: www.tendersodisha.gov.in
Sd/- Executive Engineer
R.W. Division, Rayagada
OIPR-25072/11/0003/2425

O-578
Email: rw_rayagada@yahoo.co.in
Phone No.06856-222188
GOVERNMENT OF ORISSA
OFFICE OF THE EXECUTIVE ENGINEER
RURAL WORKS DIVISION, RAYAGADA
E-Procurement Notice
Bid Identification No: EERWRGD – Online – 03/2024-25
No. 3618 Date 02.11.2024

| | | |
|---|---|---|
| 1 | Name of the Work | Maintenance of Buildings works for the year 2024-25. |
| 2 | Total No. of Works | 42 Nos (Percentage rate tender) |
| 3 | Estimated Cost | Varies from 1.68 lakhs to 4.20 lakhs |
| 4 | Class of Contractor | "D","C" |
| 5 | Time of Completion | Specified in DTCN. |
| 6 | Mode of submission of tender | Tender should be submitted only in online https://www.tendersodisha.gov.in |
| 7 | Other details | Detailed tender condition specified in DTCN. |

| Procurement Officer | Bid Identification No. | No. of works | Availability of Tender online for Bidding From | To | Date & Time of opening of tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Rayagada | EERWRGD Online – 03/2024-25 | 42 (Fourty Two)Nos | 13.11.2024 at 11.00 A.M. | 26.11.2024 up to 5.00 P.M. | 26.11.2024 at 5.30 P.M |

Further details can be seen from the website: www.tendersodisha.gov.in
Executive Engineer
R.W. Division, Rayagada
OIPR-25072/11/0003/2425

C-896
GOVERNMENT OF ODISHA
OFFICE OF THE EXECUTIVE ENGINEER,
PUBLIC HEALTH DIVISION, RAYAGADA.
e-mail: - eephd.rgda.od@nic.in, eephdrgda@gmail.com
NATIONAL COMPETITIVE BIDDING THROUGH e-Procurement
INVITATION FOR BIDS (IFB) NO. EEPHDRAYAGADA-26/2024-25 DT.28.10.2024

| Sl No. | Name of the work | Bid Identification No. | Estimated Cost (Rs. In Lakh) | Class of Contractor | Period of Completion | Availability of Bid Document for Online Bidding From | To |
|---|---|---|---|---|---|---|---|
| 1. | 3 years Operation and Maintenance of Water Supply System in connection to "Augmentation of Water supply to Rayagada Town". | EEPHDRAYAGADA- 26 /2024-25 Dtd.28.10.2024 | 200.32 | 'B' And 'A' Class | 36 (Thirty-Six Months) | 12.11.2024 | 27.11.2024 |

Name & Address of Officer Inviting Bid: Executive Engineer, P.H. Division, Rayagada.
Email: eephd.rgda.od@nic.in, eephdrgda@gmail.com
- Further details can be seen from the e-Procurement portal "https://www.tendersorissa.gov.in".
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

OIPR-13052/11/0005/2425
EXECUTIVE ENGINEER,
P.H. DIVISION, RAYAGADA

# ଆନନ୍ଦିଆ ଚାଲିଗଲା

ଉଦୟନାଥ ମିଶ୍ର



ନାଁ ତା'ର ଆନନ୍ଦ । ସମସ୍ତେ ଡାକନ୍ତି ଆନନ୍ଦିଆ । ଗରିବ ଘର । ଗରିବ ଲୋକଙ୍କୁ ତ ଏପରି ଡକାଯାଏ । ନ ହେଲେ, ହୋଇଥାନ୍ତା ଶ୍ରୀ କିମ୍ବା ଶ୍ରୀଯୁକ୍ତ ଆନନ୍ଦ ଚନ୍ଦ୍ର ଦାଶ । ନ ହେଲେ ଅତି କମ୍‌ରେ ଆନନ୍ଦ ଦାଶ କିମ୍ବା ଆନନ୍ଦ । କେହି ତାକୁ ଆନନ୍ଦିଆ ବୋଲି ଡାକୁ ନଥାନ୍ତେ ।

ଆନନ୍ଦିଆ ଜଡ଼ା । ସେ ଯାହା କହୁଥିଲା, ତାହା କେହି ସହଜରେ ବୁଝି ପାରୁ ନଥିଲେ । ସେ ଖରା କହିଲେ, ତାହା 'ଖଡ଼ା' ଶୁଭୁଥିଲା । 'ର', 'ଳ' ତ ସବୁ ଥିଲା 'ଡ', 'ମକଦମ' କହିଲେ ଶୁଭୁ ଥିଲା 'ମକତମ' ।

ରୂପ ତା'ର ନ ଥିଲା ଆକର୍ଷଣୀୟ । ଗୋଟେ କିଛି ପିନ୍ଧି ଦେଲେ ଚଳୁଥିଲା ତା'ର । ଜାମାଟେ ପିନ୍ଧୁଥିଲା । କେଉଁଠି ହେଲେ ସେଇଟା ଥିଲା ଚିରା । ଆଖି ଦୁଇଟା ଢିମା ଢିମା, ହାତ ଦିଟା ସରୁ ସରୁ, ଗୋଟେ ଗୋଡ଼ ଛୋଟ । ସେ ଢଳିଢଳି ଚାଲୁଥିଲା । ପାଦର ଆଙ୍ଗୁଠିଗୁଡ଼ାକ ବେଢ଼ଙ୍ଗିଆ । ହାତର ଆଙ୍ଗୁଠି ମଧ୍ୟ ସେହିପରି ।

ସକାଳେ ସେ ଗାଧୁଏ । ଗାଧୁଏ ନୁହେଁ, ତାକୁ ତା' ବୋଉ ଗାଧୋଇ ଦିଏ । ତାକୁ ପୋଛାପୋଛି କରିଦିଏ । ପଖାଳ ଟିକେ ଖୁଏଇ ଦେଇ ଗୋଟେ ମୁଣି ଧରେଇ ଦିଏ । ଆନନ୍ଦିଆ ଯାଏ ଏ ଗାଁ, ସେ ଗାଁ ବୁଲି ଭିକ ମାଗିବାକୁ । ଏଇ ହେଲା ତା'ର ନିତିଦିନିଆ କାମ ।

ଆନନ୍ଦିଆର ଆଉ ଗୋଟିଏ ସାନ ଭାଇ ଥିଲା । ତା' ନାଁ ଗୋପାଳ । ସେ ବେଶ୍ ହୃଷ୍ଟପୁଷ୍ଟ । ତାହାର ବୟସ ହେବା ପରେ ତା' ବୋଉ ତାହାର ବିବାହ କରିଦେଲା । ଏବେ ଗୋପାଳ କାମଦାମ କରି ଭଲ କିଛି ରୋଜଗାର କରୁଛି । କିନ୍ତୁ ଆନନ୍ଦିଆକୁ ତା' ବୋଉ ସକାଳୁ ଯେମିତି ଭିକ ମାଗିବାକୁ ପଠାଉଥିଲା, ସେମିତି ପଠାଉଛି । ସାନ ଭାଇର ହାତକୁ ସେ କାହିଁକି ଅପେକ୍ଷା କରିବ ବୋଲି ସେ ଭାବୁଛି । ଆନନ୍ଦିଆର ସେଥିରେ ଦୁଃଖ ନାହିଁ । ତେବେ ଗୋପାଳକୁ ତାହା ଭଲ ଲାଗୁନି । ସେ ଚାହୁଁଛି, ଭାଇନା ଘରେ ବସୁ । ସେ ତାକୁ ପୋଷିବ ।

ଏମିତିକା ଚାଲିଥାଏ । ଦିନେ ଆନନ୍ଦିଆ ସବୁଦିନ ପରି ବେଶବାସ ହୋଇ ଗଲା ଭିକମାଗି । ସେ ତ ସବୁବେଳେ ପାଖ ଗାଁଗୁଡ଼ିକରେ ମାଗେ । ସେଦିନ କ'ଣ ଭାବିଲା ଟିକିଏ ଦୂର ଗାଁକୁ ଚାଲିଗଲା । ସେ ଗାଁଗୁଡ଼ିକକୁ ସେ କ୍ୱଚିତ୍ ଯାଏ । ତା'ର ରୂପ ଭେକ ଦେଖି ତା' କଥା ଶୁଣି, ସେ ଗାଁର ଲୋକେ ବିଶେଷତଃ ସ୍ତ୍ରୀ ଲୋକମାନେ ତା' ସହିତ ଥଟ୍ଟା କରୁଥାନ୍ତି । ତାକୁ ମୁଠାଏ ଚାଉଳ ବଦଳରେ ସୋଲେ କି ବୋଡ଼େ ଦେଉଥାନ୍ତି । କେହି କେହି ତାକୁ ଚୁଡ଼ା କି ମୁଢ଼ି ଖାଇବାକୁ ଦେଉଥାନ୍ତି । ତା' ସଙ୍ଗେ କଥାବାର୍ତ୍ତା ହୋଇ ଆନନ୍ଦିତ ହୋଇଥାନ୍ତି । ସେଦିନ ଆନନ୍ଦିଆର ଗଣ୍ଠିଲି ବଡ଼ ହୋଇ ତା'ର କାନ୍ଧ ଓଜନିଆ ହୋଇଗଲା । ସେ ଭାରି ଖୁସି । ବହୁତ ଚାଉଳ ମିଳିଛି । ବୋଉ ଭାରି ଖୁସି ହେବ ବୋଲି ସେ ଭାବୁଥାଏ ।

ଓଜନିଆ ଗଣ୍ଠିଲିଟା କାନ୍ଧରେ ବୋହି ଆଣିବା କଷ୍ଟ ହେଉଥାଏ । ତଥାପି ଆନନ୍ଦିଆ କିଆରି ପରେ କିଆରି ଡେଇଁ, ହିଡ଼ ଛାଡ଼ି ଶଗଡ଼ ଗୁଳାରେ । ତରତର ହେଉଥାଏ ଚାଲୁଚାଲୁ ଯଦି ଖସି ପଡ଼ିବ, ଗଣ୍ଠିଲିଟା ଫିଟି ଚାଉଳ ବୁଣି ହୋଇଯିବ ।

ଖରାଦିନ । ଶଗଡ଼ ଗୁଳାରେ ଗଡ଼ିଲା ଧୂଳି ଆନନ୍ଦିଆର ଆଣ୍ଠୁ ପର୍ଯ୍ୟନ୍ତ ଚଢ଼ି ଗଲାଣି । ଆନନ୍ଦିଆ ଚାଲିଛି, ଥକି ପଡୁନି । ଟିକିଏ ଟିକିଏ ଚାଲି ଧିମେଇ ଯାଉଛି ସିନା, କିନ୍ତୁ ଚାଲିଟା ଜମା ବନ୍ଦ ହେଉନି । ଏମିତି ଯାଇ ସେ ଘରେ ପହଞ୍ଚିଲା । ତା' ବୋଉ ଦୁଆରେ ବସିଥାଏ, ତା' ବାଟକୁ ଚାହିଁ । ପୁଅ କାନ୍ଧରେ ବଡ଼ ଗଣ୍ଠିଲି ଦେଖି ସେ ଦାଣ୍ଡକୁ ଓହ୍ଲାଇ ଆସି ଗଣ୍ଠିଲିଟା ନେଇଗଲା । ଘରୁ ପାଣି ଆଣି ଆନନ୍ଦିଆର ଗୋଡ଼ ଧୋଇ ଦେଇ ତାକୁ ପିଣ୍ଡାରେ ବସେଇ ଲୁଗାକାନିରେ ବିଞ୍ଚି ପକାଇଲା । ପୁଅ ଦେହରୁ ଝାଳ ପୋଛି ପକେଇଲା । ବୋହୂକୁ କହିଲା ତା' ପାଇଁ ଭାତ ବାଢ଼ିବାକୁ । ବୋହୂଟି ଭଲ । ସେ ଶାଶୁ କହିବା ଆଗରୁ ଦେଢ଼ଶୁର ପାଇଁ ବାଢ଼ି ସାରିଥିଲା । ଆନନ୍ଦିଆ ଖାଇସାରି ଶୋଇଗଲା, ଉଠିଲା ସଞ୍ଜକୁ ।

ପରଦିନ ଆନନ୍ଦିଆ ସକାଳେ ନିତ୍ୟକର୍ମ ସାରି ପଖାଳ ଖାଇ ବାହାରି ପଡ଼ିଲା । ତା' ବୋଉ ତାକୁ ସଜ କରି ପଠାଇଲା । ଆନନ୍ଦିଆର ମନ ଲାଗିଛି । ସେ ଦୂର ଗାଁକୁ ଯିବ । ଦୂର ଗାଁରେ ଅଧିକ ଭିକ ମିଳୁଛି । ଆନନ୍ଦିଆ ପାଖ ଗାଁରେ ନ ଅଟକି ଚାଲିଲା । ସତକୁ ସତ ଦୂର ଗାଁରେ ତାକୁ ଅଧିକରୁ ଅଧିକ ମିଳିଲା ଭିକ । ଏଣିକି ଘରକୁ ଫେରିବାରେ ବିଳମ୍ବ ହେବାକୁ ଲାଗିଲା । ଦୂର ଗାଁଗୁଡ଼ିକରେ ଆନନ୍ଦିଆକୁ ଭିକ ଅଧିକ ମିଳିବା ସହିତ ଖାଇବାକୁ ଚୁଡ଼ା, ମୁଢ଼ି, ଉଖୁଡ଼ା ମଧ୍ୟ ମିଳୁଥିଲା । ଯାହା ଖାଉଥିଲା ଖାଉଥିଲା । ଯାହା ବଳୁଥିଲା ବାନ୍ଧି ଘରକୁ ନେଇ ଆସୁଥିଲା । ବୋଉ, ଭାଇବୋହୂ ଭାରି ଖୁସି ।

ଦିନକର କଥା । ଆନନ୍ଦିଆ ତା' ଗାଁଠାରୁ ଦୂରକୁ ପ୍ରାୟ ତିନିକୋଶ ଚାଲିଗଲା । ଦେଖିଲା ଗୋଟେ ଦାଣ୍ଡି ଘର । ସେଇଟା କ'ଣ ବୋଲି ଜାଣିବାକୁ ସେଠିକୁ ଗଲା ଚାଲିଚାଲି । ସେ ସେହି ଦାଣ୍ଡିକ ଘର ବାରିପଟେ ବୁଲିଥିବା ଅନୁଚ୍ଚ ପାଚେରି ପାଖରେ ପହଞ୍ଚିଲା । ଗେଟ୍‌ଟିଏ ଲାଗିଛି । ତାଲା ବନ୍ଦ । ପାଖରେ ଗୋଟେ ଭଉଁରିଆ ବାଟ । ଗୋରୁଙ୍କୁ ସେଇଟା ବାଧା ଦିଏ । ମଣିଷଙ୍କୁ ନୁହଁ । ଆନନ୍ଦିଆ ଡରିଡରି ଭିତରକୁ ପଶିଲା । ଘରର ଲମ୍ବା ପାହାଚ ଉଠିଲା । କେତେ ଜଣ ବାବୁ ସେଠି ଗୋଟେ ଘରେ ବସିଥିଲେ । ଆନନ୍ଦିଆ ଘରର ଦୁଆରେ ଠିଆହେଲା । ଜଣେ ବାବୁଙ୍କର ନଜର ପଡ଼ିଲା ତା' ଉପରେ । ସେ ତାକୁ ପାଖକୁ ଡାକିଲେ । ପଚାରି ବୁଝିଲେ ସେ ଭିକାରିଟିଏ । ସେ ତାକୁ କହିଲେ ପାଖ ଘରେ ସ୍କୁଲର ପ୍ରିନ୍‌ସିପାଲ୍ ଅଛନ୍ତି । ତାଙ୍କଠୁ ଗୋଟେ ଲେଖେଇ ଆଣିଲେ ତାକୁ ପଇସା ମିଳିବ ସବୁ ଶ୍ରେଣୀକୁ ବୁଲିଗଲେ ।

ଆନନ୍ଦିଆ ତାଙ୍କୁ ତା' ସାଙ୍ଗରେ ଯିବାକୁ ଅନୁରୋଧ କଲା । ବାବୁ ଜଣକ ଦୟାଳୁ । ସେ ତାକୁ ସାଙ୍ଗରେ ନେଇ ପ୍ରିନ୍‌ସିପାଲଙ୍କ ପାଖକୁ ଗଲେ । କହିଲେ ଲୋକଟି ଜଡ଼ା ପରି କଥା କହୁଛି । ଭିକ ମାଗି ଆସିଛି । ସେ ତାକୁ ଅନୁମତି ଦେଲେ ସେ ଶ୍ରେଣୀଗୁଡ଼ିକୁ ଯାଆନ୍ତା । ପିଲାଏ ତାଙ୍କୁ କିଛି ଦିଅନ୍ତେ । ପ୍ରିନ୍‌ସିପାଲ ଦୟାଳୁ ଭଦ୍ରବ୍ୟକ୍ତି । ସେ ଗୋଟେ କାଗଜରେ ଲେଖିଦେଲେ ପିଲାମାନେ ତାକୁ କିଛି ସାହାଯ୍ୟ କରିବାକୁ ।

ଆନନ୍ଦିଆ ପ୍ରିନ୍‌ସିପାଲଙ୍କ ଲେଖାଟିକୁ ଧରି ଶ୍ରେଣୀଗୁଡ଼ିକୁ ଗଲା ଗୋଟେ ପରେ ଗୋଟେ । ପିଲାମାନଙ୍କୁ ଶ୍ରେଣୀରେ ପଢ଼ାଉଥିବା ଶିକ୍ଷକ ତା' କଥା କହିଲେ । ପିଲାଏ ନିଜ ଜଳଖିଆ ପାଇଁ ଆଣିଥିବା ପଇସାରୁ କିଛି କିଛି ଦେଲେ । ଦାଣ୍ଡିକ ଯାକ ଘର ବୁଲି ସାରିଲା ବେଳକୁ ତା' ପାଖରେ ତିନି କି ଚାରି ଟଙ୍କା । ସେ ଭାରି ଖୁସି । ଆଉ କୁଆଡ଼େ ନ ଯାଇ ସେ ଫେରିଲା ଘରକୁ । ତା' ବୋଉ ଦେଖିଲା ତା' କାନ୍ଧରେ ଗଣ୍ଠିଲି ନାହିଁ । ପଚାରିଲା – ଆଜି କିଛି ମିଳିଲାନି କି? ଆନନ୍ଦିଆର କାନିରେ ବାନ୍ଧିଥିବା ପଇସା ବୁଜୁଲିଟି ଝମ୍ କରି ଥୋଇଦେଲା । ବୋଉ ଏତେ ପଇସା କେବେ ଏକାଠି ଦେଖି ନଥିଲା । ସାନପୁଅ ଏଠିସେଠି କାମ କରି ଦିନକରେ ଦୁଇ ଅଣା ଆଣୁଥିଲା । ବୋଉର ଖୁସି କହିଲେ ନ ସରେ!



ଆନନ୍ଦିଆ ସବୁଦିନ ଗୋଟେ ଅଞ୍ଚଳକୁ ଯାଉ ନଥିଲା । ସେ କେଉଁଦିନ କେଉଁ ଅଞ୍ଚଳକୁ ଯିବ ତାହା ସେ ଘରୁ ରାସ୍ତାକୁ ଗୋଡ଼ କାଢ଼ିବା ପରେ ସ୍ଥିର କରୁଥିଲା । ମାତ୍ର ସେ ଯେଉଁ ଗାଁକୁ ଥରେ ଯାଉଥିଲା, ସେ ଗାଁ ଲୋକେ ତାକୁ ମନେ ରଖୁଥିଲେ । କେଉଁ ଗାଁକୁ ବହୁତ ଦିନ ନ ଗଲେ ସେ ଗାଁ ଲୋକେ କାହିଁକି ଆସୁନାହିଁ ବୋଲି ମନରେ ଭାବୁଥିଲେ । ସବୁ ଲୋକଙ୍କ ମନରେ ଆନନ୍ଦିଆ ଗୋଟେ ଆସନ ମାଡ଼ି ବସିଥିଲା । ସ୍କୁଲର ପିଲା ଓ ଶିକ୍ଷକମାନେ ମଧ୍ୟ ଆନନ୍ଦିଆକୁ ତାଙ୍କ ମନରେ ସ୍ଥାନ ଦେଇଥିଲେ ।

ସେଦିନ ଆନନ୍ଦିଆ ଗଲା ସ୍କୁଲକୁ । ପ୍ରିନ୍‌ସିପାଲ ତାକୁ ଦେଖୁଦେଖୁ ଛୋଟ କାଗଜ ଖଣ୍ଡରେ ଲେଖିଦେଲେ । ଏହାକୁ ଯଥାଶକ୍ତି ସାହାଯ୍ୟ କରାଯିବା ଉଚିତ । ଆନନ୍ଦିଆ ଶ୍ରେଣୀକୁ ବୁଲିଗଲା । ସବୁ ଥରଠାରୁ ଏହାର କିଛି ଅଧିକ ପାଇଲା ପିଲାଙ୍କଠାରୁ । ଶିକ୍ଷକମାନେ ଓ ପ୍ରିନ୍‌ସିପାଲ ମଧ୍ୟ କିଛି ଦେଇଥିଲେ । ସବୁ ପଇସାକୁ ଗାମୁଛାରେ ବାନ୍ଧି ଆନନ୍ଦିଆ ମନ ଆନନ୍ଦରେ ଫେରୁଥିଲା ଘରକୁ । ଶଗଡ଼ ଗୁଳାରେ ଚାଲିଛି । ଖୁସି ତା' ମନରେ ଲହରି ଖେଳୁଛି । ଶୀଘ୍ର ଘରେ ପହଞ୍ଚିବ ବୋଲି ବେଗେ ବେଗେ ଗୋଡ଼ ଚଳାଉଛି । କୁଆଡ଼େ କ'ଣ ହେଉଛି, ସେ ଆଡ଼କୁ ତା'ର ନଜର ନାହିଁ ।

ଏତିକି ବେଳେ ପଛଆଡୁ ଗୋଟେ ଶଗଡ଼ ଦଉଡ଼ି ଆସିଲା । ବଳଦ ଦିଟା କ'ଣ ପାଇଁ ବିଗିଡ଼ି ଯାଇଥିଲେ । ସେମାନେ ଶଗଡ଼ିଆର ଆକଟ ମାନୁ ନଥିଲେ । ହାଁ ହାଁ କରୁକରୁ ଶଗଡ଼ଟା ଆନନ୍ଦିଆ ଉପରେ ଚଢ଼ିଗଲା । ଏକେତ ଦୁର୍ବଳିଆ, ଉପରେ ଜଡ଼ା । ଶଗଡ଼ର ଚକଟା ତା' ଗୋଡ଼ରେ ଯେମିତି ମାଡ଼ି ଯାଇଛି, ସେ ଭୂଇଁରେ ପଡ଼ିଗଲା । ତା' ପ୍ରାଣବାୟୁ ଗଡ଼ିଗଲା ।

ଆନନ୍ଦିଆର ବୋଉ ସନ୍ଧ୍ୟା ଯାଏଁ ଅପେକ୍ଷା କରିବସିଛି ଦାଣ୍ଡ ପିଣ୍ଡାରେ । ପୁଅ ଆସିବ । କିନ୍ତୁ ପୁଅ ନୁହଁ । ପୁଅ ମରିଯାଇଥିବା ଦୁଃଖଦ ଖବର ଆସିଲା । ଅସ୍ତବ୍ୟସ୍ତ ହୋଇ ଧାଇଁଲା ସେ । ଭାଇ ଗୋପାଳ ବି ଶୁଣି ଧାଇଁଲା । ଆନନ୍ଦିଆର ଶବ ପଡ଼ିଛି ଗହୀର ବିଲରେ । ଶଗଡ଼ ଗୁଳାରେ । ବୋଉ ତା'ର ପୁଅର ଶବ ପାଖରେ 'ମୋ ଆନନ୍ଦିଆରେ...' କହି କଚାଡ଼ି ହୋଇ ପଡ଼ିଗଲା । ମା'ପୁଅ ଦୁହେଁ ଚାଲି ଗଲେ ଆରପୁରକୁ । ଗୋପାଳ ଦେଖିଲା, ପଇସା ବୁଜୁଲିଟି । ଆନନ୍ଦିଆ କାନ୍ଧରେ ସେମିତି ଗାମୁଛାରେ ବନ୍ଧା ହୋଇରହିଛି । ସେ ଭୋ ଭୋ କାନ୍ଦି ଉଠିଲା । ଗାଁର ଭାଇବନ୍ଧୁ ଆଣିଲେ ଦୁଇଟି ଶବ ଗାଁ ମଶାଣିକୁ ।

ପରଦିନ ସକାଳେ ସେଇ ଖବର ପହଞ୍ଚିଗଲା । ଆନନ୍ଦିଆ ଯେଉଁ ଗାଁକୁ ଭିକ ମାଗିବାକୁ ଯାଏ । ସ୍କୁଲରେ ବି ପହଞ୍ଚିଗଲା । ସମସ୍ତେ ଆହା ଆହା କଲେ । ସ୍କୁଲରେ ଶିକ୍ଷକ ଓ ପିଲାମାନେ ଶୋକସଭା କଲେ । ଆନନ୍ଦିଆର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କଲେ ।

ଆନନ୍ଦିଆ କିଛି ଗୋଟେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ନଥିଲା । ରାଜନେତା କି ସମାଜସେବୀ କି ଉଚ୍ଚ ସରକାରୀ କର୍ମଚାରୀ ନଥିଲା । ମାତ୍ର ଜଣେ ଅତି ସାଧାରଣ ଭିକାରି ଥିଲା ସେ । ତା'ର ମୃତ୍ୟୁରେ ଏତେ ସଂଖ୍ୟକ ଲୋକ ଯେ ଦୁଃଖୀ ହୋଇଗଲେ, ତାହା ଏକ ବିଡ଼ମ୍ବନା ନୁହେଁ ତ ଆଉ କ'ଣ! ■

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଗୋଦାବରୀଶ ବିଦ୍ୟାପୀଠ, ବାଣପୁର, ଖୋର୍ଦ୍ଧା

## ପୁସ୍ତକ ପରିଚୟ

### ବୋଉ ଯାହା ଜାଣେ ନାହିଁ

ଅକ୍ଷୟ ବେହେରା




ପ୍ରଗତି
ବାଦାମବାଡ଼ି, କଟକ-୧୨
ପ୍ରଥମ ସଂସ୍କରଣ: ୨୦୨୩
ମୂଲ୍ୟ: ୧୭୫ ଟଙ୍କା

କବି ଅକ୍ଷୟ ବେହେରାଙ୍କ କବିତା ପୁସ୍ତକ 'ବୋଉ ଯାହା ଜାଣେ ନାହିଁ' ପ୍ରକାଶ ପାଇଛି । 'ବୋଉର ଜୀବନ ବହି' ଓ 'କବିତା ପଥରେ କବି' ଶୀର୍ଷକରେ ଦୁଇଟି ଭାଗରେ ବିଭକ୍ତ ଏହି କବିତା ପୁସ୍ତକଟି । ପ୍ରଥମ ଭାଗରେ ୧୬ଟି କବିତା ରହିଛି । "ବାରବାର ଫେରିଛି ସେଇ ଦୃଶ୍ୟ/ ବୋଉର ବିଦାୟ ଦୃଶ୍ୟ-ପାଚିଲା ବାଳରେ ସିନ୍ଦୂର/ ସଧବା ନାରୀ ସନ୍ତକ, ଶଙ୍ଖା ଚୁଡ଼ି ପିନ୍ଧି କୋକେଇରେ/ ସଜା ହେଲା ବୋଉ/ ଧୂପର ମହକରେ ମହକିତ ତା' ଫେରନ୍ତା ପଥ/ ଖଇ କଉଡ଼ିରେ ଭରା ରାମ ନାମ ସତ୍ୟ..." ଜନ୍ମଦାତ୍ରୀ ମା'କୁ ବିଦାୟ ଦେବାର ଦୃଶ୍ୟ ସତେ କେତେ କରୁଣ ଓ ହୃଦୟବିଦାରକ । କବି ବେହେରାଙ୍କ 'କବିତା ବୋଉ ଯାହା ଜାଣେ ନାହିଁ' କବିତାରେ ମା'ଙ୍କୁ ନିବିଡ଼ ଭଲ ପାଇବା ଓ ହରାଇବାର ଅନ୍ତର୍ବେଦନା ପ୍ରତିଫଳିତ ହୋଇଛି । ହୃଦୟର ବିପୁଳ ଆବେଗ, ଉଚ୍ଛ୍ୱାସ, ମର୍ମବେଦନା ଅତି ପ୍ରାଣବନ୍ତ ଭାବେ ପ୍ରସ୍ଫୁଟିତ ହୋଇଛି । ନିଜ ମା'ଙ୍କ ଜୀବନର ପ୍ରତିଟି କଥାକୁ ଅତି ଚମତ୍କାର ଭାବେ କବି ବର୍ଣ୍ଣନା କରିଛନ୍ତି । ସେହିପରି ଦ୍ୱିତୀୟ ଭାଗ 'କବିତା ପଥରେ କବି'ରେ ୩୩ଟି କବିତା ରହିଛି । ପାର୍ଥିବ ଜଗତର ମୋହମାୟାଠାରୁ ବହୁ ଊର୍ଦ୍ଧ୍ୱରେ କବିଙ୍କ ଚେତନା ଜଗତ । ଜୀବନ ପଥରେ ମୁକ୍ତିର ମାର୍ଗ ଖୋଜୁଥିବା କବିତାଗୁଡ଼ିକ ମନଛୁଆଁ ହୋଇପାରିଛି । ମାଟିଠାରୁ ଆକାଶ ଯାଏଁ ଅସରନ୍ତି ଅନୁଭବରେ ପରିବ୍ୟାପ୍ତ ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ପ୍ରାଣକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ଝିଅପିଲା ପୁଅପିଲା

ଗଂଗାଧର ବିଶ୍ୱାଳ



ପକ୍ଷୀଘର ପ୍ରକାଶନୀ
୩୨, ମଧୁସୂଦନ ନଗର
ଭୁବନେଶ୍ୱର-୦୧
ପ୍ରଥମ ସଂସ୍କରଣ: ୨୦୨୩
ମୂଲ୍ୟ: ୧୯୫ ଟଙ୍କା

କଥାକାର ଗଂଗାଧର ବିଶ୍ୱାଳଙ୍କ 'ଝିଅପିଲା ପୁଅପିଲା' ଗଳ୍ପ ପୁସ୍ତକ ପ୍ରକାଶ ପାଇଛି । ଏହି ପୁସ୍ତକରେ ୧୪ଟି ଗପ ସଂକଳିତ ହୋଇଛି । ପ୍ରତି ଗପର କାହାଣୀ, ରଚନା ଶୈଳୀ ସ୍ୱତନ୍ତ୍ର । 'ଶେଷ ଠିକଣା' ଏକ ଚମତ୍କାର ଗପ । ଜୀବନରେ ଯିଏ ଯେତେ ବଡ଼ ପଦବିରେ ଥାଉ ନା କାହିଁକି, ଯେତେ ଧନ, ସଂପତ୍ତି, ପ୍ରତିଷ୍ଠାର ଅଧିକାରୀ ହୋଇଥାଆନ୍ତୁ ନା କାହିଁକି, ସମସ୍ତଙ୍କ ଶେଷ ଠିକଣା ହେଉଛି ମଶାଣି । ଏହି ଶେଷ ଠିକଣାକୁ ଅନେକ ମଣିଷ ଭୁଲି ଯାଆନ୍ତି । ଏହି ପ୍ରସଙ୍ଗକୁ ନେଇ ରଚିତ 'ଶେଷ ଠିକଣା' ଗଳ୍ପର ସୁଜାତା ଚରିତ୍ର ମାଧ୍ୟମରେ ସୂଚାଇ ଦିଆଯାଇଛି । ଅଧ୍ୟାପିକା ସୁଜାତାଙ୍କ ଭଳି ଅନେକ ବ୍ୟକ୍ତି ତୁଚ୍ଛା ସଂସାର ମୋହମାୟାରେ ଛନ୍ଦି ହୋଇଛି ଜୀବନର ଶେଷ ଠିକଣାକୁ ଭୁଲି ଯାଆନ୍ତି । ସେହିପରି 'ଝିଅପିଲା ପୁଅପିଲା', 'ସତ ସତ ଲାଗୁଥିବା ମିଛ କାହାଣୀ', ନାତୁଣୀ ସମ୍ବାଦ', 'ଗୋଟିଏ ଯାଆଁଳା ପ୍ରେମ ଗଳ୍ପ', 'ବାପାଙ୍କ ଶେଷଦିନର ଡାଏରି', 'ସ୍ୱପ୍ନରେ ସ୍ୱପ୍ନରେ ', 'ସର୍ବଶ୍ରେଷ୍ଠ କୃତି ପ୍ରଦର୍ଶନର ଆୟୋଜନ', 'ନରଣଗଡ଼ର ଦାସୀ' ଆଦି ଗଳ୍ପଗୁଡ଼ିକ ମନଛୁଆଁ ହୋଇଛି । ମାନବୀୟ ଭାବାବେଗ, ସାମାଜିକ ବାସ୍ତବତାର ଚିତ୍ର ଅନେକ ଗଳ୍ପରେ ପ୍ରସ୍ଫୁଟିତ ହୋଇଛି । ଗଂଗାଧରଙ୍କ ଗପର କାହାଣୀ, ଚରିତ୍ର ଚିତ୍ରଣ, ଉପସ୍ଥାପନା ଶୈଳୀ ନିଆରା । ଜୀବନ ଓ ଜଗତକୁ ଭିନ୍ନ ଦୃଷ୍ଟିରେ ଦେଖିଥିବା ଗାଳ୍ପିକ ଗଂଗାଧରଙ୍କ "ଝିଅପିଲା ପୁଅପିଲା' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ପତ୍ର

ବନଜ ଦେବୀ





କି ପତ୍ର ଲେଖିଚି ସିଏ? ଆଜି ଏଇ ସଂଜ ଲଫାପାରେ
ଅଦୂରେ ଦ୍ୱାଦଶୀ ଜହ୍ନ, ଜକ ଜକ, କ୍ୱଚିତ୍ ବଉଦ,
କେତୋଟି ତାରାର ଦୀପ ଇତସ୍ତତଃ,
ଝାଉଁବଣ ଫାଙ୍କେ,
ସାଇଁସାଇଁ ପବନର ବିଧୁର ବାଜଣା
ଛନଛନ ପ୍ରତୀକ୍ଷାର ଯାତନାରେ ଆଚ୍ଛନ୍ନ ମୁହୂର୍ତ୍ତ ।

ଗୃହ ଫେରା ମୁଁ କି ଏକ ଅଭିନେତ୍ରୀ,
କ୍ଳାନ୍ତ, ଅବସନ୍ନ
ନିରୋଳା ମୁହୂର୍ତ୍ତ କୋଳେ, ନିଜକୁ ଅଜାଡ଼ି
ନିଜକୁ କି ଫେରିପାଏ,
ଦେଖେ ତନ୍ନତନ୍ନ
ହାୟ ! କି ଗଭୀର, କି କରୁଣ ଏଇ
ମୌନତା ଆଜନ୍ମା!!

ଅଜାଣତେ ଛଳଛଳ ହୁଏ ଆଖି,
ଅବୁଝା ଦୁଃଖରେ ଛାତି କୋରି ହୁଏ,
ହୃଦୟ ଯାତନା ଖୋଜେ ନୂଆ ଏକ ଶବ୍ଦ
ବିସ୍ତାରିତ କାରୁଣ୍ୟର ସ୍ତରେ ସ୍ତରେ, ନିଃସଙ୍ଗତା,
ଲୋଡୁଥାଏ, ନାଁ ଅଜଣା, ପ୍ରିୟର ଠିକଣା ।

ଠିକ୍ ଏତେ ବେଳେ
ମନର ଝରକାଧାରେ, କିଏ ଫିଙ୍ଗି ଦିଏ,
ରଙ୍ଗିନ ଲଫାପା ଏକ, ବିଚିତ୍ର ସଂଧାର
ଅନାହତ ନାଦର ମୂର୍ଚ୍ଛନା!

ସଂଜର ଲଫାପା ଚିରି ମୁଁ ଖୋଲିଲି
ଏଇ ତା'ର ପତ୍ର,
ହୃଦୟେ ହୃଦୟେ ମୋର, ଯେ ଅବ୍ୟକ୍ତ
ନିବିଡ଼, ଏକାନ୍ତ । ■

ଶିବଛାୟା
ରଥରୋଡ଼, ଭୁବନେଶ୍ୱର-୨

## ଯାତ୍ରା

ସୂର୍ଯ୍ୟସ୍ନାତ ତ୍ରିପାଠୀ



ଏଇଠି ଅଟକିଯାଇ ବି
ଯାତ୍ରା ଶେଷ ହେଲା ବୋଲି
ମାନିନେଇ ହେବ ।

ଆରମ୍ଭ ବୋଲି କିଛି ନାହିଁ ଯେହେତୁ,
ଶେଷ ଯେହେତୁ ଭ୍ରମ ମାତ୍ର ।

ଆମେ ଦୁହିଁଙ୍କ ଅନୁପସ୍ଥିତିରେ
ଯେଉଁ ସମୟ ବିତିଥିଲା ଓ ଯେଉଁ
ସମୟ ବିତିଯିବ ଆମ ଅବ୍ୟବହିତରେ,
ସେ ସମୟ ସମଭାବରେ ମୂଲ୍ୟହୀନ
ନୁହେଁ କି ଆମ ପାଇଁ ?

ଏକ ଅର୍ଥହୀନତାରୁ ଆଉ ଏକ
ଅର୍ଥହୀନତାକୁ ଏ ଯାତ୍ରା ଆମର ।
ବୃତ୍ତଟିଏ ଆମ ବାଟ -
ସବୁ ବିନ୍ଦୁ ଏଠି ଶେଷବିନ୍ଦୁ, ଏକ
ଓ ଅଭିନ୍ନ ।

ତେଣୁ ଏଇଠି ଅଟକିଗଲେ ବି ହେବ...
ଅବା, ଅବ୍ୟାହତ ରଖିହେବ ଏ
ଯାତ୍ରା, କେବଳ ସାଥି ହେଇ ଚାଲିବାର
ଖୁସିଟିକକ ପାଇଁ ।

ଶୂନ୍ୟରୁ ଆରମ୍ଭ ହେଇ
ଶୂନ୍ୟରେ ମିଶିଯିବା ଆଗରୁ,
ସେତିକି ହିଁ ପ୍ରାପ୍ତି ଆମର ।
ସେତିକି ଅପ୍ରାପ୍ତି । ■

# ଗୋପବନ୍ଧୁ ସାହିତ୍ୟରେ ଜାତୀୟତା

ଡକ୍ଟର ଅଭିମନ୍ୟୁ ବରାଳ



ମଞ୍ଜୁ-ଛୁରୀଅନା-କୁଞ୍ଜ ବିହାରିଣୀ କଳ-କଲ୍ଲୋଳିନୀ-ପୁଣ୍ୟତୋୟା ରତ୍ନଚିରା ତଟାଟବୀ ବକୁଳବନ ଥିଲା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସାଧନାର ସାରସ୍ୱତ ପୀଠ । ଯେଉଁଠାରେ ଗଢ଼ିଥିଲେ ବନ ବିଦ୍ୟାଳୟ । ଯେଉଁ ବିଦ୍ୟାଳୟରେ ଛାତ୍ରମାନଙ୍କୁ ଜାତୀୟତାର ମନ୍ତ୍ରରେ ଦୀକ୍ଷିତ କରୁଥିଲେ । ତାହା ଥିଲା ଏକ ମଣିଷଗଢ଼ା କାରଖାନା । ଏହି ମହାନ୍ ସ୍ରୋତରେ ଯେଉଁମାନେ ନିଜକୁ ଭସାଇ ଦେଇଥିଲେ, ସେମାନେ ହେଲେ-ଉତ୍କଳମଣି ଗୋପବନ୍ଧୁ, ଐତିହାସିକ କୃପାସିନ୍ଧୁ, ବାଗ୍ମୀ ନୀଳକଣ୍ଠ, କବି ଗୋଦାବରୀଶ ଓ ସେବକ ଆଚାର୍ଯ୍ୟ ହରିହର । ଏହିମାନେ ହେଲେ ସତ୍ୟବାଦୀ ଯୁଗର ପଞ୍ଚ ସଖା । ଏତଦ୍ ବ୍ୟତୀତ ଅନେକ ମହାନ ବ୍ୟକ୍ତି ଯୋଗଦାନ କରି ଜାତୀୟ ସ୍ରୋତକୁ ପ୍ରଖର କରିଥିଲେ ।

ଗୋପବନ୍ଧୁ କବି ହେବାକୁ ଚେଷ୍ଟା କରି ନାହାଁନ୍ତି, କିନ୍ତୁ, ସେ କବି । ତାଙ୍କ ସ୍ୱତଃସ୍ଫୂର୍ତ୍ତ ଆବେଗର ସ୍ୱର ଝଙ୍କାର ହିଁ କବିତା । ସେ ସବୁ ଜାତୀୟ ପ୍ରେମର ମୂର୍ତ୍ତ ଝରଣା, ଯାହା ଓଡ଼ିଆ ଜନମାନସକୁ ଭସାଇ ଦେଇ ସିକ୍ତ କରିଛି । ତାଙ୍କ ସାହିତ୍ୟ କୃତି ମଧ୍ୟରେ 'ଅବକାଶ ଚିନ୍ତା', 'ବନ୍ଦୀର ଆତ୍ମକଥା', 'ଧର୍ମପଦ', 'କାରାକବିତା', 'ନଚିକେତା ଉପାଖ୍ୟାନ', 'ଗୋ ମାହାତ୍ମ୍ୟ' ପ୍ରଭୃତି ଅନ୍ୟତମ । ସେ ଥିଲେ 'ସତ୍ୟବାଦୀ' ଓ 'ସମାଜ'ର ସଂପାଦକ । ଓଡ଼ିଆ ସାହିତ୍ୟ ବାଣୀ ଭଣ୍ଡାରକୁ ତାଙ୍କର ଦାନ ଅତୁଳନୀୟ, ଅନୁପମ । ତାଙ୍କ ସାହିତ୍ୟର ଚିରନ୍ତନ ମୂଲ୍ୟ ରହିଛି । ଜାତୀୟ ଚରିତ୍ର ଗଠନ କରିବାରେ ତା'ର ମହାନ ଭୂମିକା ରହିଛି । ଜନସାଧାରଣଙ୍କୁ ଉଦ୍‌ବୁଦ୍ଧ କରିବା ଦିଗରେ ତା'ର ବଳିଷ୍ଠ ଅବଦାନ ରହିଛି । ଅଧ୍ୟାପକ ଚିନ୍ତାମଣି ଦାଶ ଯଥାର୍ଥରେ କହିଛନ୍ତି – "ଗୋପ ସାହିତ୍ୟର ପରିମାଣ ସ୍ୱଳ୍ପ ହେଲେ ହେଁ ତାହା ମୂଲ୍ୟବାନ, ଚନ୍ଦନ ପରି ତା'ର ସୌରଭ ଦିଗଦିଗନ୍ତ ବିଛୁରିତ । ଓଡ଼ିଆ ଜାତି ପ୍ରତି ସେ ସ୍ୱଳ୍ପ ସାହିତ୍ୟ ଚିର ଦୀପ୍ତିମନ୍ତ ଆଲୋକ- ବର୍ତ୍ତିକା । ସେ କୃତିରେ କେବଳ ଦୀପ୍ତି ନାହିଁ, ନୂତନତ୍ୱର ଦିଗ୍‌ଦର୍ଶନ ଅଛି । ଅହିଂସାଧର୍ମୀ ବୀରପୁରୁଷର ରଣହୁଙ୍କାର ଅଛି । X X X ସୃଷ୍ଟି ସ୍ୱଳ୍ପ ହେଲେ ସୁଦ୍ଧା ଗୋପ ସାହିତ୍ୟ ରତ୍ନ ପ୍ରଭାବ, ବିଶ୍ୱଜନନୀ, ଆତ୍ମାର ଊର୍ଦ୍ଧ୍ୱାୟନର ପ୍ରଶସ୍ତ ସେତୁ, ପବିତ୍ରତାର ପ୍ରେରକ ସୁନ୍ଦର, ମଧୁର, ଶ୍ରେୟ ଓ ମହତ୍ତ୍ୱର ଜାଗୃତି ମନ୍ତ୍ର ଏବଂ ମାନବତାର ପରମାଦର୍ଶ ।"

ଉତ୍କଳମଣି ଗୋପବନ୍ଧୁ ମର୍ମସ୍ପର୍ଶୀ ଭାଷାରେ କହିଛନ୍ତି-

"ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲିଯାଆନ୍ତୁ ପିଠିରେ,
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼" ।

ଏ ଥିଲା କବି, ଲେଖକ, ବକ୍ତା, 'ସମାଜ'ର ପ୍ରତିଷ୍ଠାତା, ଦେଶସେବକ ତଥା ଜାତୀୟତାବାଦୀ ଗୋପବନ୍ଧୁଙ୍କ ଅନ୍ତରର ନିଗୂଢ଼ତମ ପ୍ରଦେଶର ବାର୍ତ୍ତା । ଯେତେବେଳେ ଏ ଜାତି ତା'ର ସତ୍ତା ହରାଇ ବସୁଥିଲା, ଓଡ଼ିଆ ପ୍ରାଣରୁ ଯେତେବେଳେ ଜାତୀୟତା ଭାବ କ୍ରମେ କ୍ରମେ ବିଲୀନ ହେବାକୁ ଆରମ୍ଭ କରିଥିଲା, ସମାଜର ଛତ୍ରେ ଛତ୍ରେ ବିଭିନ୍ନ କୁସଂସ୍କାର ପୂରି ରହିଥିଲା । ତିନି କୋଣରୁ ବଙ୍ଗାଳୀ, ବିହାରୀ ଓ ତେଲୁଗୁ ଜାତି ପ୍ରତ୍ୟେକ ସେମାନଙ୍କର ଭୌଗୋଳିକ ସୀମା ବିସ୍ତାର କରିବା ସଙ୍ଗେ ସଙ୍ଗେ ଭାଷାର ପ୍ରାଧାନ୍ୟ ଓଡ଼ିଶାରେ ପ୍ରତିଷ୍ଠା କରିବା ଲାଗି ଅଦମ୍ୟ ଉଦ୍ୟମ ଆରମ୍ଭ କରିଥିଲେ, ସେହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଉତ୍କଳର ଅନ୍ଧାରି ମୁଲକକୁ ମଣିର ଆଲୋକରେ ଉଦ୍‌ଭାସିତ କରିଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ।

ନିଃସ୍ୱାର୍ଥ ଭାବରେ ଜାତିର ସେବା କରିବା ଥିଲା ତାଙ୍କ ଜୀବନର ଚରମ ଓ ପରମ ଲକ୍ଷ୍ୟ । ଅତ୍ୟାଚାରୀ ଇଂରେଜମାନଙ୍କ କବଳରୁ ଦେଶକୁ ଉଦ୍ଧାର କରିବା ପାଇଁ ସେ ଥିଲେ ସଂକଳ୍ପବଦ୍ଧ । ତେଣୁ ସେ ତାଙ୍କ ଜୀବନର ସହଯାତ୍ରୀ ରୂପେ ଆଚାର୍ଯ୍ୟ ହରିହରଙ୍କ ସମେତ ଅନ୍ୟ ତଳ ଶ୍ରେଣୀର ଛାତ୍ରମାନଙ୍କ ମଧ୍ୟରୁ ପଣ୍ଡିତ ଗୋଦାବରୀଶ, ପ୍ରଚାରକ ଅନନ୍ତ ମିଶ୍ର, ପଣ୍ଡିତ ନୀଳକଣ୍ଠ ପ୍ରଭୃତିଙ୍କ ସାହଚାର୍ଯ୍ୟ କେବଳ ଲୋଡ଼ି ନଥିଲେ, ବରଂ ସେମାନଙ୍କୁ ସୁସଂଗଠିତ କରିଥିଲେ । ବିଶେଷକରି ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ ଓ ଆଚାର୍ଯ୍ୟ ହରିହରଙ୍କ ମଧ୍ୟରେ ଥିଲା ଏକ ଅଭୂତପୂର୍ବ ଆକର୍ଷଣ । ପବିତ୍ର ଦେଶସେବା ମାଧ୍ୟମରେ ଜନସାଧାରଣଙ୍କ ମନରେ ଜାତୀୟ ଜୀବନର ଉଦ୍ରେକ କରାଇବା ଥିଲା ତାଙ୍କର ଆନ୍ତରିକ କାମନା । ଏଥିରେ ପୁରୀର ମୁକ୍ତ୍ୟାର ରାମଚନ୍ଦ୍ର ଦାସଙ୍କ ଭଳି ଅନେକ ଜାତୀୟତାବାଦୀ ନେତା ତାଙ୍କୁ ଶତଗୁଣେ ଉତ୍ସାହ ପ୍ରଦାନ କରିଥିଲେ ।

ମୁଖତଃ କହିବାକୁ ଗଲେ, ଗୋପବନ୍ଧୁଙ୍କ ସାହିତ୍ୟ ତାଙ୍କ ଜୀବନାନୁଭୂତି ପ୍ରସୂତ । ପରାଧୀନ ଓଡ଼ିଶାରେ ଦୁର୍ଦ୍ଦାନ୍ତ ବ୍ରିଟିଶ୍ ସରକାରର ଦମନ, ଶୋଷଣ ସାଙ୍ଗକୁ ବ୍ୟାଧି, ବନ୍ୟା, ଦୁର୍ଭିକ୍ଷ ଭଳି ପ୍ରାକୃତିକ ବିପର୍ଯ୍ୟୟ ଜନିତ ସାମାଜିକ ସଙ୍କଟ ବିଲୋକନରେ ମର୍ମାହତ ଗୋପବନ୍ଧୁଙ୍କର ଅନ୍ତରର ବେଦନା ଓ ସହାନୁଭୂତି କବିତା ରୂପରେ ସ୍ୱତଃ ଆତ୍ମପ୍ରକାଶ କରିଛି । ଗୋପବନ୍ଧୁଙ୍କ ସାହିତ୍ୟର ପ୍ରମୁଖ ଆଭିମୁଖ୍ୟ ହେଲା, ପରାଧୀନ, ଲାଞ୍ଛିତା, ନିଷ୍ପେଷିତା ଉତ୍କଳମାତାଙ୍କୁ ସ୍ୱାଧୀନ, ସମୃଦ୍ଧା, ସୁଜଳା, ସୁଫଳା ଜନନୀ ରୂପେ ଦଣ୍ଡାୟମାନ କରାଇବା । ତେଣୁ ଦେଶର ଯୁବଗୋଷ୍ଠୀ ପ୍ରତି ଆହ୍ୱାନ ଦେଇ ସେ ବିରାଟ ଜାତୀୟ ପ୍ରେମ ମାଧ୍ୟମରେ ମହାନ୍ ବିଶ୍ୱ ପ୍ରେମର ସନ୍ଧାନ ଦେଇଥିଲେ । ତାଙ୍କ ଭାଷାରେ-

"ଦଗ୍ଧ ହେଉ ଦେହ, ଭସ୍ମ ହେଉ ଘର,
ସ୍ୱରାଜ୍ୟ – ସାଧନେ କେବେ ହେଁ ନ ଡର ।
ନଛାଡ଼ ସାହସ, ନ ହୁଅ ନିରାଶ,
ହେଲେ ହେଉ ପଛେ କାରାଗାରେ ବାସ" ।

ପୁନଶ୍ଚ କହିଛନ୍ତି –

"ଜାତୀୟ ମମତା ବିଶ୍ୱଜନ-ପ୍ରୀତି
ଉତ୍କଳବାସୀର ହେଉ ଏହା ନୀତି ।"

ଏତଦ୍ ବ୍ୟତୀତ, ମାନବ ସମାଜର ଆର୍ଥିକ ଉନ୍ନତି, ଚରିତ୍ର ଗଠନ ଓ ବ୍ୟକ୍ତିତ୍ୱ ବିକାଶ ଥିଲା ତାଙ୍କ ସାହିତ୍ୟର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ । ଏହାର ଯଥାର୍ଥ ସୂଚନା 'ବନ୍ଦୀର ଆତ୍ମକଥା' ଓ 'ନଚିକେତା ଉପାଖ୍ୟାନ'ରେ ଅତ୍ୟନ୍ତ ସୁସ୍ପଷ୍ଟ ।

ଗୋପବନ୍ଧୁ ପ୍ରଥମେ ଉତ୍କଳୀୟ, ପରେ ଭାରତୀୟ, ଏବଂ ଶେଷରେ ବିଶ୍ୱ ନାଗରିକ । ତେଣୁ ଗୋପବନ୍ଧୁଙ୍କ ସାହିତ୍ୟର ଛତ୍ରେ ଛତ୍ରେ ତାଙ୍କ ସ୍ୱଦେଶ ପ୍ରୀତିର ଯଥାର୍ଥ ପରିଚୟ ମିଳେ । ସେ ମୁକ୍ତ କଣ୍ଠରେ କହିଛନ୍ତି-

"ଜଗତ-ସରସେ-ଭାରତ-କମଳ
ତାମଧ୍ୟେ କେଶର ପୁଣ୍ୟ ନୀଳାଚଳ ।
ଥିଲେ ଯହିଁ ତହିଁ ଭାରତ ବକ୍ଷରେ
ମଣିବି ମୁଁ ଅଛି ଆପଣା କକ୍ଷରେ ।
ମୋ ନେତ୍ରେ ଭାରତ ଶିଳା ଶାଳଗ୍ରାମ,
ପ୍ରତି ସ୍ଥାନ ମୋର ପ୍ରିୟ ପୁରୀ ଧାମ ।
ସକଳ ସଲିଳ ପଞ୍ଚତୀର୍ଥ ଜଳ
ପ୍ରତି ଧର୍ମାଳୟ ମୋର ନୀଳାଚଳ" ।

ତେବେ ଗୋପବନ୍ଧୁ ସଂକୀର୍ଣ୍ଣ ଉତ୍କଳୀୟତାର ଏକାନ୍ତ ପକ୍ଷପାତୀ ନଥିଲେ । ତାଙ୍କର ମନ ସଂକୀର୍ଣ୍ଣ ନ ଥିଲା, ଉଦାର ତଥା ବିଶାଳ । ସେ କହୁଥିଲେ-

"ଜାତୀୟ ମମତା ବିଶ୍ୱ ଜନ-ପ୍ରୀତି
ଉତ୍କଳବାସୀର ହେଉ ଏହା ନୀତି" ।

ଦେଶର ସ୍ୱରାଜ୍ୟ ପାଇଁ ଗୋପବନ୍ଧୁ ଅହରହ ଚିନ୍ତା କରୁଥିଲେ । ପରାଧୀନତା ନାଗଫାଶରୁ କେବେ ଭାରତମାତା ମୁକ୍ତ ହେବେ, ସ୍ୱାଧୀନତାର ନବ ସୂର୍ଯ୍ୟୋଦୟ କେବେ ଘଟିବ, ସେ ସୁଦିନକୁ ଗୋପବନ୍ଧୁ ବ୍ୟାକୁଳ ଚିତ୍ତରେ ଚାହିଁ ବସିଥିଲେ । ଭାବାନ୍ତର ଜାତ ହେଲା ବେଳେ ସେ କହିଥିଲେ -"ଦିଶିବ ଏ ଭାଗ୍ୟ, ସୁଖୀ ହେବେ ପ୍ରଜା । ଉଷୁନା ଧାନ କି ହେବ ସତେ ଗଜା?" ଜନ ସମାଜର ଦୁଃଖ ଯନ୍ତ୍ରଣାରେ ମ୍ରିୟମାଣ ଗୋପବନ୍ଧୁ କହିଛନ୍ତି –"କୁଳାଙ୍ଗନା ପରେ ଘୋର ଆକ୍ରମଣ । ବିକଳେ ବିଧୁରା କରାଇ ରୋଦନ?" ଏଭଳି ସହାନୁଭୂତି ଓ ସମବେଦନା ସୂଚକ ବାଣୀ ସହିତ ଭଗବାନଙ୍କୁ ହୃଦୟର ଆକୁଳ ନିବେଦନ କରିଛନ୍ତି ।

ଯେତେ ଦେବାଦେବୀ ଅଛନ୍ତି ଉତ୍କଳେ,
ଯାଆନ୍ତି ପରା ସେ ସର୍ବେ ନୀଳାଚଳେ ।
X X X
କରୁଣାକଟାକ୍ଷେ ଚାହାଁନ୍ତୁ ସେ ବାରେ
ବାଜିବ ସ୍ୱରାଜ ଶଙ୍ଖ ସିଂହଦ୍ୱାରେ । ■

ବର୍ଷଣା ବିହାର, ମନ୍ଦିର ମାର୍ଗ
ସାକ୍ଷୀଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦

# ଗୁଡ୍ ମର୍ଣ୍ଣିଂ ରିପୋର୍ଟର

**ପକ୍ଷୀ ଗବେଷକ, ପକ୍ଷୀ ବିଶାରଦ, ପରିବେଶବିତ୍‌ଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଭଟଲି ବ୍ଲକ୍ ଅନ୍ତର୍ଗତ କର୍ଲାଯୋରୀ ଓ ଅନ୍ତପାଲି ଗାଁ। ବାରପାହାଡ଼ର ପାଦଦେଶରେ ଅବସ୍ଥିତ ଗ୍ରାମ ଦ୍ୱୟ କେଉଁ ଆବହମାନ କାଳରୁ ନିଜ କୋଳରେ ଅନେକ ବୃକ୍ଷଲତାକୁ ସ୍ଥାନ ଦେବା ସହ ବିଦେଶୀ ପକ୍ଷୀମାନଙ୍କ ପାଇଁ ଆବାସସ୍ଥଳୀ ପାଲଟିଛି । ଭାରତୀୟ ଉପମହାଦେଶ ତଥା ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ରଗୁଡିକରୁ ଆସି ଅକ୍ଷୟ ତୃତୀୟା ଦିନଠାରୁ କାର୍ତ୍ତିକ ମାସ ପର୍ଯ୍ୟନ୍ତ ଆସ୍ଥାନ ଜମାଇଥିବା ବିଭିନ୍ନ ପ୍ରଜାତିର ପକ୍ଷୀ।ପ୍ରାୟତଃ ଅକ୍ଷୟ ତୃତୀୟା ବେଳକୁ କେତେକ ମୁଖିଆ ପରିବ୍ରାଜକ ପକ୍ଷୀ ଗ୍ରାମର ପାରିପାର୍ଶ୍ୱିକ ବାତାବରଣକୁ ଅନୁଧ୍ୟାନ କରିବା ପରେ ଠିକ୍ ମୌସୁମୀର ଆଗମନ ପୂର୍ବରୁ ବିଭିନ୍ନ ପର୍ଯ୍ୟାୟରେ ଅଗଣିତ ପକ୍ଷୀ ଆସି ଶୀତ ମାସ ଆରମ୍ଭ ହେବା ଯାଏ ରୁହନ୍ତି।**



## ପ୍ରକୃତି ପ୍ରେମରେ କର୍ଲାଯୋରୀ ଓ ଅନ୍ତପାଲିବାସୀ

# ବିଦେଶୀ ପକ୍ଷୀଙ୍କ କଳରବ

ଜୈବବିବିଧତା ସହିତ ଉପଯୁକ୍ତ ଜଳବାୟୁ ତଥା ଆବଶ୍ୟକ ମାତ୍ରାରେ ପ୍ରାକୃତିକ ଖାଦ୍ୟ ମିଳୁଥିବା ଯୋଗୁଁ ପକ୍ଷୀ ସମାଜ ନିଜ ପାଇଁ ଅନୁକୂଳ ପରିବେଶ ମନେ କରି ପ୍ରତ୍ୟେକ ବର୍ଷ କର୍ଲାଯୋରୀ ଓ ଅନ୍ତପାଲି ଗାଁକୁ ଆଗମନ କରିଥାନ୍ତି। କିଙ୍ଗ ଫିସର୍, ବ୍ଲେକ୍ ହେଡେଡ ମୁନିଆ, ଏସିଆନ ପାରାଡାଇଜ୍ ଫ୍ଲାଇକେଚର୍, ଏସିଆନ ଓପନ ବିଲ ଷ୍ଟୋର୍କ, ନାଇଟ୍ ହେରନ, ବ୍ଲେକ୍ ହେଡେଡ ଆଇବିସ୍, ଇଗ୍ରିଟ, କର୍ମୋରେଣ୍ଟ, ବୁଲବୁଲ, ୱାଟର କକ୍, ହ୍ୱାଇଟ ବ୍ରେଷ୍ଟେଡ ୱାଟର ହେନ୍ ଆଦି ଅନେକ ପ୍ରଜାତିର





ପକ୍ଷୀ ଦେଖାଯାଉଥିଲେ ହେଁ କେବଳ କେତେକ ନିର୍ଦ୍ଦିଷ୍ଟ ଯଥା ଷ୍ଟୋର୍କ, ହେରନ୍, କର୍ମୋରେଣ୍ଟ, ଇଗ୍ରିଟ, ଆଇବିସ ଆଦି ସାରସ ପ୍ରଜାତିର ପକ୍ଷୀ ନୀଡ଼ ତିଆରି କରି ଆସ୍ଥାନ ଜମାଇଥାନ୍ତି। ସାଧାରଣତଃ ଗଛ କୋରଡକୁ ପସନ୍ଦ ନ କରି ଅଣ୍ଡା ଦେବା ପାଇଁ ଚିର ସବୁଜ ଥିବା ଗଛକୁ ବାଛନ୍ତି। ବସା ନିର୍ମାଣ ପାଇଁ ତେନ୍ତୁଳି, ଶିରିଶ, ଶିଶୁ, ନିମ୍ବ ଆଦି ଗଛରୁ ଡାଳ ସଂଗ୍ରହ କରୁଥିବା ବେଳେ ବରକୋଳି ଆଦି କଣ୍ଟା ଜାତୀୟ ଗଛରୁ ଡାଳକୁ ବ୍ୟବହାର କରି ବସା ଚାରିପଟେ ସୁରକ୍ଷା ବଳୟ ସୃଷ୍ଟି କରିଥାନ୍ତି। ନିଜ ସୁଦୃଢ଼ ଥଣ୍ଟ ଦ୍ୱାରା ଗଛ ଡାଳକୁ କାଟି ବସା ନିର୍ମାଣ କରିବାର ଶୈଳୀ ସମସ୍ତଙ୍କୁ ଆକର୍ଷିତ କରିଥାଏ। ପକ୍ଷୀଙ୍କ କାକଳିରେ ମୁଖରିତ ହୁଏ ଚତୁଃପାଶ୍ୱର୍। ଦର୍ଶନ ସମୟରେ ନୈସର୍ଗିକ ସୌନ୍ଦର୍ଯ୍ୟ ଅନୁଭୂତି ମିଳିଥାଏ।ଖାଦ୍ୟ ସଂଗ୍ରହ ସମୟରେ ଏମାନେ, କୃଷିକ୍ଷେତ୍ର, ଆର୍ଦ୍ରଭୂମି ନିକଟରେ ଉଡ଼ି ବୁଲନ୍ତି। ଗେଣ୍ଡା, ଶାମୁକା ପରି



ସରୋଜ କୁମାର ଷଡ଼ଙ୍ଗୀ

କବଚୀ ପ୍ରାଣୀ, ଝିଣ୍ଟିକା, ଝିଙ୍କାରି, ବୁଢିଆଣୀ, ମାଛ, ଚିଙ୍ଗୁଡ଼ି ଆଦି ଜୀବ, ଜିଆ, ବେଙ୍ଗ ଆଦିକୁ ଖାଦ୍ୟ ଭାବରେ ଗ୍ରହଣ କରନ୍ତି। ପ୍ରାୟ ଦୀର୍ଘ ଛଅ ମାସ ଯାଏ ପରିବ୍ରାଜକ ପକ୍ଷୀମାନଙ୍କର ଯେପରି କୌଣସି କ୍ଷତି ନ ହୁଏ ସେ ନେଇ ସମସ୍ତ ଗ୍ରାମବାସୀ ସର୍ବଦା ନୀରିକ୍ଷଣ କରନ୍ତି। ଗ୍ରାମବାସୀଙ୍କ ପ୍ରକୃତିପ୍ରେମ ଓ ପକ୍ଷୀଙ୍କ ପ୍ରତି ସକାରାତ୍ମକ ମନୋଭାବକୁ ଲକ୍ଷ୍ୟ କରି ଗ୍ରାମରେ ଗଠନ କରାଯାଇଥିଲା ଇଡିସି। ଓଡ଼ିଶା ସରକାରଙ୍କ ବନ ବିଭାଗର ତତ୍କାଳୀନ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସରୋଜ କୁମାର ପଣ୍ଡା ସ୍ଥାନୀୟ ଲୋକଙ୍କ ସହ ଉତ୍ତମ ଜନ ସମ୍ପର୍କ ସ୍ଥାପନ କରି ଇଡିସିକୁ କିଛି ଆସବାବପତ୍ର ସହ ପକ୍ଷୀଙ୍କ ଗତିବିଧି ଅନୁଧ୍ୟାନ କରିବା ପାଇଁ



ବାଇନାକୁଲାର ପ୍ରଦାନ କରିଥିଲେ। ଭବିଷ୍ୟତରେ ଅନେକ କିଛି ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କିନ୍ତୁ ତାଙ୍କ ପଦୋନ୍ନତି ହେଲା ପରେ ବନ ବିଭାଗ ତରଫରୁ ଆଉ ସେମିତି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ପରିବେଶ ତଥା ଜଳବାୟୁର ପରିବର୍ତ୍ତନ ସହ



ଖାପ ଖୁଆଇ ନ ପାରି ବ୍ଲେକ ହେଡେଡ୍ ଆଇବିସ୍ ପରି ପକ୍ଷୀ ପ୍ରଜାତିଙ୍କ ସଂଖ୍ୟା କମିବାରେ ଲାଗିଛି। ଏହାକୁ ଆଖିରେ ରଖି ଜୈବ ଉନ୍ନୟନ କମିଟିର ଅଧ୍ୟକ୍ଷ ତଥା ପରିବେଶବିତ୍ ସଂଜୟ ଖମାରୀଙ୍କ ନେତୃତ୍ୱରେ ଗ୍ରାମର ପରିବେଶକର୍ମୀ ଗଣେଶ ମହାକୁଡ, ସୁରେନ୍ଦ୍ର ପୋଢ଼, ମନବୋଧ ନାଏକ, ଲଛମନ ସାହୁ, ପ୍ରଦୀପ ପ୍ରଧାନ, କରୁଣା ପ୍ରଧାନ ପ୍ରମୁଖ ଗ୍ରାମବାସୀ ବର୍ଷର ବିଭିନ୍ନ ସମୟରେ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରି ଜୈବ ବିବିଧତାର ସଂରକ୍ଷଣ ଦିଗରେ କାର୍ଯ୍ୟ କରିଆସିଛନ୍ତି।

## ଆଦିବାସୀଙ୍କୁ ରୋଜଗାର ଦେଉଛି

# ପିଠଳ



**ନୟାଗଡ଼ ଜିଲ୍ଲା ଘଞ୍ଚ ଜଙ୍ଗଲ ଓ ପାକୃତିକ ପରିବେଶରେ ପରିପୂର୍ଣ୍ଣ। ମହାନଦୀ ଅବବାହିକାରେ ଅବସ୍ଥିତ ଜିଲ୍ଲାରେ ରହିଛି ଅନେକ ପାହାଡ଼ ଓ ପର୍ବତ। ସବୁଜ ଘଞ୍ଚ ଜଙ୍ଗଲ ଅନେକ ଆଦିବାସୀଙ୍କୁ ଜୀବନ ଓ ଜୀବିକା ଯୋଗାଉଛି। ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ଅନେକ ପରିବାର ଚୂଲି ଜଳୁଥିବା ବେଳେ ସହର ସଭ୍ୟତାରେ ବସବାସ କରୁଥିବା ଲୋକଙ୍କୁ ପାଇଁ ଏହି ପାରମ୍ପରିକ ଖାଦ୍ୟ ସାମଗ୍ରୀ ଏବେ ସଉକରେ ପରିଣତ ହେଉଛି। ଜଙ୍ଗଲରୁ ସଂଗ୍ରହ ହେଉଥିବା ଖାଦ୍ୟ ସାମଗ୍ରୀ ମୂଲ୍ୟ ବୃଦ୍ଧି ଘଟିବା ସହ ଆଦିବାସୀମାନେ ସ୍ୱାବଲମ୍ବୀ ହେଉଛନ୍ତି।**

ନୟାଗଡ଼ ଜିଲ୍ଲା ଆୟତନ ଦୃଷ୍ଟିରୁ ଏକ ଛୋଟ ଜିଲ୍ଲା ହୋଇଥିବା ବେଳେ ତିନୋଟି ବନଖଣ୍ଡ କାର୍ଯ୍ୟ କରୁଛି। ଖୋର୍ଦ୍ଧା ବନଖଣ୍ଡର କିଛି ଅଂଶ ନୟାଗଡ଼ ଜିଲ୍ଲାରେ ରହିଥିବା ବେଳେ ନୟାଗଡ ବନଖଣ୍ଡ ଏବଂ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର ତିନି ଚତୁର୍ଥାଂଶ ନୟାଗଡ଼ ଜିଲ୍ଲାରେ ରହିଛି। ଏହି ଜଙ୍ଗଲ ଗୁଡିକରୁ ସଂଗ୍ରହ ହେଉଥିବା ମହୁଲ, ବାଉଁଶଠାରୁ ଆରମ୍ଭ କରି ଅନେକ ଜିନିଷ ଆଦିବାସୀଙ୍କୁ ବେଶ ରୋଜଗାରକ୍ଷମ କରୁଥିବା ବେଳେ ପିଠଳ ଏବେ ରୋଜଗାର ବଡ ଅଂଶ ପାଲଟିଛି। 'ପିଠଳ'କୁ ଜିଲ୍ଲା ଭିତରେ ଭିନ୍ନ ଭିନ୍ନ ନାଁରେ ଉଚାରଣ କରାଯାଉଛି। ପାଣିଆଳୁ, ପିଛୁଳି ଭଳି ଅନେକ ନାଁରେ ପରିଚିତ 'ପିଠଳ' ସଂଗ୍ରହ କରିବା ଏକ କଷ୍ଟକର କାର୍ଯ୍ୟ ବୋଲି ତିଳାବାରି ଗ୍ରାମର ଜଣେ ବ୍ୟକ୍ତି କହିଛନ୍ତି। ମାଟି ତଳୁ ଏହାକୁ ଖୋଳି ବାହାର କରିବା ପରେ ଝରଣା ପାଣିରେ ସଫା କରାଯାଏ। ତାହାକୁ ପୂର୍ବେ ବଜାରକୁ ନେବାକୁ ପଡୁଥିବା ବେଳେ ଏବେ ବ୍ୟବସାୟୀମାନେ ପିଠଳ ପାଇଁ ଅଗ୍ରୀମ ଅର୍ଥ ଦେଇ ଯାଉଛନ୍ତି। ଦଶପଲ୍ଲା ବ୍ଲକ୍



ଅନୀଲ କୁମାର ପଣ୍ଡା

ବାଣିଗୋଛା ଅଞ୍ଚଳରେ 'ପିଠଳ' କେଜି ପ୍ରତି ୫୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ନୟାଗଡ଼ ସହରରେ ଏହାର ମୂଲ୍ୟ ରହିଛି କେଜିକୁ ଶହେ ଟଙ୍କା। ନୟାଗଡ ଜିଲ୍ଲାରେ ରହିଥିବା ୧୦ଟି ବନାଞ୍ଚଳରେ ଏହା ବହୁଳ ମାତ୍ରରେ ମିଳୁଛି। ରଣପୁର, ଓଡ଼ଗାଁ, ପଞ୍ଚରିଡ଼ା, ନୟାଗଡ, ମହୀପୁର, ଦଶପଲ୍ଲା, ଗଣିଆ, ଖଣ୍ଡପଡା, ବାଣିଗୋଛା ପୂର୍ବ, ବାଣିଗୋଛା ପଶ୍ଚିମ ବନାଞ୍ଚଳରେ ରହିଥିବା ଘଞ୍ଚ ଜଙ୍ଗଲରେ 'ପିଠଳ' ଆପେ ଆପେ ବଢ଼େ। ଏହାକୁ ବର୍ଷା ଆରମ୍ଭରୁ କାର୍ତ୍ତିକମାସ ଶେଷ ପର୍ଯ୍ୟନ୍ତ ସଂଗ୍ରହ କରାଯାଇ ବିକ୍ରି କରାଯାଉଛି। ଆଳୁ ଖାଇବାଠାରୁ 'ପିଠଳ' ଖାଇବା ଶହେ ଗୁଣରେ ଭଲ ବୋଲି ଅନେକ ମତ ଦେଇଥାନ୍ତି। ବିନା ସାର ଓ ବିନା କୀଟନାଶକରେ ଏହାର ଉତ୍ପାଦନ ହେଉଥିବାରୁ ବଜାର ଚାହିଦା ଅନେକ ରହିଛି। ପିଠଳକୁ ଭଜା, ବେସର କରାଯିବା ସହ ଏବେ ବିଭିନ୍ନ ରେଷ୍ଟୁରାଣ୍ଟରେ ଚିଲି 'ପିଠଳ' ଭାବେ ପ୍ରସ୍ତୁତ କରାଯାଉଛି।କୃଷି ଓ ଉଦ୍ୟାନ କୃଷି ବିଭାଗ ପିଠଳ ଚାଷକୁ ବୃଦ୍ଧି କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।







**କଳିଙ୍ଗର ସମୃଦ୍ଧ ଲୋକ ପରମ୍ପରା, ବୌଦ୍ଧ ଧର୍ମର ପରବର୍ତ୍ତୀ ରୂପ, ଦେବୀ ପୂଜନର ଅନନ୍ୟ ଉପାସନା ହେଉଛି ଓଷାକୋଠି ବା କୋଠିଶାଳ ଯାତ୍ରା। ଓଡ଼ିଶାରେ ପ୍ରଚଳିତ ଅନେକ ପରମ୍ପରା, ଓଷା ଆଦି କେବଳ ମହିଳାଙ୍କ ଲାଗି ପ୍ରଯୁର୍ଯ୍ୟ ବୋଲି ଜଣାଯାଏ। କିନ୍ତୁ ଏଭଳି କିଛି ପରମ୍ପରା ଅଛି, ଯେଉଥିରେ ମହିଳାମାନେ କେବଳ ଦର୍ଶକ ହୋଇଥାନ୍ତି। ଏଠାରେ ପୁରୁଷ ମାନଙ୍କର ଭୂମିକା ବେଶ ଅଧିକ ରହିଥାଏ। ଏମାନେ ହିଁ ଉପାସକ ଓ ଉପସନାର ସାଧକ। ଏହିଭଳି କିଛି ସ୍ୱତନ୍ତ୍ର ପରମ୍ପରାର ଛାପ ଗଞ୍ଜାମରେ ଏଯାବତ ଦୃଶ୍ୟମାନ।**

# ପୁରୁଷଙ୍କ ପର୍ବ 'ଓଷାକୋଠି'

ଗଞ୍ଜାମ ଜିଲ୍ଲାର ୭୦ଭାଗ ଗ୍ରାମରେ ଓଷାକୋଠି ବା କୋଠିଶାଳ ଯାତ୍ରା ଅନ୍ୟତମ। ଦଣ୍ଡନାଟ ଭଳି ଏହା ମଧ୍ୟ ପୁରୁଷ କୈନ୍ଦ୍ରିକ ପୂଜା ଭାବେ ଗ୍ରାମାଞ୍ଚଳରେ ପରିଚିତ। ଲୋକ ସଂସ୍କୃତି ଓ ଲୋକ ପରମ୍ପରା ମଧ୍ୟରେ ଅନ୍ୟତମ ହଟଯମଟର ଉପାସନା ହେଉଛି ଓଷାକୋଠି ବା କୋଠିଶାଳ ଯାତ୍ରା। ଆଶ୍ୱିନ ମାସ ଅମାବାସ୍ୟା ପରେ ପରେ ଏହା ଆରମ୍ଭ ହୁଏ। ଆଶ୍ୱିନ ମାସ ପୂର୍ଣ୍ଣିମା ଓ ପରବର୍ତ୍ତୀ ସମୟରେ ଏହାର ପୂର୍ଣ୍ଣାହୂତି କରାଯାଏ। ଯାହାକୁ ଦେବତା କର୍ମ ସମ୍ପନ୍ନ ବୋଲି ମଧ୍ୟ କୁହାଯାଏ। କୋଠିଶାଳ ଯାତ୍ରାରେ ପ୍ରମୁଖତଃ ମା' କାଳୀଙ୍କ ବିଭିନ୍ନ ରୂପକୁ ପୂଜା କରାଯାଏ। ଯାହାକୁ ଆରାଧ ଦେବୀ ମା' ମଙ୍ଗଳା ଓ ଗ୍ରାମ୍ୟ ଠାକୁରାଣୀ ଭାବେ ବିବେଚନା ହେଉଛି। ସମୟକ୍ରମେ କୋଠିଶାଳ ଯାତ୍ରାର ନାଁ ବଦଳିଥିଲେ ହେଁ ପରମ୍ପରା ଓ ସଭ୍ୟତା ପ୍ରାୟ ଏକାଭଳି ଥିବା ଲକ୍ଷ୍ୟ କରାଯାଇଛି। ଦଣ୍ଡନାଚ ଓ କୋଠିଶାଳ ଯାତ୍ରା'ର ପରମ୍ପରା ପାଖାପାଖି ଏକାଭଳି। ମା'ଙ୍କ ରୂପ ଏକ କିନ୍ତୁ ପୂଜାପଦ୍ଧତି ଓ ଉପାସନାର ପଦ୍ଧତି ଭିନ୍ନ। ପଟ୍ଟଚିତ୍ର ପରମ୍ପରାରେ ପରଭା ମଧ୍ୟ ଭିନ୍ନ ବୋଲି ଜଣାଯାଏ। କୋଠିଶାଳ ଯାତ୍ରାକୁ କୃଷି ପରମ୍ପରା ବୋଲି ମଧ୍ୟ କିଛି ଗବେଷକ ଅବିହିତ କରିଛନ୍ତି। କାରଣ ଏଠାରେ ଗଜାଭୀମର ପୂଜା ସ୍ୱତନ୍ତ୍ର ମାନ୍ୟତା ପାଇଛି। ସବୁଜ ସୁନ୍ଦର ଶଷ୍ୟ ପଡ଼ି ଗଜା ହୋଇଥାଏ। ଯାହାକୁ ପଞ୍ଚଦେହୀ କୁହନ୍ତି। ଚାଷ କାର୍ଯ୍ୟ ଆରମ୍ଭ ପୂର୍ବରୁ ଡ଼ହ ଡ଼ହ ଖରାରେ ଦଣ୍ଡନାଟ ହେଉଥିବା ବେଳେ ଫସଲ ଉତ୍ପାଦନ ସମୟରେ କୋଠିଶାଳ ଯାତ୍ରା ସମୃଦ୍ଧ କୃଷି ପରମ୍ପରାର ଗାରିମାକୁ ବର୍ଣ୍ଣନା କରେ। କୋଠିଶାଳ ଯାତ୍ରାରେ ସର୍ବାଧିକ ନାରୀ ଦେବତା ହୋଇଥାନ୍ତି। ଏହି ପୂଜା ଦିନ ମାନଙ୍କରେ କେଉଁ ଦିନ କେଉଁ ନାରୀ ଦେବତାଙ୍କୁ ଆବାହନ ସହ ପୂଜାର୍ଚ୍ଚନା କରାଯାଇଥାଏ। ଗଞ୍ଜାମର ସମସ୍ତ ବ୍ଲକରେ ଏହି ପୂଜା ହେଉଛି। କିନ୍ତୁ ପୂଜାର ତାରିକା ମଧ୍ୟ ଭିନ୍ନ ପ୍ରକାରର।



କ୍ଷୀରସିନ୍ଧୁ ମହାନ୍ତି

କୋଠିଶାଳ ଯାତ୍ରା ସମୟରେ ଗାହାଣ ଗୁଡ଼ିକ ମଧ୍ୟ ପରବର୍ତ୍ତୀ ସମୟରେ ବଦଳିଥିବା ଲକ୍ଷ୍ୟ କରାଯାଇଛି। କିନ୍ତୁ ଗାହଣ ଯିଏ ଗାଇଥାଏ ସେ ପୁରୁଷ ହୋଇଥିବା ଜଣାଯାଏ। ବିଶେଷ କରି ଏଠାରେ ମାତୃଶକ୍ତି ଉପାସନର ଦୃଷ୍ଟାନ୍ତ ଦେଖିବାକୁ ମିଳେ ବୋଲି ବରିଷ୍ଠ ଗବେଷକ ଡ଼ ଅନ୍ତମ ରାମ କୈଣ୍ଡନ୍ୟଙ୍କଠାରୁ ସୂଚନା ମିଳିଛି। ପୂଜା ଦିନମାନଙ୍କରେ ଗ୍ରାମର ପୁରୁଷମାନେ ନିଷ୍ଠାର ସହ ସମସ୍ତ ପୂଜାର୍ଚ୍ଚନା ସମାପନ କରିଥାନ୍ତି। ଓଷାକୋଠି ବେଳେ ସମ୍ପୂର୍ଣ୍ଣ ଗାଁ ଆଧ୍ୟାତ୍ମିକ ପରିବେଶର ଶିଖର ଛୁଇଁଯାଏ। ଅନ୍ୟପକ୍ଷରେ ଓଷାକୋଠି ଯାତ୍ରାର ପ୍ରାଣକେନ୍ଦ୍ର ତଣ କୋଇଲା ଭାବେ ଜଣାଶୁଣା। ଏହା ଏକ ବାଦ୍ୟଯନ୍ତ୍ର। ପ୍ରତ୍ୟେକ ପୂଜା ଓ ପର୍ବ ପଛରେ ଅନେକ କାହାଣୀ ଥାଏ। ସେଭଳି ଓଷାକୋଠି ବା କୋଠିଶାଳ ଯାତ୍ରା ସମ୍ପର୍କରେ ମଧ୍ୟ ଅନେକଙ୍କ ଠାରୁ ଭିନ୍ନ ଭିନ୍ନ କାହାଣୀ ଶୁଣିବାକୁ ମିଳେ। ଏହାକୁ କିଛି ସ୍ଥାନରେ ମଙ୍ଗଳବାରିଆ ଓଷା ବୋଲି କହିବାର ମଧ୍ୟ ନଜିର ରହିଛି। କାରଣ ଆଶ୍ୱିନ ମାସ ମଙ୍ଗଳବାର ଦିନ ପୂଜାର ମହତ୍ତ୍ୱ ଅଲଗା। ଓଷାକୋଠି ଆଧ୍ୟାତ୍ମିକ ବିଶ୍ୱାସବୋଧର ଏକ ଲୌକିକ ତଥା ସାଂସ୍କୃତିକ ଅନୁଷ୍ଠାନ। ନୈରାଶ୍ୟରେ ଆଶାର ଆଲୋକ ବର୍ତ୍ତିକାଟିଏ। ଲୋକ ଜୀବନର ନିଷ୍କପଟ ଆବେଗଭରା ସ୍ୱରରେ, ଅଭିମନ୍ତ୍ରିତ ହେଉଥିବା ନାଟ୍ୟାନୁଷ୍ଠାନ। ନିଆରା ଏହାର ରାଗ। ଏହାରି ଭିତରେ ଲୁଚି ରହିଥିବା ଲୌକିକ ବିଚାର, ଆଧ୍ୟାତ୍ମିକ ବିଶ୍ୱାସବୋଧ ସହିତ ଗାଁ



ଦେବତା, ଗାଁ ଠାକୁରାଣୀ, ସହିତ ଗ୍ରାମ୍ୟ ଜୀବନର ସମ୍ପର୍କ ଯେଉଭଳି ଏକାକୀତ୍ୱର ଆହ୍ୱାନ ଦିଏ, ତାହା ଅନନ୍ୟ ଏବଂ ଅବିସ୍ମରଣୀୟ। କାରଣ ଭଜା ଶଷ୍ୟ ଗଜା ହୁଏ'। ଗୀତର ଭାବତରଙ୍ଗରେ ଭାସି ଭାସି ଶ୍ରଦ୍ଧାଳୁ ଉକ୍ତ କୁମ୍ଭରୁ କରୁଣା ବାରିହିଁ ଆଶା କରିଥାଏ। ଆହୁରି ଅନେକ ଆଶ୍ୱିନ ଆସିବ, ଲୋକ ନ ଥିଲେ, ଓଷା କୋଠି ରହିବ ହିଁ ରହିବ ବୋଲି ଗଞ୍ଜାମ' ପୁସ୍ତକରେ ପ୍ରଶାନ୍ତ ମହାନ୍ତି ବର୍ଣ୍ଣନା କରିଛନ୍ତି।

### ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଯାପିତ

# ସଫଳତା ପାଇବା ପାଇଁ ଉଦ୍ୟମ ଜାରି ରଖିବା ଉଚିତ୍: ଜିଲ୍ଲାପାଳ

ସୁନ୍ଦରଗଡ଼, ୯ ।୧୧(ସମିସ)





ସୁନ୍ଦରଗଡ଼ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି- ୨୦୨୪ ଉଦ୍‌ଯାପିତ ହୋଇଛି । ଜିଲ୍ଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପଧାନଙ୍କ ତତ୍ତ୍ୱାବଧାନ ଓ ଜିଲ୍ଲା ଆଦିବାସୀ ଶିକ୍ଷା ସଂଯୋଜକ ଡ. ଦୀପକ କୁମାର ଦାସଙ୍କ ସଂଯୋଜନାରେ ସ୍ଥାନୀୟ ସଂସ୍କୃତି ଭବନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଗଣଶିକ୍ଷା ବିଭାଗର ସମ୍ବଲପୁର ଜୋନ୍ ଆଞ୍ଚଳିକ ନିର୍ଦ୍ଦେଶ ବିକାଶଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ କଳା ଅନୁରାଗ ଓ ଶିକ୍ଷାରେ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷା ଲିପିକା ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସାରଙ୍ଗଧର ବରିହା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ସଦର ଗୋଷ୍ଠୀ ଶିକ୍ଷାଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ, ଅବସରପ୍ରାପ୍ତ ଶିକ୍ଷା ଜିଲ୍ଲା ଅଧିକାରୀ ଶୁଭେନ୍ଦୁ ମଲ୍ଲିକ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଶିକ୍ଷାଧିକାରୀ ସ୍ୱାଗତଭାଷଣ ଦେଇ ସୁରଭି କାର୍ଯ୍ୟକ୍ରମର ଉଦ୍ଦେଶ୍ୟଜ୍ଞାପନ କରିବା ସହିତ କୁନିକୁନି ପ୍ରତିଯୋଗୀଙ୍କୁ ଦିଗଦର୍ଶନ ଦେଇଥିଲେ । ଅମାତ୍ୟ ପ୍ରଧାନ, କବିତା ଦାସ, ସୁସ୍ମିତା ନାଏକ, ଅଶୋକ ମାଝୀ, ଅମିତ ଖମାରୀ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ସ୍ଥାନୀୟ ରଥ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଡେଙ୍ଗିଭାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୭ଟି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ଏହି ପ୍ରତିଯୋଗିତାରେ ବିତର୍କ ବରିଷ୍ଠ ବିଭାଗରେ କିଞ୍ଜିର୍ମା ସରକାରୀ ଉଚ୍ଚ ବିଦ୍ୟାଳୟର ଅଙ୍କିତା ଛଛାନ, ବିତର୍କ ବରିଷ୍ଠ (ଉଚ୍ଚମାଧ୍ୟମିକ) ବିଭାଗରେ ସରକାରୀ ଧନ୍ଦାମୂଳକ ଉଚ୍ଚ ବିଦ୍ୟାଳୟ ବଣେଇ ବ୍ଲକର ସାଇନା ମେଲ୍ଲି, ପ୍ରବନ୍ଧ ଲିଖନ ବରିଷ୍ଠ ବିଭାଗରେ ସିପିଜିପି ଉଚ୍ଚ ବିଦ୍ୟାଳୟର ଦୁଲନା ବାରିକ, ପ୍ରବନ୍ଧ ଲିଖନ ବରିଷ୍ଠ (ଉଚ୍ଚ ମାଧ୍ୟମିକ) ବିଭାଗରେ ସୁନ୍ଦରଗଡ଼ ସରକାରୀ ମହା ବିଦ୍ୟାଳୟର ବବିତା ମହାନନ୍ଦିଆ, ଚିତ୍ରାଙ୍କନ କନିଷ୍ଠ ବିଭାଗରେ ଟାଙ୍ଗରପାଲି ବ୍ଲକ ଓଡ଼ିଶା ଆର୍ଦଶ ବିଦ୍ୟାଳୟର ତ୍ରିଷା ପଟେଲ, ଚିତ୍ରାଙ୍କନ ବରିଷ୍ଠ ବିଭାଗରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଲାଠିକଟାର ରଶ୍ମୀ ବୋଦ୍ରା, ଚିତ୍ରାଙ୍କନ ବରିଷ୍ଠ (ଉଚ୍ଚ ମାଧ୍ୟମିକ) ବିଭାଗରେ ବଣାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅମିତ କୁମାର ସାହୁ, ଚିତ୍ରାଙ୍କନ ଦିବ୍ୟାଙ୍ଗ ବରିଷ୍ଠ ବିଭାଗରେ ତାଳଶଙ୍କରା ଓଡ଼ିଶା ଆର୍ଦଶ ବିଦ୍ୟାଳୟର ପ୍ରିୟଙ୍କା ବେଶନ, ଚିତ୍ରାଙ୍କନ (ଦିବ୍ୟାଙ୍ଗ) ବରିଷ୍ଠ (ଉଚ୍ଚ ମାଧ୍ୟମିକ) ବିଭାଗରେ ଖୁଣ୍ଟଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦିୟା ନନ୍ଦିନୀ ବାରା, ପି.ଏମ୍ ପୋଷଣ (ଚିତ୍ରକଳା) ବିଭାଗରେ ରାଜଗାଙ୍ଗପୁର ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଲଳିତ ସାହୁ, ପି.ଏମ୍ ପୋଷଣ (ଶିଳ୍ପ କଳା) ବିଭାଗରେ ସୁନ୍ଦରଗଡ଼ ରଥ ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଋତୁରାଜ ପୃଷେଠ, କୁଇଜ୍ କନିଷ୍ଠ ବିଭାଗରେ ଭୋଇପାଲି ଓଡ଼ିଶା ଆର୍ଦଶ ବିଦ୍ୟାଳୟର ଦିବ୍ୟଜ୍ୟୋତି ଘୋଷ, କୁଇଜ୍ ବରିଷ୍ଠ ବିଭାଗରେ ନିଆଲିପାଲି ଲବଣୀଧର ଉଚ୍ଚବିଦ୍ୟାଳୟର ସିପ୍ରା ପଟେଲ, କୁଇଜ୍ ବରିଷ୍ଠ (ଉଚ୍ଚ ମାଧ୍ୟମିକ) ବିଭାଗରେ ସରକାରୀ ମହା ବିଦ୍ୟାଳୟର ଦୀପାନ ଜୋଜୋ ପ୍ରଥମସ୍ଥାନ ଅଧିକାର କରିଛନ୍ତି । ସେହିପରି ସୃଜନ ଲିଖନ କନିଷ୍ଠ ବିଭାଗରେ ଅଭିଲାଷା ପାଣିଗ୍ରାହୀ ସରକାରୀ ଉଚ୍ଚ ବିଦ୍ୟାଳୟ ଉଦିତ ନଗର, ସୃଜନଶୀଳ ଲିଖନ ବରିଷ୍ଠ ବିଭାଗରେ ଆସ୍ଥା ଫାତିମା ଓଡ଼ିଶା ଆର୍ଦଶ ବିଦ୍ୟାଳୟ ଝରାଟୋଲୀ, ସୃଜନଶୀଳ ଲିଖନ ବରିଷ୍ଠ (ଉଚ୍ଚ ମାଧ୍ୟମିକ) ବିଭାଗରେ ଚନ୍ଦ୍ରିକା ରାଣା ଓଡ଼ିଶା ଆର୍ଦଶ ବିଦ୍ୟାଳୟ ଝରାଟୋଲୀ, ବକ୍ତୃତା (କନିଷ୍ଠ) ବିଭାଗରେ ଅଜୟ ଆସୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ଜଲଦା ଏ-ବ୍ଲକ, ବକ୍ତୃତା ବରିଷ୍ଠ ବିଭାଗରେ ସୋମଦେବ ମହରଣା, ସରକାରୀ ଉଚ୍ଚ ବିଦ୍ୟାଳୟ ରାଉରକେଲା ସେକ୍ଟର ୬, ବକ୍ତୃତା ବରିଷ୍ଠ (ଉଚ୍ଚ ମାଧ୍ୟମିକ) ବିଭାଗରେ ମାନସୀ ଭୋଇ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସୁନ୍ଦରଗଡ଼, ସଙ୍ଗୀତ କନିଷ୍ଠ ବିଭାଗରେ ସୂର୍ଯ୍ୟକାନ୍ତ ସାହୁ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ରାଜଗାଙ୍ଗପୁର, ସଙ୍ଗୀତ ବରିଷ୍ଠ ବିଭାଗରେ ଭାବନା ଧିରିଆ, ସିପିଜିପି ଉଚ୍ଚ ବିଦ୍ୟାଳୟ ସୁର୍ଗୁଡା, ସଙ୍ଗୀତ ବରିଷ୍ଠ (ଉଚ୍ଚ ମାଧ୍ୟମିକ) ବିଭାଗରେ ପ୍ରଥମ ସ୍ଥାନରେ ଭୋଲେଶ୍ୱର ପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବଣେଇ, ସଙ୍ଗୀତ ଦିବ୍ୟାଙ୍ଗ ବରିଷ୍ଠ ବିଭାଗରେ ଶୁକ୍ରାମଣି ସିଂହ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୁଂଟଗାଁ, ନୁଆଗାଁ ବ୍ଲକ, ସଙ୍ଗୀତ ଦିବ୍ୟାଙ୍ଗ ବରିଷ୍ଠ (ଉଚ୍ଚ ମାଧ୍ୟମିକ) ବିଭାଗରେ ପ୍ରଥମ ସ୍ଥାନରେ ନୌକେଶ୍ୱର ସେଠ୍ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବିର୍ଦା ଲାଠିକଟା, ଓଡିଆ ହସ୍ତାକ୍ଷର ଓ ଶ୍ରୁତଲିଖନ କନିଷ୍ଠ ବିଭାଗରେ ଲିଜା ସିଂହ ଉଚ୍ଚପ୍ରାଥମିକ ବିଦ୍ୟାଳୟ କିରାଲଗା ସବଡେଗା ଓ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଡୁଙ୍ଗାବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁଆଁରମୁଣ୍ଡା ବ୍ଲକର ଛାତ୍ରଛାତ୍ରୀ ମାନେ କୃତକାର୍ଯ୍ୟ ହୋଇ ରାଜ୍ୟ ସ୍ତରୀୟ ସୁରଭିରେ ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି । ଉକ୍ତ ରାଜ୍ୟସ୍ତରୀୟ ପ୍ରତିଯୋଗିତା ୧୨ ରୁ ୧୪ ତାରିଖ ପର୍ଯ୍ୟନ୍ତ ୟୁନିଟ୍ – ୩ କ୍ୟାପିଟାଲ ଉଚ୍ଚବିଦ୍ୟାଳୟ, ଭୁବନେଶ୍ୱରରେ ଅନୁଷ୍ଠିତ ହେବ । ଉଦ୍‌ଯାପନୀ ଉତ୍ସବରେ ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟଅତିଥି ଭାବେ ଯୋଗଦେଇ ସଫଳତା ପାଇବା ପାଇଁ ବାରମ୍ବାର ବିଫଳତା ପାଇଲେ ମଧ୍ୟ ନିରାଶ ନ ହୋଇ ଉଦ୍ୟମ ଜାରି ରଖିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ । ରାଜେନ୍ଦ୍ର ପାତ୍ର, ଅନ୍ତନିବେଶୀ ଶିକ୍ଷା ସଂଯୋଜକ ଅମାତ୍ୟ ପଧାନ, ବରିଷ୍ଠ ବୈଶୟିକ ପରାମର୍ଶଦାତା ବିଶ୍ୱମନୋହର ସୁବୁଦ୍ଧି, ସୁସ୍ମିତା ନାଏକ, ସୁଜାତା ସାହୁ, ସର୍ମିଳା ପାଢ଼ୀ, ସଞ୍ଜୀବ ନାଏକ, ଅରୁଣ ସାହୁ, ସ୍ୱାଗତିକା ପଣ୍ଡା, ଅନିତା ଦାସ, ସସ୍ମିତା ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲ୍ଲା ଆଦିବାସୀ ଶିକ୍ଷା ସଂଯୋଜକ ଡ. ଦାସ ଧନ୍ୟବାଦ ଦେଇଥିଲେ ।

## ରାସ୍ତାରେ ପଡ଼ି ଯୁବକ ମୃତ

ସୁନ୍ଦରଗଡ଼, ୯।୧୧(ସମିସ): ଭଷ୍ମା ଥାନା ଅଧୀନ ଝିମେରମହୁଲ ଗ୍ରାମର ଜଣେ ଯୁବକଙ୍କ ରାସ୍ତାରେ ପଡ଼ି ମୃତ୍ୟୁ ଘଟିଛି । ଗ୍ରାମର ବାବଲୁ ମହାନନ୍ଦିଆ (୩୦) ଶୁକ୍ରବାର ହଠାତ ରାସ୍ତାରେ ପଡ଼ି ଯାଇ ସଂଜ୍ଞାହୀନ ହୋଇ ପଡ଼ିଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ । ପୁଲିସ ଶନିବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା ପ୍ରସ୍ତୁତି ବୈଠକ

ସୁନ୍ଦରଗଡ଼, ୯ ।୧୧(ସମିସ): ବଡ଼ଗାଁ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବଡ଼ଗାଁ ଡାକ ବଙ୍ଗଳାଠାରେ ଶନିବାର ବ୍ଲକ ସଭାପତି ଦେବାଶିଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ବିଜେଡି ଜନସମ୍ପର୍କ ପଦ ଯାତ୍ରା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବିଜେଡି ଜିଲ୍ଲା ସଭାପତି ବିନୟ କୁମାର ଟପ୍ପୋ ଯୋଗ ଦେଇ ବ୍ଲକସ୍ତରୀୟ ସମସ୍ତ ଦଳୀୟ ନିର୍ବାଚିତ ଜନ ପ୍ରତିନିଧି, ସରପଞ୍ଚ, ସମିତି ସଭ୍ୟ ଓ କର୍ମୀ ଏକତ୍ର ହୋଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବଡଗାଁ ବ୍ଲକରେ ପଦଯାତ୍ରାର ରୂପରେଖ ପ୍ରସ୍ତୁତ କରା ଯାଇଥିଲା । ବିଜେଡି ନେତା ଅରୁଣ ଦୀକ୍ଷିତ, ଧରଣୀ ଧର ସା, ଦେବାଶିଷ ପୁରୋହିତ, ସନାତନ ବେହେରା, ବୀର ମହାକୁଡ଼, ହୀରାଧର ବେହେରା, ପରକ୍ଷିତ ପ୍ରସେଟ, ଦେବାନନ୍ଦ ଟପ୍ପୋଙ୍କ ସମେତ ଯୁବ କର୍ମୀ ଅମ୍ଲାନ ଜ୍ୟୋତି ନାୟକ, ଜୟନ୍ତ ବିଶି, ଆଲୋକ ପଟ୍ଟନାୟକ, କେଶବ କରସେଲ ପ୍ରମୁଖ ଉପସ୍ଥିତ ଥିଲେ ।

## ସେବା ନିବୃତ ସଂଘ ପକ୍ଷରୁ ଭାଗବତ ସପ୍ତାହ

ସୁନ୍ଦରଗଡ଼, ୯।୧୧(ସମିସ): ସୁନ୍ଦରଗଡ଼ରେ ରେଭେନ୍ୟୁ କଲୋନୀସ୍ଥିତ ସେବା ନିବୃତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟଠାରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଭାଗବତ ପାରାୟଣ ସପ୍ତାହର ଶୁଭାରମ୍ଭ ହୋଇଛି । ପୂର୍ବାହ୍ନରେ ଡେଙ୍ଗିଭାଡ଼ିସ୍ଥିତ ରାଧାକୃଷ୍ଣ ମନ୍ଦିରରୁ ବିଗ୍ରହମାନଙ୍କୁ ଶୋଭାଯାତ୍ରାରେ ଅଣାଯାଇ କାର୍ଯ୍ୟାଳୟଠାରେ ସ୍ଥାପନା କରିବା ପରେ ଇବ୍ ନଦୀରୁ କଳସ ଯାତ୍ରା ପରେ ପୂଜାର୍ଚ୍ଚନା କରା ଯାଇଥିଲା । ସଂଘର ସଭ୍ୟ ଜଗଦିଶ ସରାଫ ଓ ଧର୍ମପତ୍ନୀ ସ୍ନେହଲତା ସରାଫ କର୍ତ୍ତା ଭାବେ କାର୍ଯ୍ୟ ନିର୍ବାହ କରୁଥିବାବେଳେ ପୂଜକ ସ୍ମୃତିରଞ୍ଜନ ଦାଶ ଦ୍ୱାଦଶ ସ୍କନ୍ଧ ଭାଗବତ ପାଠ କରୁଛନ୍ତି । ସହଯୋଗୀ ଭାବେ ପ୍ରଫୁଲ୍ଲ କୁମାର ଦାଶ, ଗୋବିନ୍ଦ ଚନ୍ଦ୍ର ସୁଆର, ରାଜକିଶୋର ମହାରଣା, ଅଶୋକ କୁମାର ରାଉତ, ଦେବାଶିଷ ସରାଫ, ସୁଧାଂଶୁ ଶେଖର ମହାପାତ୍ର ରହିଛନ୍ତି । ଏହା ଛଡ଼ା ଲଳିତ ଦାସ, ମାୟାଧର ଚିନାରା, ମନୋଜ ପୁରୋହିତ, ଗୁଣନିଧି ମହାନ୍ତି, ମଦନ ପଟେଲ, ନିତ୍ୟାନନ୍ଦ ଦାସ, ଚନ୍ଦ୍ରମଣି ମିଶ୍ର, ସୁରେଶ ପୃଷ୍ଟି, ଗଦାଧର ଦାସ, ବିଭୁଦେନ୍ଦ୍ର ଠାକୁର, ନୀଳକଣ୍ଠ ବଳିଆର ସିଂହ, ତାରାଚାନ୍ଦ ପଟେଲ, ଦୁର୍ଗାମାଧବ ପଟେଲ, ଚିରବ୍ରତ ଦତ୍ତ, ସରୋଜ ପଟେଲ, ଫକୀର କର୍ଣ୍ଣ, ଇଶ୍ୱରଚନ୍ଦ୍ର ନାଏକ, ସାନ୍ତୁନୁ ମହାପାତ୍ର, ସମୀର କୁମାର କର ବିଭିନ୍ନ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଭାଗବତ ପାଠ ଓ ପାରାୟଣ ସପ୍ତାହବ୍ୟାପୀ ଚାଲି ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମା ପୂର୍ବାହ୍ନରେ ସମାପନ ହେବ ବୋଲି ଜଣାପଡ଼ିଛି ।

## ଇକୋ କ୍ଲବ୍ ଓ ଯୁବ ରେଡ୍‌କ୍ରସ୍‌ର ନୂତନ ସଦସ୍ୟ ଚୟନ

ସୁନ୍ଦରଗଡ଼, ୯।୧୧(ସମିସ): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଇକୋ କ୍ଲବର ନୂତନ ସଦସ୍ୟ ଚୟନ ଏବଂ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଇକୋ କ୍ଲବ ଏବଂ ଯୁବ ରେଡକ୍ରସ୍ ସଂସ୍ଥାର ସଂଯୋଜକ ଚିତ୍ତରଞ୍ଜନ ବାରିକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଡ. ଇନ୍ଦିରା ଗଡ଼ନାୟକ ସଭାପତିତ୍ୱ କରି ଦିଗ ଦର୍ଶନ ଦେଇଥିଲେ । ଚାରିଶହ ଛାତ୍ରୀ ନୂତନ ସଦସ୍ୟ ଭାବେ ଇକୋ କ୍ଲବ ଏବଂ ଯୁବ ରେଡକ୍ରସ ସଂସ୍ଥାରେ ଯୋଗ ଦେଇଛନ୍ତି । ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଚାରା ରୋପଣ କରିଥିଲେ ।

# ବେପରୁଆ ଗାଡ଼ି ଚାଳନା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

### ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର





ସୁନ୍ଦରଗଡ଼, ୯ ।୧୧(ସମିସ): ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ କୋଇଲା ଖଣି ଥିବା ହେମଗିରି ବ୍ଲକଠାରୁ ସୁନ୍ଦରଗଡ଼ର ଯାଏ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଧନ ଜୀବନହାନୀ ଘଟିବାରେ ଲାଗିଛି । ମୁଖ୍ୟତଃ କୋଇଲା ଖଣି ଅଞ୍ଚଳରୁ ହଜାରହଜାର ସଂଖ୍ୟାରେ ଚାଲୁଥିବା ଭାରୀଯାନ ବାହନ ଦ୍ୱାରା ସଡ଼କ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି । ଅକାରଣେ ନିରୀହ ଜୀବନ ଯାଉଛି ଏବଂ ପରିବାର ସର୍ବସ୍ୱାନ୍ତ ହୋଇଯାଉଛି । ଏଥିପାଇଁ ମୁଖ୍ୟରାସ୍ତାର ଉଭୟ ପଟେ ଶହଶହ ସଂଖ୍ୟାରେ ଭାରୀଯାନଗୁଡ଼ିକୁ ବେଆଇନ ଭାବରେ ପାର୍କିଂ କରୁଥିବା ତଥା ଅନଭିଜ୍ଞ ଚାଳକମାନଙ୍କ ହାତରେ ଗାଡ଼ି ଦେଇଦେବା ଓ ସେମାନଙ୍କ ଦ୍ୱାରା ବେପରୁଆ ଭାବରେ ଚାଳନା ଯୋଗୁଁ ଦୁର୍ଘଟଣା ଦିନକୁ ଦିନ ବଢ଼ି ଚାଲିଛି । ଏ ନେଇ ବିଭିନ୍ନ ସମୟରେ ବିଭିନ୍ନ ସାମାଜିକ ଅନୁଷ୍ଠାନ, ରାଜନୈତିକ ଦଳ ଜିଲ୍ଲା ପ୍ରଶାସନର ଦୃଷ୍ଟିକୁ ଆଣିଛନ୍ତି । ଗଣମାଧମରେ ରୀତିମତ ଖବର ପ୍ରକାଶ ପାଇ ଆସୁଛି । ତଥାପି କୌଣସି ସୁଫଳ ମିଳୁ ନାହିଁ । ପ୍ରଶାସନ ନୀରବଦ୍ରଷ୍ଟା ସାଜଛି । ଏ ସ୍ଥିତିରେ ଜିଲ୍ଲା କଂଗ୍ରେସ ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ସୁନ୍ଦରଗଡ଼ ଆରକ୍ଷୀ ଅଧକ୍ଷ ପ୍ରତ୍ୟୁଷ ଦିବାକର ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହିତ ଏନେଇ ବିସ୍ତୃତ ଆଲୋଚନା କରିବାସହ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଦାବି ଜଣାଇଛନ୍ତି । ରାଣୀ ବଗିଚା ବାଇପାସ୍, ପତ୍ରାପାଲି ଛକ, ଶଙ୍କର ବାଇପାସ୍ ଅଞ୍ଚଳ ତଥା ସରକାରୀ କଲେଜ ନିକଟସ୍ଥ ବାଇପାସ୍ ଛକ ଠାରୁ ଅସୁରକ୍ଷିତ ଭାବେ ଛିଡ଼ା ହୋଇଥିବା ଶତାଧିକ ଭାରୀଯାନ ଗୁଡ଼ିକୁ ସେଠାରୁ ହଟାଇବା ପାଇଁ ତୁରନ୍ତ ପଦକ୍ଷେପ ନେବା ତଥା ଟ୍ରକ୍ ଟର୍ମିନାଲ ନିର୍ମାଣ କରିବାକୁ ଦାବି ଜଣାଇଥିଲେ । ପୂର୍ବରୁ ଟ୍ରକ୍ ଟର୍ମିନାଲ ପାଇଁ ଯୋଜନା ଦୀର୍ଘଦିନରୁ ହୋଇଥିଲେ ହେଁ ପ୍ରଶାସନିକ ଉଦାସୀନତା ଯୋଗୁଁ ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିବା ଅଭିଯୋଗ କରିଛନ୍ତି । ଆଗାମୀ ଦିନରେ ପାରିଜାତ ପାର୍କ ଛକ ଓ କଲେଜ ରୋଡ ବାଇପାସ୍‌ଠାରେ ଦୁଇଟି ପୁଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇଛନ୍ତି । ଉକ୍ତ ପ୍ରତିନିଧି ମଣ୍ଡଳୀରେ ଅଜିତ ପ୍ରସାଦ, କାଳୀପଦ ସାମଲ, ପର୍ଶୁରାମ ସରାଫ, ଦେବାଶିଷ ଦାଶ, ମୁନୁ ସରାଫ, ଭୀଷ୍ମଦେବ ସିଂ, ବିଶ୍ୱଜିତ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ ।

### ● ଦଲାଲକୁ ହତ୍ୟାକରି ଶ୍ରମିକ ଫେରାର ଘଟଣା

# ମାସେ ପରେ ବନ୍ଧା ହେଲା ଅଭିଯୁକ୍ତ



ସୁନ୍ଦରଗଡ଼/ବାଲିଶଙ୍କରା, ୯।୧୧(ସମିସ): ତଳସରା ଥାନା ଅଧୀନ ଲମଟି ଗ୍ରାମରେ ଜଣେ ଦାଦନ ଦଲାଲକୁ ଜଣେ ଶ୍ରମିକଙ୍କ ହତ୍ୟା ମାମଲାରେ ପୁଲିସ ସମ୍ପୃକ୍ତ ଫେରାର ଅଭିଯୁକ୍ତ ଦୁର୍ଜନ ମାଝୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ଉକ୍ତ ହତ୍ୟାକାଣ୍ଡ ଭିଆଇବା ପରେ ଦୁର୍ଜନ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ପୁଲିସ ତାଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ ହେଁ ସଫଳତା ମିଳୁ ନ ଥିଲା । ଶନିବାର ଭୋର୍ ସମୟରେ ଆଇଆଇସି ପୁଷ୍ପେନ୍ଦୁ ସାଗର ଅଭିଯୁକ୍ତ ଦୁର୍ଜନ ବଣ ପାହାଡ଼ ଘେରରେ ଥିବା ବୁଟକଛାର ବସୁଟୋଲା ଗ୍ରାମର ଲଳିତ ମାଝୀଙ୍କ ଘରେ ଆତ୍ମଗୋପନ କରିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ । ଏଣୁ ସେ ତୁରନ୍ତ ସଦଳବଳ ଲଳିତଙ୍କ ଘରେ ଚଢ଼ଉ କରି ଅଭିଯୁକ୍ତଙ୍କୁ ଶୋଇଥିବା ଅବସ୍ଥାରେ ଧରିଥିଲେ । ଲଳିତ ତାଙ୍କ ଭାବୀ ସମୁଦି ଏବଂ ସେଠାରେ ସେ ତାଙ୍କ ପତ୍ନୀଙ୍କ ସହିତ ରହୁଥିଲେ ବୋଲି ଜଣାପଡ଼ିଛି । ପଚରାଉଚୁରା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରା ଯାଇଛି । ମାତ୍ର ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ସୁନ୍ଦରଗଡ଼ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି । ଗତ ମାସ ୮ ତାରିଖରେ ଉକ୍ତ ହତ୍ୟାକାଣ୍ଡ ଘଟିଥିଲା । ଅଞ୍ଚଳରୁ ଶ୍ରମିକ ଯୋଗାଡ କରି ରାଜ୍ୟ ବାହାରକୁ କାମ କରିବାକୁ ପଠାଉ ଥିବା ବରହାଡେହା ଗ୍ରାମର ସଲିନ୍ଦ୍ର ମାଝୀ (୨୫)ଙ୍କ ଠାରୁ ଦୁର୍ଜନ ତାମିଲନାଡୁ କାମକରି ଯିବାକୁ କହି ୨ ହଜାର ଟଙ୍କା ଆଣିଥିଲା । ତେବେ ପରବର୍ତ୍ତି ସମୟରେ ସେ ଦାଦନ ଖଟି ଯିବାକୁ ମନା କରିବାରୁ ଘଟଣା ଦିନ ସଲିନ୍ଦ୍ର ତାଙ୍କ ଭାଇ ଓ ସହଯୋଗୀଙ୍କ ସହ ଦୁର୍ଜନଙ୍କ ଘରକୁ ଟଙ୍କା ଅସୁଲି ପାଇଁ ଯାଇ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଏପରି ଆଚରଣରେ ଦୁର୍ଜନ ଅତିଷ୍ଠ ହୋଇ ହଠାତ ସଲିନ୍ଦ୍ରଙ୍କ କାନମୁଣ୍ଡାରେ ଟାଙ୍ଗିଆରେ ଚୋଟ ପକାଇ ଥିଲା । ଏହାପରେ ସଲିନ୍ଦ୍ରଙ୍କ ଭାଇ ଓ ସହଯୋଗୀ ବାଇକରେ ତାଙ୍କୁ ସବଡେଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଉଥିବା ବେଳେ ଲମଟି ଘାଟି ନିକଟରେ ମୃତ୍ୟୁ ଘଟିଥିଲା ।

## ଗାଙ୍ଗପୁର ପଶାୟତ ସମାଜର ବନ୍ଧୁମିଳନ



ସୁନ୍ଦରଗଡ଼, ୯।୧୧(ସମିସ) : ଟାଙ୍ଗରପାଲି ବ୍ଲକ ସୁର୍ଗୁଡା ଗ୍ରାମସ୍ଥିତ ରାମଦେବ ପଡ଼ିଆରେ ଗାଙ୍ଗପୁର ପଶାୟତ ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଜିଲ୍ଲା ପରିଷଦ ସଭ୍ୟ ନୃପଲାଲ ପସାୟତ ମୁଖ୍ୟ ଅତିଥି ଓ ତରଣିସେନ ବାରିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସାମାଜିତ ଭାଇ ଭଉଣୀଙ୍କ ମଧ ଭାଇଚାରା ଉପରେ ଗୁରୁତ୍ୱାରୋପ କରିଥିଲେ ଥିଲେ । ସମ୍ମାନିତ ଅତିଥି ହାରାଧନ ବାରିକ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧରେ ଦେବାର୍ଚ୍ଚନ ପସାୟତ, ରଞ୍ଜନ ପଶାୟତ, ଦିଗାମ୍ବର ପସାୟତ, ଆକବର ବାରିକ, ଦେବେନ୍ଦ୍ର ପସାୟତ, କୃତାର୍ଥ ବେହେରା, ମହେନ୍ଦ୍ର ପସାୟତ, ତ୍ରିନାଥ ବାରିକ, ଦିଗାମ୍ବର ପସାୟତ, ତୁଳସୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ସମାଜର ଉପ ସଭାପତି ମନୋଜ ପଶାୟତ ସଭା ପରିଚାଳନା କରିଥିବାବେଳେ ସଭାପତି ସୁଧାଂଶୁ ପଶାୟତ ସ୍ୱାଗତ ଭାଷଣ, ସମ୍ପାଦକ ରଜତ ବାରିକ ବିବରଣୀ ପାଠ ଓ ଦୀପକ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟସ୍ତରୀୟ ସବ୍‌ଜୁନିଅର ସିପକ୍‌ଟାକ୍ରୋ ପ୍ରତିଯୋଗିତା ଉଦ୍‌ଘାଟିତ

ସୁନ୍ଦରଗଡ଼, ୯ ।୧୧(ସମିସ): ସ୍ଥାନୀୟ ଭବାନୀଭବନ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଶନିବାର ଅପରାହ୍ନରେ ୨୨ତମ ରାଜ୍ୟସ୍ତରୀୟ ସବ୍‌ଜୁନିଅର ବାଳକ ବାଳିକା ସିପକ୍‌ଟାକ୍ରୋ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି ।

ସୁନ୍ଦରଗଡ଼ ଜିଲ୍ଲା ସିପକ୍‌ଟାକ୍ରୋ ସଂଘ ଓ ଓଡ଼ିଶା ରାଜ୍ୟ ସିପକ୍‌ଟାକ୍ରୋ ସଂଘର ମିଳିତ ଅନୁକୂଲ୍ୟରେ ଆୟୋଜିତ ଉକ୍ତ ଦୁଇ ଦିନିଆ ପ୍ରତିଯୋଗିତାରେ ସୁନ୍ଦରଗଡ଼ ପୌରାଧକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଓକିଲ ପ୍ରଣବ ହାତୀ, ଜିଲ୍ଲା ହକି ସଂଘର କାର୍ଯ୍ୟକାରୀ ସଭାପତି ରାମେଶ୍ୱର ଟପ୍ପୋ, ସାମ୍ବାଦିକ ହରିହର ଦାସ ମହାପାତ୍ର ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ବିଭିନ୍ନ ୧୬ଟି ଜିଲ୍ଲାରୁ ବାଳକ ଓ ବାଳିକା ଦଳ ଯୋଗଦାନ କରି ଚମତ୍କାର ଖେଳପ୍ରଦର୍ଶନ କରୁଛନ୍ତି ।

ଅନ୍ତର୍ଜାତୀୟ ରେଫରୀ ବ୍ରଜ୍‌ମୋହନ ସାହୁ, ମହମ୍ମଦ ଗୁଲାମ, ନିରଜ୍ ସ୍ୱାଇଁ, ଜାତୀୟ ରେଫରି ରାମଚନ୍ଦ୍ର ବାରିକ, ବ୍ରଜବନ୍ଧୁ କାଣ୍ଡି, ଲଲାଟେନ୍ଦୁ ସ୍ୱାଇଁ, କିରଣ ଶିଳା ବାର୍ଲା ଓ ଗୌରାଙ୍ଗ ଚରଣ ନାୟକ ଖେଳ ପରିଚାଳନା କରିଥିଲେ । ସିପକ୍‌ଟାକ୍ରୋ ସଂଘର ଜିଲ୍ଲା ସମ୍ପାଦକ ରଥ ଖାଲକୋ, ରୂପକ କୁମାର ପ୍ରସାଦ, ସିଦ୍ଧାର୍ଥ ବକ୍ସି, ସୁଜିତ୍ ଗୋସ୍ୱାଇଁ ମିଞ୍ଜ, ସୁଶାନ୍ତ କୁମାର ଷଡ଼ଙ୍ଗୀ, ରସାନନ୍ଦ ମହାନନ୍ଦିଆ, ବିକାଶ କୁଆ, କାଜଲ ମଗର ଓ କୋଚ୍ ଲିପ୍ସା ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ ।

## ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କ କର୍ମଶାଳା

ସୁନ୍ଦରଗଡ଼, ୯ ।୧୧(ସମିସ): ସ୍ଥାନୀୟ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କ କର୍ମଶାଳା ଅଧକ୍ଷା ଡ. ଇନ୍ଦିରା ଗଡ଼ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଉଚ୍ଚ ଶିକ୍ଷା ମାଧ୍ୟମିକ ପରିଷଦ ଜାତୀୟ ସେବା ଯୋଜନାର ସଂଯୋଜକ ବିଶ୍ୱମୋହନ ଜେନା ଏବଂ ଜିଲ୍ଲାଜାତୀୟ ସେବା ଯୋଜନା ଅଧିକାରୀ ସୁଶାନ୍ତ କୁମାର ପଟେଲ ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀ ଛାତ୍ର ଛାତ୍ରୀମାନଙ୍କୁ ଦିଗଦର୍ଶନ ଦେଇଥିଲେ । ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକ ସହକାରୀ ପ୍ରଫେସର ମନୋଜ କୁମାର ନାୟକ ଏବଂ ଦୀପାଞ୍ଜଳି ହାଁସଦା ଏହାକୁ ସଂଯୋଜନା କରିଥିଲେ ।

### ରାଷ୍ଟ୍ରୀୟ ବିଧିକ ସେବା ଦିବସ ପାଳିତ

# ଅଧିକାର ସାବ୍ୟସ୍ତ ପାଇଁ ଆଇନ ସେବା ପ୍ରାଧିକରଣ ହିଁ ସହଜ ମାଧ୍ୟମ

ସୁନ୍ଦରଗଡ଼, ୯ ।୧୧(ସମିସ)



ସୁନ୍ଦରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଶିଖାରାଣୀ ରଥଙ୍କ ନିର୍ଦ୍ଦେଶ କ୍ରମେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟଠାରେ ରାଷ୍ଟ୍ରୀୟ ବିଧିକ ସେବା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଲିଗାଲ ସର୍ଭିସେସ ଆଥୋରେଟି ଆକ୍ଟ ୧୯୮୭ ଲୋକ ଅଦାଲତ ମିଡିଏସନ ପାର୍ମାନେଣ୍ଟ ଲୋକଅଦାଲତ (ପିଏଲଏପିୟୁଏସ୍ ନ୍ୟାୟ ସଂଯୋଗ) ତଥା ଅନ୍ୟାନ୍ୟ ନିୟମକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରା ଯାଇଥିଲା । ଏଥିରେ ସୁନ୍ଦରଗଡ଼ ସ୍ଥାୟୀ ଲୋକ ଅଦାଲତ ଅଧକ୍ଷ ଡ. ରାଧାକାନ୍ତ ମିଶ୍ର ଯୋଗଦେଇ ଉକ୍ତ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲାଆଇନ ସେବା ପ୍ରାଧିକରଣ ସଚିବ ଡ. ରୀନତି ମିଶ୍ର ଖାଦ୍ୟ, ବସ୍ତ୍ର ଓ ବାସଗୃହ ଭଳି ନ୍ୟାୟ ପାଇବା ମଧ ସମସ୍ତଙ୍କର ନ୍ୟାଯ୍ୟ ଅଧିକାର । ଏହି ଅଧିକାର ସାବ୍ୟସ୍ତ କରିବା ପାଇଁ ଆଇନ ସେବା ପ୍ରାଧିକରଣ ହିଁ ସହଜରେ ସବୁଠି ଉପଲବ୍ଧ ମାଧ୍ୟମ ଅଟେ । ଏହି ବ୍ୟବସ୍ଥାର ସଠିକ ଉପଯୋଗ ଜୀବନକୁ ସହଜ ଓ ସୁରକ୍ଷିତ କରିପାରିବ । ଏହି ବ୍ୟବସ୍ଥାର ସଦୁପଯୋଗ ଲାଗି ଆମେ ସମସ୍ତେ ଭାଗୀଦାର ହିସାବରେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ କରିବା ଅତ୍ୟନ୍ତଜରୁରୀ ବୋଲି କହିଥିଲେ । ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବୀରେନ୍ଦ୍ର କୁମାର ପଟେଲ, ଓଡ଼ିଆ ଅଧ୍ୟାପକ ନୂତନ ଖମାରୀ, ଡିଏସ୍‌ପି ସୋମନାଥ ଜେନା, ଅନ୍ୟ ଅଧ୍ୟାପକ ଅଧ୍ୟାପିକା ତଥା କଲେଜର ଛାତ୍ରଛାତ୍ରୀ ନିଜ ମତାମତ ରଖିଥିଲେ । ସହକାରୀ ପ୍ରତିପକ୍ଷ ଓକିଲ ଅନିଶା ପୃଷ୍ଟି ସ୍ୱାଗତଭାଷଣ ରଖିଥିବାବେଳେ ମୁଖ୍ୟ ପ୍ରତିପକ୍ଷ ଓକିଲ କମଳଲୋଚନ ସେନ ଧନ୍ୟବାଦ ଅର୍ପଣ କରିଥିଲେ ।

### କିସମ ପରିବର୍ତ୍ତନ କରାଯାଇ ଚାଲିଛି କୋଠା ନିର୍ମାଣ

# କମୁଛି ଚାଷଜମି; ବଢୁଛି ଜନବସତି

ପଟ୍ଟାମୁଣ୍ଡାଇ, ୯।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର ତଥା ଓଡ଼ିଶାର ଅନ୍ୟତମ ମୁଖ୍ୟ ବାଣିଜ୍ୟକ କେନ୍ଦ୍ର କ୍ରମବର୍ଦ୍ଧିଷ୍ଣୁ ପଟ୍ଟାମୁଣ୍ଡାଇ ସହର ଓ ସହର ତଳି ଅଞ୍ଚଳରେ ଜନବସତି ବୃଦ୍ଧି ପାଇବାରେ ଲାଗିଥିବାବେଳେ ଚାଷଜମି ହ୍ରାସ ପାଇବାରେ ଲାଗିଛି। ଗତ ୩ ଦଶନ୍ଧି ମଧ୍ୟରେ ପଟ୍ଟାମୁଣ୍ଡାଇ ସହରର ରୂପରେଖ ସମ୍ପୂର୍ଣ ବଦଳି ଯାଇଛି। ପଟ୍ଟାମୁଣ୍ଡାଇ ବାହାର ଅଞ୍ଚଳର ଲୋକମାନେ ଏଠାରେ ବସବାସ କରି ରହିବାକୁ ଅଧିକ ପସନ୍ଦ କରୁଥିବା ଦେଖାଯାଇଛି। ଆକାଶକୁ ମୁଣ୍ଡ ଟେକି ଠିଆ ହୋଇଛି ବହୁତଳ ପ୍ରାସାଦଗୁଡିକ ମୁଖ୍ୟ ସହରରେ ଜାଗାର ମୂଲ୍ୟ ୧ଡିସିମିଲି ପ୍ରତି ୬୦ରୁ ୭୦ଲକ୍ଷ ଛୁଇଲାଣି। ସହର ତଳି ଅଞ୍ଚଳରେ ଜାଗା ଜମିର ମୂଲ୍ୟ ୧ଡିସିମିଲ ପ୍ରତି ୮ଲକ୍ଷରୁ ୧୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ୩ ଦଶନ୍ଧି ତଳେ ଏହି ଅଞ୍ଚଳରେ ପର୍ଯ୍ୟାପ୍ତ ଉର୍ବର ଚାଷ ଜମି ରହିଥିଲା।ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରୁ ବାହାରି ଥିବା ପୋଖରିଆପଡ଼ା ମାଇନର କେନାଲ ଦିନେ ଚାଷ ଜମିକୁ ଜଳସେଚିତ କରିବା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା।ଆଜି ସେହି କେନାଲର ଚିହ୍ନବର୍ଣ୍ଣ ନାହିଁ କି ଚାଷଜମି ମଧ୍ୟ ନାହିଁ। ସବୁଆଡେ କୋଠାବାଡି ତିଆରି ସରିଛି। ଜାଗା ଜମିର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇବା କାରଣରୁ ସ୍ଥାନୀୟ ଜମିମାଲିକମାନେ ଲୋଭରେ ପଡ଼ି ଚାଷଜମିର କିସମ ପରିବର୍ତ୍ତନ କରି ଅନ୍ୟକୁ ବିକ୍ରି କରିଦେଉଛନ୍ତି। ସେହିପରି ୧୪ ନମ୍ବର କେନାଲଠାରୁ ପଟ୍ଟାମୁଣ୍ଡାଇ ବାଇପାସ ଛକ ପର୍ଯ୍ୟନ୍ତ ଓ ତାତନା କେନାଲ ଉଭୟ ପାର୍ଶ୍ୱ ପଟ୍ଟାମୁଣ୍ଡାଇ ବଜାର ସଂଲଗ୍ନ ପୋଖରିଆପଡ଼ା, ଦକ୍ଷିଣଦିଆ, ବେଲତଳ ଗ୍ରାମ ସମେତ ପୋତା ଗୋବରୀ ନଦୀ ଉଭୟ ପାର୍ଶ୍ୱର ଚାଷଜମି କିସମ ପରିବର୍ତ୍ତନ କରାଯାଇ ବିକ୍ରି ଚାଲିଛି। ପଟ୍ଟାମୁଣ୍ଡାଇ ବକ୍ତାରପୁର ଛକଠାରୁ ପୁରୁଣା କୋର୍ଟ ଛକ, ଜଳ ସମ୍ପଦ କାର୍ଯ୍ୟାଳୟଠାରୁ ପ୍ରହରାଜପୁର ମଧ୍ୟରେ ଚାଷଜମିର ବ୍ୟାପକ ଭାବେ କିସମ ପରିବର୍ତ୍ତନ ହୋଇଛି। ସେହିପରି ବକ୍ତରପୁର ଛକଠାରୁ ମଦନପୁର କଲେଜ, କଖାରୁଣୀ ପୋଲଠାରୁ ଗଣ୍ଡାଖିଆ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ, ମାଟିଆଠାରୁ ଆମ୍ରେର ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱ ଚାଷଜମି ଗୁଡିକର କିସମ ପରିବର୍ତ୍ତନ ଚାଲିଛି। ପୁନଶ୍ଚ ଚୂନଢ଼ିଆଠାରୁ ଗଣ୍ଡକୁଳ ଓ ପଟ୍ଟାମୁଣ୍ଡାଇ -ଇନ୍ଦୁପୁର ରାସ୍ତାର ବେଲତଳଠାରୁ ଅରୁଆ ମଧ୍ୟରେ ବ୍ୟକ୍ତି ବିଶେଷ ଓ ବିଭିନ୍ନ ସଂସ୍ଥା ଦ୍ୱାରା ଜମି କିସମ ପରିବର୍ତ୍ତନ କରାଯାଇ ଘର କରିବାକୁ ବିକ୍ରି କରାଯାଉଛି। ଗତ ୫ବର୍ଷ ମଧ୍ୟରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୪ହଜାର ୩ଶହ ୩୫ହେକ୍ଟର ଚାଷଜମି ହ୍ରାସ ପାଇ ସାରିଲାଣି। କୃଷି ବିଭାଗ ରିପୋର୍ଟ ଅନୁଯାୟୀ ୨୦୧୭-୧୮ ରେ ୧୫.୬୫ ହେକ୍ଟର ଜମିରେ ଚାଷ କାର୍ଯ୍ୟ ହୋଇଥିଲା। ଏହା ୨୦୨୩-୨୪ ରେ ୧୧.୨୯୫ ହେକ୍ଟର ଚାଷଜମିରେ କୃଷି କାର୍ଯ୍ୟ ହୋଇଛି।ବିଗତ ୫ବର୍ଷ ରେ ହାରାହାରି ୪ହଜାର ୩ଶହ ୩୫ ହେକ୍ଟର ଚାଷଜମି ହ୍ରାସ ପାଇଛି। ବାର୍ଷିକ ପ୍ରାୟ ୮ଶହ ୧୫ହେକ୍ଟରରୁ ଊର୍ଦ୍ଧ୍ୱ ଚାଷଜମି ହ୍ରାସ ପାଉଛି। ଏହି ପ୍ରକ୍ରିୟା ଜାରି ରହିଲେ ଆଗାମୀ ୨୦ରୁ୩୦ ବର୍ଷ ମଧ୍ୟରେ ଚାଷଜମି ସମ୍ପୂର୍ଣ୍ଣ ଭାବେ ଲୋପ ପାଇଯିବା ଆଶଙ୍କାକୁ ଏଡାଇ ଦିଆଯାଇପାରେ। କିସମ ପରିବର୍ତ୍ତନ ଯନ୍ତାରେ ବଡ ଚାଷୀ, କ୍ଷୁଦ୍ର ଚାଷୀ ଓ ନାମମାତ୍ର ଚାଷୀ ସବୁବର୍ଗର ଚାଷୀ ପଡୁଥିବା ଦେଖିବାକୁ ମିଳୁଛି। ଜାଗା ଜମିର ଅହେତୁକ ମୂଲ୍ୟ ବୃଦ୍ଧି ପାଇଁ ଲାଭବାନର ଲୋଭ ଓ କୃଷି ପ୍ରତି ବିମୁଖତା କିସମ ପରିବର୍ତ୍ତନର ମୂଳ ଆଧାର ବୋଲି ଜଣା ପଡ଼ିଛି।ଚାଷଜମିର କିସମ ପରିବର୍ତ୍ତନକୁ ରୋକ ଲଗାଇବା ପାଇଁ କୌଣସି ସରକାରୀ ନିୟମ ନ ଥିବାରୁ ତହସିଲ କାର୍ଯ୍ୟାଳୟରେ ସହଜରେ ଜମି କିସମ ପରିବର୍ତ୍ତନ କରାଯାଇପାରୁଛି। ଏହା ଉପରେ ରୋକ ଲଗାଇବା ପାଇଁ ସରକାରଙ୍କ ପକ୍ଷରୁ ଆଇନ ପ୍ରଣୟନ କରାଯିବାକୁ ସାଧାରଣରେ ଦାବି ହେଉଛି।

**୫ ବର୍ଷରେ କମିଲାଣି ୪ ହଜାର ୩ ଶହ ୩୫ ହେକ୍ଟର ଚାଷଜମି**


## ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ନିର୍ମାଣ ଶ୍ରମିକ ସଂଘର ଦାବିପତ୍ର



ଡେରାବିଶ, ୯।୧୧(ସମିସ): ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ସଦସ୍ୟ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ନିର୍ମାଣ ଶ୍ରମିକଙ୍କ ରହିଥିବା ବିଭିନ୍ନ ସମସ୍ୟା ସମାଧାନ ପାଇଁ ନିବେଦନ କରିବା ସହିତ ନିର୍ଦ୍ଦିଷ୍ଟ ସମୟରେ ସମାଧାନ ନ ହେଲେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ସେମାନଙ୍କ ଦାବିପତ୍ରରେ ଦର୍ଶାଇଛନ୍ତି। ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀଙ୍କ ଅଭିଯୋଗ ଅନୁଯାୟୀ ଦୀର୍ଘଦିନ ଧରି ବିଭିନ୍ନ ସମସ୍ୟାକୁ ନେଇ ଗତବର୍ଷ ଫେବୃଆରୀ ୬ ତାରିଖ, ଚଳିତ ବର୍ଷ ଜାନୁଆରୀ ୩ ତାରିଖ ଓ ଅଗଷ୍ଟ ୧୪ ତାରିଖରେ ଜିଲ୍ଲା ଶ୍ରମ ସଂସ୍ଥାପକଙ୍କ ସହ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଆଲୋଚନା କରାଯାଇଥିଲା। କେବଳ ପ୍ରତିଶ୍ରୁତି ମିଳିବା ଛଡ଼ା କୌଣସି ସମାଧାନ ହୋଇପାରିନାହିଁ। ଏଥିପାଇଁ ସଂଘ ପକ୍ଷରୁ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏବେ ଅନୁବନ୍ଧିତ ମହିଳା ନିର୍ମାଣ ଶ୍ରମିକଙ୍କ ପରିଚୟପତ୍ର ନବୀକରଣ, ନୂତନ କରି ଆବେଦନ କରିଥିବା ମହିଳା ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ, ୨୦୨୦ରେ ଦିଆଯାଇଥିବା ଶିକ୍ଷାବୃତ୍ତି ଦରଖାସ୍ତ, ଅଫ୍‌ଲାଇନ ଓ ଅନ୍‌ଲାଇନ୍‌ରେ ଝିଅ ବିଭାଘର ପାଇଁ କରାଯାଇଥିବା ଆବେଦନ, ତଦନ୍ତ ହୋଇ ପଡ଼ିରହିଥିବା ମୃତ୍ୟୁକାଳୀନ ସହାୟତା ଦରଖାସ୍ତ, ତଦନ୍ତ ନ ହୋଇ ପଡ଼ିରହିଥିବା ଦରଖାସ୍ତ, ବିଭିନ୍ନ କାରଣରୁ ପଡ଼ିରହିଥିବା ମଞ୍ଜୁରୀପ୍ରାପ୍ତ ଅନୁଦାନ ଆଦିର ତୁରନ୍ତ ସମାଧାନ ପାଇଁ ବର୍ତ୍ତମାନର ଜିଲ୍ଲା ଅଧିକାରୀଙ୍କୁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ଶ୍ରୀ ତ୍ରିପାଠୀଙ୍କ ସହିତ ଜିଲ୍ଲା ସଂଘର ମନୋଜ ପରିଡ଼ା, ନିତ୍ୟାନନ୍ଦ ସାମଲ, ପ୍ରଦୀପ୍ତ ସାମଲ, ବିଶ୍ୱମ୍ବର ଗିରି, ଜଗଦୀଶ କଟାଳ, ଅଧୀର ସ୍ୱାଇଁ ଓ ଭଗବାନ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

### ପାରାଦୀପ ବନ୍ଦର ସାଂସ୍କୃତିକ ମହୋତ୍ସବ

## ସପ୍ତମ ସନ୍ଧ୍ୟାରେ 'ଶେଷରୁ ଆରମ୍ଭ' ନାଟକ ମଞ୍ଚସ୍ଥ



ପାରାଦୀପ, ୯।୧୧(ସମିସ): ପାରାଦୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦ ଆନୁକୂଲ୍ୟରେ ଚାଲିଥିବା ସାଂସ୍କୃତିକ ମହୋତ୍ସବର ସପ୍ତମ ସନ୍ଧ୍ୟାରେ ବିଦ୍ୟୁତ୍ ଓ ଯାନ୍ତ୍ରିକ ବିଭାଗର କର୍ମଚାରୀ ଓ ସେମାନଙ୍କ ପରିବାରର ସଦସ୍ୟ ଦିଲ୍ଲୀପ ବଳବନ୍ତରାୟଙ୍କ ରଚନା ଓ କ୍ୟାପଟେନ ନିରଞ୍ଜନ ଗାନଙ୍କ ନିର୍ଦ୍ଦେଶନାରେ ଜୟଦେବ ସଦନରେ ନାଟକ 'ଶେଷରୁ ଆରମ୍ଭ' ମଞ୍ଚସ୍ଥ କରିଥିଲେ। ନାଟକରେ ବିଦ୍ୟୁତ୍ ଓ ଯାନ୍ତ୍ରିକ ବିଭାଗ ପକ୍ଷରୁ ମିହିର ସେଣ, ତନ୍ମୟ ଦାସ, ଯଶୋବନ୍ତ ସାହୁ, ରଶ୍ମିରଞ୍ଜନ ଶତପଥୀ, ଧ୍ରୁନ ତରାଇ, ସତ୍ୟମିତ୍ରା ସାହୁ ଓ କଣ୍ଢେଇ ଅଭିନୟ କରିଥିଲେ। ଏନ୍ତୁଡ଼ିଶାଳରୁ ଆରମ୍ଭ କରି ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବାପାମାଆ ପିଲାମାନଙ୍କ ସୁଖଦୁଃଖ, ଅଳିକୁ ହସି ହସି ଗ୍ରହଣ କରନ୍ତି। ନିଜେ କଷ୍ଟରେ ଥାଇ ମଧ୍ୟ ପିଲାଙ୍କ ମଙ୍ଗଳ କାମନା କରନ୍ତି। ତେବେ ପିଲାଙ୍କର ନିଜ ମୁଣ୍ଡକୁ ହାତ ପାଇଯିବା ପରେ ନିଜ ନିଜର କର୍ମକ୍ଷେତ୍ରରେ ପାରଦର୍ଶିତା ଓ ସମୟାନୁବର୍ତ୍ତିତାର ଦ୍ୱାହି ଦେଇ ବୁଢା ମାଆ ବାପାଙ୍କର ଯତ୍ନ ନେବା ତ ଦୂରର କଥା, ସେମାନଙ୍କ ସ୍ୱାଭିମାନର ମୂଲ୍ୟ ଦେବା ପାଇଁ ଅନିଚ୍ଛା ପ୍ରକାଶ କରନ୍ତି ଓ ସେମାନଙ୍କ ସହ କରନ୍ତି ଚୁକ୍ତି। ଏକାଠି ରହିବାର ଇଚ୍ଛା ଭଙ୍ଗ କରି ପରିଣତ ବୟସରେ ବି ବାଧ୍ୟ ହୁଅନ୍ତି ସ୍ୱାମୀସ୍ତ୍ରୀ ପରସ୍ପରକୁ ଛାଡ଼ପତ୍ର ଦେବାପାଇଁ ଓ ଯେତେବେଳେ ସେଥିରେ ଅକୃତକାର୍ଯ୍ୟ ହୁଅନ୍ତି, ସେତେବେଳେ ପରସ୍ପରଙ୍କ ମନରେ ଜାତ ହୁଏ ଏକ ଅଦ୍ଭୁତ ଚିନ୍ତାଧାରା। ହେଲେ ସେଥିରୁ ସେମାନେ ପାଆନ୍ତି କ'ଣ ? ଏହି ପ୍ରଶ୍ନର ଉତ୍ତର ଦେଇଛି ଭିନ୍ନ ସ୍ୱାଦର ନାଟକ ଶେଷରୁ ଆରମ୍ଭ। କଳାକାରମାନେ ସେମାନଙ୍କର ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲେ।

## ହୃଦୟାନନ୍ଦ ନାୟକ ସ୍ମାରକୀ କଲେଜ ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗ ପାଠଚକ୍ର

ଡେରାବିଶ, ୯।୧୧(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳର ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ସଭା କକ୍ଷରେ ଆୟୋଜିତ ଏହି ପାଠଚକ୍ରରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଝରାଶ୍ରୀ ପରିଜା ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷ ଅକ୍ଷୟ କୁମାର ବଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କିଶୋର ଅବସ୍ଥାରେ ଜୀବନ ଦକ୍ଷତା ଶିକ୍ଷା ପ୍ରତିପୋଷଣ ଶୀର୍ଷକରେ ଆୟୋଜିତ ପାଠଚକ୍ରରେ ବିଷୟ ବିଶାରଦ ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡକ୍ଟର ପ୍ରଭୁଦର୍ଶନ ସାହୁ ନିଜର ଅଭିଭାଷଣ ରଖିବା ପରେ ମହାବିଦ୍ୟାଳୟର ଅଧ୍ୟାପିକା ଶାଶ୍ୱତୀପ୍ରଜ୍ଞା ସାହୁ ଉପସ୍ଥାପକ ଭାବେ ବିଷୟ ସମ୍ପର୍କରେ ମତ ରଖିଥିଲେ। ଛାତ୍ରୀ ଅନ୍ୱେଷା ନାୟକ, ଶୁଭଶ୍ରୀ ସାହୁ ଓ ଦୀପ୍ତିରେଖା ସାହୁ ବିଷୟ ସମ୍ପର୍କରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଏ ଅବସରରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯିବା ସହିତ ବିଦାୟୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହିତ ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗର ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଛାତ୍ର ଆୟୁଷ କୁମାର ଦାସ, ଉପେନ୍ଦ୍ର ପରିଡ଼ା, ସୌମ୍ୟରଞ୍ଜନ ଦାସ, ଛାତ୍ରୀ ଶୁଭଲକ୍ଷ୍ମୀ ଭଦ୍ର, ଶୁଭଶ୍ରୀ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଶ୍ରୀମତୀ ଦାସ, ସୁକନ୍ୟା ମହାନ୍ତି, ମିନାକ୍ଷୀ ପ୍ରଧାନ, ମନୀଷା ମହରଣା, ଶର୍ମିଷ୍ଠା ବେହେରା ଓ ଅଧ୍ୟାପକ ବିମଳ ପ୍ରସାଦ ବାରିକ, ଦିବ୍ୟକୁମାର ଦାସ, ସୌଭାଗ୍ୟ କୁମାର ପ୍ରଧାନ, ଶଶୀଭୂଷଣ ଜେନା, ବରଦା ପ୍ରସାଦ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟାପିକା ମନୀଷା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




## ବନ୍ଧପାଟଣା ବିଦ୍ୟାଳୟରେ ତମାଖୁ ନିୟନ୍ତ୍ରଣ ଯୋଜନା କାର୍ଯ୍ୟକ୍ରମ



ରାଜନଗର, ୯।୧୧(ସମିସ): ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟରେ ତମାଖୁ ସେବନ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଡାକ୍ତର ନିଳାଦ୍ରୀ ପଣ୍ଡା, ପିଏଚ୍‌ଓ ତରୁଲତା ନାୟକ, ବରିଷ୍ଠ ସ୍ୱାସ୍ଥ୍ୟକର୍ମୀ ହେମନ୍ତ କୁମାର ମଲ୍ଲିକ, ଶିକ୍ଷୟିତ୍ରୀ କଳ୍ପନା ଦାସ, ସବିତା ମିଶ୍ର, ପ୍ରଲ୍ୟ କୁମାର ମଲ୍ଲିକ, ମନସ୍ୱିନୀ ରଥ, ରାଜେଶ କୁମାର ପ୍ରଧାନ, ତାରିଣୀ ପ୍ରିୟଦର୍ଶିନୀ ଓ ଭାଗ୍ୟଶ୍ରୀ କୁଣ୍ଡ ପ୍ରମୁଖ ଯୋଗଦେଇ ସମାଜରେ କିପରି ତମାଖୁ ସେବନକୁ ନିୟନ୍ତ୍ରଣ କରାଯାଇପାରିବ, ସେ ନେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବୁଝାଇବା ସହ ଶପଥ ପାଠ କରାଇଥିଲେ। ତମାଖୁ ସେବନ ଦ୍ୱାରା ହେଉଥିବା ମାରାତ୍ମକ କର୍କଟ ରୋଗ ଉପରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଗାମୀ ଦିନରେ ବ୍ୟାପକ ପଦକ୍ଷେପ ହାତକୁ ନେଇ ଫଳପ୍ରଦ କରାଇବାକୁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଆଗେଇ ଆସିବାକୁ ଡାକ୍ତର ପଣ୍ଡା ଆହ୍ୱାନ ଦେଇଥିଲେ। ଏ ଅବସରରେ ଆୟୋଜିତ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ସତ୍ୟନାରାୟଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସଦାନନ୍ଦପୁରରେ ଗିରିଗୋବର୍ଦ୍ଧନଙ୍କ ଭସାଣି

ପଞ୍ଚୁପାଣ୍ଡବ, ୯।୧୧(ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମରେ ଗିରିଗୋବର୍ଦ୍ଧନଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମରେ ଗିରିଗୋବର୍ଦ୍ଧନ ପୂଜା ସାତଦିନ ଧରି ଧୁମ୍‌ଧାମରେ ପାଳନ ହୋଇଥିବାବେଳେ ଆଜି ଭସାଣି ଉତ୍ସବ ଶେଷ ହୋଇଛି। ଆଜି ସକାଳୁ ମୃଣ୍ମୟୀ ମୂର୍ତ୍ତିକୁ ପ୍ରଥମେ ସଦାନନ୍ଦପୁର ବଜାରଠାରୁ ଶୋଭାଯାତ୍ରାରେ ଗାହାଣ ସାହି, ଘଡାଇ ସାହି ଓ ମଣ୍ଡଳ ସାହିର ଲୋକେ ଗୋବରୀ ନଦୀକୁ ବିସର୍ଜନ କରିଥିଲେ। ଏହି ଉତ୍ସବରେ ଗ୍ରାମର ସମସ୍ତ ଗ୍ରାମବାସୀ ସାମିଲ ଥିବାବେଳେ ଗିରିଗୋବର୍ଦ୍ଧନ ପୂଜା କମିଟି ସଦସ୍ୟ ସହଯୋଗ କରିଥିଲେ।

## କୋଇଲା ବୋଝେଇ ପିକ୍‌ଅପ ଭ୍ୟାନ ଜବତ, ଚାଳକ ଫେରାର

ରାଜକନିକା, ୯।୧୧(ସମିସ): ରାଜକନିକା ଥାନା ଅଞ୍ଚଳ ଦେଇ ଦୈନିକ ୨୦ରୁ ୩୦ ପିକ୍‌ଅପ ଭ୍ୟାନରେ ଚୋରା କୋଇଲା ଚାଲାଣ ହେଉଥିବାବେଳେ ମଝିରେ ମଝିରେ ପୁଲିସ ଗୋଟିଏ ଦୁଇଟିଗାଡ଼ିକୁଜବତକରିବାରେସକ୍ଷମହେଉଛି।ଧାମରାବନ୍ଦରରୁଚୋରାକୋଇଲାକୁଉଭୟ ଜଳ ଓ ସ୍ଥଳପଥ ଦେଇ କଟକ, ଭୁବନେଶ୍ୱର, ରାଉରକେଲା, କୋଲକାତା ଚାଲାଣ ହେବା ସହ ଜଗତପୁରରେ ଏକ ଡିପୋ କରାଯାଇଛି। କଟକ-ଚାନ୍ଦବାଲି ରାସ୍ତା ଦେଇ ବହୁ ମାତ୍ରାରେ କୋଇଲା ଚୋରା ଚାଲାଣ ହେଉଥିବାବେଳେ ଆଜି ଓଳାଭର ତାରିଣୀ ଛକ ନିକଟରେ ଏକ ଭ୍ୟାନ୍‌କୁ ପୁଲିସ ଜବତ କରିଛି। ଚୋରା କୋଇଲା ବୋଝେଇ ପିକଅପ୍ ଭ୍ୟାନ ଦ୍ରୁତ ଗତିରେ ଯାଉଥିବାବେଳେ ରାଜକନିକା ପୁଲିସ ଜବତ କରିଛି। ଗାଡ଼ି ଚାଳକ ପୁଲିସକୁ ଦେଖି ଗାଡ଼ି ଛାଡି ଚମ୍ପଟ ମାରିଥିବାବେଳେ ପୁଲିସ ଗାଡ଼ିକୁ ଜବତ କରି ରାଜକନିକା ଥାନାକୁ ଆଣିଛି। ଏହି ଚୋରା କୋଇଲା ଚାନ୍ଦବାଲି ଧାମରା ଅଞ୍ଚଳରୁ ଆସି ରାଜକନିକା ଚନ୍ଦନପୋଖରୀରୁ ଓଳାଭର- ସିଂହପୁର ରାସ୍ତା ଦେଇ ଯାଜପୁର, ମଙ୍ଗପୁର ଅଞ୍ଚଳକୁ ଯାଉଥିବା କୁହାଯାଉଛି।

### ସିହୋପଡ଼ା-ହାଟସାହି ରାସ୍ତା ସମ୍ପ୍ରସାରଣ

## ରାସ୍ତା ପାର୍ଶ୍ୱ ଖୋଳି ଠିକାଦାର ଛୁ; ଲୋକେ ହୀନସ୍ତା

ରାଜକନିକା, ୯।୧୧(ସମିସ) ରାସ୍ତା ସମ୍ପ୍ରସାରଣ ନାଁରେ ସାଟି ସ୍କିମରେ ରାସ୍ତାର ପାର୍ଶ୍ୱ ଖୋଳି ଦେଇ ଠିକାଦାର ମାରିଛନ୍ତି। କାମର ସେମିତି କୌଣସି ଅଗ୍ରଗତି ହେଉ ନ ଥିବାବେଳେ ଲୋକେ ହୀନସ୍ତା ଭୋଗ କରୁଛନ୍ତି। ରାସ୍ତା ପାର୍ଶ୍ୱ ଖୋଳା ହେବା ପରେ କୌଣସି ବ୍ୟାରିୟର ନ ଦେଇ ସେମିତି ମୁକୁଳା ପକେଇ ଦେଇଛନ୍ତି ଠିକାଦାର। ଲୋକେ ଦିନରେ ଚଳିଯାଉଥିବାବେଳେ ରାତିରେ ଦୁର୍ଦ୍ଦଶା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଓଳାଭରରେ ଏବେ ଯାତ୍ରା ଚାଲିଥିବାବେଳେ ହାଟସାହି ଅଞ୍ଚଳରୁ ଆସୁଥିବା ଲୋକେ ଏହି ରାସ୍ତା ପାର୍ଶ୍ୱ ଗାତରେ ପଡ଼ି ଆହତ ହେଉଛନ୍ତି। ସାଟି ସ୍କିମରେ ରାସ୍ତାକୁ ୫.୫ ମିଟର ଚଉଡା କରିବା ପାଇଁ ଗ୍ରାମ୍ୟ ନିର୍ମାଣ ବିଭାଗର କନିକା ଉପଖଣ୍ଡରେ ଅତି ଧିମା ଗତିରେ ଚାଲୁଥିବା ଏହି କାମ ଦେଖିବାକୁ ବିଭାଗୀୟ ଜେଇ ଯାଉ ନ ଥିବା ଅଭିଯୋଗ ହୋଇଛି। କନିକା ଗ୍ରାମ୍ୟ ନିର୍ମାଣ ଉପଖଣ୍ଡର ସେକ୍ସନ-୧ ଜେଇଙ୍କ ଦାୟିତ୍ୱ ଓ ତଦାରଖରେ ସିହୋପଡ଼ାଠାରୁ ହାଟସାହି ରାସ୍ତାରେ ଚାଲୁଥିବ ଏହି କାମ ଏବେ ମରଣଯନ୍ତା ପାଲଟିଛି। ଏ ସମ୍ପର୍କରେ ବିଭାଗୀୟ ଜେଇଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇନାହିଁ। କେନ୍ଦ୍ରାପଡ଼ା ବିଭାଗୀୟ କର୍ତ୍ତୃପକ୍ଷ ଏ ନେଇ ତୁରନ୍ତ ପଦକ୍ଷେପ ନେବା ସହ ଠିକାଦାରଙ୍କ ଦ୍ୱାରା ତୁରନ୍ତ ସାଇଡ ବ୍ୟାରିଅର ଲଗାଇ ଧନଜୀବନ କ୍ଷୟକ୍ଷତି ରୋକିବାକୁ ସାଧାରଣରେ ଦାବି ହୋଇଛି।



### ରାଜକନିକା କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

## କଟକ କ୍ରୀଡ଼ା ଛାତ୍ରାବାସକୁ ହରାଇ ଫାଇନାଲ୍‌ରେ ପପୁଲାର କ୍ଲବ୍

ରାଜକନିକା, ୯।୧୧(ସମିସ): ରାଜକନିକା ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୪୩ତମ ରାଜକନିକା କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ଖେଳରେ ପପୁଲାର କ୍ଲବ୍ ଢେଙ୍କାନାଳ କଟକ କ୍ରୀଡ଼ା ଛାତ୍ରାବାସକୁ ଭେଟିଥିଲା। ଏଥିରେ ପପୁଲାର କ୍ଲବ୍ ୧-୦ ଗୋଲରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି।

ଏହି ଖେଳରେ ମୁଖ୍ୟଅତିଥି ଭାବେ କଂଗ୍ରେସ ନେତା ଇଂ.ସିଦ୍ଧାର୍ଥ ସ୍ୱରୂପ ଦାସ, ସ୍ୱତନ୍ତ୍ର ଅତିଥି ଭାବେ ରାଜ୍ୟ ଦନ୍ତ ପରିଷଦର ସଭାପତି ଡାକ୍ତର ଆଶିଷ କୁମାର ବାରିକ ଓ ଇଂ. ପ୍ରମୋଦ କୁମାର ସିଂଙ୍କ ସହ ସମ୍ମାନିତ ଅତିଥି ଭାବେ ପିସିସି ସଭ୍ୟ ହେମନ୍ତ କୁମାର ବିଶ୍ୱାଳ, ସମାଜସେବୀ ଇଂ. ସତ୍ୟବ୍ରତ ବିଶ୍ୱାଳ, ଅକ୍ସଫୋର୍ଡ ଇଂଲିଶ ମିଡିୟମ ସ୍କୁଲ ଅଧ୍ୟକ୍ଷା ମିସ ଡଲି, ଅବନ୍ତୀ ଭୂଷଣ ମହଲା ଓ ଶରତ କୁମାର ରାଉତ ପ୍ରମୁଖ ଯୋଗଦେଇ ବିଜୟୀ ଦଳ ଗୋଲକିପର ମୁନଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଏହି ଖେଳକୁ ପରଲୋକଗତ ପ୍ରେମଲତା ସିଂ ଓ ଅନିରୁଦ୍ଧ ମହଲାଙ୍କୁ ସମର୍ପିତ କରାଯାଇଥିଲା। ଏ ଅବସରରେ ଅନୁଷ୍ଠାନର ସଭାପତି ଦୋଳଗୋବିନ୍ଦ ନାୟକ, ସାଧାରଣ ସମ୍ପାଦକ ଅଜୟ ନାୟକ, ଉପସଭାପତି ସଞ୍ଜୟ ଚନ୍ଦ୍ର ଦାସ, ପ୍ରାଣବନ୍ଧୁ ରାଉତ, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ନାୟକ, ମିଡ଼ିଆ ସେଲ ସମ୍ପାଦକ ଅଜୟ ରାଉତ, ଉପଦେଷ୍ଟା ସଦସ୍ୟ ବିସିକେଶନ ଦାସ ଓ ଆଦିକନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶଶୀକାନ୍ତ ଦସିଆ, ସୁବ୍ରତ ପୁରୋହିତ, ଜାଗି ପୁଲିଆ ଓ ଶରତ ଜେନା ଖେଳ ପରିଚାଳନା କରିଥିଲେ। ବାସୁଦେବ ବେହେରା, ପର୍ଶୁରାମ ସାହୁ, ବିଜୟ ଭୂୟାଁ, ପ୍ରହଲ୍ଲାଦ ଜେନା, ପ୍ରଶାନ୍ତ ସାହୁ, ପ୍ରକାଶ ସେନାପତି, ବେଣୁଧର ପରିଡ଼ା, ମନୋଜ ସେନାପତି, ଅମିତାଭ କରଣ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଫାଇନାଲ ଖେଳ ପପୁଲାର କ୍ଲବ୍ ଢେଙ୍କାନାଳ ଓ କିଶୋର କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ।



## ବାପାଙ୍କ ଶୁଦ୍ଧିକ୍ରିୟା ପାଇଁ ନାହିଁ ଅର୍ଥ; ସହାୟତା ନିବେଦନ

ଗରଦପୁର, ୯।୧୧(ସମିସ): ବାପାଙ୍କ ମୃତ୍ୟୁ ପରେ ଶୁଦ୍ଧିକ୍ରିୟା ପାଇଁ ଅର୍ଥ ନାହିଁ। ପ୍ରଥମେ ମାଆ ଏବେ ଗତ ରବିବାର ବାପାଙ୍କ ମୃତ୍ୟୁ ହୋଇଛି। ରବିବାର ଅରୂପାନନ୍ଦ ନାୟକ ମଜୁରି ଲାଗି ଫେରୁଥିବାବେଳେ ନରେନ୍ଦ୍ରପୁରର ସେରପୁର ଅଞ୍ଚଳରେ ଏକ ନାଳରେ ବୁଡ଼ିଯାଇଥିଲେ। ନାଳରେ ଗଣ୍ଡ ଥିବାରୁ ଖୋଜି ଖୋଜି କେହି ପାଇ ନ ଥିଲେ। ସୋମବାର ନାଳ କୂଳରେ ତାଙ୍କ ଚପଲ, ଜରିରେ କିଛି ଖାଦ୍ୟ ଓ ଗାମୁଛା ମିଳିଥିଲା। ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପୁଲିସ ନାଳରେ ଖୋଜାଖୋଜି ମୃତଦେହ ଉଦ୍ଧାର କରିଥିଲା। ଏହାପରେ ପରିବାରରେ ଦୁଃଖର ଛାୟା ଖେଳିଯାଇଥିଲା। ଘରର ଆର୍ଥିକ ଅବସ୍ଥା ଠିକ ନାହିଁ। ଭଙ୍ଗା ଘରେ ପଡ଼ିରହିଛନ୍ତି। ଶୁଦ୍ଧିକ୍ରିୟା ପାଇଁ ଅର୍ଥ ନ ଥିବାରୁ ପୁଅ ଅଶୋକ ଗଣମାଧ୍ୟମରେ ଜନସାଧାରଣଙ୍କୁ ସହାୟତା କରିବାକୁ ନିବେଦନ କରିଛନ୍ତି। ଆମେ କହୁଛୁ ଗରଦପୁର ବ୍ଲକ ଅଧୀନ ବ୍ରହ୍ମପୁର ଗ୍ରାମର କଥା।

ବ୍ରହ୍ମପୁର ଗ୍ରାମରେ ୫୬ ବର୍ଷୀୟ ଅରୂପାନନ୍ଦ ନାୟକ ରୁହନ୍ତି। ତାଙ୍କ ପୁଅ ଅଶୋକ କୁମାର ନାୟକ, ବୋହୂ ଇତିଶ୍ରୀ ନାୟକ ଓ ନାତିନାତୁଣୀ ସହିତ ହସଖୁସି ଚଳିଆସୁଥିଲେ। ରବିବାର ଅରୂପାନନ୍ଦ ବୁଡ଼ି ମୃତ୍ୟୁବରଣ କରିବା ପରେ ପୁଅ ଅଶୋକ ଏବେ ବେସାହାରା ହୋଇପଡ଼ିଛନ୍ତି। ଶୁଦ୍ଧିକ୍ରିୟା ପାଇଁ ଅର୍ଥ ନାହିଁ। ସାହାଯ୍ୟ କରିବାକୁ ପୁଅ ଅଶୋକ ନିବେଦନ କରିଛନ୍ତି। ଅଶୋକ ମଜୁରି ଲାଗନ୍ତି। କେଉଁଦିନ କାମ ମିଳିଲେ ପରିବାର ଚାଳେ, ନ ହେଲେ ଦୁଃଖକଷ୍ଟରେ ରହିବାକୁ ବାଧ୍ୟ। ଭଙ୍ଗା କୁଡ଼ିଆରେ ୬ ବର୍ଷୀୟ ପୁଅ ଓ ୧୨ ବର୍ଷର ଝିଅକୁ ନେଇ ଅଶୋକ ରହୁଛନ୍ତି। ମାଟି ଘର ଭାଙ୍ଗିଯାଇଥିବାରୁ ଚିରାପାଲ ଖଣ୍ଡେ ପଡ଼ିଛି। ବାପା ଆରୁପନନ୍ଦଙ୍କ ମୃତ୍ୟୁର ୮ ଦିନ ହୋଇଛି। ପୁଷ୍କରା ଲାଗିଥିବାରୁ ବିଭିନ୍ନ ପୂଜା କରିବାକୁ ୨୦ ହଜାର ଟଙ୍କା ଖର୍ଚ୍ଚ ହେବ। ଏହାଛଡ଼ା ଦଶରେ କର୍ମକାଣ୍ଡ, ଏଗାରରେ ବ୍ରାହ୍ମଣ ଭୋଜନ ଓ ୧୨ରେ ଭାଇଭୋଜି ଭଳି ପ୍ରଥା ରହିଥିବାବେଳେ ଅଶୋକ ଏବେ ଅସମର୍ଥ। ଜିଲ୍ଲା ପ୍ରଶାସନ କିମ୍ବା କେହି ବଦାନ୍ୟ ବ୍ୟକ୍ତି ସହଯୋଗର ହାତ ବଢ଼ାଇଲେ, ଏସବୁ କର୍ମ ହୋଇପାରିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରେଡକ୍ରସ ପାଣ୍ଠିରୁ ଏହି ପରିବାରକୁ ଶୁଦ୍ଧିକ୍ରିୟା ପାଇଁ ଅର୍ଥ ପ୍ରଦାନ କରିବାକୁ ଦାବି ହୋଇଛି। ଏହାଛଡ଼ା ଏହି ପରିବାରକୁ କିପରି ରୋଜଗାର ଯୋଗାଇ ଦିଆଯିବ, ସେଥିପାଇଁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯାଇଛି।



## ରାସ୍ତା ନିର୍ମାଣ ପାଇଁ ବାଧକ ସାଜିଛି ବିଦ୍ୟୁତ ତାର

**ଶଗଡ଼ା, ୯ ।୧୧(ସମିସ):** ରାସ୍ତା ନିର୍ମାଣରେ ବାଧକ ସାଜିଛି ବିଦ୍ୟୁତ୍ ତାର। ଏପରି ଏକ ସମସ୍ୟା ଦେଖିବାକୁ ମିଳିଛି କଣ୍ଟାମାଳ ବ୍ଲକ ପଲସାଗୋରାରେ। ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଯାମୁମାଳ ଗାଁର ଦୁଇ ପାର୍ଶ୍ୱରେ ଯାଇଥିବା ବିଦ୍ୟୁତ୍ ତାର ରାସ୍ତା ନିର୍ମାଣରେ ବାଧକ ସାଜିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ପଲସାଗୋରା ହାଇସ୍କୁଲ ଛକଠାରୁ ଗବଯୋର ପର୍ଯ୍ୟନ୍ତ ଦୀର୍ଘ ୮ କିଲୋମିଟର ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଜାମୁମାଳ ଗାଁ ନିକଟରେ ଏକ ଟ୍ରାନ୍ସଫର୍ମରରୁ ଗାଁ ଭିତରକୁ ଯାଇଥିବା ବିଦ୍ୟୁତ ତାରଟି ନିର୍ମାଣ କାର୍ଯ୍ୟରେ ବାଧକ ସାଜିଛି। ବହୁଦିନରୁ ଗାଁ ମୁଣ୍ଡରେ ଏହି ଟ୍ରାନ୍ସଫର୍ମରଟି ଅଛି। ଟ୍ରାନ୍ସଫର୍ମରଟିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଗ୍ରାମବାସୀ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଗ୍ରାମବାସୀଙ୍କ ଅଭିଯୋଗକୁ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ତେବେ ଉକ୍ତ ରାସ୍ତା ନିର୍ମାଣ ସମୟରେ ବିଦ୍ୟୁତ ତାର ବାଧକ ସାଜିଥିବା ବେଳେ ଆଗାମୀ ୨ ଦିନ ମଧ୍ୟରେ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରା ନ ଗଲେ ଗ୍ରାମବାସୀ ରାସ୍ତାରୋକ କରିବାକୁ ଚେତାବନୀ ଦେଇଛନ୍ତି।

## ଭୋଜରାଜ ସା ଲଛିପୁରର ନୂତନ ଥାନାଧିକାରୀ



**ଲଛିପୁର, ୯।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଲଛିପୁରର ନୂତନ ଥାନାଧିକାରୀ ଭାବେ ଭୋଜରାଜ ସା ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ସୋନପୁର ଥାନାରେ କାର୍ଯ୍ୟରତ ଥିଲେ। ଲଛିପୁର ଅଞ୍ଚଳରେ ଆଇନ ଶୃଙ୍ଖଳା ବଜାୟ ରଖିବା ତାଙ୍କର ପ୍ରୟାସ ରହିବ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ଶ୍ରୀ ସା ଯୋଗଦେବା ସମୟରେ ଥାନାର ସମସ୍ତ କର୍ମଚାରୀ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଏଠାରେ ପୂର୍ବରୁ ଅବସ୍ଥାପିତ ଆଇଆଇସି ରଞ୍ଜିତ ସାହୁଙ୍କ ସୋନପୁର ଥାନାକୁ ବଦଳି ହୋଇଛି।

## ଗନ୍ଧରାଡ଼ି କଲେଜରେ ଯୁବ ରେଡ୍‌କ୍ରସ୍‌ର ପ୍ରବେଶ ଉତ୍ସବ

**ଜହ୍ନାପଙ୍କ, ୯।୧୧(ସମିସ):** ବୌଦ୍ଧ ବ୍ଲକ ଅନ୍ତର୍ଗତ ଜହ୍ନାପଙ୍କ ସ୍ଥିତ ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭା ଗୃହରେ ଯୁବ ରେଡକ୍ରସର ପ୍ରବେଶ ଉତ୍ସବ ଅଧ୍ୟକ୍ଷ ପ୍ରଭାତ କୁମାର ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ରେଡକ୍ରସର ସଂଯୋଜକ ତଥା ଅଧ୍ୟାପକ ସୁରେଶ୍ୱର ଯୋଶୀ ଯୋଗଦେଇ ରେଡକ୍ରସର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଧ୍ରୁବଚରଣ ପାଣିଗ୍ରାହୀ ଯୋଗଦେଇ ରେଡକ୍ରସରେ ସାମିଲ ହେବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଯୁବ ରେଡକ୍ରସର ପରାମର୍ଶଦାତା ତଥା ଅଧ୍ୟାପକ ଅଶୋକ କୁମାର ପାଣ୍ଡିଆ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ୫୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ

**ଶଗଡ଼ା, ୯ ।୧୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତ ପଲ୍ଲିଶ୍ରୀ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ମାସିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଙ୍ଗାଧର ଝାଙ୍କରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କଣ୍ଟାମାଳ ଗୋଷ୍ଠୀ ଶିକ୍ଷାଧିକାରୀ ସନୋଜ କୁମାର ସେଠି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାସିକ ବୈଠକ ବିଷୟରେ ବକ୍ତବ୍ୟ ରଖିଥିଲେ। ପରେ ଆର ପି ସମ୍ବିତ ମିଶ୍ର, ଆକାଶ ମେହେର ଓ ଶୁକଦେବ ପଣ୍ଡା ଯୋଗଦେଇ ଉତ୍କର୍ଷ, ଆକାଂକ୍ଷୀ, ମୁଖ୍ୟମନ୍ତ୍ରୀ ପୁରସ୍କାର, ପିଏମଶ୍ରୀ ସ୍କୁଲ, ଜାତୀୟ ଉପଲବ୍ଧି ସର୍ବେକ୍ଷଣ ବିଷୟରେ ତାଲିମ ଦେଇଥିଲେ। ବ୍ଲକର ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। ଦପଲା ପଲ୍ଲିଶ୍ରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାନଛପାପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ସୁରକ୍ଷା ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ

**ଲଛିପୁର/ସୋନପୁର, ୯।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଲଛିପୁରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର ଓ ଷ୍ଟିଚିକିଣ୍ଡରପୋଷ୍ଟଜେଲ ନେଦରଲ୍ୟାଣ୍ଡଙ୍କ ମିଳିତ ଆନୁକୂଲ୍ୟରେ କଲ୍ୟାଣମଣ୍ଡପରେ ଶିଶୁ ସୁରକ୍ଷା ସମ୍ପର୍କିତ ଏକଦିବସୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଲଛିପୁର, ରେଙ୍ଗାଲି, ଛକୋରମାଲ, ପଞ୍ଚାୟତର ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ, ଶିକ୍ଷୟିତ୍ରୀମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ତାଲିମ ଦାତା ଭାବେ ବୌଦ୍ଧ ଶିଶୁ ମଙ୍ଗଳ ସମିତିର ସଦସ୍ୟ ରାଜୀବ ନାୟକ ଯୋଗଦେଇ ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ବିଷୟରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଝରଣା ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଧନୁର୍ଦ୍ଧର ନାୟକ ଧନ୍ୟବାଦ ଦେଇଥିଲେ।

# ୧୮ ଦିନ ହେଲା ଧାରଣାରେ ଗୁରୁମା

**ଶଗଡ଼ା, ୯ ।୧୧(ସମିସ)**

କଣ୍ଟାମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜଣେ ଗୁରୁମା ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ଓ ମନମୁଖି କାର୍ଯ୍ୟକଳାପ ପ୍ରତିବାଦରେ ଶିଶୁ ମନ୍ଦିର ସମ୍ମୁଖରେ ୧୮ ଦିନ ହେବ ଧାରଣାରେ ବସିଛନ୍ତି। ଅଭିଯୋଗ ଅନୁସାରେ ଗୁରୁମା ସବିତା ଦାସ ଉକ୍ତ ଶିଶୁମନ୍ଦିରରେ ଦୀର୍ଘ ୧୮ ବର୍ଷ ହେଲା ସୁଚାରୁ ରୂପେ ଶିକ୍ଷାଦାନ କରିଆସୁଥିଲେ। ହେଲେ ଶିଶୁ ମନ୍ଦିରର ପ୍ରଧାନଆଚାର୍ଯ୍ୟ ସମ୍ପୃକ୍ତ ଗୁରୁମାଙ୍କୁ ଗତ ୨୦୨୨ ମସିହା ଅଗଷ୍ଟ ୨୬ ତାରିଖରେ ଶିକ୍ଷାଦାନ କରୁଥିବା ସମୟରେ ବାହାର କରିଦେଇଥିଲେ। ଗୁରୁମା କାରଣ ପଚାରିବାରୁ ନିଜ ପରିବାରର ଅସୁସ୍ଥତା ନେଇ ଗୁରୁମା ଅନିୟମିତ ଭାବରେ ୪୫ ଦିନ ଛୁଟି ନେଇଥିବାରୁ ତାଙ୍କୁ ବାହାର କରିଥିବା ପ୍ରଧାନ ଆଚାର୍ଯ୍ୟ କହିଥିଲେ। ହେଲେ ପରବର୍ତ୍ତୀ ସମୟରେ ପ୍ରଧାନଆଚାର୍ଯ୍ୟ ନିଜର ପୁଅର ଅସୁସ୍ଥତା ପାଇଁ ୧୫୦ ଦିନରୁ ଅଧିକ ସମୟ ଛୁଟି ନେଇଥିବା ବେଳେ ତାଙ୍କପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ବେଳେ ମୋ ପ୍ରତି ଅବିଚାର କାହିଁକି ବୋଲି ଗୁରୁମା ଓଲଟା ପ୍ରଶ୍ନ କରିଛନ୍ତି। ତାଙ୍କପ୍ରତି ଏଭଳି ଅବିଚାର କରିଥିବା ନେଇ ଗୁରୁମା ବୌଦ୍ଧ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ବେଳେ ସମ୍ଭୋଗ କାର୍ଯ୍ୟାଳୟ ବଲାଙ୍ଗିର ସହ କଣ୍ଟାମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ।




### ପଦକ୍ଷେପ ନେଉନି ପରିଚାଳନା କମିଟି

ତାଙ୍କୁ ପୁନଃ ଯୋଗଦାନ କରିବା ପାଇଁ ଅଭିଭାବକ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ବେଳେ ତାହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ କରାଯାଇନାହିଁ। ହେଲେ ଇତି ମଧ୍ୟରେ ୨ବର୍ଷ ବିତିଯାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ଏହାର କୌଣସି ସମାଧାନ କରାଯାଇନାହିଁ। ଯଦି ମୁଁ ଛୁଟି ନେବା ଭୁଲ ହୋଇଛି, ତେବେ ପ୍ରଧାନ ଆଚାର୍ଯ୍ୟଙ୍କ ବିରୁଦ୍ଧରେ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ କାହିଁକି ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି। ପ୍ରଧାନ ଆଚାର୍ଯ୍ୟ ବ୍ୟକ୍ତିଗତ ଆକ୍ରୋଶ ରଖି ଏଭଳି ପଦକ୍ଷେପ ନେଇଥିବା କହିଛନ୍ତି। ଅନ୍ୟପଟେ ତାଙ୍କୁ ବାଲିଗୁଡ଼ାକୁ ସ୍ଥାନାନ୍ତର କରିବା ପାଇଁ ଆବେଦନ କରିଥିଲେ ସୁଦ୍ଧା ତାଙ୍କୁ ସ୍ଥାନାନ୍ତର କରାଯାଇନାହିଁ। ଗୁରୁମାଙ୍କ ପ୍ରତି ହୋଇଥିବା ଅନ୍ୟାୟ, ଅତ୍ୟାଚାର, ମନମୁଖୀ କାର୍ଯ୍ୟକଳାପ ବିରୁଦ୍ଧରେ ପ୍ରତିବାଦ କରି ଆଜି କଣ୍ଟାମାଳ ଶିଶୁମନ୍ଦିର ସମ୍ମୁଖରେ ୧୮ ଦିନ ହେବ ଧାରଣାରେ ବସିଛନ୍ତି। ନିଜର ଅଧିକାର ଫେରିପାଇବା ସହ ହୋଇଥିବା ଅନ୍ୟାୟ, ଅତ୍ୟାଚାରର ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଗୁରୁମା କହିଛନ୍ତି। ତେବେ ଦୀର୍ଘ ୧୮ ଦିନ ହେବ ଗୁରୁମା ଧାରଣାରେ ବସିଥିଲେ ସୁଦ୍ଧା ପ୍ରଧାନଆଚାର୍ଯ୍ୟ କି ପରିଚାଳନା କମିଟି ଅଥବା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଦୁର୍ଭାଗ୍ୟର କଥା ବୋଲି ସାଧାରଣରେ ଆଲୋଚନା ହେଉଛି।

## ଜାତୀୟ ଆଇନ ସେବା ଦିବସ ପାଳିତ

**ବୌଦ୍ଧ, ୯।୧୧(ସମିସ):** ବୌଦ୍ଧ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରତାପ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତ ଅନ୍ତର୍ଗତ ସାନ ଗୋଛାପଡ଼ା ଠାରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ପଦଯାତ୍ରା ମେଣ୍ଢାମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରୁ ବାହାରି ସାନଗୋଛାପଡ଼ା ଗାଁରେ ପହଞ୍ଚିଥିଲା। ଶୋଭାଯାତ୍ରାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶାଶ୍ୱତୀ ମିଶ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରାରେ ଆଇନ ସଚେତନତା ସମ୍ବନ୍ଧୀୟ ସ୍ଲୋଗାନ ଦେଇ ଛାତ୍ରଛାତ୍ରୀମାନେ ସାଧାରଣ ଜନତାଙ୍କୁ ସଚେତନ କରିଥିଲେ। ଗରିବ, ଅସହାୟ ଲୋକ ସଚେତନତା ଅଭାବରୁ ଆଇନ ଉପରେ ଜ୍ଞାନ ନଥିବାରୁ ସେମାନେ ଅଯଥା ଖର୍ଚ୍ଚାନ୍ତ ହୋଇ ନ୍ୟାୟ ପାଉ ନଥିବା ବେଳେ ସେମାନେ କିପରି ମାଗଣାରେ ଆଇନସେବା ପାଇପାରିବେ ସେ ଉଦ୍ଦେଶ୍ୟରେ ଜାତୀୟ ଆଇନସେବା ଦିବସ ଅବସରରେ ଲୋକଙ୍କୁ ସଚେତନ କରାଯାଇଥିଲା। ସେହିପରି କୋର୍ଟ କଚେରିରେ ମକଦ୍ଦମା ଲଢ଼ିବା ପାଇଁ ଓକିଲ ଯୋଗାଇଦେବା, କୋର୍ଟ କେସ କରିବା ପୂର୍ବରୁ ଆପୋସ ବୁଝାମଣା କରି ଗଣ୍ଡଗୋଳର ସମାଧାନ କରିବା, ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାର ଲାଭ ପାଇବାରେ କୌଣସି ସରକାରୀ କାର୍ଯ୍ୟାଳୟରେ ଆବେଦନ କିମ୍ବା ଅଭିଯୋଗ ଦାଖଲ କରିବା ଇତ୍ୟାଦିରେ ଆଇନଗତ ସାହାଯ୍ୟ କିମ୍ବା ପରାମର୍ଶ ପାଇବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣର ଭୂମିକା ସମ୍ବନ୍ଧରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ସରକାରୀ ଉଚ୍ଚ ବିଦ୍ୟାଳୟ, ମେଣ୍ଢିମାଳର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିବା ବେଳେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ।

### ପୁଇଁତଲା ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

## 'ବିଜ୍ଞାନ ହେଉଛି ଆଜିର ସମାଜର ପ୍ରଗତିଶୀଳ ପଥ'

**ବଲାଙ୍ଗିର/ପୁଇଁନ୍ତଲା, ୯ ।୧୧(ସମିସ):** ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଅଏଁଲାସାରି ଠାରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ସୁନା ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବ୍ଲକ ଆବାହକ ପର୍ଶୁରାମ ସାହୁ, ବ୍ଲକ ସଂଯୋଜକ ଜୟକୃଷ୍ଣ ନାଏକ, ପ୍ରଧାନଶିକ୍ଷକ ବୁଡୁ ପଧାନ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ବିଜ୍ଞାନ ମେଳାରେ ୧୯୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବକୀ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଶିବଦତ୍ତମିଶ୍ର ସମ୍ମାନିତ ଅତିଥି, ପ୍ରଧାନଶିକ୍ଷକ ନୀଳମଣି ପଟେଲ, ଦିଲିପ ଯୋଶୀ, ଏବିଇଓ ନୀଳମଣି ପଣ୍ଡା, ଲଛମନ ପଧାନ, ଗୋପାଲ ବୁଡେକ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ଶ୍ରୀମତୀ ସାହୁ ନିଜ ବକ୍ତବ୍ୟରେ ବିଜ୍ଞାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ବିଜ୍ଞାନ ହେଉଛି ଆଜିର ସମାଜର ପ୍ରଗତିଶୀଳ ପଥ। ସମ୍ମାନିତ ଅତିଥି ଶ୍ରୀ ମିଶ୍ର ବିଶ୍ୱର ପ୍ରତିଟି କ୍ଷେତ୍ରରେ ବିଜ୍ଞାନର ଉପଯୋଗ ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ବିଜ୍ଞାନ ମେଳାରେ ଶ୍ରେଷ୍ଠ ୭ଟି ପ୍ରକଳ୍ପକୁ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଯୋଗ ଦେବାକୁ ଘୋଷଣା କରାଯାଇଥିଲା। ବନ୍ଧପଡ଼ା ହାଇସ୍କୁଲ ଛାତ୍ରୀ ସୁଶୀଳା ନାଏକ, ଛତାପିପଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶ୍ରୁତିସ୍ମିତା ବରିହା, ବୁବେଲ ହାଇସ୍କୁଲ ଛାତ୍ରୀ ସୁଶ୍ରୀତା ସାଏ, ବହଲପଦର ହାଇସ୍କୁଲ ଛାତ୍ରୀ ପୂଜାରାଣୀ ସେଠ, ବୁବେଲ ହାଇସ୍କୁଲ ଛାତ୍ର ରାକେଶ ରଣା, ମହୀମୁଣ୍ଡା ହାଇସ୍କୁଲ ଛାତ୍ର ପ୍ରଦୀପ ରଞ୍ଜନ ସାହୁ, ଜାମଗାଁ ହାଇସ୍କୁଲ ଛାତ୍ରୀ ଅର୍ଚ୍ଚିତା ଡାଙ୍ଗ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଥିଲେ। ବିଚାରକ ଭାବେ ରାଜ କିଶୋର ମିଶ୍ର ଓ ସୁବ୍ରତ ବାବୁ ଯୋଗ ଦେଇଥିଲେ। ପ୍ରଥମ ଓ ଦ୍ୱିତୀୟ ଅଧିବେଶନର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ନାରାୟଣ ମିଶ୍ର, ଶୈଳେନ୍ଦ୍ରୀ ପରିଡ଼ା ଓ ଅଳକା ଦାଶ। ଧନ୍ୟବାଦ ଦେଇଥିଲେ ପ୍ରଧାନ ଶିକ୍ଷକ ବୁଡୁ ପଧାନ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସିଆରସିସି ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

## ପାଟଣାଗଡ଼ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ପାଟଣାଗଡ଼, ୯ ।୧୧(ସମିସ):** ସ୍ଥାନୀୟ ରମାଇ ହାଇସ୍କୁଲ ଖେଳ ପଡ଼ିଆରେ ପାଟଣାଗଡ଼ ଶିଶୁମନ୍ଦିରର ଦୁଇ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ପାଟଣାଗଡ଼ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ ଭୁକ୍ତା ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୁଝାରୀ, ସମ୍ମାନିତ ଅତିଥି ଭାବରେ ସ୍କୁଲ ପରିଚାଳନା କମିଟି ସମ୍ପାଦକ ଡମ୍ବରୁଧର ପାଣିଗ୍ରାହୀ ଯୋଗଦେଇଥିଲେ। ଶିଶୁମନ୍ଦିରର ଶିକ୍ଷକ ତଥା କ୍ରୀଡ଼ା ସଂଯୋଜକ ସମୀର କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଦୌଡ଼, ଲଙ୍ଗ ଜମ୍ପ, ହାଇ ଜମ୍ପ, ସଟପୁଟ, ଥାଳିଆଫିଙ୍କା, ବାଧା ଦୌଡ଼, ଜାଭଲିନ ଥ୍ରୋ ସହ ଅନ୍ୟାନ୍ୟ ପ୍ରତିଯୋଗିତା ହୋଇଥିଲା। ପରେ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ଶ୍ରୀ ପୁଝାରୀ ପୁରସ୍କୃତ କରିଥିଲେ।

## ଗୋପାଷ୍ଟମୀ ଉତ୍ସବ ପାଳିତ

**ଶଗଡ଼ା, ୯ ।୧୧(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ଖଲିଆପାଲି ପଞ୍ଚାୟତ ଅନ୍ତର୍ଗତ ବୁଢ଼ୀକନ ସ୍ଥିତ ମାଁ ମାହେଶ୍ୱରୀ ପୀଠ ଠାରେ ଗୋପାଷ୍ଟମୀ ପର୍ବ ପାଳିତ ହୋଇଯାଇଛି। ଶ୍ରୀକୃଷ୍ଣଙ୍କ ଫଟୋଚିତ୍ରରେ ପ୍ରଥମେ ଦୀପ ପ୍ରଜ୍ୱଳନ ସହ ପୁଷ୍ପ ଅର୍ପଣ କରି କାର୍ଯ୍ୟକ୍ରମର ଆରମ୍ଭ କରାଯାଇଥିଲା। ପ୍ରଥମେ ସାଧୁସନ୍ଥ ଓ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ବିଧି ପୂର୍ବକ ଗୋପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂଜ୍ୟସନ୍ଥ ଆଦିତ୍ୟ ବ୍ରହ୍ମଚାରୀ ଗୋମାତା ବିଶ୍ୱ କଲ୍ୟାଣ ପାଇଁ ଗାଈକୁ ରାଷ୍ଟ୍ରମାତା ରୂପେ ଘୋଷଣା କରିବା ପାଇଁ ମତବ୍ୟକ୍ତ କରିଥିଲେ। ସନ୍ଥ ଅଯୋଧ୍ୟା ଦାସ ମହାରାଜଜୀ , ପଶ୍ଚିମ ଓଡ଼ିଶା ଗୋ ସଂଯୋଜକ ଲକ୍ଷ୍ମଣ ନାଏକ ଯୋଗଦେଇ ଗୋ ଆଧାରିତ କୃଷି କରି ସ୍ୱାବଲମ୍ବୀ ହେବା ପାଇଁ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଜିଲ୍ଲା କାର୍ଯ୍ୟନିର୍ବାହୀ ଇନ୍ଦୁ ଭୂଷଣ ମହାକୁଡ଼ଙ୍କ ସଂଯୋଜନାରେ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ରୁଦ୍ରାଶିଷ ସେଠୀ ଯୋଗ ଦେଇ ସରକାରୀ ସହାୟତାରେ କିପରି ଲାଭବାନ ହୋଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବସନ୍ତ ମିଶ୍ର, ଶମ୍ଭୁ ଖମାରୀ, ଦିଲ୍ଲୀପ ମେହେର, ଅନୁରୋଧ ଦେହୁରୀ, ସନ୍ତୋଷ ଦେହୁରୀ, ଶ୍ରୀଧର ଦେହୁରୀ, ନଟବର ଦେହୁରୀ, ସଦାଶିବ ଦେହୁରୀ, ଛବିଳ ଦେହୁରୀ, ସୁବଳ ଦେହୁରୀ, ଦତ୍ତ ଥାଟିଙ୍କ ସମେତ ବୁଢ଼ୀକନ ଗ୍ରାମବାସୀ ପ୍ରମୁଖ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ପ୍ରଖଣ୍ଡ ସଭାପତି କରୁଣାକର ଘଣ୍ଟୁଆଳ ଏକ କୃଷକ ବଜାର କରିବା ଉପରେ ମତ ରଖିବା ସହ ଧନ୍ୟବାଦ ଦେଇଥିଲେ।

## ବିଧାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



**ସୋନପୁର, ୯।୧୧(ସମିସ):** ସୋନପୁରର ପୂର୍ବତନ ବିଧାୟକ ଯୁଗଜନ୍ମା ମଣିଷ କୁନ୍ଦୁରୁ କୁଶଳଙ୍କ ୧୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତ କୁନ୍ଦୁରୁଙ୍କ ସ୍ମୃତିଚାରଣ କରି ସୋନପୁରର ମାଟି ପାଣି, ପବନକୁ ସେ ଅତ୍ୟଧିକ ଭଲ ପାଉଥିବା ଜଣେ ନିଚ୍ଛକ ମଣିଷ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସ୍ୱର୍ଗତ କୁଶଳ ତାଙ୍କର ବିଧାୟକ ଥିବା ସମୟରେ ସୁବର୍ଣ୍ଣପୁର ଜିଲ୍ଲା ଗଠନ, ମହାନଦୀ ବ୍ରିଜ ନିର୍ମାଣ ଆଦିରେ ତାଙ୍କର ବିଶେଷ ଅବଦାନ ରହିଥିଲା। ସେ ଥିଲେ ଜଣେ ଖଟିଖିଆ, ଅଭାବୀ ମଣିଷର ଦରଦି ବନ୍ଧୁ। ସମାଜର ନିମ୍ନ ବର୍ଗର ଲୋକଙ୍କ ସାମଗ୍ରିକ ବିକାଶ ପାଇଁ ସେ ସଦା ତତ୍ପର ଥିଲେ। ତାଙ୍କର ଶ୍ରାଦ୍ଧବାର୍ଷିକୀ ଅବସରରେ ସକାଳେ ମହାନଦୀ ବ୍ରୀଜ୍‌ରୁ କୁଞ୍ଜ ଛକ ପର୍ଯ୍ୟନ୍ତ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। କୁଞ୍ଜଛକରେ ସ୍ୱର୍ଗତ କୁଶଳଙ୍କ ପ୍ରତିମୂର୍ତ୍ତୀରେ ଅତିଥିଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପଏଁରୀ ଅନୁଷ୍ଠାନର ସମ୍ପାଦକ ଚୌଧୁରୀ ବିଭାରଙ୍କ ସ୍ୱାଗତ ଅଭିଭାଷଣ ପରେ କୋଶଳ ହାଇସ୍କୁଲର ପ୍ରଧାନଶିକ୍ଷକ ପରମା ନାଏକଙ୍କ ସଂଯୋଜନାରେ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଅତିଥି ଭାବରେ ସୋନପୁରର ପୂର୍ବତନ ନଗରପାଳ କଇରୁ ସ୍ୱାଇଁ, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ସଂସ୍କୃତି ଗବେଷକ ଗଦାଧର ବାରିକ, ପ୍ରଫେସର ନିଳାମ୍ବର ଶତପଥି, ସାମ୍ବାଦିକ ଦିଲ୍ଲୀପ ପାତ୍ର ଓ ସମାଜସେବୀ ଗୋପାଳ ନେଗୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନେତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ଗଠନରେ ତାଙ୍କ ଭୂମିକା ସମ୍ପର୍କରେ ସ୍କୁଲ ପିଲାମାନଙ୍କୁ ନେଇ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ସାହାରା ଟ୍ରଷ୍ଟ ହାଇସ୍କୁଲର ପ୍ରିୟଙ୍କା ପ୍ରଧାନ, ସୁକାନ୍ତି ସ୍କୁଲର ପ୍ରିତୀଶ ନାୟକ, କୋଶଳ ହାଇସ୍କୁଲର ହିତେଶ ରଣା ପୁରସ୍କୃତ ହୋଇଥିଲେ। ସେହିପରି ସଙ୍ଗୀତରେ ସାହାରା ଟ୍ରଷ୍ଟ ହାଇସ୍କୁଲର ଅନ୍ୱେଷା ବଡ଼ପଣ୍ଡା, କୋଶଳ ହାଇସ୍କୁଲର ସୁଚିସ୍ମିତା ମେହେର ଓ ସାହାରା ଟ୍ରଷ୍ଟ ହାଇସ୍କୁଲର ସଙ୍ଗୀତା ମହାକୁଡ଼ ପୁରସ୍କୃତ ହୋଇଥିଲେ। ମାରାଥନ୍ ରେସରେ ଜୁନେଶ ନନ୍ଦ, ଶରତ ପଧାନ ଓ ସୁନୀଲ ମହାକୁଡ଼ କୃତକାର୍ଯ୍ୟ ହୋଇଥିଲେ।

### ପୁରୁଣା କଟକ ଶିଶୁମନ୍ଦିରରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

## ବିଭିନ୍ନ ପ୍ରତିଯୋଗିତାରେ ଭାଗନେବେ ୫୫୦ ଶିଶୁ କ୍ରୀଡ଼ାବିତ୍

**ହରଭଙ୍ଗା, ୯।୧୧(ସମିସ)** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପୁରୁଣା କଟକର ୨୪ତମ ବାର୍ଷିକ କ୍ରୀଡ଼ା ସମାରୋହ ଅନୁଷ୍ଠାନର ସଭାପତି ଡ଼ଃ ପ୍ରମୋଦ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉଦ୍ଘାଟିତ ହୋଇଯାଇଛି। ଏହି ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁରେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୁରୁଣା କଟକ ଗ୍ରାମ ପଞ୍ଚାୟତର ସରପଞ୍ଚ ଅଶୋକ କୁମାର ସେଠୀ ଯୋଗଦେଇ ଶିଶୁଙ୍କୁ କ୍ରୀଡ଼ାର ଆବଶ୍ୟକତା ଉପରେ ମାର୍ଗଦର୍ଶନ କରାଇଥିଲେ। ବିଦ୍ୟାଳୟର ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ କ୍ରୀଡ଼ାରେ ଶୃଙ୍ଖଳାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମକଦ୍ଦମ ମହାରଣାଙ୍କ ସଂଯୋଜନାରେ ଉଦ୍ଘାଟନ ଉତ୍ସବର ସମସ୍ତ ବିଧିପାଳନ କରାଯାଇ କ୍ରୀଡ଼ାର ଉଦଘାଟନ ଘୋଷଣା କରାଯାଇଥିଲା। ବିଦ୍ୟାଳୟର କ୍ରୀଡ଼ା ପ୍ରମୁଖ ପ୍ରଭାତ କୁମାର ବାରିକ ଉଦ୍ଘାଟନ ଉତ୍ସବର ସମସ୍ତ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଥିଲେ। ଏହି ସମାରୋହରେ ୫୫୦ ଜଣ ଶିଶୁ କ୍ରୀଡାବିତ୍ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଶପଥ ନେଇଥିଲେ। ସମସ୍ତ ଗୁରୁଜୀ ଓ ଗୁରୁମା ତଥା ସେବକ ସେବିକାଙ୍କ ପୂର୍ଣ୍ଣ ସହଯୋଗରେ କ୍ରୀଡ଼ା ସମାରୋହ ଅତିଆକର୍ଷଣୀୟ ଢ଼ଙ୍ଗରେ ଆଗକୁ ବଢ଼ିଥିଲା। ବିଦ୍ୟାଳୟର ସହ ପ୍ରଧାନଆଚାର୍ଯ୍ୟ ସୁରେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଆନ୍ତଃକ୍ଲବ୍ ସିନିଅର କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ୬୯ ରନ୍‌ରେ ବିଜୟୀ

**ବୌଦ୍ଧ, ୯ ।୧୧(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ ଦ୍ୱାରା ପ୍ରାୟୋଜିତ ଏବଂ ଜିଲ୍ଲା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ଚାଲିଥିବା ଆନ୍ତଃକ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଅଷ୍ଟମ ଦିନରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ଓ ଗେହ୍ଲାମା କ୍ଲବ ବୌଦ୍ଧ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ୬୯ ରନ୍ରେ ବିଜୟୀ ହୋଇଛି। ଗେହ୍ଲାମା କ୍ଲବ ପ୍ରଥମେ ଟସ୍ ଜିଣି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ଇନିସରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ୪୦ ଓଭରରେ ସମସ୍ତ ୱିକେଟ ହରାଇ ୨୧୨ ରନ୍ କରିଥିଲା। ଦଳ ତରଫରୁ ସୌରଭ କନୌଜିଆ ୩୮ ବଲ୍ରୁ ୫୨ରନ୍, ଆଶିଷ ମଲ୍ଲିକ ୩୬ ବଲ୍ରୁ ୩୯ ରନ୍ ଓ ତୁଷାର ୫୭ ବଲ୍ରୁ ୩୮ ସଂଗ୍ରହ କରିଥିଲେ। ଗେହ୍ଲାମା କ୍ଲବର ତାପସ ପଣ୍ଡା ଓ କୈଳାସ ମହାନନ୍ଦିଆ ଉଭୟ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଦ୍ୱିତୀୟ ଇନିସରେ ଗେହ୍ଲାମା କ୍ଲବ ବୌଦ୍ଧ ୨୧୩ ରନ୍ର ପିଛାକରି ୩୧.୨ ଓଭରରେ ସମସ୍ତ ୱିକେଟ ହରାଇ ୧୪୩ ରନ୍ କରିପାରିଥିଲା। ଫଳରେ ୬୯ ରନ୍ରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବିଜୟୀ ହୋଇଥିଲା। ଦଳ ତରଫରୁ ତୀର୍ଥାନନ୍ଦ ମହାପାତ୍ର ୨୧ ବଲ୍ରୁ ୩୧ ରନ୍, ପ୍ରକାଶ ଝା ୪୨ ବଲ୍ରୁ ୨୭ ରନ୍, ସ୍ୱାଗତ ୩୪ ବଲ୍ରୁ ୨୩ ରନ୍ କରିଥିଲେ। ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ଦଳର ମନୋଜ ନାୟକ ୪ଟି, ଶୋଭନ ଦେବ ୩ଟି ଓ ରଜନୀଶ ଯାଦବ ୨ଟି ୱିକେଟ ନେଇଥିଲେ। ଆଜିର ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ଭାବେ ମନୋଜ କୁମାର ନାୟକ ପୁରସ୍କୃତ ହୋଇଥିଲେ। ଅମ୍ପାୟାର ଭାବେ ଆଜିର ମ୍ୟାଚକୁ ବିଶ୍ୱଜିତ ପ୍ରଧାନ ଓ ଆଶୁତୋଷ ଦାଶ ପରିଚାଳନା କରିଥିବା ବେଳେ ସ୍କୋରର ଦାୟିତ୍ୱ ସ୍ୱାଗତ ଦେହୁରୀ ତୁଲାଇଥିଲେ।

### ■ ରାଜ୍ୟସ୍ତରୀୟ ମା' ମାୟାବର୍ହା କଳାସୀ କପ୍ କ୍ରିକେଟ

## ସେମିଫାଇନାଲରେ ଏମ୍‌ୟୁସିସି ସମ୍ବଲପୁର

**ଲଛିପୁର, ୯।୧୧(ସମିସ):** ସୋନପୁର ବ୍ଲକ ମୟୂରଉଡ଼ାଣ ପଞ୍ଚାୟତ ରୁଗୁଡ଼ିପାଲି ଖେଳପଡ଼ିଆରେ ନବମ ରାଜ୍ୟସ୍ତରୀୟ ମା' ମାୟାବର୍ହା କଳାସୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦଘାଟିତ ହୋଇଯାଇଛି। ଏମ୍‌ଏମ୍‌ବିସିଟି ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ମୟୁରଉଡାଣର ପୂର୍ବତନ ସରପଞ୍ଚ ଚନ୍ଦନ ନାଏକ, ଜିଲ୍ଲା ପରିଷଦ ସଭ୍ୟ ମଧୁସୂଦନ ଓତା, ଚକୋରମାଲର ପୂର୍ବତନ ସରପଞ୍ଚ ଶଙ୍କର ପ୍ରସାଦ ସା ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏମ୍‌ଏସଟି ବଲାଙ୍ଗିର ଓ ଡ୍ରିମ୍ ଇଲେଭେନ୍ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଡ୍ରିମ୍ ଇଲେଭେନ୍ ବିଜୟ ହାସଲ କରିଥିଲା। ଦ୍ୱିତିୟ ମ୍ୟାଚ ଏମୟୁସିସି ସମ୍ବଲପୁର ୟୁନିଟ ୯ ଓ ବୁମ୍‌ବୁମ ସମ୍ ଇଲେଭେନ୍(ବରଗଡ଼) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୟୁନିଟ ୯ ବିଜୟୀ ହୋଇଥିଲେ। କ୍ୱାଟର ଫାଇନାଲରେ ଏମୟୁସିସି ଓ ଡ୍ରିମ୍ ଇଲେଭେନ୍ ମୁହାଁମୁହିଁ ହୋଇଥିଲେ ଏଥିରେ ଏମୟୁସିସି ୟୁନିଟ ୯ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ବବୁଲୁ ସାହୁ, ଜ୍ଞାନ ସ୍ୱାଇଁ, ପିଣ୍ଟୁ ନାଥ ନନ୍ଦ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିବାବେଳେ ବୁଦ୍ଧଦେବ ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବେ ଗୌତମ ପଧାନ ଦାୟୀତ୍ୱ ତୁଲାଇଥିଲେ। ପରିଚାଳନାରେ ପ୍ରକାଶ ମଲ୍ଲିକ, ରାନୁ ଖାନ, କାର୍ତ୍ତିକ ବେହେରା, ପିତାମ୍ବର ଦାସ, ପୂର୍ଣ୍ଣ ପଧାନ, ଉତ୍ତମ ଝାଙ୍କର, ସନତ କର୍ଣ୍ଣଙ୍କ ସମେତ ଏମଏମବିସିଟି ସଦସ୍ୟ ସହଯୋଗ କରିଥିଲେ। ରବିବାର ଜିଏମସିସି ଢେଙ୍କାନାଳ, ଏମଏମସିସି ସମ୍ବଲପୁର, ସର୍ବୋଦୟ ୱାରିଅର ସମ୍ବଲପୁର ଓ ପାଢ଼ୀ-୧୧ ଗଞ୍ଜାମ ମଧ୍ୟରେ ଖେଳ ଅନୁଷ୍ଠିତ ହେବବୋଲି ଆୟୋଜକଙ୍କ ସୂତ୍ରରୁ ଜଣାଯାଇଛି।

### କଣ୍ଟାବାଞ୍ଜି ଏନ୍‌ଏସି ବିବାଦ ଭିତରେ ମିଥ୍ୟା ବିଲ ଘଟଣା

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଭିଯୋଗକୁ ଖଣ୍ଡନ କଲେ ନଗରପାଳ

**କଣ୍ଟାବାଞ୍ଜି, ୯ ।୧୧(ସମିସ)**

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଏନ୍‌ଏସିରେ ଅଫିସର ଓ ଜନପ୍ରତିନିଧିଙ୍କ ବିବାଦ ମଧ୍ୟ ଭିନ୍ନ ଭିନ୍ନ ଅଭିଯୋଗ ସାମ୍ନାକୁ ଆସିଥିଲା। କଣ୍ଟାବାଞ୍ଜି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିରାଜ ଶଙ୍କର ମଲ୍ଲିକ ଜନ ପ୍ରତିନିଧିଙ୍କୁ ଅସମ୍ମାନ କରିବା ସହ ମନମୁତାବକ କାମ କରୁଛନ୍ତି ଏବଂ ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ତେଣୁ ତାଙ୍କୁ ବଦଳି କରିବାକୁ ନଗରପାଳ ଓ କାଉନସିଲ ମାନେ ଦିର୍ଘ ୩ ଦିନ ଧରି ଅଫିସ ଗୃହ ସମ୍ମୁଖୀନ ଧାରଣା ଦେଇଥିବା ବେଳେ ଶୁକ୍ରବାର ପ୍ରଶାସନର ଆଲୋଚନା ପରେ ସେମାନେ ଧାରଣ ବନ୍ଦ କରିଛନ୍ତି। କିନ୍ତୁ ଏହି ସମୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିରାଜ ଶଙ୍କର ମଲ୍ଲିକ ଗଣମାଧ୍ୟମ ସମ୍ମୁଖୀନରେ ପ୍ରତିକ୍ରିୟା ଦେବା





ସମୟରେ ନଗରପାଳ ବରିୟାମ ସିଂ ସାଲୁଜାଙ୍କ ବିରୋଧ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ନଗରପାଳ ଶିବବନ୍ଧ କାମରେ ମିଥ୍ୟା ବିଲ କରିବାକୁ ଚାପ ପ୍ରୟୋଗ କରୁଛନ୍ତି। ସରକାରୀ ନିୟମ ଉଲ୍ଲଂଘନ କରି କାମ କରିବାକୁ କହୁଥିବା ସହ ଶିବବନ୍ଧ କାମରେ ଅନିୟମିତତା ହୋଇଛି ଅଭିଯୋଗ ଆଣିଥିଲେ।ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ନଗରପାଳ ବରିୟାମ ସିଂ ସାଲୁଜା ଶିବବନ୍ଧ କାମ ଇଓଙ୍କ ତତ୍ତ୍ୱାବଧାନରେ ହୋଇଛି। ବର୍ଷା ପୂର୍ବରୁ ଶିବ ବନ୍ଧ କାମ ଶେଷ କରିବାର ଆମର ଲକ୍ଷ୍ୟ ଥିଲା ଯାହା ଶେଷ ମଧ୍ୟ ହୋଇଛି। କିନ୍ତୁ ଇଓ ମୋ ଉପରେ ମିଥ୍ୟା ଅଭିଯୋଗ ଆଣି ନଗରପାଳ ବିଲ ପାଇଁ ମୋ ଉପରେ ଚାପ ପକାଉଛନ୍ତି କହିବା ସମ୍ପୂର୍ଣ୍ଣ ମିଛ କଥା। ଗତ ୬ ମାସ ହେବ ଇଓଙ୍କ ସହ ମୋ ଦେଖା ମଧ୍ୟ ହୋଇନାହିଁ। କାରଣ ସେ ଅଫିସରେ ରହୁନାହାନ୍ତି, ବିଲ୍ ପାଇଁ ମୁଁ କାହିଁକି କହିବି ବିଲ କରିବା ତାଙ୍କ କାମ, ସେ ନିଜ କାମ ନ କରି ତାଙ୍କ କରିଥିବା ଭୁଲକୁ ଘଣ୍ଟ ଘୋଡାଇ ବାକୁ ଆମ ମୁଣ୍ଡ ଦୋଷ ଲଦୁଛନ୍ତି ବୋଲି ଶ୍ରୀ ସାଲୁଜା କହିଛନ୍ତି। ଅନ୍ୟପକ୍ଷରେ ବିଶେଷ ସୂତ୍ର ପ୍ରକାଶ ଯେ କଣ୍ଟାବାଞ୍ଜି ସହରର ଶିବବନ୍ଧ କାମରେ ଅନିୟମିତତ ଅଭିଯୋଗ ଆସିବା ପରେ ରାଜ୍ୟର ଉଚ୍ଚସ୍ତରୀୟ ଏକ ଟିମ୍ କାମ ଯାଞ୍ଚ କରିବାକୁ ଆସିବେ ବୋଲି ଜଣାପଡ଼ିଛି। ତେବେ ଏହି କାମରେ କଣ ଅନିୟମିତା ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

ଜୋନାଲ ପାରା ସୁଟିଂ

## ପ୍ରଭାକର ଜିତିଲେ ୨ ପଦକ

ଭୁବନେଶ୍ୱର, ୯।୧୧(ସମିସ): ଓଡ଼ିଶାର ପ୍ରଭାକର ବେହେରା ପୁଣେରେ ଅନୁଷ୍ଠିତ ଜୋନାଲ ପାରା ସୁଟିଂ ଚାମ୍ପିଅନସିପ୍‌ରେ ଦୁଇଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ବେଲାୱାଡିର ଶିବ ଛତ୍ରପତି ଶିବାଜୀ ଷ୍ଟାଡିୟମ୍‌ରେ ଶନିବାର ଅନୁଷ୍ଠିତ ପୁରୁଷ ୧୦ ମିଟର ଏୟାର ରାଇଫଲରେ ଏସ୍‌ଏଚ-୨ କାଟାଗୋରୀରେ ରୌପ୍ୟ ପଦକ ଜିତିଛନ୍ତି। ସେହିପରି ୧୦ ମିଟର ପ୍ରୋନ୍ ମିକସ ଏୟାର ରାଇଫଲ ଇଭେଣ୍ଟରେ ତାଙ୍କୁ କାଂସ୍ୟ ପଦକ ମିଳିଛି। ପ୍ରଥମ ପଦାର୍ପଣରେ ପ୍ରଭାକର ଡବଲ ମେଡାଲ ଜିତିବା ସହ ଜାତୀୟ ପାରା ସୁଟିଂ ଚାମ୍ପିଅନସିପ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ନଭେମ୍ବର ୧୦ରୁ ୧୪ ତାରିଖ ଯାଏ ସମାନ ସ୍ଥାନରେ ଖେଳାଯିବ।



ଏମ୍‌୨୫ ଆଇଟିଏଫ୍ ବିଶ୍ୱ ଟେନିସ ଟୁର୍

# କବୀର-ରିଷଭ ଯୋଡ଼ି ରନର୍ସଅପ୍

ଭୁବନେଶ୍ୱର, ୯।୧୧ (ସମିସ): ଘରୋଇ ଖେଳାଳି କବୀର ହଂସ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଚାଲିଥିବା ପୁରୁଷ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆଇଟିଏଫ୍ ବିଶ୍ୱ ଟେନିସ ଟୁର୍‌ରେ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛନ୍ତି। ଭାରତର ଅନ୍ୟତମ ଖେଳାଳି ରିଷଭ ଅଗରୱାଲଙ୍କ ସାଥୀ କରି ଖେଳିଥିବା କବୀର ଡବଲ୍ସ ଫାଇନାଲରେ ପରାଜୟବରଣ କରିଥିଲେ। ଶନିବାର ଖେଳାଯାଇଥିବା ଫାଇନାଲରେ କବୀର-ରିଷଭ ଯୋଡ଼ିଙ୍କ ମୁକାବିଲା ଟପ୍ ସିଡ୍ ରୁଷିଆର ଇଗର ଆଗଫୋନୋଭ-ବୋଗଦାନ ବବରୋଭ ଯୋଡିଙ୍କ ସହ ହୋଇଥିଲା। ରୁଷୀୟ ଯୋଡ଼ି ଏହି ମ୍ୟାଚକୁ ୬-୪, ୬-୩ ସିଧାସଳଖ ସେଟ୍‌ରେ ଜିତି ଟ୍ରଫି ବାଜିମାତ୍ କରିନେଇଥିଲେ। ରବିବାର ଚେକ୍ ରିପବ୍ଲିକର ଦଲିବୋର ସଭ୍ରସିନା ଓ ଆମେରିକାର ନିକ୍ ଚାପେଲଙ୍କ ମଧ୍ୟରେ ସିଙ୍ଗଲ୍ସ ଫାଇନାଲ ଖେଳାଯିବ। ଏଥିସହ ୨୫ ହଜାର ଡଲାର ପୁରସ୍କାର ରାଶିବିଶିଷ୍ଟ ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ।

ଶନିବାର ପୁରସ୍କାର ବିତରଣ ଉତ୍ସବରେ ଏମ୍‌ସିଏଲ୍‌ର ଚେୟାରମ୍ୟାନ ପିଏମ୍ ପ୍ରସାଦ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାନଦୀ କୋଲ୍ଡଫିଲ୍ଡର ମ୍ୟାନେଜିଂ ଡିରେକ୍ଟର ଉଦୟ କୋଲି, ଅଜିତ୍ ବେହୁରା, ଓଡ଼ିଶା ଟେନିସ ସଂଘ (ଓଟିଏ) ସଭାପତି ଅସିତ୍ ତ୍ରିପାଠୀ, ସମ୍ପାଦକ ସତ୍ୟଜିତ୍ ମହାନ୍ତି, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଆଇଟିଏଫ୍ ସୁପର୍ ଭାଇଜର ଅଭିଷେକ ମୁଖାର୍ଜୀ, ସମ୍ବିତ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।


ପୁରୁଷ ଡବଲ୍ସରେ ରନର୍ସଅପ୍ ରିଷଭ-କବୀର ଯୋଡ଼ି ଓ ଚାମ୍ପିଅନ୍ ରୁଷିଆର ଇଗର-ବୋଗଦାନ ଯୋଡ଼ି

■ ସିକେ ନାଇଡୁ ଟ୍ରଫି

## ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ


ବଲାଙ୍ଗିର, ୯।୧୧(ସମିସ): ସ୍ଥାନୀୟ ଗାନ୍ଧି ଷ୍ଟାଡିୟମ୍‌ରେ ଚାଲିଥିବା କର୍ଣ୍ଣାଟକ ବିପକ୍ଷ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା କର୍ଣ୍ଣାଟକ ୩୮୯ ରନ୍‌ରେ ଅଲଆଉଟ ହେବା ପରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଓଡ଼ିଶା ୭ ୱିକେଟରେ ୧୬୫ ରନ୍ କରିଛି। ସାଇଦୀପ ମହାପାତ୍ର ୫୮ ଓ ସ୍ୱୟମ ଶ୍ରୀବାସ୍ତବ ୩୬ ରନ୍‌ର ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ମାନବତ କୁମାର ୪ଟି ଓ ମନିଷ ରେଡ୍ଡୀ ୩ ଜଣଙ୍କୁ ଆଉଟ କରି ଓଡ଼ିଶାର ୭ଟି ୱିକେଟକୁ ନିଜ ମଧ୍ୟରେ ବାଣ୍ଟି ନେଇଛନ୍ତି। କର୍ଣ୍ଣାଟକର ପ୍ରଥମ ଇନିଂସରେ ମାନବତ କୁମାର ମଧ୍ୟ ଚମତ୍କାର ବ୍ୟାଟିଂ କରି ସର୍ବାଧିକ ୧୨୧ ରନ୍ କରିଥିଲେ। ପ୍ରକାର ଚତୁର୍ବେଦୀ ୧୦୨ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ଆଶୁତୋଷ ମାରାଣ୍ଡି ସର୍ବାଧିକ ୬ଟି ୱିକେଟ ପାଇଥିଲେ।


ଆଶୁତୋଷ ମାରାଣ୍ଡି


ସାଇଦୀପ ମହାପାତ୍ର

## ଯଶବର୍ଦ୍ଧନଙ୍କ ରେକର୍ଡ ୪୨୬ ରନ

ଚଣ୍ଡିଗଡ଼, ୯।୧୧ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିର ୫୧ ବର୍ଷ ଇତିହାସରେ ପ୍ରଥମ ବ୍ୟାଟର୍ ଭାବେ ହରିୟାଣାର ଯଶବର୍ଦ୍ଧନ ଦଲାଲ ଚାରିଶତକୀୟ ଇନିଂସ ଖେଳି ରେକର୍ଡ କରିଛନ୍ତି। ଘରୋଇ ହରିୟାଣା ଓ ମୁମ୍ବାଇ ମଧ୍ୟରେ ଏଠାରେ ଚାଲିଥିବା ମ୍ୟାଚ୍‌ର ୨ୟ ଦିବସ ଅବସରରେ ଯଶବର୍ଦ୍ଧନ ୪୨୬ ରନର ଏହି ମାରାଥନ ପାଳି ଖେଳିଛନ୍ତି। ଏହି ପାଳିରେ ସେ ୫୮ଟି (୪୬ ଚୌକା, ୧୨ ଛକା) ବାଉଣ୍ଡରୀ ମାରିଥିଲେ। ସିକେ ନାଇଡୁ ଟ୍ରଫିରେ ଗୋଟିଏ ଇନିଂସରେ ଏହା ସର୍ବାଧିକ ବ୍ୟକ୍ତିଗତ ସ୍କୋର ହୋଇଛି। ଗତ ସଂସ୍କରଣରେ ଉତ୍ତର ପ୍ରଦେଶର ସମୀର ରିଜଭି ୩୧୨ ରନ କରି ଏହି ରେକର୍ଡର ଅଧିକାରୀ ରହିଥିଲେ। ଦ୍ୱିତୀୟ ଦିବସ ସୁଦ୍ଧା ହରିୟାଣା ପ୍ରଥମ ଇନିଂସରେ ୮ ୱିକେଟ୍‌ରେ ୭୩୨ ରନ ସଂଗ୍ରହ କରିଛି।



■ ରାଜ୍ୟ ଟିଟି ଚାମ୍ପିଅନସିପ୍

## ଶ୍ୱେତପଦ୍ମା-ଆଫିୟା ସେମିଫାଇନାଲ



ଭୁବନେଶ୍ୱର, ୯।୧୧(ସମିସ): କଟକ ସିଡିଏ ସେକ୍ଟର-୭ ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନଡୋର ହଲ୍‌ରେ ଚାଲିଥିବା ୩୦ତମ ଆନ୍ତଃଜିଲ୍ଲା ଏବଂ ରାଜ୍ୟ ଟେବଲ ଟେନିସ (ଟିଟି) ଚାମ୍ପିଅନସିପର ୧୯ ବର୍ଷରୁ କମ୍ ବାଳିକା ବିଭାଗ ସେମିଫାଇନାଲ ଚୂଡାନ୍ତ ହୋଇଯାଇଛି। ରବିବାର ଖେଳାଯିବାକୁ ଏହି ମୁକାବିଲାରେ ରାଜ୍ୟର ତାରକା ଖେଳାଳି ଶ୍ୱେତପଦ୍ମା ଦଲାଇଙ୍କ ସହ ଆଫିୟା ମୋହସିନ ମୁକାବିଲା କରିବେ। ସେହିପରି ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଏମ୍‌ବିବି ପଣ୍ଡା ଓ ଉର୍ଜା ବର୍ମାଙ୍କ ମଧ୍ୟରେ ଖେଳାଯିବ। ଉଭୟ ଶ୍ୱେତପଦ୍ମା ଓ ଉର୍ଜା ଦୁଇଟି ବିଭାଗ ସେମିଫାନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ୧୫ବର୍ଷରୁ କମ୍ ବାଳକ ବର୍ଗର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ଏହା ମଧ୍ୟରୁ ପ୍ରଥମ ସେମିଫାଇନାଲରେ ପୁରୀର ଜିଜ୍ଞାସୁ ସାଇକିରଣ ପ୍ରଧାନଙ୍କ ସହ କଟକର ଜୁନୈଦ ଅଲ୍ଲୀ, ଦ୍ୱିତୀୟ ସେମିଫାଇନାଲରେ ଜୟସ୍ତୁ ଦାସଗୁପ୍ତଙ୍କ ସହ ଆର୍ଯ୍ୟାଂ ପ୍ରସାଦ ସିଂଙ୍କ ମଧ୍ୟରେ ମୁକାବିଲା ହେବ। ୧୩ ବର୍ଷରୁ କମ୍ ବାଳିକା ସେମିରେ କଟକର ଦୁଇ ଖେଳାଳି ଆରାଧ୍ୟା ସାହୁ ଓ ଆଶୀ ସ୍ୱୟଂଶୀଙ୍କ ମଧ୍ୟରେ ଖେଳାଯିବ। ଦ୍ୱିତୀୟ ସେମିରେ କଟକର ଶ୍ୱେତା ବର୍ମାଙ୍କ ସହ ଖୋର୍ଦ୍ଧାର ଅନ୍ୱେଷା ଅନିରୁଦ୍ଧଙ୍କ ଲଢ଼େଇ ହେବ ବୋଲି ଆୟୋଜକ ଓଡ଼ିଶା ଟେବଲ ଟେନିସ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

ଓସିଏ ଆନ୍ତଃଜିଲ୍ଲା ସ୍କୁଲ କ୍ରିକେଟ୍

# ଭୁବନେଶ୍ୱର-ଏ ଚାମ୍ପିଅନ




ଭୁବନେଶ୍ୱର, ୯।୧୧ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ଆନ୍ତଃଜିଲ୍ଲା ସ୍କୁଲ ଦିନିକିଆ କ୍ରିକେଟ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ରେଭେନସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଭୁବନେଶ୍ୱର-ଏ ୧୧୬ ରନର ବଡ଼ ବ୍ୟବଧାନରେ ଅବଶିଷ୍ଟ ଓଡ଼ିଶା-ସି ଟିମ୍‌କୁ ହରାଇ ଚଳିତ ସଂସ୍କରଣ ଚାମ୍ପିଅନ ହୋଇଛି। ପ୍ରଣୀତ୍ ନାୟକ (୭୧ ରନ)ଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର-ଏ ୪୯.୨ ଓଭରରେ ୨୦୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓଡ଼ିଶା-ସି'ର ଦିବ୍ୟଜ୍ୟୋତି ମଲ୍ଲିକ ଓ ଅର୍ଜୁନ ମୁର୍ମୁ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଓଡ଼ିଶା-ସି ୩୫.୫ ଓଭରରେ ୮୯ ରନରେ ଅଲ୍‌ଆଉଟ୍ ହୋଇଥିଲା। ଭୁବନେଶ୍ୱର-ଏ'ର ଶେଖ୍ ନକିବ ଶର୍ବର ୩ ଓ ଲେଗ୍-ସ୍ପିନର ମୃତ୍ୟୁଞ୍ଜୟ ରାୟ ୨ଟି ୱିକେଟ୍ ନେଇଥିଲେ। ୨୧୧ ରନ ସହ ପ୍ରଣୀତ୍ ପ୍ରତିଯୋଗିତାର ଶ୍ରେଷ୍ଠ ସ୍କୋରର ଓ ମୃତ୍ୟୁଞ୍ଜୟ ୧୪ ୱିକେଟ୍ ସହିତ ଶ୍ରେଷ୍ଠ ବୋଲର ହୋଇଥିଲେ।

**ବ୍ୟାଟିଂରେ ପ୍ରଣୀତ୍; ବୋଲିଂରେ ମୃତ୍ୟୁଞ୍ଜୟ ଶ୍ରେଷ୍ଠ**

କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ମୁଖ୍ୟ ଅତିଥି ଏବଂ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଅଞ୍ଜନ ଖୁଣ୍ଟିଆ, ଅଭିଜିତ୍ ପଲ୍, ତଡ଼ିତ ରାଉତ, ନିର୍ବାଣ ରାୟ, ଅମିତ୍ ବେହେରା, ସୁଶାନ୍ତ ମହାନ୍ତି, ଶିବବ୍ରତ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ।

ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଚାମ୍ପିଅନସିପ୍

## ସୁବ୍ରତ-କୁନାଲ ଫାଇନାଲ ଆଜି

ଭୁବନେଶ୍ୱର, ୯।୧୧ (ସମିସ): ସ୍ଥାନୀୟ ପଟିଆସ୍ଥିତ ସିକ୍ସ ପକେଟସ୍ କ୍ଲବ ପରିସରରେ ଚାଲିଥିବା ୩୦ତମ ଅଲ୍ ଓଡ଼ିଶା ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଚାମ୍ପିଅନସିପ୍‌ର ସିନିଅର ବିଲିୟାର୍ଡ୍ସ ବିଭାଗ ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ସୁବ୍ରତ ଦାସ ଓ କୁନାଲ ଅଗରୱାଲ ପରସ୍ପରକୁ ଭେଟିବେ। ଶନିବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚରେ ସୁବ୍ରତ ୩-୦ ଫେମ୍‌ରେ ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କୁ ଓ କୁନାଲ ୩-୦ରେ ନିଶାନ୍ତ ବିଶ୍ୱାଳଙ୍କୁ ପରାସ୍ତ କରିଥିଲେ। ଏଥିପୂର୍ବରୁ ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ କୁନାଲ ୨-୦ରେ ସମୀରଙ୍କୁ ଓ ନିଶାନ୍ତ ୨-୦ରେ ଚିରଞ୍ଜୀବ ସିଂଙ୍କୁ ହରାଇଥିଲେ। ସେହିଭଳି ସିନିଅର ସ୍ନୁକରରେ ଅନୁଷ୍ଠିତ ମ୍ୟାଚରେ ସୁବାଶିଷ ସେଠୀ ୩-୧ରେ ବରୁଣ ନାୟକଙ୍କୁ, ଅଲ୍‌ତାଫ୍ ଅଲି ୩-୦ରେ ଜାକର ଅଲିଙ୍କୁ, ଅଭିଷେକ ଦାସ ୩-୨ରେ ଚିରଞ୍ଜୀବ ସିଂଙ୍କୁ ଓ କ୍ଲିଫୋର୍ଡ ଭିନସେଣ୍ଟ ୩-୧ରେ ରୋହିତ ଶର୍ମାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ବିଲିଆର୍ଡ୍ସ ଓ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଶୁକ୍ରବାରଠାରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇଛି।



ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଭଲିବଲ୍

## କିଟ୍ ଚାମ୍ପିଅନ, ଆଦାମ୍‌ସ ରନର୍ସଅପ୍

ଭୁବନେଶ୍ୱର, ୯।୧୧ (ସମିସ): କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ୍ ଚାମ୍ପିଅନସିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସୁପର୍ ଲିଗ୍ ପର୍ଯ୍ୟାୟରେ ୩ଟି ଯାକ ମ୍ୟାଚ୍ ଜିତି ସର୍ବାଧିକ ପଏଣ୍ଟ ସହ ଆୟୋଜକ କିଟ୍ ବିଶ୍ୱବିଦ୍ୟାଳୟ ଦଳ ଚାମ୍ପିଅନ ହୋଇଛି। ସେହିଭଳି ୨ଟି ବିଜୟ ସହିତ ଆଦାମସ୍ ବିଶ୍ୱବିଦ୍ୟାଳୟ ପ୍ରଥମ ରନର୍ସଅପ୍, ପିଟି ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ ଗୋଟିଏ ମ୍ୟାଚ୍ ଜିତି ଦ୍ୱିତୀୟ ରନର୍ସଅପ୍ ରହିଛି। ୟୁନିଭର୍ସିଟି ଅଫ୍ ବର୍ଦ୍ଧମାନ ସମସ୍ତ ମ୍ୟାଚ୍ ହାରି ଅନ୍ତିମ ତଥା ୪ର୍ଥ ସ୍ଥାନରେ ରହିଛି। ଏହି ୪ଟି ଦଳ ଆଗାମୀ ସର୍ବଭାରତୀୟ ଆନ୍ତଃଜୋନ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ୍ ଚାମ୍ପିଅନସିପ୍‌କୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଶନିବାର ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟର ପ୍ରୋ ଭାଇସ୍ ଚାନସେଲର୍ ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ ମୁଖ୍ୟ ଅତିଥି ଓ କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିଅନ ସହ ସର୍ବଭାରତୀୟସ୍ତରକୁ ଯୋଗ୍ୟତା ଅର୍ଜନ କରିଥିବାରୁ ପ୍ରଫେସର ଅଚ୍ୟୁତ ସାମନ୍ତ କିଟ୍ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।




କୁଚ୍‌ବେହାର ଟ୍ରଫି

## ଓଡ଼ିଶାର ଦମ୍‌ଦାର ବିଜୟ





ଭୁବନେଶ୍ୱର, ୯।୧୧(ସମିସ): ଦିଲ୍ଲୀକୁ ତାହାର ଘରୋଇ ମାଟିରେ ୧୧୩ ରନ୍‌ରେ ପରାସ୍ତ କରି ୧୯ ବର୍ଷରୁ କମ୍ କୁଚ୍‌ବେହାର ଟ୍ରଫିରେ ଓଡ଼ିଶା ବିଜୟରୁ ସିଜନ ଆରମ୍ଭ କରିଛି। ଦିଲ୍ଲୀର ସେଣ୍ଟ ଷ୍ଟିଫେନ୍ସ କଲେଜ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଦିଲ୍ଲୀକୁ ମ୍ୟାଚ୍ ଜିତିବା ଲାଗି ୩୬୦ ରନ୍‌ର ଟାର୍ଗେଟ ଦେଇଥିଲା ଓଡ଼ିଶା। କିନ୍ତୁ ଓଡ଼ିଶା ବୋଲରଙ୍କୁ ଉଚିତ ମୁକାବିଲା କରି ନ ପାରି ଦିଲ୍ଲୀ ଦ୍ୱିତୀୟ ଇନିଂସରେ ୨୪୬ ରନ୍ କରି ଅଲଆଉଟ ହୋଇଯାଇଥିଲା। ଫଳରେ ଓଡ଼ିଶାକୁ ଏହି ଦମ୍‌ଦାର ବିଜୟ ମିଳିଥିଲା। ଦିଲ୍ଲୀ ଦ୍ୱିତୀୟ ଇନିଂସରେ ପ୍ରଣବ ପନ୍ତ୍ ୧୦୫ ଓ ଅର୍ଣ୍ଣବ ବୁଗା ୭୭ ରନ୍ କରିଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରି ପାରି ନ ଥିଲେ। ଓଡ଼ିଶାର ସୟଦ ତୁଫାଏଲ ଅହମ୍ମଦ୍ ସର୍ବାଧିକ ୫ଟି ଓ ସମ୍ବିତ ବେଜା ୩ଟି ୱିକେଟ ଅକ୍ତିଆର କରି ଓଡ଼ିଶାକୁ ଏହି ସହଜ ବିଜୟ ଦେଇଥିଲେ। ଏହି ମ୍ୟାଚ୍‌ରେ ତୁଫାଏଲ ୯ଟି ଓ ବେଜା ୫ଟି ୱିକେଟ ନେଇଛନ୍ତି। ପୂର୍ବରୁ ପ୍ରଥମ ଇନିଂସରେ ଓଡ଼ିଶାର ୨୫୪ ରନ୍ ଜବାବରେ ଦିଲ୍ଲୀ ୧୮୬ ରନ୍ କରିଥିଲା। ଓଡ଼ିଶା ଦ୍ୱିତୀୟ ଇନିଂସରେ ଆୟୂଷ ସୂତାର ୭୭, ରୁଦ୍ର ମଲିକ ୫୭ ରନ୍ କରିଥିଲେ।

ଆଇଏସ୍‌ଏଲ୍-୧୧

# ଓଡ଼ିଶା ଏଫ୍‌ସି-ମୋହନ ବାଗାନ ଲଢ଼େଇ ଆଜି

ଭୁବନେଶ୍ୱର, ୯।୧୧ (ସମିସ): ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ଏକାଦଶ ସଂସ୍କରଣର ସୁପର୍ ସନ୍‌ଡେରେ ଏକ ରୋମାଞ୍ଚକ ମୁକାବିଲାରେ ଘରୋଇ ଓଡ଼ିଶା ଫୁଟ୍‌ବଲ୍ କ୍ଲବ (ଓଏଫ୍‌ସି) ଓ ମୋହନ ବାଗାନ ସୁପର୍ ଜାଏଣ୍ଟ୍‌ସ ପରସ୍ପରକୁ ଭେଟିବେ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ରାତି ୭ଟା ୩୦ରେ ଏହି ମ୍ୟାଚ୍ ଖେଳାଯିବ। ଚଳିତ ସଂସ୍କରଣରେ ଦୁଇ ଦଳର ପ୍ରଦର୍ଶନ ଉପରେ ନଜର ପକାଇଲେ କୋଲକାତାଭିତ୍ତିକ ଦଳ ମୋହନ ବାଗାନ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛି। ବର୍ତ୍ତମାନ ସୁଦ୍ଧା ମୋହନ ବାଗାନ ୬ ମ୍ୟାଚ୍ ଖେଳି ୪ ବିଜୟ ଏବଂ ଗୋଟିଏ ଲେଖାଏ ଡ୍ର ଓ ପରାଜୟ ସହ ୧୩ ପଏଣ୍ଟ ପାଇ ବେଙ୍ଗାଲୁରୁ ଏଫ୍‌ସି (୧୭) ପଛକୁ ୨ୟ ସ୍ଥାନରେ ରହିଛି। ସେହିଭଳି ଓଡ଼ିଶା ଏଫ୍‌ସି ୭ଟି ମ୍ୟାଚ୍ ଖେଳି ୩ ପରାଜୟ ଏବଂ ୨ଟି ଲେଖାଏ ବିଜୟ ଓ ଡ୍ର ସହ ୮ ପଏଣ୍ଟ ପାଇ ୧୩ ଦଳୀୟ ଟେବଲ୍ ତାଲିକାରେ ୯ମ ସ୍ଥାନରେ ରହିଛି। ଏହି ମ୍ୟାଚରେ ଉଭୟ ଦଳ ବିଜୟ ପଏଣ୍ଟ ହାତେଇବା ନେଇ ରବିବାର ପଡ଼ିଆକୁ ଓହ୍ଲାଇବାକୁ ଲକ୍ଷ୍ୟ ରଖିଛନ୍ତି।

ଆଇଏସ୍‌ଏଲ୍‌ରେ ଓଡ଼ିଶା ଏଫ୍‌ସି ବିପକ୍ଷରେ କିନ୍ତୁ ମୋହନ ବାଗାନ ପ୍ରଦର୍ଶନ ବେଶ୍ ଉନ୍ନତ ରହିଛି। ଉଭୟ ଦଳ ମଧ୍ୟରେ ଆଇଏସ୍‌ଏଲ୍‌ରେ ଏପର୍ଯ୍ୟନ୍ତ ୧୧ଥର ମୁକାବିଲା ହୋଇଛି। ଯେଉଁଥିରେ ମୋହନ ବାଗାନ ୫ଥର ଜିତିଥିବାବେଳେ ୫ଟି ମ୍ୟାଚ୍ ଡ୍ର ରହିଛି। ଓଡ଼ିଶା ଏଫ୍‌ସିକୁ କେବଳ ଗୋଟିଏ ମ୍ୟାଚରେ ବିଜୟ ସ୍ୱାଦ ମିଳିଛି। ଘରୋଇ କଳିଙ୍ଗ ଷ୍ଟାଡିୟମରେ ମୋହନ ବାଗାନ ବିପକ୍ଷରେ ଖେଳିଥିବା ଗତ ୩ଟି ମ୍ୟାଚରୁ ଓଡ଼ିଶା ଗୋଟିଏ ଜିତିଥିବାବେଳେ ୨ଟି ଡ୍ର ରଖିଥିଲା। ଗତ ସିଜନର ସେମିଫାଇନାଲର ପ୍ରଥମ ଲେଗ୍ ମ୍ୟାଚରେ ଓଏଫ୍‌ସି ୨-୧ ଗୋଲରେ ଏହି ସ୍ମରଣୀୟ ବିଜୟ ହାସଲ କରିଥିଲା। ତେଣୁ ମୋହନ ବାଗାନ ବିପକ୍ଷରେ ଏହି ଅପରାଜେୟ ଧାରାକୁ ବଜାୟ ରଖି ୩ ପଏଣ୍ଟ ହାତେଇବାକୁ ଓଏଫ୍‌ସି ପ୍ରଶିକ୍ଷକ ସର୍ଗିଓ ଲୋବେରା ଓ ତାଙ୍କ ଦଳ ଲକ୍ଷ୍ୟ ରଖିଛି। ସେହିଭଳି ଲୋବେରାଙ୍କ ପ୍ରଶିକ୍ଷଣରେ ଓଡ଼ିଶା ଏଫ୍‌ସି କଳିଙ୍ଗରେ ଗତ ୧୭ଟି ମ୍ୟାଚରୁ ୧୬ଟି ଗୋଲ୍ ଦେଇଛି। ଏହି ପ୍ରଦର୍ଶନକୁ ଭିତ୍ତି କରି ରବିବାର ଦଳ ଶ୍ରେଷ୍ଠ ପ୍ରଦର୍ଶନ ଆଶାରେ ରହିଛି।




**ମ୍ୟାଚ୍ ଆରମ୍ଭ:** ରାତି ୭ଟା ୩୦
**ସ୍ଥାନ:** କଳିଙ୍ଗ ଷ୍ଟାଡିୟମ
**ପ୍ରସାରଣ:** ସ୍ପୋର୍ଟସ୍ ୧୮

### ଆଇଏସ୍‌ଏଲ୍‌ର ୧୦୦୦ତମ ମ୍ୟାଚ୍

ଚେନ୍ନାଇ, ୯।୧୧ (ଏଜେନ୍ସି): ଆଇଏସ୍‌ଏଲ୍ ଇତିହାସର ୧୦୦୦ତମ ମ୍ୟାଚରେ ମୁମ୍ବାଇ ସିଟି ଏଫ୍‌ସି ଓ ଘରୋଇ ଚେନ୍ନାଇନ ଏଫ୍‌ସି ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଖେଳାଯାଇଥିବା ଏହି ମାଇଲଖୁଣ୍ଟ ମ୍ୟାଚ୍ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଥିଲା। ୨୦୧୪ରେ ଆଇଏସ୍‌ଏଲ୍‌ର ପ୍ରଥମ ସଂସ୍କରଣ ଖେଳାଯାଇଥିଲା। ସର୍ବପ୍ରଥମ ମୁକାବିଲାରେ ଏଟିକେ ମୋହନ ବାଗାନ ୩-୦ ଗୋଲରେ ମୁମ୍ବାଇ ସିଟିକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ଉଲ୍ଲେଖନୀୟ କଥା ହେଉଛି ଆଇଏସ୍‌ଏଲ୍‌ର ସର୍ବପ୍ରଥମ ଓ ୧୦୦୦ତମ ଉଭୟ ମ୍ୟାଚରେ ମୁମ୍ବାଇ ସିଟି ଖେଳିବାର ସୌଭାଗ୍ୟ ଲାଭ କରିଛି। ଏହି ୧୦୦୦ତମ ମ୍ୟାଚ୍ ସୁଦ୍ଧା ଆଇଏସ୍‌ଏଲ୍‌ରେ ୨୭୯୭ଟି ଗୋଲ୍‌ସ୍କୋର ହୋଇଛି।

■ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ

## ଅଷ୍ଟ୍ରେଲିଆ ୬ ୱିକେଟରେ ବିଜୟୀ

ମେଲବୋର୍ଣ୍ଣ, ୯।୧୧(ଏଜେନ୍ସି): ସାମ କନଷ୍ଟାସ ଓ ବିଉ ୱେବଷ୍ଟରଙ୍କ ଅବିଭକ୍ତ ଚତୁର୍ଥ ୱିକେଟ ପାର୍ଟନରସିପ୍‌ରୁ ୯୬ ରନ୍ ମିଳିବା ଫଳରେ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଅଷ୍ଟ୍ରେଲିଆ-ଏ' ୬ ୱିକେଟରେ ଭାରତ-ଏ'କୁ ପରାସ୍ତ କରିଛି । ଏହା ଫଳରେ ଅଷ୍ଟ୍ରେଲିଆ-ଏ' ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୨-୦ରେ ଜିତିନେଇଛି । ପୂର୍ବରୁ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଘରୋଇ ଦଳ ୭ ୱିକେଟରେ ଜିତିଥିଲା । ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ନଭେମ୍ବର ୨୨ରୁ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ହେବ । ଏହି ମ୍ୟାଚ୍‌ରେ ଭାରତ-ଏ' ପ୍ରଥମ ଇନିଂସରେ ୧୬୧ ଓ ଦ୍ୱିତୀୟ ଇନିଂସରେ ୨୨୯ ରନ୍ କରିଥିଲା । ଜବାବରେ ପ୍ରଥମ ଇନିଂସରେ ୨୨୩ ରନ୍ କରିଥିବା ଅଷ୍ଟ୍ରେଲିଆ-ଏ' ଆଗରେ ୧୬୮ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଥିଲା ଭାରତ-ଏ' । ଏହି ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ-ଏ' ୭୩ ରନ୍‌ରେ ୪ ୱିକେଟ ହରାଇ ବିପଦରେ ପଡ଼ିଥିଲା । କିନ୍ତୁ କନଷ୍ଟାସ୍‌ଙ୍କ ଅପରାଜିତ ୭୩ ଓ ବିଉ ୱେବ୍‌ଷ୍ଟରଙ୍କ ଅପରାଜିତ ୪୬ ରନ୍ ବଳରେ ଘରୋଇ ଦଳ ଏହି ମ୍ୟାଚ୍‌କୁ ୬ ୱିକେଟରେ ଜିତିନେଇଥିଲା । ପୂର୍ବରୁ ଦ୍ୱିତୀୟ ଇନିଂସରେ ଧ୍ରୁବ ଜୁରେଲଙ୍କ ୬୮ ଓ ନୀତୀଶ ରେଡ୍ଡୀଙ୍କ ୩୮ ରନ୍ ବଳରେ ଭାରତ-ଏ' ବିପର୍ଯ୍ୟୟରୁ ରକ୍ଷା ପାଇଥିଲା । କିନ୍ତୁ ୮ମ ୱିକେଟରେ ତନୁସ କୋଟିଆନ ଓ ପ୍ରସିଦ୍ଧ କ୍ରିଷ୍ଣା ୪୯ ରନ୍ ଉଠାଇବା ଫଳରେ ଦଳ ୨୦୦ ରନ୍ ଅତିକ୍ରମ କରିଥିଲା । କୋଟିଆନ ୪୪ ଓ ପ୍ରସିଦ୍ଧ ୨୯ ରନ୍ କରିଥିଲେ । ଅଷ୍ଟ୍ରେଲିଆ-ଏ' ପକ୍ଷରୁ କୋରୀ ୪ଟି, ୱେବ୍‌ଷ୍ଟର ୩ଟି ଓ ମ୍ୟାକ୍‌ଆଣ୍ଡ୍ରୁ ୨ଟି ୱିକେଟ ନେଇଥିଲେ । ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍ ପୂର୍ବରୁ ଏହି ମ୍ୟାଚ୍ ଖେଳିବାକୁ ଭାରତୀୟ ଦଳର ୨ ଖେଳାଳିଙ୍କୁ ସୁଯୋଗ ଦିଆଯାଇଥିଲା । ସେମାନଙ୍କ ମଧ୍ୟରୁ ଲୋକେଶ ରାହୁଲ ଇନିଂସ ଓପନ କରି ୪ ଓ ୧୦, ୱିକେଟରକ୍ଷକ ଧ୍ରୁବ ଜୁରେଲ ୮୦ ଓ ୬୮ ରନ୍ କରିଛନ୍ତି ।

## ନ୍ୟୁଜିଲାଣ୍ଡକୁ ହରାଇଲା ଶ୍ରୀଲଙ୍କା

ଦାମ୍ବୁଲା, ୯।୧୧(ଏଜେନ୍ସି): ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ସହ ଅଧିନାୟକ ଚାରିତ ଆଶାଲାଙ୍କା ଓ ୱାନିନ୍ଦୁ ହାସରଙ୍ଗାଙ୍କ ସାହସିକ ବ୍ୟାଟିଂ ବଳରେ ଏଠାରେ ଶନିବାର ଅନୁଷ୍ଠିତ ପ୍ରଥମ ଟି-୨୦ରେ ଶ୍ରୀଲଙ୍କା ୪ ୱିକେଟରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି । ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଶ୍ରୀଲଙ୍କା ୧-୦ରେ ଆଗୁଆ ରହିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୧୯.୩ ଓଭରରେ ୧୩୫ ରନ୍ କରିଥିଲା । ଟପ୍ ଅର୍ଡରରେ କେବଳ ମାଇକେଲ ବ୍ରେସ୍‌ୱେଲ ୨୭ ରନ୍ କରିଥିଲେ । ନଂ-୯ ବ୍ୟାଟର ଜାକାରୀ ଫୋକ୍ସଙ୍କ ୧୬ ବଲ୍‌ରେ ୨୭ ରନ୍ ଯୋଗୁଁ ଦଳ ଶହେ ରନ୍ ପୂରଣ କରିଥିଲା । ଘରୋଇ ଦଳର ଦୁନିଥ ୱେଲାଲାଗେ ୩ଟି, ନୁୱାନ ଥୁସାରା, ହାସରଙ୍ଗା ଓ ମାଥୀଶ ପତିରାଣା ୨ଟି ଲେଖାଏଁ ୱିକେଟ ନେଇଥିଲେ । ଜବାବରେ ବ୍ୟାଟରଙ୍କ ଦଳଗତ ପ୍ରଦର୍ଶନ ଯୋଗୁଁ ଶ୍ରୀଲଙ୍କା ୧୯ ଓଭରରେ ୬ ୱିକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିଥିଲା । ଅଧିନାୟକ ଆଶାଲାଙ୍କା ସର୍ବାଧିକ ୨୮ ବଲରୁ ଅପରାଜିତ ୩୫ ରନ୍ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁଶାଲ ପରେରା ଓ କାମିନ୍ଦୁ ମେଣ୍ଡିସ୍ ୨୩ ରନ୍ ଲେଖାଏଁ, ହାସରଙ୍ଗା ୨୨ ଓ ପାଥୁମ ନିଶାଙ୍କା ୧୯ ରନ୍ କରିଥିଲେ । ନ୍ୟୁଜିଲାଣ୍ଡର ଜାକାରୀ ଫୋକ୍ସଙ୍କୁ ୩ଟି ୱିକେଟ ମିଳିଥିଲା ।

## ଶ୍ରୀଜେଶ, ହରମନ୍‌ପ୍ରୀତ୍‌ଙ୍କୁ ଏଫ୍‌ଆଇଏଚ୍ ପୁରସ୍କାର

ନୂଆଦିଲ୍ଲୀ, ୯ ।୧୧ (ଏଜେନ୍ସି): ବିଶ୍ୱ ହକିର ସର୍ବୋଚ୍ଚ ସଂସ୍ଥା ଏଫ୍‌ଆଇଏଚ୍ ପକ୍ଷରୁ ସିଜନ୨୦୨୩-୨୪ ଲାଗି ବିଭିନ୍ନ ବିଭାଗରେ ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଛି । ଏହିକ୍ରମରେ ଅନ୍ତର୍ଜାତୀୟ ହକିରୁ ନିକଟରେ ଅବସର ନେଇଥିବା ଭାରତୀୟ ଗୋଲ୍‌କିପର ପିଆର୍ ଶ୍ରୀଜେଶଙ୍କୁ 'ବର୍ଷର ଶ୍ରେଷ୍ଠ ପୁରୁଷ ଗୋଲ୍‌କିପର' ଭାବେ ମନୋନୀତ କରାଯାଇଛି । ସେହିଭଳି ଭାରତୀୟ ଦଳର ଅଧିନାୟକ ହରମନପ୍ରୀତ୍ ସିଂହ ୨୦୨୩-୨୪ ସିଜନ ପାଇଁ ବିଶ୍ୱର 'ଶ୍ରେଷ୍ଠ ପୁରୁଷ ଖେଳାଳି' ବିବେଚିତ ହୋଇଛନ୍ତି । ଉଭୟ ଶ୍ରୀଜେଶ ଓ ହରମନପ୍ରୀତ୍ ୩ୟଥର ଲାଗି ଏହି ସମ୍ମାନଜନକ ଏଫ୍‌ଆଇଏଚ୍ ପୁରସ୍କାର ପାଇଛନ୍ତି । ଗତ ପ୍ୟାରିସ ଅଲିମ୍ପିକ୍ସରେ ଶ୍ରୀଜେଶଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତ କାଂସ୍ୟ ପଦକ ଜିତିଥିଲା । ୩୬ ବର୍ଷୀୟ ଶ୍ରୀଜେଶ ଅଲିମ୍ପିକ୍ସରେ ମୋଟ୍ ୬୨ ସଟ୍‌ରୁ ୫୦ଟି ଅଟକାଇ ଦେଇଥିଲେ । ସେହିଭଳି ହରମନପ୍ରୀତ୍‌ଙ୍କ ନେତୃତ୍ୱରେ ଭାରତ ଅଲିମ୍ପିକ୍ସରେ କ୍ରମାଗତ ୨ୟ କାଂସ୍ୟ ପଦକ ଜିତିଥିଲା ।

**ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟି-୨୦ରେ ବର୍ଷା ଆଶଙ୍କା**

# ଟପ୍ ଅର୍ଡର ବ୍ୟାଟିଂ ଭାରତର ଚିନ୍ତା



ଜେବେର୍‌ହା (ପୋର୍ଟ ଏଲିଜାବେଥ), ୯।୧୧(ଏଜେନ୍ସି): ଡର୍ବାନରେ ଶୁକ୍ରବାର ଅନୁଷ୍ଠିତ ପ୍ରଥମ ଟି-୨୦ରେ ଭାରତ ୬୧ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ୧-୦ରେ ସିରିଜ୍ ଆଗୁଆ ରହିଛି । ଏହି ମ୍ୟାଚ୍‌ରେ ଭାରତୀୟ ବ୍ୟାଟିଂର ହିରୋ ସାଜିଥିଲେ ୱିକେଟରକ୍ଷକ ସଞ୍ଜୁ ସାମସନ । ଏହି ମ୍ୟାଚରେ ସେ ମାତ୍ର ୫୦ଟି ବଲ୍‌ରୁ ୧୦୭ ରନ୍ କରି ମ୍ୟାଚ୍ ବିଜେତା ହୋଇଥିଲା । ଏହା ସହ ସଞ୍ଜୁ ମଧ୍ୟ ଟି-୨୦ ଫର୍ମାଟରେ ପ୍ରଥମ ଭାରତୀୟ ଭାବେ କ୍ରମାଗତ ଶତକ ହାସଲ କରିବାରେ ରେକର୍ଡ କରିଛନ୍ତି । କିନ୍ତୁ ଏହି ମ୍ୟାଚ୍‌ରେ ତାଙ୍କୁ ଛାଡ଼ି ଦେଲେ ଅନ୍ୟ ଟପ୍ ଅର୍ଡର କିମ୍ବା ପ୍ରମୁଖ ଖେଳାଳି ବ୍ୟାଟିଂରେ କ୍ଲିକ୍ କରି ନାହାନ୍ତି । ଅଧିନାୟକ ସୂର୍ଯ୍ୟକୁମାର ଯାଦବ ହୁଅନ୍ତୁ କିମ୍ବା ଓପନର ଅଭିଷେକ ଶର୍ମା । ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ହୁଅନ୍ତୁ କିମ୍ବା ବିସ୍ଫୋରକ ବ୍ୟାଟର ରିଙ୍କୁ ସିଂ । ଏମାନେ ସମସ୍ତେ ପ୍ରଥମ ଦିନିକିଆରେ ପର୍ଯ୍ୟାପ୍ତ ସମୟ ବ୍ୟାଟିଂ ପାଇଥିଲେ ମଧ୍ୟ ସେଥିରେ ବିଫଳ ହୋଇଛନ୍ତି । ଏଥିରୁ ମୁକୁଳିବାକୁ ହେଲେ ଦଳକୁ କିଛି ନୂଆ ଯୋଜନା ନେଇ ଖେଳିବାକୁ ହେବ ।

**ଖେଳ ଆରମ୍ଭ: ରାତି ୭ଟା ୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮ , ଜିଓ ସିନେମା**

ଦଳର ବୋଲିଂ ପ୍ରଥମ ମ୍ୟାଚ୍‌ରେ କ୍ଲିକ୍ କରିଛି । ସମସ୍ତ ବୋଲର ପ୍ରଭାବୀ ପ୍ରଦର୍ଶନ କରିଛନ୍ତି । ବିଶେଷ କରି ଡର୍ବାନ୍‌ର ଫାଷ୍ଟ ପିଚ୍ ସ୍ଲୋ ହୋଇଯିବାରୁ ଭାରତୀୟ ସ୍ପିନରମାନେ ପ୍ରାଧାନ୍ୟ ବିସ୍ତାର କରିଥିଲେ । ଏପରିକି ଦୁଇ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଓ ରବି ବିଷ୍ଣୋଇଙ୍କୁ ଘରୋଇ ଦଳର ବ୍ୟାଟର ମୁକାବିଲା କରି ପାରି ନ ଥିଲେ । ଫଳରେ ଉଭୟ ୩ଟି ଲେଖାଏଁ ୱିକେଟ ନେବା ସହ ଦକ୍ଷିଣ ଆଫ୍ରିକା ବ୍ୟାଟିଂ ଲାଇନ୍‌କୁ ଧ୍ୱସ୍ତ କରିଦେଇଥିଲେ । ଦଳର ପେସ୍ ବୋଲର ମଧ୍ୟ ପ୍ରତିପକ୍ଷ ଦଳର ଦୁଇ ଓପନରଙ୍କୁ ଆଉଟ କରିଦେଇଥିଲେ । ମୋଟାମୋଟି ଭାବେ ପ୍ରଥମ ଟି-୨୦ରେ ଟପ୍ ଅର୍ଡର ବ୍ୟାଟିଂକୁ ଛାଡ଼ିଦେଲେ ଅନ୍ୟ ସବୁ ଠିକ୍‌ଠାକ୍ ହୋଇଥିଲା । ଏହି ମ୍ୟାଚ୍ ପୂର୍ବରୁ ଦୁଇ ପ୍ରକାରର ଚିନ୍ତା ଦେଖାଦେଇଛି । ଗୋଟିଏ ହେଉଛି ଭାରତର ଟପ୍ ଅର୍ଡର ବ୍ୟାଟିଂକୁ ନେଇ ଏବଂ ଅନ୍ୟଟି ହେଉଛି ବର୍ଷା । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ମ୍ୟାଚ୍ ସମୟରେ ବର୍ଷା ନିଶ୍ଚିତ ହେବ । ଶନିବାର ଉଭୟ ଦଳ ଭଲରେ ଅଭ୍ୟାସ କରି ପାରି ନାହାନ୍ତି । ପଡ଼ିଆର କିଛି ଅଂଶ ଓ ପିଚ୍‌କୁ ପୂରା ଘୋଡାଇ ରଖାଯାଇଛି । ଏଭଳି ସ୍ଥିତିରେ ଖେଳ ଆରମ୍ଭ ନେଇ ଆଶଙ୍କା ସୃଷ୍ଟି ହୋଇଛି ।

ଅନ୍ୟ ପକ୍ଷରେ କିଛି ବରିଷ୍ଠ ଖେଳାଳିଙ୍କୁ ଅନୁପସ୍ଥିତିରେ ଦକ୍ଷିଣ ଆଫ୍ରିକା ଭଲ ଖେଳ ପ୍ରଦର୍ଶନ କରିପାରି ନାହିଁ । ଦଳରେ ଥିବା ସିନିୟର ଖେଳାଳି ଯଥା ଅଧିନାୟକ ଆଇଡେନ୍ ମାର୍କରାମ, ଟ୍ରିଷ୍ଟାନ ଷ୍ଟବ୍ସ ଓ ରିଜା ହେଣ୍ଡ୍ରିକ୍ସ, ଡେଭିଡ ମିଲର, ହେନ୍‌ରିକ୍ କ୍ଲାସେନଙ୍କୁ କିଛି ଅଧିକା ରିସ୍କ ନେବାକୁ ହେବ । ନବାଗତ ଖେଳାଳିମାନେ ଶୃଙ୍ଖଳିତ ପ୍ରଦର୍ଶନ କରିବାରେ ସମର୍ଥ ହୋଇ ନାହାନ୍ତି । ଯାହା ଫଳରେ ଦଳ ୱେଷ୍ଟଇଣ୍ଡିଜ୍ ନିକଟରୁ ୩-୦ରେ ଟି-୨୦ ସିରିଜ୍ ହାରିଯାଇଥିଲା । ଆୟର୍ଲାଣ୍ଡ ସହ ସିରିଜ୍ ଡ୍ର ରଖିଥିଲା । ଏଣୁ ବର୍ତ୍ତମାନ ଦକ୍ଷିଣ ଆଫ୍ରିକା ଦଳରେ ସନ୍ତୁଳନର ଅଭାବ ରହିଛି । କିନ୍ତୁ ଘରୋଇ ମାଟିରେ ଏହି ଦଳ ସର୍ବଦା ଲଢୁଆ ଖେଳିଥାଏ । ଦଳରେ ଏକାଧିକ ଅଲରାଉଣ୍ଡର ରହିଛନ୍ତି । ଏହି ଖେଳାଳିଙ୍କର ଷ୍ଟ୍ରାଇକ୍‌ରେଟ୍ ନୁହେଁ, କ୍ରିଜ୍‌ରେ ତିଷ୍ଠିବା ଗୁରୁତ୍ୱପୂର୍ଣ୍ଣ ହୋଇଛି । ଏଭଳି ସ୍ଥିତିରେ ସେମାନେ ଭାରତର ମୁକାବିଲା କରିବାକୁ ହେଲେ ଭଲ ପ୍ରଦର୍ଶନ କରିବାକୁ ହେବ । ନଚେତ କ୍ରମାଗତ ପରାଜୟର ସାମ୍ନା କରିବାକୁ ହେବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି ।

### ଖେଳାଳି ଦଳ

**ଭାରତ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ (ୱିକେଟରକ୍ଷକ), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ରମଣଦୀପ ସିଂ, ଜିତେଶ ଶର୍ମା (ୱିକେଟରକ୍ଷକ), ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଅର୍ଶଦୀପ ସିଂ, ବିଜୟକୁମାର ବ୍ୟାସକ, ଆଭେଷ ଖାନ୍ ଓ ଯଶ ଦୟାଲ ।

**ଦକ୍ଷିଣ ଆଫ୍ରିକା :** ଆଇଡେନ୍ ମାର୍କରାମ (ଅଧିନାୟକ), ରିଜା ହେଣ୍ଡ୍ରିକ୍ସ, ହେନ୍ରିକ୍ କ୍ଲାସେନ, ଟ୍ରିଷ୍ଟାନ ଷ୍ଟବ୍ସ, ଓଟ୍‌ନିଲ ବାର୍ଟମ୍ୟାନ୍, ଗେରାଲ୍ଡ କୋଏଜି, ଡୋନୋଭାନ ଫେରେରା, ମାର୍କୋ ଜାନସେନ୍, ପ୍ୟାଟ୍ରିକ୍ କ୍ରୁଗର, କେଶବ ମହାରାଜ, ଡେଭିଡ ମିଲର, ମିହଲାଇ ପୋଙ୍ଗୱାନା, ନକ୍‌ବା ପିଟର, ର୍‍ୟାନ୍ ରିକେଲଟନ, ଆନ୍ଦିଲ ସିମେଲାନେ, ଲୁଥୋ ସିପ୍‌ମ୍ଲା ।

## ନୀରଜଙ୍କ ନୂଆ କୋଚ୍ ହେଲେ ଜେଲେଞ୍ଜି



ନୂଆଦିଲ୍ଲୀ, ୯ ।୧୧ (ଏଜେନ୍ସି): ଦୁଇଥରର ଅଲିମ୍ପିକ ଓ ବିଶ୍ୱ ଚାମ୍ପିଅନସିପ୍ ପଦକ ବିଜେତା ମହାନ ଜାଭେଲିନ ଫିଙ୍ଗାଳୀ ନୀରଜ ଚୋପ୍ରା ନୂଆ ସିଜନ ପୂର୍ବରୁ ନୂଆ କୋଚ୍‌ଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେବେ । ଚେକ୍ ରିପବ୍ଲିକର କିମ୍ବଦନ୍ତୀ ଜାନ୍ ଜେଲେଞ୍ଜି ନୀରଜଙ୍କ ନୂଆ କୋଚ୍ ହୋଇଛନ୍ତି । ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପକ୍ଷରୁ ଶନିବାର ଏକ ବିବୃତିରେ ଏହି ସୂଚନା ଦିଆଯାଇଛି । ୫୮ ବର୍ଷୀୟ ଜେଲେଞ୍ଜି ତାଙ୍କ ଜାଜ୍ୱଲ୍ୟମୟ କ୍ୟାରିୟରରେ ୩ଥର ଲେଖାଏ ଅଲିମ୍ପିକ ଓ ବିଶ୍ୱ ଚାମ୍ପିଅନସିପ୍‌ରେ ଚାମ୍ପିଅନ ରହିଥିଲେ । ପୁରୁଷ ଜାଭେଲିନ ଥ୍ରୋ'ର ବିଶ୍ୱରେକର୍ଡ ଗତ ୨୮ ବର୍ଷ ହେବ ଜେଲେଞ୍ଜିଙ୍କ ନାମରେ ଲିପିବଦ୍ଧ ରହିଛି । ୧୯୯୬ ମସିହାରେ ସେ ୯୮.୪୮ ମିଟର ଜାଭେଲିନ ଫିଙ୍ଗି ଏହି ବିଶ୍ୱରେକର୍ଡ ସ୍ଥାପନ କରିଥିଲେ । ନୂଆ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ୨୬ ବର୍ଷୀୟ ନୀରଜ ଏବେ ପ୍ରଥମଥର ଲାଗି ୯୦ ମିଟର ମାର୍କ ଛୁଇଁବେ ବୋଲି ଆଶା କରାଯାଉଛି । ଏଠାରେ ଉଲ୍ଲେଖଯୋଗ୍ୟ, ଜର୍ମାନୀର କ୍ଲାଉଜ ବାର୍ଟୋନିଏଜ୍‌ଙ୍କ ପ୍ରଶିକ୍ଷଣରେ ନୀରଜ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ସ୍ୱର୍ଣ୍ଣ ଓ ଗତ ପ୍ୟାରିସ ମହାକୁମ୍ଭରେ ରୌପ୍ୟ ପଦକ ଜିତିଥିଲେ । ନିକଟରେ କ୍ଲାଉଜଙ୍କ ସହ ନୀରଜ ତାଙ୍କ ପ୍ରଶିକ୍ଷଣ ଚୁକ୍ତି ସମାପ୍ତ କରିଥିଲେ ।

**ରଣଜୀ ଟ୍ରଫି: ମୁଲାନିଙ୍କୁ ୧୧, ହିମାଂଶୁଙ୍କୁ ୭ ୱିକେଟ**

## ଓଡ଼ିଶାର ଇନିଂସ ପରାଜୟ

ଭୁବନେଶ୍ୱର, ୯।୧୧(ସମିସ): ଦୁଇ ସ୍ପିନର ସାମ୍ସ ମୁଲାନି ଓ ହିମାଂଶୁବୀର ସିଂଙ୍କ ବୋଲିଂକୁ ମୁକାବିଲା କରି ନ ପାରି ମୁମ୍ବଇରେ ଶନିବାର ଶେଷ ହୋଇଥିବା ରଣଜୀ ଟ୍ରଫି ଏଲିଟ-ଗ୍ରୁପ୍-ଏ'ର ମ୍ୟାଚ୍‌ରେ ମୁମ୍ବାଇ ଏକ ଇନିଂସ ଓ ୧୦୩ ରନ୍‌ରେ ଓଡ଼ିଶାକୁ ପରାସ୍ତ କରିଛି । ଏହି ମ୍ୟାଚ୍‌ରୁ ପୂରା ପଏଣ୍ଟ ପାଇଥିବା ମୁମ୍ବାଇ ଗ୍ରୁପ୍-ଏ' ପଏଣ୍ଟ ତାଲିକାରେ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଥିଲାବେଳେ ୪ ପଏଣ୍ଟ ପାଇ ଓଡ଼ିଶା ୮ଟି ଦଳ ମଧ୍ୟରେ ମେଘାଳୟ ଉପରକୁ ୭ମ ସ୍ଥାନରେ ରହିଛି । ଏହି ମ୍ୟାଚରେ ମୁମ୍ବାଇର ସାମ୍ସ ମୁଲାନିଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଗ୍ରୁପ୍-ଏ'ରେ ବରୋଦା ପ୍ରଥମ, ଜମ୍ମୁ-କଶ୍ମୀର ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଅନ୍ୟପକ୍ଷରେ ଓଡ଼ିଶା ୪ଟି ମ୍ୟାଚ୍ ଖେଳି ଗୋଟିଏ ବାତିଲ, ଗୋଟିଏ ଡ୍ର ଓ ୨ଟି ପରାଜୟ ବରଣ କରିଛି । ୫ମ ରାଉଣ୍ଡରେ ଓଡ଼ିଶା ସହ ମହାରାଷ୍ଟ୍ରର ମୁକାବିଲା ହେବ । ଏହି ମ୍ୟାଚଟି କଟକର ବାରବାଟୀ ଷ୍ଟାଡିୟମ୍‌ରେ ନଭେମ୍ବର ୧୩ରୁ ଖେଳାଯିବ ।

ମୁମ୍ବଇର ଶରଦ୍‌ପାୱାର କ୍ରିକେଟ ଏକାଡେମୀରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୪ ୱିକେଟରେ ୬୦୨ ରନ୍ କରି ଇନିଂସ ସମାପ୍ତି ଘୋଷଣା କରିଥିଲା । ଦଳ ପକ୍ଷରୁ ଶ୍ରେୟସ ଆୟର ସର୍ବାଧିକ ୨୩୩ ଓ ସିଦ୍ଧେଶ ଲାଡ୍ ଅପରାଜିତ ୧୬୯ ରନ୍ କରିଥିଲେ । ଜବାବରେ ସନ୍ଦୀପ ପଟ୍ଟନାୟକଙ୍କ ୧୦୨ ରନ୍ ସତ୍ତ୍ୱେ ଓଡ଼ିଶା ପ୍ରଥମ ଇନିଂସରେ ୨୮୫ ରନ୍ କରି ଫଲୋଅନ୍ ହୋଇଥିଲା । ଫଲୋଅନ ପରେ ଦ୍ୱିତୀୟ ଇନିଂସରେ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟି ୨୧୪ରେ ଅଲଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ବ୍ୟାଟିଂ ଅର୍ଡରରେ ଆଗୁଆ ଆସିଥିବା ଆର୍ଶୀବାଦ ସ୍ୱାଇଁ ସର୍ବାଧିକ ୫୧, କାର୍ତ୍ତିକ ବିଶ୍ୱାଳ ଅପରାଜିତ ୪୫ ଓ ସନ୍ଦୀପ ପଟ୍ଟନାୟକ ୩୯ ରନ୍‌ର ଉଲ୍ଲେଖନୀୟ ଯୋଗଦାନ ଦେଇଥିଲେ । ମୁମ୍ବାଇ ପକ୍ଷରୁ ଲେଗ୍ ସ୍ପିନର ସାମ୍ସ ମୁଲାନି ୫ଟି ଓ ୨୧ ବର୍ଷୀୟ ଅଫ୍ ସ୍ପିନର ହିମାଂଶୁବୀର ସିଂ ୪ଟି ୱିକେଟ ନେଇଥିଲେ । ଏହି ଯୋଡି ମଧ୍ୟ ଓଡ଼ିଶା ପ୍ରଥମ ଇନିଂସରେ ୯ଟି ୱିକେଟ ପାଇଥିଲେ । ସେମାନଙ୍କ ମଧ୍ୟରୁ ମୁଲାନିଙ୍କୁ ୬ ଓ ହିମାଂଶୁଙ୍କୁ ୩ଟି ୱିକେଟ ମିଳିଥିଲା ।

**ଜାତୀୟ ଦୃଷ୍ଟିହୀନ ଚେସ୍**

## ଓଡ଼ିଶାର ହ୍ୟାଟ୍ରିକ୍ ଜିତ୍



ଭୁବନେଶ୍ୱର, ୯।୧୧(ସମିସ): ଗୁଜରାଟର ଅହମ୍ମଦାବାଦ୍‌ଠାରେ ଚାଲିଥିବା ଏଆଇସିଏଫ୍‌ବି ଜାତୀୟ ଦୃଷ୍ଟିହୀନ ଚେସ୍ ପ୍ରତିଯୋଗିତାରେ ଓଡ଼ିଶା ଦଳ କ୍ରମାଗତ ତୃତୀୟ ବିଜୟ ହାସଲ କରିଛି । ଶନିବାର ଖେଳାଯାଇଥିବା ଦ୍ୱିତୀୟ ଓ ତୃତୀୟ ରାଉଣ୍ଡ ଖେଳରେ ଓଡ଼ିଶା ୩-୧ରେ ଗୁଜରାଟ ଗ୍ରୀନ୍‌କୁ ଓ ୨.୫-୧.୫ ପଏଣ୍ଟରେ ଗୁଜରାଟ ବ୍ଲୁ'କୁ ପରାସ୍ତ କରିଥିଲା । ପୂର୍ବରୁ ଶୁକ୍ରବାର ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ପ୍ରଥମ ରାଉଣ୍ଡ ଖେଳରେ ଓଡ଼ିଶା ଦଳ ୪-୦ରେ ମଧ୍ୟପ୍ରଦେଶକୁ ପରାସ୍ତ କରି ପ୍ରଭାବି ବିଜୟ ହାସଲ କରିଥିଲା । ଓଡ଼ିଶା ପକ୍ଷରୁ ସୌନ୍ଦର୍ଯ୍ୟ କୁମାର ପ୍ରଧାନ, ଶୁଭେନ୍ଦୁ କୁମାର ପାତ୍ର, ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ଓ ପ୍ରାଚୀପ୍ରଜ୍ଞା ସାହୁ ପ୍ରତିନିଧିତ୍ୱ କରୁଛନ୍ତି । ତୃତୀୟ ରାଉଣ୍ଡରେ ପ୍ରାଚୀ ପରାଜିତ ହୋଇଛନ୍ତି ।

## ଯଶସ୍ୱୀଙ୍କ ଭାଇ ତେଜସ୍ୱୀଙ୍କ ଅର୍ଦ୍ଧଶତକ

ଅଗରତାଲ, ୯ ।୧୧ (ଏଜେନ୍ସି): ସାନ ଭାଇ ଯଶସ୍ୱୀ ଜୟସ୍ୱାଲଙ୍କ ପଦାଙ୍କ ଅନୁସରଣ କରିଛନ୍ତି ତେଜସ୍ୱୀ । ଭାରତୀୟ କ୍ରିକେଟ୍ ଦଳର ଯୁବ ଓପନର ଯଶସ୍ୱୀଙ୍କ ବଡ଼ ଭାଇ ତେଜସ୍ୱୀ ଜୟସ୍ୱାଲ ରଣଜୀ ଟ୍ରଫି କ୍ରିକେଟ୍‌ରେ ତାଙ୍କ ପ୍ରଥମ ଅର୍ଦ୍ଧଶତକ ହାସଲ କରିଛନ୍ତି । ତ୍ରିପୁରା ପକ୍ଷରୁ ଖେଳି ବରୋଦା ବିପକ୍ଷରେ ତେଜସ୍ୱୀ ଏହି ସଫଳତା ପାଇଛନ୍ତି । ତ୍ରିପୁରାର ପ୍ରଥମ ଇନିଂସରେ ସେ ୮୨ ରନ ସଂଗ୍ରହ କରିଥିଲେ । ୧୫୯ ବଲର ଏହି ଅର୍ଦ୍ଧଶତକୀୟ ପାଳିରେ ସେ ୧୨ ଚୌକା ଓ ଗୋଟିଏ ଛକା ମାରିଥିଲେ । ସାନ ଭାଇ ଯଶସ୍ୱୀଙ୍କ ଭଳି ତେଜସ୍ୱୀ ମଧ୍ୟ ବାମହାତୀ ଆଗଧାଡ଼ିର ବ୍ୟାଟର୍ । ଏଥିସହ ଦ୍ରୁତ ବୋଲିଂ କରୁଥିବା ତେଜସ୍ୱୀ ଏହି ମ୍ୟାଚରେ ମଧ୍ୟ ଗୋଟିଏ ୱିକେଟ୍ ନେଇଛନ୍ତି । ଭାରତୀୟ କ୍ରିକେଟ୍‌ରେ ଆଗାମୀ ଦିନରେ ଆଉ ଏକ ଭ୍ରାତା ଯୋଡ଼ିଙ୍କୁ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି ।

## ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ପାକିସ୍ତାନ ଯିବନି ଭାରତ

ନୂଆଦିଲ୍ଲୀ, ୯।୧୧(ଏଜେନ୍ସି): ପାକିସ୍ତାନରେ ଆସନ୍ତାବର୍ଷ ଫେବୃଆରୀ ୧୯ରୁ ମାର୍ଚ୍ଚ ୯ ତାରିଖ ମଧ୍ୟରେ ଚାମ୍ପିଅନ୍ସ ଟ୍ରଫି ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳାଯିବ । ଏହି ପ୍ରତିଯୋଗିତାରେ ଭାଗନେବାକୁ ଭାରତୀୟ କ୍ରିକେଟ ବୋର୍ଡ ସରକାରଙ୍କ ଅନୁମତି ମାଗିଥିଲା । କିନ୍ତୁ ପାକିସ୍ତାନରେ କୌଣସି ପ୍ରକାର କ୍ରିକେଟ ଖେଳିବାକୁ ଭାରତୀୟ ଦଳ ଯିବ ନାହିଁ ବୋଲି ସରକାର ବିସିସିଆଇକୁ ସ୍ପଷ୍ଟଭାବେ ମନାକରି ଦେଇଛନ୍ତି । ସରକାରଙ୍କ ଏହି ନିଷ୍ପତ୍ତି ସମ୍ପର୍କରେ ବିଶ୍ୱ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି)କୁ ଜଣାଇ ଦେଇଛି ବିସିସିଆଇ । 'ପାକିସ୍ତାନ ନ ଯିବାକୁ ଭାରତ ସରକାର ଉପଦେଶ ଦେଇଛନ୍ତି । ଏଣୁ ଆମେ ଏହି ନିଷ୍ପତ୍ତି ଜଣାଇ ଦେଉଛୁ କି ଚାମ୍ପିଅନ୍ସ ଟ୍ରଫି ଖେଳିବା ଲାଗି ପାକିସ୍ତାନକୁ ଭାରତ ଯିବ ନାହିଁ ।' ଏହି ଟୁର୍ଣ୍ଣାମେଣ୍ଟ ଆଉ ୧୦୦ ଦିନ ଥିଲାବେଳେ ଆସନ୍ତା ସପ୍ତାହରେ ଏହାର ଖେଳସୂଚୀ ପ୍ରକାଶ ପାଇବାର କାର୍ଯ୍ୟକ୍ରମ ରହିଥିଲା । ବିସିସିଆଇର ଏହି ସୂଚନା ପରେ କାର୍ଯ୍ୟସୂଚୀ ଘୋଷଣା ସ୍ଥଗିତ ରହିବ ବୋଲି ଆଶା କରାଯାଉଛି ।

ପାକିସ୍ତାନରେ ଫେବୃଆରୀ ୧୯ରୁ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ଶ୍ରେଷ୍ଠ ୮ଟି ଦଳ ଅଂଶଗ୍ରହଣ କରିବେ । ଏହି ଦଳଗୁଡ଼ିକ ହେଲେ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ଦକ୍ଷିଣ ଆଫ୍ରିକା । ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି । ଗ୍ରୁପ୍ ପର୍ଯ୍ୟାୟ ରାଉଣ୍ଡ ରବିନ୍ ଲିଗ୍ ଭିତ୍ତିରେ ଖେଳାଯିବ ଓ ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ ।




ସୂଚନାଯୋଗ୍ୟ, ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ତିକ୍ତ ଥିବାରୁ ଭାରତୀୟ କ୍ରିକେଟ ଦଳ ଏହି ଦେଶକୁ କୌଣସି ପ୍ରକାର କ୍ରିକେଟ ଖେଳିବାକୁ ଯାଉ ନାହିଁ । ନିକଟରେ ପାକିସ୍ତାନ ଏସିଆ କପ୍ ଆୟୋଜନ କରିଥିଲା । କିନ୍ତୁ ଭାରତ ଖେଳିବାକୁ ନ ଯିବାରୁ ହାଇବ୍ରିଡ୍ ମଡେଲରେ ଏହା ଉଭୟ ପାକିସ୍ତାନ ଓ ଶ୍ରୀଲଙ୍କାରେ ଖେଳାଯାଇଥିଲା । ଏବେ ମଧ୍ୟ ସମାନ ମଡେଲରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ପାକିସ୍ତାନ କ୍ରିକେଟ ବୋର୍ଡର ସଭାପତି ମୋହସିନ ନକ୍‌ଭୀ ଇଚ୍ଛା ପ୍ରକାଶ କରିଛନ୍ତି । କିନ୍ତୁ ପାକ୍ ସରକାରଙ୍କ ବିନା ଅନୁମତିରେ ବୋର୍ଡ କିଛି କରିପାରିବ ନାହିଁ । ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରିବାକୁ ପାକିସ୍ତାନ ଯଦି ରାଜି ହୁଏ, ତେବେ ତାହାର ଭଲ ସମ୍ପର୍କ ଥିବା ୟୁଏଇରେ ଭାରତର ମ୍ୟାଚ୍ ଆୟୋଜନ ହୋଇପାରେ । ଭାରତ ସେଠାରେ ଖେଳିବାକୁ ମନା କରିବ ନାହିଁ ଓ ପାକିସ୍ତାନ ହାଇବ୍ରିଡ୍ ମଡେଲରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାରେ ସମର୍ଥ ହୋଇପାରିବ ।

ନନ୍ଦିଘୋଷ

**'ନନ୍ଦିଘୋଷ ଟିଭି'**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି ।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ ।

| ପଦବୀ | ଅଭିଜ୍ଞତା |
|---|---|
| ୧) ଭିଡିଓ ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରୋଡ୍ୟୁସର | ୫ ବର୍ଷର ଅଭିଜ୍ଞତା |
| ୪) ଗ୍ରାଫିକ୍ସ ଡିଜାଇନର | ୩ ବର୍ଷର ଅଭିଜ୍ଞତା |
| ୫) ଏସ୍‌ଇଓ (ଡିଜିଟାଲ୍) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ଡିସେମ୍ବର ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS